

ଅଭିଷେକଙ୍କ ବିସ୍ଫୋରକ ଶତକ

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-294 ◆WEDNESDAY ◆22 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୯୪ ◆ବୁଧବାର ◆୨୨ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ସରିଲା ପ୍ରଚାର**

## ୨ ରାଜ୍ୟର ୩୮୬ ଆସନ ପାଇଁ ୨୩ରେ ମତଦାନ

**ପଶ୍ଚିମବଙ୍ଗରେ ଅଢ଼େଇ ଲକ୍ଷ କେନ୍ଦ୍ରୀୟ ସୁରକ୍ଷା ଯବାନ ମୁତୟନ**

**ତାମିଲନାଡୁରେ ତ୍ରିମୁଖୀ ଲଢ଼େଇ**

■ କୋଲକାତା, ୨୧।୪ (ଏଜେନ୍ସି): ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରଚାର ଅଭିଯାନ ଆଜି ସନ୍ଧ୍ୟାରେ ଶେଷ ହୋଇଛି। ଆସନ୍ତା ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୫୨ଟି ଆସନରେ ମତଦାନ ହେବାକୁ ଯାଉଥିବା ବେଳେ ତିନି କୋଟି ୬୦ ଲକ୍ଷ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବାକୁ ଯାଉଛନ୍ତି। ଦ୍ୱିତୀୟ



ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ୨୯ ତାରିଖରେ ଅନୁଷ୍ଠିତ ହେବ। ନିର୍ବାଚନ କମିସନଙ୍କ ବିବାଦୀୟ ଏସ୍ଆଇଆର ମଧ୍ୟରେ ହେଉଥିବା ଏହି ନିର୍ବାଚନ ଜିତିବା ଲାଗି ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ମମତାଙ୍କ ତୃଣମୂଳ କଂଗ୍ରେସ ଏବଂ ବିଜେପି ସମସ୍ତ ଶକ୍ତି ଖଟାଇଛନ୍ତି। କ୍ରମାଗତ ଭାବେ ଚତୁର୍ଥ ଥର କ୍ଷମତାରେ ରହିବା ଲାଗି ମମତା ବାନାର୍ଜୀ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷରେ ତାଙ୍କୁ କଡ଼ା ଟକ୍କର ଦେଉଥିବା ବିଜେପି ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ଅମିତ ଶାହ ଓ ବିଜେପି ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର ଅଭିଯାନ ▶ପୃଷ୍ଠା-୭

# 'ଆପୋସ' ଭେଳିକି, ଟ୍ରିବ୍ୟୁନାଲ କ୍ଷୁବ୍ଧ

**ମହାନଦୀ ଜଳ ବିବାଦ** | **ମଇ ୨ ତାରିଖ ଓଡ଼ିଶା ପାଇଁ ଶେଷ ସୁଯୋଗ**

■ ଭୁବନେଶ୍ୱର, ୨୧।୪ (ସମିସ): ମହାନଦୀ ଜଳ ବିବାଦରେ ଛତିଶଗଡ଼ ସହ ଆପୋସ ବୁଝାମଣା ନେଇ ରାଜ୍ୟ ସରକାର ବାହାସ୍ଫୋଟ ମାରୁଛନ୍ତି। ଦୁଇ ରାଜ୍ୟ ମଧ୍ୟରେ ବୁଝାମଣା ସଂକ୍ରାନ୍ତରେ ସହମତି ହୋଇଥିବା ସଂକ୍ରାନ୍ତରେ ଆଡ଼ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଦମ୍ଭୋକ୍ତି ବାଢ଼ୁଛନ୍ତି। ମାତ୍ର ସୋମବାର ଶୁଣାଣି ବେଳେ ମହାନଦୀ ବିବାଦ ଟ୍ରିବ୍ୟୁନାଲ ଦୁଇ ରାଜ୍ୟର ଆଭିମୁଖ୍ୟ ଓ କାର୍ଯ୍ୟପ୍ରକ୍ରିୟାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ପରେ ବିବାଦର ସମାଧାନ ପାଇଁ ଓଡ଼ିଶାର ଆନ୍ତରିକତାକୁ ନେଇ ପ୍ରଶ୍ନ ଉଠିଛି। ବାସ୍ତବରେ ସରକାର ଆପୋସ ବୁଝାମଣା ଚାହୁଁଛନ୍ତି ନା କେବଳ ସମୟ ଗଡ଼ାଇବାକୁ ଯୋଜନା କରୁଛନ୍ତି ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

ଗତକାଲି ମହାନଦୀ ଟ୍ରିବ୍ୟୁନାଲରେ ଜଳବିବାଦର ଶୁଣାଣି ତାରିଖ ଧାର୍ଯ୍ୟ ହୋଇଥିଲା। ଜଷ୍ଟିସ ବେଲା ତ୍ରିବେଦୀଙ୍କ ସହ ଜଷ୍ଟିସ ରବି ରଞ୍ଜନ, ଜଷ୍ଟିସ ଇନ୍ଦରମିତ୍ କୌର କୋଚାର ଏହାର ଶୁଣାଣି କରୁଥିଲେ। ଆଡ଼ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟଙ୍କ ନେତୃତ୍ୱରେ

▶▶ **ଓଡ଼ିଶା ଦାଖଲ କରିପାରିଲାନି ବାର୍ଷିକ ଜଳ ଉପଲବ୍ଧତା ତଥ୍ୟ**

▶▶ **ଦୁଇ ରାଜ୍ୟର ଆଭିମୁଖ୍ୟ ଓ କାର୍ଯ୍ୟପ୍ରକ୍ରିୟାକୁ ନେଇ ଅସନ୍ତୋଷ**

▶▶ **ବିନା ତଥ୍ୟରେ ଟ୍ରିବ୍ୟୁନାଲରେ ଓଡ଼ିଶାର ୯ ଜଣିଆ ପଟୁଆର**

୭ ବରିଷ୍ଠ ଓକିଲ, ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଥିଲେ। ଛତିଶଗଡ଼ ପକ୍ଷରୁ ତାଙ୍କ ରାଜ୍ୟର ଆଡ଼ଭୋକେଟ ଜେନେରାଲଙ୍କ ନେତୃତ୍ୱରେ ୭ ଜଣ ବରିଷ୍ଠ ଆଇନଜୀବୀ, ମହାରାଷ୍ଟ୍ର ପକ୍ଷରୁ ୨ ଜଣ, ଝାଡ଼ଖଣ୍ଡ ପକ୍ଷରୁ ୩ ଜଣ ଆଇନଜୀବୀ ଶୁଣାଣିରେ ଯୋଗ ଦେଇଥିଲେ। ମାତ୍ର ଜଳ ଉପଲବ୍ଧତା ଓ ଅନ୍ୟାନ୍ୟ ତଥ୍ୟଦାଖଲ ପାଇଁ ଦୁଇ ରାଜ୍ୟକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶର ଅନୁପାଳନ ହୋଇ ନ ଥିଲା। ଯାହାକୁ ନେଇ ଟ୍ରିବ୍ୟୁନାଲ କ୍ଷୋଭ ପ୍ରକାଶ କରିଛନ୍ତି। ଆସନ୍ତା ୨ ତାରିଖରେ ଏ ସଂକ୍ରାନ୍ତରେ ତଥ୍ୟ ଦାଖଲ ନ ହେଲେ ଟ୍ରିବ୍ୟୁନାଲ ଆଇନ ଅନୁସାରେ ପଦକ୍ଷେପ ନେବେ ବୋଲି ରୋକଠୋକ୍ ଶୁଣାଇ ଦେଇଛନ୍ତି। ମହାନଦୀରେ ଜଳ ପ୍ରବାହ ହ୍ରାସ ଯୋଗୁଁ ପ୍ରଭାବିତ ହେଉଥିବା ଦୃଷ୍ଟିରୁ ଯେପରି ତତ୍ପରତା ଓଡ଼ିଶା ପ୍ରକାଶ କରିବା କଥା, ତାହା ପରିଦୃଶ୍ୟ ହେଉ ନ ଥିବା ଉପଲବ୍ଧି ହେଉଛି।

ମହାନଦୀରେ ବାର୍ଷିକ ଜଳ ଉପଲବ୍ଧତା ସଂକ୍ରାନ୍ତ ରିପୋର୍ଟ ପ୍ରଦାନ କରିବା ନିମନ୍ତେ ଏପ୍ରିଲ ୧୧ ତାରିଖରେ ଅନୁଷ୍ଠିତ ଶୁଣାଣିରେ ଓଡ଼ିଶା ଓ ଛତିଶଗଡ଼ ଲିଖିତ ଭାବେ ଜଣାଇଥିଲେ। ଦୁଇ ରାଜ୍ୟର ଆଡ଼ଭୋକେଟ ଜେନେରାଲ ୨୦ ତାରିଖରେ ଜଳ ଉପଲବ୍ଧତା ସଂକ୍ରାନ୍ତ ରିପୋର୍ଟ ଉପସ୍ଥାପନ କରିବେ ବୋଲି ଟ୍ରିବ୍ୟୁନାଲ ନିକଟରେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୨୦ ତାରିଖରେ ଶୁଣାଣି ବେଳେ ଛତିଶଗଡ଼ ଏହି ତଥ୍ୟ ପ୍ରଦାନ କରି ନ ଥିଲା ଓ ଓଡ଼ିଶା ମଧ୍ୟ ଅନୁରୂପ ଭାବରେ ତଥ୍ୟ ପ୍ରଦାନରେ ବିଫଳ ହୋଇଥିଲା। ସେହିପରି ଉଭୟ ରାଜ୍ୟ ମଧ୍ୟରେ ଥିବା ବିଭିନ୍ନ ବିବାଦକୁ ହ୍ରାସ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ▶ପୃଷ୍ଠା-୭

### ଆଜି ସରୁଛି ଯୁଦ୍ଧବିରତି

# ଅନିଶ୍ଚିତତାରେ ଆଲୋଚନା

■ ୱାଶିଂଟନ, ୨୧।୪ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ୧୫ ଦିନିଆ ଯୁଦ୍ଧବିରତିର ସମୟ ଆସନ୍ତାକାଲି ମଧ୍ୟରାତିରେ ଶେଷ ହେବାକୁ ଯାଉଛି। ଏହାପୂର୍ବରୁ ଦୁଇ ପକ୍ଷ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ଉଦ୍ୟମ ଚାଲିଛି। ଉଭୟ ଇରାନ ଓ ଆମେରିକା ପରସ୍ପର ବିରୋଧରେ ଯୁଦ୍ଧବିରତି ଉଲ୍ଲଂଘନ ଅଭିଯୋଗ କରୁଛନ୍ତି। ଆମେରିକାର କଠୋର ସର୍ତ୍ତ ଯୋଗୁଁ ଇରାନ ଆଲୋଚନା କରିବାକୁ ପ୍ରସ୍ତୁତ ନୁହେଁ। ଫଳରେ ଇସଲାମାବାଦରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ତେଣୁ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ନେତୃତ୍ୱରେ ପାକିସ୍ତାନ ଆସିବାକୁ ଥିବା ପ୍ରତିନିଧି ଦଳର ଗସ୍ତକୁ ଶେଷ ମୁହୂର୍ତ୍ତରେ ଅଟକ ରଖାଯାଇଛି। ଅନ୍ୟପକ୍ଷରେ ଇରାନକୁ ମନାଇବା ଲାଗି ପାକିସ୍ତାନ ଜରିଆରେ ଉଦ୍ୟମ ଚଳାଇଛନ୍ତି ରାଷ୍ଟ୍ରପତି ଟ୍ରମ୍ପ। ।ସେ ଗୋଟିଏ ପଟେ ଇରାନକୁ ଆକ୍ରମଣ ପାଇଁ ଧମକାଉଥିବା ବେଳେ ଅନ୍ୟପଟେ ଏହାର ପ୍ରଶଂସା ମଧ୍ୟ କରୁଛନ୍ତି।



**ଆମରିକାର ସର୍ତ୍ତରେ ରାଜି ହେଉନି ଇରାନ**

**ଅଟକିଲା ଭାନ୍ସ ପ୍ରତିନିଧି ଦଳର ପାକ୍ ଗସ୍ତ**

ଇତିମଧ୍ୟରେ ମିଳିଥିବା ରିପୋର୍ଟ ଅନୁଯାୟୀ, ଯେକୌଣସି ଉପାୟରେ ଇରାନକୁ ମନାଇବା ଲାଗି ଟ୍ରମ୍ପ ପାକିସ୍ତାନ ଉପରେ ଚାପ ପକାଉଛନ୍ତି। ଆଲୋଚନା ହେଲେ ଚୁକ୍ତି ହେବା ନିଶ୍ଚିତ। ଯଦି ଇରାନ ସହ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ନିଶ୍ଚିତ ହୁଏ, ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବ୍ୟକ୍ତିଗତ ଭାବେ ପାକିସ୍ତାନ ଗସ୍ତ କରିପାରନ୍ତି କିମ୍ବା ଭର୍ଚୁଆଲ୍ ଅର୍ଥାତ ଆଭାସୀ ମାଧ୍ୟମରେ ଏହି ବୈଠକରେ ଯୋଗ ଦେଇପାରନ୍ତି।

ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଦୁଇ ସପ୍ତାହର ଅସ୍ତ୍ରବିରତି ଆସନ୍ତା ବୁଧବାର ଶେଷ ହେବାକୁ ଯାଉଛି। ଏହି ସମୟ ସୀମା ପୂର୍ବରୁ ଏକ ସ୍ଥାୟୀ ସମାଧାନ ବାହାର କରିବାକୁ ଉଭୟ ପକ୍ଷ କୂଟନୈତିକ ସ୍ତରରେ ଚେଷ୍ଟା କରୁଛନ୍ତି। ହର୍ମୁଜ ପ୍ରଣାଳୀରେ ଆମେରିକା ଦ୍ୱାରା ଇରାନୀ ଜାହାଜ ଜବତ ହେବା ପରେ ତେହେରାନ ଆଲୋଚନା ବର୍ଜନ କରିବାକୁ ଧମକ ଦେଇଛି। ୟୁରାନିୟମ ନେଇ ମଧ୍ୟ ଅଚଳାବସ୍ଥା ଲାଗି ରହିଛି। ଟ୍ରମ୍ପ ଚାହୁଁଛନ୍ତି ଯେ ଇରାନ କେବେବି ପରମାଣୁ ଅସ୍ତ୍ର ନିର୍ମାଣ ନକରୁ, ଯଦ୍ୱାରା ବିଶ୍ୱ ବଜାରରେ ତେଲ ଦର ସ୍ଥିର ରହିବ। ଅନ୍ୟପଟେ ଇରାନ ନିଜ ଉପରୁ ଆର୍ଥିକ କଟକଣା ହଟାଇବା ସହିତ ହର୍ମୁଜ ଉପରେ ନିୟନ୍ତ୍ରଣ ବଜାୟ ରଖିବାକୁ ଚାହୁଁଛି।

ଶାନ୍ତି ପାଇଁ କୂଟନୈତିକ ସ୍ତରରେ ଉଦ୍ୟମ ଜାରି ଥିଲେ ମଧ୍ୟ, ଟ୍ରମ୍ପଙ୍କ ଚେତାବନୀ ପରିସ୍ଥିତିକୁ ଉତ୍ତେଜନାପୂର୍ଣ୍ଣ କରିଛି। ଟ୍ରମ୍ପ ଧମକ ଦେଇଛନ୍ତି ଯେ ଇରାନ ସର୍ତ୍ତ ନମାନି ।ଲେ ଆମେରିକା ଇରାନର ପ୍ରତ୍ୟେକ ବ୍ରିଜ୍ ଏବଂ ପାୱାର ପ୍ଲାଣ୍ଟକୁ ଧ୍ୱଂସ କରିଦେବ। ଏହାର ଜବାବରେ ଇରାନ ମଧ୍ୟ ପଡୋଶୀ ଆରବ ଦେଶଗୁଡ଼ିକରେ ଥିବା ପାୱାର ଷ୍ଟେସନ ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। ଫଳରେ ମଧ୍ୟପ୍ରାଚ୍ୟରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଛି।

**୨୦୦ କୋଟିର ସାଇବର ଠକେଇ**

## ତେଲଙ୍ଗାନାରୁ ୪ ଗିରଫ

■ ଭୁବନେଶ୍ୱର, ୨୧।୪ (ସମିସ): ସାରା ଦେଶରୁ ପ୍ରାୟ ୨୦୦ କୋଟି ଟଙ୍କା ସାଇବର ଠକେଇରେ ସମ୍ପୃକ୍ତ କୁଖ୍ୟାତ ଆନ୍ତଃରାଜ୍ୟ ସାଇବର ଠକେଇ ଦଳକୁ ଗିରଫ କରିଛି ଓଡ଼ିଶା ପୁଲିସ। ତେଲଙ୍ଗାନାରୁ ଏହି ଠକେଇ ଗ୍ୟାଙ୍ଗର ମୁଖିଆ ସହ ୪ ଜଣଙ୍କୁ ଗିରଫ ପରେ ସାଇବର ଥାନା ପୁଲିସ ସେମାନଙ୍କୁ ଭୁବନେଶ୍ୱର ଆଣିଛି। ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ରଙ୍ଗାରେଡୀ ଜିଲ୍ଲାର ଏକ ଭଡା ଘରୁ ସେମାନଙ୍କୁ ଗିରଫ କରିବା ପରେ ସ୍ଥାନୀୟ କୋର୍ଟରେ ହାଜର କରି ଟ୍ରାନ୍‌ଜିଟ୍ ରିମାଣ୍ଡରେ ଅଣାଯାଇଥିବା ସୂଚନା ମିଳିଛି। ସେମାନଙ୍କ ନିକଟରୁ ୩୦ରୁ ଉର୍ଦ୍ଧ୍ୱ ଏଟିଏମ୍ କାର୍ଡ, ୧୦ ମୋବାଇଲ୍ ଓ ଏକାଧିକ ଲାପଟପ୍ ଜବତ କରାଯାଇଛି।

**ଟ୍ରାନ୍‌ଜିଟ୍ ରିମାଣ୍ଡରେ ପୁଲିସ ଆଣିଲା ଭୁବନେଶ୍ୱର**

**ମୋବାଇଲ୍, ମେଲ୍ ହ୍ୟାକ୍ କରି ମାରୁଥିଲେ ଚୂନ**

ଏହି ଅନ୍ତରାଜ୍ୟ ସାଇବର ଠକେଇ ଗ୍ୟାଙ୍ଗ୍‌ର ଘର ମାଷ୍ଟରମାଇଣ୍ଡ ଝାଡଖଣ୍ଡରେ। ଏହି ଗୋଷ୍ଠୀରେ ତେଲଙ୍ଗାନା, ଛତିଶଗଡ଼ର କିଛି ସଦସ୍ୟ ରହିଥିଲେ। ଅତ୍ୟନ୍ତ ଯୋଜନାବଦ୍ଧ ଭାବରେ ଏମାନେ ଲୋକଙ୍କୁ ଲୁଟ କରୁଥିଲେ। ଜଣେ ଲୋକମାନଙ୍କର ▶ପୃଷ୍ଠା-୭

**୪୦ ଡିଗ୍ରୀ ଉପରେ ୧୮ ସହର**

## ଝାରସୁଗୁଡ଼ା ଦେଶର ପଞ୍ଚମ ଉତ୍ତପ୍ତ ସହର

■ ଭୁବନେଶ୍ୱର, ୨୧।୪ (ସମିସ): ରାଜ୍ୟରେ ଅସମ୍ଭାଳ ତାତି ସାଙ୍ଗକୁ ଭୀଷଣ ଗୁଳୁଗୁଳି ଜାରି ରହିଛି। ଲଗାତାର ଭାବେ ତାତି ବୃଦ୍ଧି ଯୋଗୁଁ ଦିନ ୧୦ଟା ପରେ ରାସ୍ତାଘାଟ ଖାଁ ଖାଁ ହୋଇଯାଉଛି। ତାତିକୁ ଦୃଷ୍ଟିରେ ରଖି ରାଜ୍ୟର ଏକାଧିକ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା ହୋଇଯାଇଥିବା ବେଳେ ତାତିର ପ୍ରଭାବ ଅନ୍ୟ କ୍ଷେତ୍ରଗୁଡ଼ିକ ଉପରେ ମଧ୍ୟ ପ୍ରଭାବ ପକାଇବାରେ ଲାଗିଛି। ମଙ୍ଗଳବାର ରାଜ୍ୟରେ ୧୮ଟି ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବା ବେଳେ ଝାରସୁଗୁଡ଼ାରେ ତାତି ୪୩ ଡିଗ୍ରୀ ଅତିକ୍ରମ କରିଛି। ଗତ ୨୪ ଘଣ୍ଟାରେ ଝାରସୁଗୁଡ଼ାରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହେବା ସହ ଏହା ରାଜ୍ୟର ସବୁଠୁ ଉତ୍ତପ୍ତ ଓ ଦେଶର ପଞ୍ଚମ ଉତ୍ତପ୍ତ ସହର ପାଲଟିଛି। ଝାରସୁଗୁଡ଼ା ତଳକୁ ଟିଟିଲାଗଡ଼ରେ ୪୨.୫ ଡିଗ୍ରୀ ଓ ସମ୍ବଲପୁରରେ ୪୨.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ହୀରାକୁଦରେ ୪୨.୪, ବଲାଙ୍ଗିର ୪୨.୨ ଏବଂ ଅନୁଗୋଳରେ ୪୨.୧ ଡିଗ୍ରୀ ରେକର୍ଡ ହୋଇଛି।

**୨୫ ପର୍ଯ୍ୟନ୍ତ ପ୍ରବଳ ତାତି ଓ ଗୁଳୁଗୁଳି**

**କାଁ ଭାଁ କାଳବୈଶାଖୀ କମାଇପାରିବନି ତାତି**

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ତାତି ଓ ଗୁଳୁଗୁଳିରୁ ନିସ୍ତାର ମିଳିବାର ସମ୍ଭାବନା କମ୍ ରହିଛି। ଯଦିଓ ଏହି ସମୟରେ କିଛି କିଛି ସ୍ଥାନରେ କାଁ ଭାଁ କାଳବୈଶାଖୀ ଆଶଙ୍କା ରହିଛି, ମାତ୍ର ତାପମାତ୍ରା ହ୍ରାସ କରିବାରେ ଏହା ବିଶେଷ ସହାୟକ ହେବ ନାହିଁ ବୋଲି ପୂର୍ବାନୁମାନ କରାଯାଇଛି।

ଅନ୍ୟପଟେ, ବୁଧବାର ଅଧିକାଂଶ ଉପକୂଳବର୍ତ୍ତୀ ସ୍ଥାନରେ ଗୁଳୁଗୁଳିର ପ୍ରକୋପ ଅଧିକ ରହିବାକୁ ଥିବା ବେଳେ ଶୁକ୍ରବାରଠାରୁ ତାତିର ପରିମାଣ ଆହୁରି ବଢ଼ିବା ନେଇ ଆଶଙ୍କା କରାଯାଉଛି। ଏଥିପାଇଁ ଶୁକ୍ରବାରଠାରୁ ୨୫ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ହିଟ୍‌ୱେଭ୍ ଆଲର୍ଟ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ବିଶେଷକରି ଟିଟିଲାଗଡ଼, ବଲାଙ୍ଗିର ଓ ଝାରସୁଗୁଡ଼ାରେ ତାପମାତ୍ରା ୪୫ଡିଗ୍ରୀ ଛୁଇଁବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ବୁଧବାର ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଭୀଷଣ ଗୁଳୁଗୁଳି ▶ପୃଷ୍ଠା-୭

**ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆତଙ୍କ**

# ଖରା ତାପ, ଗଣନା ଚାପ

■ ଭୁବନେଶ୍ୱର, ୨୧।୪ (ସମିସ): ରାଜ୍ୟରେ ଆରମ୍ଭ ହୋଇଛି ଜନଗଣନା। ଏପ୍ରିଲ ମାସରେ ୪୨ ଡ଼ିଗ୍ରୀ ସୂର୍ଯ୍ୟତାପ ମଧ୍ୟରେ ଗୃହ ଓ ଜନଗଣନାକୁ ନେଇ ବିଭିନ୍ନ ମହଲରେ ସୃଷ୍ଟି ହୋଇଛି ଅସନ୍ତୋଷ। ମୟୂରଭଞ୍ଜ ଜିଲ୍ଲାରେ ଗୃହ ଗଣନା ଚାପ ସହ୍ୟ କରି ନ ପାରି ଜଣେ ଶିକ୍ଷୟିତ୍ରୀ ଦୁଇଦିନ ବାଲେଶ୍ୱର ଷ୍ଟେସନ ଯାତ୍ରୀ ବିଶ୍ରାମାଗାରରେ ବିତାଇଥିବା ସୂଚନା ମିଳିଛି। ଅନୁରୂପ ଭାବରେ ସୋନପୁର ଜିଲ୍ଲା ଉଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ସୁନାପାଲି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବଂଶୀଧର ଭୋଇ ଜନଗଣନା କାର୍ଯ୍ୟ ଚାପରେ ହୃଦଘାତରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। କେବଳ ମୟୂରଭଞ୍ଜ ବା ସୋନପୁର ଜିଲ୍ଲା ନୁହେଁ, ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରୁ ମଧ୍ୟ ଏପରି ଅଭିଯୋଗ ଆସିବାରେ ଲାଗିଛି। ପ୍ରଚଣ୍ଡ ଖରା, ଗରମ ମଧ୍ୟରେ ୩୦ ଦିନ ମଧ୍ୟରେ ଜନଗଣନା ଓ ଗୃହଗଣନା ଶେଷ ନିମନ୍ତେ ଚାପ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି।

ସମ୍ପ୍ରତି ରାଜ୍ୟରେ ଗଣନା କାର୍ଯ୍ୟ ପାଇଁ ୯୦୨୦୦ ସରକାରୀ ଓ ଘରୋଇ ସ୍କୁଲ୍ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସୁପରଭାଇଜର ଭାବରେ ୧୫୧୪୯ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ବିବାହ, ସନ୍ତାନ ପ୍ରସବ ଓ ଅସୁସ୍ଥତା ଯୋଗୁଁ ଗଣନା କାର୍ଯ୍ୟରେ ଯୋଗ ଦେଇ ପାରି ନ ଥିବାରୁ ପ୍ରାୟ ୫୦୦ କର୍ମଚାରୀଙ୍କ ବିରୋଧରେ ଏଯାଏ କାର୍ଯ୍ୟାନୁଷ୍ଠାନ ହୋଇଛି। ତେଣୁ ଚାକିରି

**ସୋନପୁରରେ ହୃଦଘାତରେ ଶିକ୍ଷକଙ୍କ ମୃତ୍ୟୁ ଅଭିଯୋଗ**

**ମୟୂରଭଞ୍ଜରେ ଘରୁ ଲୁଚି ପଳାଇଲେ କନିଷ୍ଠ ଶିକ୍ଷୟିତ୍ରୀ**

ଭୟରେ ଗତ ୧୬ ତାରିଖରୁ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅନ୍ୟ ସରକାରୀ କର୍ମଚାରୀମାନେ ଏ ବାବଦରେ କାର୍ଯ୍ୟ ଆରମ୍ଭ କରିଛନ୍ତି।

ମୟୂରଭଞ୍ଜ ଜିଲ୍ଲା ଢେଙ୍କିନେଞ୍ଜିଆ ୟୁପିଟିଓ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାହୁ ଗୃହଗଣନା କାର୍ଯ୍ୟ ପାଇଁ ୧୮ ତାରିଖରୁ ଯାଇ ଆଉ ଘରକୁ ଫେରି ନ ଥିଲେ। ମୋବାଇଲ୍ ବନ୍ଦ କରି ସେ ବାଲେଶ୍ୱର ପଳାଇ ଆସିଥିଲେ ଓ ଷ୍ଟେସନ ୱେଟିଂ ରୁମ୍‌ରେ ଦୁଇଦିନ ବିଶ୍ରାମ ନେଇଥିଲେ। ଭଡ଼ାଘର ମାଲିକଙ୍କ ଅଭିଯୋଗ ଆଧାରରେ ପୁଲିସ ତାଙ୍କୁ ଖୋଜାଖୋଜି କରି ଶେଷରେ ବାଲେଶ୍ୱରରୁ ଉଦ୍ଧାର କରିଥିଲା। ସେହିପରି ସୋନପୁର ଜିଲ୍ଲାରେ ବଂଶୀଧରଙ୍କ ମୃତ୍ୟୁ ପଛରେ ଜନଗଣନା ଚାପ ଥିବା ଅଭିଯୋଗ ହୋଇଛି। ବଂଶୀଧର ଗୃହଗଣନା କାର୍ଯ୍ୟ ସାରି ଘରକୁ ଫେରିବା ପରେ ଗୁରୁତର ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କୁ ତୁରନ୍ତ ଡ଼ାକ୍ତରଖାନାକୁ ନିଆଯାଇଥିଲା, ମାତ୍ର ଡ଼ାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ।

ଜିଲ୍ଲା ଜରୁରୀକାଳୀନ ଅଧିକାରୀ ରାଜେଶ କୁମାର ସାହୁ କହିଛନ୍ତି ଯେ ରବିବାର ଚିକିତ୍ସାଧୀନ ଅବସ୍ଥାରେ ଶିକ୍ଷକ ବଂଶୀଧର ଭୋଇଙ୍କର ଡ଼ାକ୍ତରଖାନାରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁର ସଠିକ କାରଣ ଜଣା ପଡ଼ି ନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ କାରଣ ଜଣାପଡ଼ିବ। ସେହିପରି ଜିଲ୍ଲାପାଳ ନୃପରାଜ ସାହୁ ମୃତ ଶିକ୍ଷକଙ୍କ ପରିବାରକୁ ସରକାରୀ ସହାୟତା ▶ପୃଷ୍ଠା-୭




# ଅଭିଯୁକ୍ତଙ୍କୁ ଗିରଫ ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି

ବରଗଡ,୨୧।୪(ସମିସ)



ଝାରବନ୍ଧ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଘଟିଯାଇଥିବା ଘଟଣାବଳୀର ଉଚ୍ଚ ସ୍ତରୀୟ ତଦନ୍ତ ଏବଂ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମର ଭଦ୍ରବ୍ୟକ୍ତି ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ୨୦୨୧-୨୨ ଶିକ୍ଷାବର୍ଷଠାରୁ ବିଦ୍ୟାଳୟର ସୁସଙ୍ଗଠିତ ଉପାୟରେ ଚାଲିଆସିଥିବା ଦୁର୍ନୀତିର ତଦନ୍ତ କରିବା ପାଇଁ ୧୫।୯।୨୦୨୫ରେ ଉପଜିଲ୍ଲାପାଳଙ୍କୁ ଭେଟି ପତ୍ର ପ୍ରଦାନ କରାଯାଇଥିଲା। ୨୨।୯।୨୦୨୫ ଓ ୮।୧୨।୨୦୨୫ ରେ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଥିଲା। ପୁଣି ୨୩।୩।୨୦୨୬ରେ ଝାରବନ୍ଧରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ଦାଖଲ କରାଯାଇଥିଲା। ଜିଲ୍ଲାପାଳ ୧୨ ଦିନ ମଧ୍ୟରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରି ତଦନ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ; କିନ୍ତୁ ଆଜି ପର୍ଯ୍ୟନ୍ତ ତଦନ୍ତ କରାଯାଇ ନାହିଁ। ଇତି ମଧ୍ୟରେ +୨ କଲେଜର ୨ ଜଣ ଅଧ୍ୟାପିକା, କଲେଜର ଅଧ୍ୟକ୍ଷ ପ୍ରମୋଦ ସାହୁ, ଲାଇବ୍ରେରିଆନ୍ ଚିନ୍ତାମଣି ମିଶ୍ରଙ୍କ ନାମରେ ଦୁଇଟି ପୃଥକ୍ ମାମଲା ଥାନାରେ ରୁଜୁ ହୋଇଛି। ୯।୪।୨୦୨୬ରୁ ୧୭।୪।୨୦୨୬ ପର୍ଯ୍ୟନ୍ତ ଅଧ୍ୟକ୍ଷ କାରାଗାରରେ ରହି ଜାମିନ ମଞ୍ଜୁର ହେବାରୁ ୧୭।୪।୨୦୨୬ରେ କର୍ମଚାରୀ ଉପସ୍ଥାନରେ ଦସ୍ତଖତ କରିଛନ୍ତି। ଏତେ ସମୟ ଧରି ଜେଲ୍ ଭିତରେ ରହିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାଙ୍କୁ ସସପେଣ୍ଡ କରାଯାଇ ନାହିଁ। ଅନ୍ୟ ଜଣେ ଅଭିଯୁକ୍ତ ଲାଇବ୍ରେରିଆନ ଚିନ୍ତାମଣି ମିଶ୍ର ୧୪।୩।୨୦୨୬ରୁ ଆଜି ପର୍ଯ୍ୟନ୍ତ ଫେରାର୍ ଅଛନ୍ତି। ରାଜନୀତି ବିଜ୍ଞାନ ବିଭାଗର ଜୁନିଅର ଅଧ୍ୟାପକ ମନୋଜ ସାଗର ୧୮।୩।୨୦୨୬ରୁ ଝାରବନ୍ଧ +୨ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି; କିନ୍ତୁ ପ୍ରମୋଦ ସାହୁ ଏବଂ ଚିନ୍ତାମଣି ମିଶ୍ର ଆଜି ବି ଫୋନ୍ ମାଧ୍ୟମରେ କଲେଜକୁ ପରିଚାଳିତ କରୁଛନ୍ତି। ଏକ ଅନିଶ୍ଚିତତା ଏବଂ ଆଶଙ୍କା ମଧ୍ୟରେ କଲେଜ ଗତି କରୁଛି। ତେଣୁ ଫେରାର୍ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହ ଅନ୍ୟତ୍ର ବଦଳି କରାଯାଉ। ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରାଯାଇ ପଙ୍ଖାନୁପୁଙ୍ଖ ତଦନ୍ତ କରାଯାଉ। ନ ହେଲେ ଅନୁଷ୍ଠାନର ସୁରକ୍ଷା ପାଇଁ ଝାରବନ୍ଧ ଅଞ୍ଚଳର ଜନସାଧାରଣ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବେ ବୋଲି ଜଗଦୀଶ ସାହୁ, ବିଦ୍ୟୁତ ରଞ୍ଜନ ପ୍ରଧାନ, ମୋହନ ପ୍ରଧାନ, ନିରାକାର ପ୍ରଧାନ, ସଞ୍ଜୟ ବରିହା ପ୍ରମୁଖ ଲିଖିତ ଭାବେ ଜଣାଇଛନ୍ତି।

## ଆର୍‌ଏମ୍‌ସି କାର୍ଯ୍ୟାଳୟରେ ତାଲା ପକାଇଲେ ଚାଷୀ




ଅତାବିରା,୨୧।୪(ସମିସ):ଅତାବିରା ଆରଏମ୍‌ସିରେ ଲାଗି ରହିଥିବା ଅବ୍ୟବସ୍ଥା ପାଇଁ ସୁଚାରୁ ଭାବେ କାର୍ଯ୍ୟ ସମ୍ପାଦନ ହେଉ ନଥିବାରୁ କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକାଇଛନ୍ତି।ସୂଚନାଯୋଗ୍ୟ ଯେ କିଛିମାସ ହେଲା ସମ୍ପାଦକ ଓ ଅଧ୍ୟକ୍ଷ ପଦବୀରେ ଲାଗି ରହିଥିବା ମତଭେଦକୁ ନେଇ ଚାଷୀ ଠାରୁ ଆରମ୍ଭ କରି ଖାଉଟି ତଥା କର୍ମଚାରୀ ନିଜର ହକ ପାଇ ନପାରି ନାହିଁ ନଥିବାର ହଇରାଣ ହେଉଛନ୍ତି। ଗତ ୧୩ ତାରିଖରେ ଅତାବିରାରେ ହୋଇଥିବା ଜିଲ୍ଲାପାଳ ଅଭିଯୋଗ ଶୁଣାଣୀରେ ଆରଏମ୍‌ସି କର୍ମଚାରୀମାନେ ସ୍ଥାୟୀ ଅଧ୍ୟକ୍ଷ ଯୋଗାଇ ଦେବା ସହ ନିଜର ପ୍ରାପ୍ୟ ଯୋଗାଇ ମଣ୍ଡି ଗୁଡ଼ିକର ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ ପାଇଁ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଦାବି କରିଥିଲେ।ଏହାର ସ୍ୱତେ ମଧ୍ୟ କୌଣସି ପ୍ରକାର ସୁଫଳ ମିଳିପାରି ନାହିଁ।ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି ଓ କାର୍ଯ୍ୟାଳୟରେ ତାଲା ପଡ଼ିଲାଣି।

## ହୀରାଖଣ୍ଡ ନାଗରିକ ପରିଷଦରେ ଅକ୍ଷୟ ତୃତୀୟା

ସମ୍ବଲପୁର, ୨୧।୪ (ସମିସ) : ହୀରାଖଣ୍ଡ ନାଗରିକ ପରିଷଦ ପକ୍ଷରୁ ଅକ୍ଷୟ ତୃତୀୟା ଜଣାଣ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଓଡ଼ିଆ ଅସ୍ମିତା ଓ ଉତ୍କଳ ଦିବସର ତାତ୍ପର୍ଯ୍ୟ ଉପରେ ପର୍ଯ୍ୟବେସିତ କାର୍ଯ୍ୟକ୍ରମରେ ପ୍ରଫେସର ସହଦେବ ରଥ ବକ୍ତବ୍ୟ ରଖିଥିଲେ। ସେହିପରି ଅକ୍ଷୟ ତୃତୀୟା ଅବସରରେ ଏକ ସଙ୍ଗୀତ ଆସର ଆୟୋଜିତ ହୋଇଥିଲା। ସଙ୍ଗୀତ ବିଶାରଦ ଜ୍ଞାନ ମହାପାତ୍ର, ବିଭୂତି ପଟ୍ଟନାୟକ ଓ ସନ୍ତୋଷ ମିଶ୍ର ପରିବେଷଣ କରିଥିଲେ। ଅକ୍ଷୟ ତୃତୀୟାର ମହତ୍ତ୍ୱ ଉପଲକ୍ଷି କରି ଗତବର୍ଷଠାରୁ ନାଗରିକ ପରିଷଦ ଏହି ଦିବସକୁ ପାଳନ କରିଆସୁଛି। ସଭାରେ ନନ୍ଦ କିଶୋର ଦେବତା ଅଧ୍ୟକ୍ଷତା କରି ଏ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ପାଦକ ସୀତାଂଶୁ ତ୍ରିପାଠୀ ହୀରାଖଣ୍ଡ ନାଗରିକ ପରିଷଦର ବିଭିନ୍ନ କାର୍ଯ୍ୟକଳାପ ବିଷୟରେ ବିବରଣୀ ଉପସ୍ଥାପନ କରିଥିଲ। ରାମଶ୍ୱର ପାଢ଼ୀ, ସୀତାଂଶୁ ପଟ୍ଟନାୟକ, ଇଂ. ରବୀନ୍ଦ୍ର ପଣ୍ଡା, ଇଂ. ଯଶୋବନ୍ତ ପରିଡ଼ା, ସବିତା ନନ୍ଦନ ପଣ୍ଡା, ଡ. ଜୟଦେବ ମେହେର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବିକ୍ଷୋଭ

ବରଗଡ଼,୨୧। ୪(ସମିସ): ବରଗଡ଼ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲ୍ଲାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ମଙ୍ଗଳବାର ବରଗଡ଼ ଗାନ୍ଧୀ ଛକରେ କୁଶ ପୁତ୍ତଳିକା ଦାହ କରାଯାଇ ବିରୋଧ ପ୍ରଦର୍ଶନ କରାଯାଇଛି। ସୂଚନା ଅନୁସାରେ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ବୀରମହାରାଜପୁର ପ୍ରଖଣ୍ଡରେ ହନୁମାନ ଜନ୍ମୋତ୍ସବ ଦିନ ଘଟିଥିବା ଅଭାବନୀୟ ଘଟଣା ଶ୍ରୀରାମ ଓ ହନୁମାନ ଜୀଙ୍କ ଫୋଟୋ ଚିତ୍ରକୁ ପୁଲିସର ଉପସ୍ଥିତିରେ ସ୍ଥାନୀୟ ବିଧାୟକ ରଘୁନାଥ ଜଗଦଲ୍ଲାର ଉପସ୍ଥିତିରେ ବୀରମହାରାଜପୁର ଭୀମଆର୍ମି ତରଫରୁ ଶ୍ରୀରାମଙ୍କର ଫୋଟୋ ଚିତ୍ରକୁ ଗୋଡ଼ରେ ମାଡି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ସମଗ୍ର ହିନ୍ଦୁ ସମାଜର ମନକୁ ଗଭୀର ଆଘାତ କରିଥିଲେ। ବରଗଡ଼ ଗାନ୍ଧୀଛକରେ ବିଧାୟକଙ୍କ କୁଶ ପୁତ୍ତଳିକା ଦାହ ସହ ଇସ୍ତଫା ଦାବି କରିବା ସହ ଘଟଣା ସମୟରେ ଉପସ୍ଥିତ ପୁଲିସଙ୍କ ଇସ୍ତଫା ଓ ଘଟଣା ଘଟାଇଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।



## ଛୁରିଆପାଲିରେ ରଥ ନିର୍ମାଣ ଆରମ୍ଭ



ଘେଁସ,୨୧। ୪(ସମିସ): ସୋହେଲା ବ୍ଲକ୍ ଛୁରିଆପାଲି ଗ୍ରାମରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଜଗନ୍ନାଥ ମହାପ୍ରଭୁଙ୍କ ନୂତନ ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହୋଇଛି। ପରମ୍ପରାନୁଯାୟୀ ଗ୍ରାମର ଗୌନ୍ତିଆ ରଘୁନାଥ ସାହୁଙ୍କ ନେତୃତ୍ୱରେ ପ୍ରଥମେ ଜଗନ୍ନାଥ ମନ୍ଦିରରେ ଶାସ୍ତ୍ରୀୟ ବିଧିମତେ ପୂଜାର୍ଚ୍ଚନା କରାଯାଇଥିଲା। କାରିଗର ମାନେ ରଥଖଳାରେ ରଥ ତିଆରି କାମର ଶୁଭାରମ୍ଭ କରିଥିଲେ। ତାଳପଦର ଗ୍ରାମର କାରିଗର ସୌକିଲାଲ ସାହୁ, ତେଜରାଜ ସାହୁ, ସୁଶାନ୍ତ ସାହୁ, ପଞ୍ଚାନନ ସାହୁ, ସୁରୁବାବୁ ବିଶ୍ୱାଳ ପ୍ରମୁଖଙ୍କ ସମନ୍ୱୟ ଓ ପାରମ୍ପରିକ କୌଶଳରେ ରଥ ନିର୍ମାଣ କାମ ସୁଚାରୁ ରୂପେ ଚାଲିଛି। ମୁଖ୍ୟ କାରିଗର ସୌକିଲାଲ ସାହୁ କହିଛନ୍ତି ଯେ, ରଥ ତିଆରି କରିବା ତାଙ୍କ ପାଇଁ କେବଳ ଜୀବିକା ନୁହେଁ, ଏହା ଏକ ଭକ୍ତିର ସେବା। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭଗବାନଙ୍କ କୃପାରେ ଛୁରିଆପାଲି ଠାରେ ଏହି ପବିତ୍ର କାମ ଆରମ୍ଭ କରିଥିବାବେଳେ ପଥର୍ଲା, ମଳଦା, ବୁର୍ଲା ଓ ଚିକିନିପାଲି ମୋଟ ପାଞ୍ଚଟି ଗ୍ରାମରେ ରଥ ତିଆରି କରିବା ପାଇଁ ଯୋଜନା ରହିଥିବା କହିଛନ୍ତି। ଛୁରିଆପାଲିରେ ଚଳିତବର୍ଷ ନୂଆ ରଥ ୬ ଚକାରେ ତିଆରି ହେଉଥିବାରୁ ଏହାକୁ ଦେଖିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବିଶେଷ ଆଗ୍ରହ ଦେଖାଯାଉଛି।

## ୨୭ରେ କ୍ରିକେଟ୍ ଚୟନ ଶିବିର

ସମ୍ବଲପୁର, ୨୧।୪ (ସମିସ) : ଆସନ୍ତା ୨୭ ତାରିଖ ଓଡ଼ିଶା କ୍ରିକେଟ୍ ସଂଘ ଆନୁକୂଲ୍ୟରେ ହେବାକୁ ଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍ ପ୍ରତିଯୋଗିତାରେ ଭାଗ ନେବା ନିମନ୍ତେ ସମ୍ବଲପୁର ଜିଲ୍ଲା କ୍ରିକେଟ ଦଳର ଚୟନ ଶିବିର ବୀର ସୁରେନ୍ଦ୍ର ସାଏ ଷ୍ଟାଡିଅମ୍‌ରେ ଆୟୋଜିତ ହେବ। ଏହି ଚୟନ ଶିବିରରେ ଭାଗ ନେବା ନିମନ୍ତେ ଇଚ୍ଛୁକ ପ୍ରାର୍ଥୀ ନିଜର ଡିଜିଟାଲ ଜନ୍ମ ପ୍ରମାଣପତ୍ର, ଶିକ୍ଷାଗତ ପ୍ରମାଣପତ୍ର ତଥା ଆଧାରକାର୍ଡ (ଅରିଜିନାଲ ଓ ଜେରକ୍ସ) ଏବଂ ନିଜର କ୍ରୀଡ଼ା ଉପକରଣ ସହିତ ନିର୍ଦ୍ଧାରିତ ୨୭.୪.୨୦୨୬ରିଖ ସକାଳ ୭ଟା ସମୟରେ ଷ୍ଟାଡିୟମଠାରେ ଚୟନକର୍ତ୍ତାଙ୍କ ନିକଟରେ ଉପସ୍ଥିତ ରହିବା ନିମନ୍ତେ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସମ୍ପାଦକ ସୁନୀଲ କୁମାର ସାହୁ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ, କ୍ରୀଡ଼ାନୁଷ୍ଠାନ ଏବଂ କ୍ରୀଡ଼ାପ୍ରେମୀ ଜନସାଧାରଣଙ୍କ ଅବଗତି ନିମନ୍ତେ ଏହା ପ୍ରକାଶ କରାଯାଇଛି। ଶିବିର ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବା ନିମନ୍ତେ କ୍ରୀଡ଼ାସଂଘର କ୍ରିକେଟ ସମ୍ପାଦକ ଅବିନାଶ ନନ୍ଦ ମୋ. ୮୨୪୯୪୦୯୭୪୬)ରେ ଯୋଗାଯାଗ କରିବାକୁ ଅନୁରାଧ କରାଯାଇଛି।

## ସମସ୍ୟା ଘେରରେ ଜମୁର୍ଡ଼ାର ଟାଙ୍ଗରପଡା

# ବିଜିଳି ବଗର୍ତ୍ତିଙ୍କ ଘରେ ବିଜୁଳି ନାହିଁ



ବରଗଡ଼,୨୧। ୪(ସମିସ): ଜମୁର୍ଡ଼ା ପଞ୍ଚାୟତ ଟାଙ୍ଗରପଡାର ଅବସ୍ଥା ଦେଖି ନିଜ ଆଖି ଉପରେ ବିଶ୍ୱାସ ହେଉ ନାହିଁ। ବରଗଡ଼ର ବିକାଶ ନାମରେ ଦ୍ୱାହି ଦେଉଥିବା ଡବଲ୍ ଇଞ୍ଜିନ୍ ସରକାର କେନ୍ଦ୍ର ଓ ରାଜ୍ୟ ନାମରେ ବିଦ୍ୟୁତ୍‌କରଣ, ଆବାସ, ପାନୀୟ ଜଳ ଯୋଗାଣ ସହ ଅନେକ ଯୋଜନାର ବିଜ୍ଞାପନରେ ହଜାର ହଜାର କୋଟି ଖର୍ଚ୍ଚ କରି ବାହାସ୍ଫୋଟ ମାରି ଡିଣ୍ଡିମ ପିଟୁଥିବା ବେଳେ ସଂଖ୍ୟାଧିକ ଜନସାଧାରଣ ସେଥିରୁ ବଞ୍ଚିତ ରହୁଛନ୍ତି। ବିଜିଳି ବଗର୍ତ୍ତିଙ୍କ ଘରେ ବିଜୁଳି ନାହିଁ। ଆଜିର ଯୁଗରେ ମଧ୍ୟ ଡିବିରୀ ଜାଳି ରହୁଥିବା ଏବଂ ଯୋଉ ବିପଦପୂର୍ଣ୍ଣ ଭଙ୍ଗା ଘରେ ବସବାସ କରୁଛନ୍ତି ନିକଟ ଭବିଷ୍ୟତରେ ଧନ ଜୀବନ ହାନି ଆଶଙ୍କାକୁ ଏଡ଼ାଇ ଦିଆ ଯାଇନପାରେ।ଏହି ସବୁ ସମସ୍ୟା କୁ ନେଇ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ଜଣାଇ ସାରିଛି ଏବଂ ଆଜି ପୁଣି ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏ ଦିଗରେ ତୁରନ୍ତ ଉଚିତ ପଦକ୍ଷେପ ନେବାକୁ ପୂର୍ବତନ ବିଧାୟକ ସାଧୁ ନେପାକ ଦାବି ଜଣାଇଛନ୍ତି।

## ଚାରମାଲ ମଦଭାଟି ଘେରିଲେ ଏସଏଚ୍‌ଜି ମହିଳା



ରେଢ଼ାଖୋଲ,୨୧।୪(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଚାରମାଳ ପଞ୍ଚାୟତସ୍ଥିତ ଦେଶୀ ମଦ ଭାଟିକୁ ଚାରମାଳ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଘେରାଉ କରିଥିଲେ। ଚାରମାଳ ଅଞ୍ଚଳରେ ମହୁଲ ଫୁଲ କମ୍ ଦରକୁ ନେଇ ମହିଳା ଗୋଷ୍ଠୀ ଚାରମାଳ ମଦ ଭାଟି ଘେରାଉ କରିଥିଲେ। ଏଥିରେ ମହୁଲ ଫୁଲ ଏକ କେଜିରେ ଏକ ଲିଟରରୁ ଉର୍ଦ୍ଧ ଦେଶୀ ମଦ ପ୍ରସ୍ତୁତ ହେଉଥିବା ବେଳେ ଯାହା ପ୍ରତି ଲିଟର ପିଛା ୧୮୦ ଟଙ୍କା ମୂଲ୍ୟରେ ବିକ୍ରି ହେଉଛି। ଚାରମାଳ ଅଞ୍ଚଳରୁ କୁଚିଆ ବ୍ୟବସାୟୀମାନେ ମହୁଲ ଫୁଲ କିଲୋ ପ୍ରତି ୩୦ ଟଙ୍କା ରହିଛି।ମହିଳା ଗୋଷ୍ଠୀ ମହୁଲଫୁଲ କିଲୋ ପ୍ରତି କମ୍ ମୂଲ୍ୟ ରହିବା ଅଭିଯୋଗ କରି ଉଚିତ୍ ମୂଲ୍ୟ ଦେବାକୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ମଦ ଭାଟିର ମ୍ୟାନେଜର ମହୁଲ ଫୁଲ କିଲୋ ପ୍ରତି ୪୦ ଟଙ୍କା ଦେବାକୁ ମହିଳାଙ୍କୁ ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହାର କରାଯାଇଥିଲା।

## ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର ଉଦ୍‌ଘାଟିତ



ସମ୍ବଲପୁର, ୨୧।୪ (ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଛାତ୍ରଛାତ୍ରୀଙ୍କ ଗ୍ରୀଷ୍ମ କାର୍ଯ୍ୟକ୍ରମ 'ରାଷ୍ଟ୍ର ନିର୍ମାଣରେ ଯୁବ ପ୍ରସ୍ତୁତି ଶିବିର -୨୦୨୬' ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଉଦ୍‌ଘାଟିତ ହୋଇଯାଇଛି। ଚଳିତବର୍ଷ ସମ୍ବଲପୁର ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ୩୦ଟି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ୬୬ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଉତ୍ତମ ଚରିତ୍ର ଗଠନ ସକାଶେ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତି ରବିବାର ସକାଳେ ଏହି କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜିତ ହେବ। ପ୍ରାରମ୍ଭରେ ପ୍ରାର୍ଥନା ପରେ ଯୋଗଗୁରୁ ଡାକ୍ତର ଜୟଦେବ ମେହେର "ସ୍ୱାସ୍ଥ୍ୟରକ୍ଷା ପାଇଁ ଯୋଗ' ଉପରେ ସଂକ୍ଷିପ୍ତ ଆଲୋଚନା କରିଥିଲେ। ଏହାପରେ 'ଆସ ଆମେ ପରସ୍ପରକୁ ଜାଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ପ୍ରାକ୍ତନ ଜିଲ୍ଲା ଶିକ୍ଷା ମଣ୍ଡଳାଧୀଶ ଡଃ ଗିରିଧାରୀ ହୋତା ବିଭିନ୍ନ ଉଦାହରଣ ମାଧ୍ୟମରେ, ଜୀବନରେ 'ନମ୍ରତା'ର ଗୁରୁତ୍ୱ ସମ୍ପର୍କରେ ଶିକ୍ଷାଦାନ କରିଥିଲେ। ଏହି ଅବସରରେ ସମ୍ବଲପୁର ପବ୍ଲିକ ଲାଇବ୍ରେରୀର ସଭାପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସଭ୍ୟ-ସଂପାଦକ ରଘୁନାଥ ମିଶ୍ର, ବରିଷ୍ଠ ସଭ୍ୟ ପ୍ରଫେସର ନିଳେନ୍ଦ୍ରୀ ପଣ୍ଡା, ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା, ଇଂ ସୁଶାନ୍ତ କୁମାର ଗୁରୁ ତଥା ପ୍ରଧାନ ଶିକ୍ଷୟିତ୍ରୀ ଦୀପାଳୀ ଚୌଧୁରୀ ଉପସ୍ଥିତ ଥିଲେ। ସଂଯୋଜକ ଶିବ ଶଙ୍କର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସଦସ୍ୟ ହରି ନାରାୟଣ ପଣ୍ଡା ତଥା ଗ୍ରନ୍ଥାଗାରର ସହକାରୀ ବିଜୟ କୁମାର ସାହୁ ସହଯୋଗ କରିଥିଲେ।

## ଘେଁସ ଶୀତଳ ଷଷ୍ଠୀ ମହୋତ୍ସବ



ମେଲଛାମୁଣ୍ଡା,୨୧।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ଘେଁସସ୍ଥିତ ସ୍ୱପ୍ନେଶ୍ୱର ବାବାଙ୍କ ଆଗାମୀ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ପାଇଁ ପାରମ୍ପରିକ ଥାଳ ଉଠା କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଯାଇଛି। ଶୀତଳ ଷଷ୍ଠୀ ଯାତ୍ରା ଓ ଗ୍ରାମ୍ୟ କମିଟିର ତତ୍ତ୍ୱାବଧାନରେ ସ୍ୱପ୍ନେଶ୍ୱର ବାବାଙ୍କ ପୀଠରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ପଣ୍ଡିତ ସନକ ଦେବତା, ମନ୍ଦିର ପୂଜକ ଅଶ୍ୱିନୀ ମହାପାତ୍ର ଓ ଗୋକୁଳାନନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଦେବଦମ୍ପତି ଶିବପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ଚଳିତ ବର୍ଷ ବରପକ୍ଷ ପିତାମାତା ଘେଁସ ଗ୍ରାମର ଅଭିମନ୍ୟୁ ସାହୁ ଓ ତାଙ୍କ ଧର୍ମପତ୍ନୀ ବୃନ୍ଦାବତୀ ସାହୁ ଏବଂ କନ୍ୟା ପକ୍ଷ ପିତାମାତା ଝଗଡ଼ଝାଲ ଗ୍ରାମର ରୁଦ୍ରଦାଶ ମେହେର ଓ ତାଙ୍କ ଧର୍ମପତ୍ନୀ ଗୁଣବନ୍ତୀ ମେହେର ଦାୟିତ୍ୱ ନିର୍ବାହ କରୁଛନ୍ତି।ପରମ୍ପରାର ନିଆରା ଝଲକ ଥାଳ ଉଠା କାର୍ଯ୍ୟକ୍ରମରେ ଘେଁସ ଓ ଅଞ୍ଚଳର ଶ୍ରଦ୍ଧାଳୁମାନେ ବହୁ ସଂଖ୍ୟାରେ ସାମିଲ ହୋଇ ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଥାଳଉଠା ବିଧି ସମ୍ପନ୍ନ ହେବାପରେ ଶୀତଳ ଷଷ୍ଠୀ ଯାତ୍ରାକୁ ଅଧିକ ରାଜକୀୟ ଓ ଶୃଙ୍ଖଳିତ କରିବା ପାଇଁ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଯାଇଛି।

## ସଂଚାର କଳାକାରଙ୍କ ବିୟୋଗ



ବରଗଡ଼,୨୧।୪(ସମିସ):ପଶ୍ଚିମ ଓଡ଼ିଶାର ସୁନାମ ଧନ୍ୟ ସଂଚାର ବାଦକ ଦୁଃଖ ନାଶନ ବେହେରାଙ୍କ ପରଲୋକ ହୋଇଯାଇଛି। ତାଙ୍କ ପରଲୋକ ଖବର ପାଇବା ପରେ ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ସଭାପତି ଡ.ଚୈତନ୍ୟ ପାଇକ,ସଂପାଦକ ଗୋପବନ୍ଧୁ ପୁରୋହିତ ସଂଯୋଜକ ଡ.ପ୍ରମୋଦ କୁମାର ଦାଶ କୋଷାଧ୍ୟକ୍ଷ ରାଜେଶ୍ ବାରିକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହ ସଂଚାର ବାଦକ ଦୁଃଖ ନାଶନ ବେହେରାଙ୍କ ବିୟୋଗ ପଶ୍ଚିମ ଓଡ଼ିଶାର ଲୋକକଳା ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ପ୍ରକାଶ କରିଛନ୍ତି।

## କେନ୍ଦୁପତ୍ର ସଂଗ୍ରହକୁ ନେଇ ଗୋଷ୍ଠୀ ସଂଘର୍ଷ



ରେଢ଼ାଖୋଲ,୨୧।୪(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ କୁକୁଡାବାହାଲୀ ପଞ୍ଚାୟତ ଝିଙ୍କିଦାଦର ଓ ପଟାଖମଣ ଗ୍ରାମବାସୀଙ୍କ ମଧ୍ୟରେ ଜଙ୍ଗଲରୁ କେନ୍ଦୁପତ୍ର ସଂଗ୍ରହକୁ ନେଇ ଗୋଷ୍ଠୀ ସଂଘର୍ଷରେ ଜଣେ ମହିଳା ଆହତ ହୋଇଛନ୍ତି। ଆହତ ମହିଳା ଜଣଙ୍କ ପଟାଖମଣ ଗ୍ରାମର ବାସିନ୍ଦା ଅନୁ ପ୍ରଧାନ(୪୮)। ସୂଚନା ଯୋଗ୍ୟ ଯେ ପଟାଖମଣ ଗ୍ରାମ ନିକଟରେ ଥିବା ସଂରକ୍ଷଣ ଜଙ୍ଗଲରୁ ଦୀର୍ଘ ବର୍ଷ ହେଲା ଝିଙ୍କିଦାଦର ଗ୍ରାମବାସୀ କେନ୍ଦୁପତ୍ର ସଂଗ୍ରହ କରୁଛନ୍ତି। ଜଙ୍ଗଲ ପୂର୍ବରୁ ସରକାରୀସ୍ତରରେ ପଟାଖମଣ ଗାଁ ଅଧୀନରେ ରହିଥିବା ବେଳେ ଚଳିତ ବର୍ଷ ପଟାଖମଣ ଗ୍ରାମବାସୀ ଜାଣି ପାରିଥିଲେ। ଏହାକୁ ନେଇ ଗାଁରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁପତ୍ର ସଂଗ୍ରହ କରିବାକୁ ଝିଙ୍କିଦାଦର ଗ୍ରାମବାସୀଙ୍କୁ ଏଥିରୁ ବାରଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେପଟେ ଝିଙ୍କିଦାଦର ଗ୍ରାମବାସୀ ମଧ୍ୟ ଗାଁରେ ବୈଠକ କରି ପଟାଖମଣ ଗ୍ରାମବାସୀଙ୍କୁ କେନ୍ଦୁପତ୍ର ସଂଗ୍ରହ କରିବାକୁ ଛାଡିବୁ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ମଙ୍ଗଳବାର ସକାଳୁ ଉଭୟ ପକ୍ଷ ସେହି ଜଙ୍ଗଲକୁ କେନ୍ଦୁପତ୍ର ସଂଗ୍ରହ କରିବାକୁ ଯାଇଥିବା ବେଳେ ଜଙ୍ଗଲରେ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ଧସ୍ତାଧସ୍ତି ହୋଇଥିଲା। ଏଥିରେ ପଟାଖମଣ ଗାଁର ମହିଳା ଅନୁ ପ୍ରଧାନ ଆହତ ହୋଇ ଅଚେତ ଅବସ୍ଥାରେ ତଳେ ପଡି ଯାଇଥିଲେ। କେନ୍ଦୁପତ୍ର ସଂଗ୍ରହରେ ଥିବା ଅନ୍ୟ ମହିଳାମାନେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସେବା ଯୋଗେ ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରିଥିଲେ। ଚିକିତ୍ସା ପରେ ମହିଳା ଜଣଙ୍କ ରେଢ଼ାଖୋଲ ଥାନାରେ ତାଙ୍କୁ ଆକ୍ରମଣ କରିଥିବା ମହିଳାଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ। ଆଜି ପୁଣିଥରେ ପଟାଖମଣ ଗ୍ରାମର ପାଖାପାଖି ୪୦ ଜଣ ମହିଳା ରେଢ଼ାଖୋଲ ଥାନାରେ ପହଞ୍ଚି ଝିଙ୍କିଦାଦର ଗ୍ରାମବାସୀଙ୍କ ବିରୋଧରେ ଅଭିଯୋଗ କରିଥିଲେ।ପୋଲିସ ମହିଳାମାନଙ୍କୁ ଶାନ୍ତ କରିବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛି।

## ରକ୍ତ କର୍କଟ ଆକ୍ରାନ୍ତ ଶିଶୁ ପାଇଁ ପଦକ୍ଷେପ

# ସହାୟତା ଭିକ୍ଷା କଲା ଏକତା ମଞ୍ଚ



ସମ୍ବଲପୁର,୨୧।୪(ସମିସ):ନିଷ୍ପାପ ଶିଶୁକୁ ରକ୍ତ କର୍କଟ ଖେଳକୁଦ ସମୟରେ ଡାକ୍ତରଖାନା ଚକ୍କର କାଟିବାକୁ ପଡୁଛି। ଅର୍ଥାଭାବ ଯୋଗୁଁ ମିଳି ପାରୁନି ଉନ୍ନତ ଚିକିତ୍ସା। ଏପରି ଏକ ହୃଦୟ ବିଦାରକ ଦୃଶ୍ୟ ବୁର୍ଲା ସହର ବଲେରପଡ଼ାରେ ଦେଖିବାକୁ ମିଳିଛି। ପଡ଼ାର ସତ୍ୟ ସୁନା (୩୫) ଓ ଦେବକୀ କୁମାର (୩୦)ଙ୍କ ଏକମାତ୍ର ୩ ବର୍ଷ ୮ ମାସ ବୟସର ପୁଅ ଏଭଳି ମାରାତ୍ମକ ରୋଗରେ ଛଟପଟ ହେଉଥିବା ବେଳେ ପରିବାର ଆର୍ଥିକ ସାହାଯ୍ୟ ଅପେକ୍ଷାରେ ଅଛନ୍ତି। ସୂଚନାନୁସାରେ ସତ୍ୟ ଶ୍ରମିକ କାମ କରି ପରିବାର ପ୍ରତିପୋଷଣ କରନ୍ତି। ବିବାହ ଚାରିବର୍ଷ ପରେ ଜନ୍ମଗ୍ରହଣ କରିଛି ପୁଅ। ପୁଅ ଜନ୍ମ ହେବା ସମୟରୁ ସବୁ କିଛି ଠିକଠାକ ଚାଲିଲା। ଗତ ଜାନୁଆରୀ ମାସରେ ପୁଅ ଅସୁସ୍ଥ ହେବାରୁ ତାଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ ବୁର୍ଲା ଭିମ୍‌ସାର ନେଇଥିଲେ। ଡାକ୍ତର ଚିକିତ୍ସା ପରେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରି ତାକୁ ରକ୍ତ କର୍କଟ ରୋଗ ସନ୍ଦେହ କରି କଟକ ନେବାକୁ ପରାମର୍ଶ ଦେଇଥିଲେ। ଏହାପରେ ପରିବାର ଲୋକେ ଶିଶୁର ଚିକିତ୍ସା ପାଇଁ କଟକ ଶିଶୁ ଭବନ ଯାଇଥିଲେ। ସେଠାରେ ବିଭିନ୍ନ ପରୀକ୍ଷା ପରେ ଶିଶୁକୁ ରକ୍ତ କର୍କଟ ହୋଇଥିବା ଜଣାପଡିଥିଲା। ସେଠାରେ ପରିବାର ପ୍ରାୟ ୧୫ଦିନ ଚିକିତ୍ସା କରାଇଥିଲେ। ଏହାପରେ ପୁଣି ଘରକୁ ଚାଲି ଆସିଥିଲେ। କିଛିଦିନ ଶିଶୁର ସ୍ୱାସ୍ଥ୍ୟ ଠିକଠାକ ରହିବା ପରେ ହଠାତ ଗୁରୁତର ହୋଇ ପଡ଼ିଥିଲା। ପୁଣି ଶିଶୁକୁ ଭିମସାରରେ ଭର୍ତ୍ତି ଯାଇଥିଲା। ଏବେ ଶିଶୁକୁ ରାୟପୁରର ଏକ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। କିନ୍ତୁ ଶିଶୁକୁ ଉନ୍ନତମାନର ଚିକିତ୍ସା ଯୋଗାଇବା ପାଇଁ ପରିବାରର ଆର୍ଥିକସ୍ଥିତି ବଧା ସାଜୁଛି। ଶିଶୁର ଚିକିତ୍ସା ପାଇଁ ଏବେ ପରିବାର ଅର୍ଥିକ ସହାୟତା ଅପେକ୍ଷାରେ ରହିଛନ୍ତି। ଏହା ଖବର ଜାଣିବା ପରେ ପ୍ରଥମେ ବୁର୍ଲା ସହରର ସ୍ୱେଚ୍ଛାସେବୀ ସଙ୍ଗଠନ ଏକତା ମଞ୍ଚ ତରଫରୁ ସଭାପତି ପ୍ରଦୀପ କୁମାର ମିଶ୍ରଙ୍କ ନେତୃତ୍ୱରେ ସଂଗଠନର ସମସ୍ତ ସଦସ୍ୟ ଶିଶୁର ଘରେ ପହଞ୍ଚି ତାର ସ୍ୱାସ୍ଥ୍ୟ ବସ୍ଥା ସମ୍ପର୍କରେ ପରିବାର ଲୋକଙ୍କ ସହିତ ଆଲୋଚନା କରି କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହାପରେ ବିଭିନ୍ନ ସମାଜିକ ଗଣମାଧ୍ୟମରେ ଏହି ଖବର ପ୍ରଚାର କରି ଲୋକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲା। ଲୋକେ ଏକତା ମଞ୍ଚର ଅନୁରୋଧ ଅନୁସାରେ ଶିଶୁର ମାଆଙ୍କ ଆକାଉଣ୍ଟକୁ ୟୁପିଆଇ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହାପରେ ପୁଣି ଶିଶୁର ଚିକିତ୍ସା ପାଇଁ ଆହୁରି ଆର୍ଥ ଆବଶ୍ୟକ ଥିବାରୁ ମଙ୍ଗଳବାରଦିନ ବୁର୍ଲା ଏକତା ମଞ୍ଚ ସହରର ପେଟ୍ରୋଲ ପମ୍ପ ଛକରେ ତମ୍ବୁ ଲଗାଇ ସେଠାରେ ଶିଶୁର ରୋଗ ସମ୍ପର୍କରେ ଏକ ସୂଚନା ଫଳକ ଲଗାଇ ପୁଣି ଆର୍ଥିକ ସହାୟତା ଭିକ୍ଷା କରିଛି। ସହରର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ, ପୁଲିସ, ଡାକ୍ତର, ନର୍ସିଂହୋମ ମାଲିକଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବର୍ଗର ଲୋକ ଆସି ନିଜର ସାମର୍ଥ୍ୟ ଆନୁସାରେ ସହାୟତା ରାଶି ପ୍ରଦାନ କରିଛନ୍ତି। ତେବେ ଆଜି ଏହି ସହାୟତା ଅଭିଯାନରେ ସଂଗୃହିତ ହୋଇଥିବା ୫୭,୩୯୮ ଟଙ୍କାକୁ ଏକତା ମଞ୍ଚ ସଂଗ୍ରହ କରି ଶିଶୁର ଚିକିତ୍ସା ପାଇଁ ତାଙ୍କ ମାଆଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯାଇଥିବା ଜଣାପଡିଛି।ଏହି ଅଭିଯାନରେ ବୁର୍ଲା ଏକତା ମଞ୍ଚ ସଭାପତି ପ୍ରଦୀପ କୁମାର ମିଶ୍ର, ଉପଦେଷ୍ଟା ମଣ୍ଡଳୀ ପ୍ରଫୁଲ୍ଲ ନାୟକ, ଅଶ୍ୱିନୀ ଚୌଧୁରୀ, ନବ ରାଉତ, ଦିଜ ରାଉତ,ବୈଶାକୁ କଲେତ, ତ୍ରାହିକର ଡୁଙ୍ଗୁରି, ଅଶୋକ ସାହୁ, ସୁବ୍ରତ କୁମାର ପଟ୍ଟନାୟକ ,ଚିତ୍ତ ନାୟକ,ସମ୍ପାଦକ ଗିରିଜା ନାୟକ,ରବି ମହାପାତ୍ର,ମନୋଜ ମହାନ୍ତି,ନମ୍ରସକାନ୍ତ ପଟ୍ଟନାୟକ,ଶାନ୍ତିଲତା କର, ବିଷ୍ଣୁ ପ୍ରସାଦ ରକ୍ଷିତ, ଜୟନ୍ତ ଦାସ, ଚୈତନ୍ୟ ଭୋଇ,ଶିବ ଦଳେଇ, ଅନିତା ନାଏକ, ମନରଞ୍ଜନ ପଟ୍ଟନାୟକ, ପ୍ରଭାତ ପଟ୍ଟନାୟକ,ରୋମୀ ମହାପାତ୍ର,ଡି .କ୍ରିଷ୍ଣା ରେଡି, ସୁଶାନ୍ତ ବେହେରା ,ସୁବୋଧ ଦାସ, ରିସବ ପଞ୍ଚବିହାର, ଶ୍ୟାମ ନାଏକ, ଠାକୁର ବାଘ,ଚୈତନ୍ୟ ଭୋଇ,ସୁନିତା କ୍ଷେତ୍ରୀ, ରୁନୁ ନାଏକ, ରାକ୍ଷଣୀ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

# ସରାପାଲି କେଜିବିଭିରେ ଛାତ୍ରୀ ନିର୍ଯାତନାର ଶିକାର

ସମ୍ବଲପୁର,୨୧।୪(ସମିସ)

ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଅନ୍ତର୍ଗତ ସରାପାଲି କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟ(କେଜିବିଭି)ରେ ଛାତ୍ରୀମାନେ ନିର୍ଯାତନାର ଶିକାର ହେଉଥିବା ଅଭିଯୋଗ ଉଠିଛି। ପାଠ ପଢିବା ସମୟରେ ସେମାନଙ୍କୁ ଅନ୍ୟ କାମରେ ନିୟୋଜିତ କରୁଛନ୍ତି। ଖାଦ୍ୟ ମଧ୍ୟ ଠିକ ସମୟରେ ଦେଉନାହାନ୍ତି। ଯଦି ଅନ୍ୟ କାହାକୁ ଅଭିଯୋଗ କରିବେ ତାହାଲେ ସ୍କୁଲରୁ ବାହାର କରିବାର ଧମକ ଦିଆଯାଉଛି। ଏସବୁ କଥା ସ୍କୁଲର କିଛି ଛାତ୍ରୀ ଭିଡ଼ିଓରେ କହୁଛନ୍ତି। ବର୍ତ୍ତମାନ ଏହି ଭିଡ଼ିଓ ଭାଇରାଲ ହେବାରେ ଲାଗିଛି। କସ୍ତୁରବା ଗାନ୍ଧି ବାଳିକା ବିଦ୍ୟାଳୟର କିଛି ଦଶମ ଶ୍ରେଣୀ ଛାତ୍ରୀ ନିର୍ଯାତିତ ହେଉଥିବା କହିଛନ୍ତି। ପାଠ ପଢିବା ସମୟରେ ସ୍କୁଲର ଶିକ୍ଷକମାନେ ପରିବା କାଟିବା ଭଳି ଅନ୍ୟ କାମ କରିବାକୁ କହୁଛନ୍ତି। କାମ କରିବାକୁ ମନା କଲେ ମାଡ଼ ମାରିବା ପାଇଁ ମଧ୍ୟ ପଛାଉନାହାନ୍ତି। କାମ ନ କଲେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବସାଇ ଦେବୁନାହିଁ, ସ୍କୁଲରୁ ଟିସି ଦେଇ ବିଦା କରିଦେବୁ ବୋଲି ଧମକ ଦେଉଥିବା ଭିଡ଼ିଓରେ ଛାତ୍ରୀ ଜଣକ କହିଛନ୍ତି। କାହାକୁ ଏ ସମ୍ପର୍କରେ ଅଭିଯୋଗ କଲେ ଆକ୍ରୋଷର ଶିକାର ହେବାକୁ ପଡୁଛି। ଅନ୍ୟ ଜଣେ

- ପଢା ସମୟରେ ଅନ୍ୟ କାମରେ ନିୟୋଜିତ
- ଅଭିଯୋଗ କଲେ ହଷ୍ଟେଲରୁ ବାହାର କରିବା ଧମକ
- କମିଟି ଡାକି ସବୁ ସମାଧାନ ହୋଇଛି: ପ୍ରଧାନଶିକ୍ଷୟିତ୍ରୀ

ଦଶମ ଶ୍ରେଣୀ ଛାତ୍ରୀ କହିଛନ୍ତି, ଜାତିପ୍ରଥାକୁ ନେଇ ମଧ୍ୟ ଅନେକ କଥା ଶୁଣିବାକୁ ପଡେ। ଖାଇବା ବେଳେ ହଷ୍ଟେଲରେ ଛୋଟଜାତି ବଡ଼ଜାତି କହି ଅକଥନୀୟ ନିର୍ଯାତନା ଦେଇଥାନ୍ତି। ଅନ୍ୟ ଜଣେ ଛାତ୍ରୀ ପାଣି ସମସ୍ୟା ନେଇ କହିଛନ୍ତି। ପିଇବା ପାଣି ପାଇଁ ନଳକୂପରୁ ଆଣିବାକୁ ପଡୁଛି। ଖରା ଦିନ ହଷ୍ଟେଲରେ ପଙ୍ଖା ବୁଲୁନାହିଁ। ଗରମରେ ଛଟପଟ ହେଉଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ହଷ୍ଟେଲର ପ୍ରାଥମିକ ସୁବିଧାରୁ ବଞ୍ଚିତ ଥିବା କହିଛନ୍ତି। ଭଲ ଭାବେ ଖାଦ୍ୟ ଦେଉନାହାନ୍ତି। ଖାଦ୍ୟର ଗୁଣବତ୍ତା ମଧ୍ୟ ପରୀକ୍ଷା ହେବା ନେଇ ସେମାନେ ଦାବି କରିଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଫୋଟ ଉଠାଇବା ବେଳେ ଖାଦ୍ୟର ପରିମାଣ ଠିକ ଥିବା ବେଳେ ସାଧାରଣ ଭାବେ କମିଯାଉଛି। ପ୍ରାୟ ୨୦ରୁ ଅଧିକ ଛାତ୍ରୀ ମାନସିକ ନିର୍ଯାତନାର ଶିକାର ହୋଇଥିବା କହିଛନ୍ତି। ପୂର୍ବରୁ ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନଥିବା ସେମାନେ କହିଛନ୍ତି।

ସେପଟେ ପରିଚାଳନା କମିଟିକୁ ଡକାଯାଇ ସବୁ ସମାଧାନ ହୋଇଥିବା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷୟିତ୍ରୀ ସସ୍ମିତା ମାଝୀ କହିଛନ୍ତି। ସେ କହିଛନ୍ତି, ଏଘଟଣା ଜାଣିବା ପରେ ସବୁ ତଦନ୍ତ କରାଯାଇଥିଲା। କର୍ମଚାରୀ ଛୁଟିରେ ଯାଇଥିବାରୁ ପରିବା କାଟିବା ପାଇଁ କୁହାଯାଇଥିଲା। ହଷ୍ଟେଲ କର୍ମଚାରୀ କାହାକୁ ନିର୍ଯାତନା ଦେଇନଥିବା କହିଥିଲେ। ବିଦ୍ୟାଳୟର ବିକାଶ କରାଯାଉଛି ସବୁ ସମାଧାନ ହୋଇଯାଇଛି ବୋଲି ପ୍ରଧାନଶିକ୍ଷୟିତ୍ରୀ କହିଥିଲେ। କିନ୍ତୁ ଏ ଘଟଣାକୁ ସାଧାରଣରେ ନେଇ ପାରୁନାହାନ୍ତି ନାକଟିଦେଉଳର ବୁଦ୍ଧିଜୀବୀମାନେ। ଦୂରରୁ ଆସି ହଷ୍ଟେଲରେ ରହି ଝିଅ ମାନେ ପାଠପଢୁଛନ୍ତି। ତେଣୁ ସେମାନଙ୍କୁ ବିଭିନ୍ନ କାରଣରେ ନିର୍ଯାତନା ଦେବା ଭୁଲ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତେଣୁ ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପ୍ରଶାସନ ଏ ବିଷୟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

## ସମ୍ବଲପୁରରେ ଓଡ଼ିଆ ଚଳଚ୍ଚିତ୍ର 'ମନ୍ତ୍ରମୁଗ୍ଧ' ଟିମ୍

ସମ୍ବଲପୁର, ୨୧।୪ (ସମିସ): ଆସନ୍ତା ମେ ୧ ତାରିଖରେ ମୁକ୍ତିଲାଭ କରିବ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର ''ମନ୍ତ୍ରମୁଗ୍ଧ'। ଅମୀୟ ପଟ୍ଟନାୟକ ପ୍ରଡକ୍ସନ୍ସ୍ ବ୍ୟାନରରେ ନିର୍ମିତ ହରର୍ କମେଡି ଚଳଚିତ୍ର 'ମନ୍ତ୍ରମୁଗ୍ଧ'ର ଟିଜର୍ ପୂର୍ବରୁ ପ୍ରଦର୍ଶିତ ହୋଇଛି। ଓଡ଼ିଆ ଫିଲ୍ମ ''ମନ୍ତ୍ରମୁଗ୍ଧ' ଘୋଷଣା ପରଠାରୁ ଦର୍ଶକଙ୍କ ମଧ୍ୟରେ ଆଗ୍ରହ ଓ ଉତ୍ସାହ ଦେଖାଦେଇଛି। ଆଜି ସମ୍ବଲପୁରରେ ଓଡ଼ିଶା ସାଂସ୍କୃତିକ ସମାଜ ପ୍ରେକ୍ଷାଳୟରେ ଚଳଚ୍ଚିତ୍ରର ପ୍ରଯୋଜନା ସଂସ୍ଥା ଫିଲ୍ମ ପ୍ରମୋସନ୍ କରିଥିଲା। ଚଳଚ୍ଚିତ୍ରରେ ଅଭିନୟ କରିଥିବା କଳାକାର ସାର୍ଥକ ଓ ସନୋଜ କୁମାରଙ୍କ ସହିତ ପ୍ରଯୋଜିକା ବର୍ଷା ପଟ୍ଟନାୟକ, କୋରିଓଗ୍ରାଫର୍ ପ୍ରମୁଖ 'ମନ୍ତ୍ରମୁଗ୍ଧ'ର ପ୍ରମୋସନ୍ କରିବା ସହିତ ଅନ୍ୟ ଓଡ଼ିଆ ଚଳଚିତ୍ର କ'ଣ ପାଇଁ ଚାଲୁନାହିଁ ତାହା ଉପରେ ଆଲୋଚନା କରିଥିଲେ। ସେହିପରି ଅଇଁଠାପାଲିସ୍ଥିତ ଏକ ଘରୋଇ ଶିକ୍ଷା ଅନୁଷ୍ଠାନରେ ମଧ୍ୟ ଚଳଚ୍ଚିତ୍ରକୁ ନେଇ ଆଲୋଚନା ସହିତ ଛାତ୍ରଛାତ୍ରୀଙ୍କୁ ଏହା ଦେଖିବାକୁ ଅନୁରୋଧ କରାଯାଇଥିଲା। ସନ୍ଧ୍ୟାରେ ''ମନ୍ତ୍ରମୁଗ୍ଧ' ଟିମ୍ ମା' ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ।

## ସଂସଦରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ଘଟଣା
## ବିରୋଧୀଙ୍କ ଉପରେ ବର୍ଷିଲେ ଅପରାଜିତା

ସମ୍ବଲପୁର,୨୧।୪(ସମିସ): ଗତ ୧୬ ଓ ୧୭ ତାରିଖରେ ସଂସଦରେ କିଛି ବିଲ ପାରିତ ହୋଇପାରିନାହିଁ। ଯାହାକୁ ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ କ୍ଷୋଭ ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ ସମ୍ବିଧାନ(୧୩୧ ତମ ସଂଶୋଧନ)ବିଲ, ସୀମା ନିର୍ଦ୍ଧାରଣ ବିଲ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଇନ(ସଂଶୋଧନ) ବିଲ ପାରିତ ହୋଇନାହିଁ। ସାଂସଦ ସମ୍ବଲପୁର ଗସ୍ତରେ ଆଜି ଆସି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମେଣ୍ଟ ବିରୋଧୀ ଦଳକୁ ଆକ୍ଷେପ କରି ବିଭିନ୍ନ ପ୍ରସଙ୍ଗ ଉପରେ ଟିପଣୀ ଦେଇଛନ୍ତି। ସେ କହିଛନ୍ତି, ଦେଶର ଗାଣତାନ୍ତ୍ରିକ ଭବିଷ୍ୟତରେ ମହିଳାଙ୍କ ଭାଗିଦାରୀ ବୃଦ୍ଧି କରି ସେମାନଙ୍କୁ ଉଚିତ୍ ଅଧିକାର ଦେବା ପାଇଁ ଏକ ଐତିହାସିକ ସୁଯୋଗ ଥିଲା। କିନ୍ତୁ ବିରୋଧୀଙ୍କ ମହିଳା ବିରୋଧୀ ମାନସିକତା ପାଇଁ ତାହା ସାକାର ହୋଇପାରିଲା ନାହିଁ। ବିଶେଷ କରି କଂଗ୍ରେସ, ''ସମାଜବାଦୀ ପାର୍ଟି', ''ଟିଏମ୍‌ସି' ଓ ''ଡିଏମ୍‌କେ'ର ଏହି ମହିଳା ବିରୋଧୀ ମାନସିକତା ପଦାରେ ପଡିଛି। ୨୦୨୩ ମସିହାରେ ଭାରତୀୟ ଜନତା ପାର୍ଟି ଆଣିଥିବା ନାରୀଶକ୍ତି ବନ୍ଦନ ଅଧିନିୟମକୁ ବିରୋଧୀମାନେ ନିର୍ବାଚନୀ ପରାଜୟ ଭୟରେ ସମର୍ଥନ କରିବାକୁ ବାଧ୍ୟ ହୋଇଥିଲେ। ମାତ୍ର ଏବେ ଏହାକୁ ବାସ୍ତବରେ କାର୍ଯ୍ୟକାରୀ କରିବାକୁ ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହେବା ବେଳେ ଏଥିରେ ବାଧା ଦେଇ ନିଜ ମହିଳା ବିରୋଧୀ ମାନସିକତାକୁ ପଦାରେ ପକାଇଛନ୍ତି। ସେହିପରି ବୃଦ୍ଧି ପାଉଥିବା ଜନସଂଖ୍ୟା ଦୃଷ୍ଟିରୁ ସୀମା ପୁନଃନିର୍ଦ୍ଧାରଣ ଓ ସଂସଦୀୟ ଆସନ ବୃଦ୍ଧି ଏବେ ଅପରିହାର୍ଯ୍ୟ ହୋଇପଡିଛି। ମାତ୍ର ଏହାକୁ ନେଇ ବିରୋଧୀମାନେ ଉତ୍ତର ଓ ଦକ୍ଷିଣ ଭାରତ ମଧ୍ୟରେ ଆନୁପାତିକ ପ୍ରତିନିଧିତ୍ୱରେ ଅସନ୍ତୁଳନ ହେବ ବୋଲି କହି ନେଇ ଭ୍ରମ ସୃଷ୍ଟି କରୁଛନ୍ତି ବୋଲି ସାଂସଦ ଅପରାଜିତା ଷଡଙ୍ଗୀ କହିଛନ୍ତି।

## ଓଭରଲୋଡିଂ ପାଇଁ ଟୁରିଷ୍ଟ ବସ୍‌ର ଚାଲାଣ କାଟିଲା ପରିବହନ ବିଭାଗ

ସମ୍ବଲପୁର, ୨୧।୪ (ସମିସ) : ସମ୍ବଲପୁର ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଓଭରଲୋଡିଂ ଏବଂ ଟିକସକୁ ନେଇ ଏକ ଟୁରିଷ୍ଟ ବସ୍‌ର ଚାଲାଣ କଟାଯାଇଛି। ବସ୍‌କୁ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଥାନା ଅନ୍ତର୍ଗତ କୁଣ୍ଡାପୋଷୀ ଅଞ୍ଚଳରେ






ଅଟକାଯାଇଥିଲା। ବସ୍‌ଟି କୁଚିଣ୍ଡା ଅଞ୍ଚଳରୁ ପଶ୍ଚିମବଙ୍ଗ ଯାଉଥିବା ଜଣାପଡ଼ିଛି। ଏହି ବସ୍‌ରେ ଅନୁମତିଠାରୁ ଅଧିକ ଯାତ୍ରୀ ଥିବାରୁ ତାହାକୁ କୁଚିଣ୍ଡା ପୁଲିସ ଓ ପରିବହନ ବିଭାଗ ପକ୍ଷରୁ ଅଟକ କରି କାଗଜାତ ଯାଞ୍ଚ କରାଯାଇଥିଲା। ଏହା ପରେ ମୋଟ ୧୭୨୫୦ ଟଙ୍କାର ଚାଲାଣ କଟାଯାଇଛି। ଚାଲାଣ ଦେୟ ପଇଠ ହୋଇ ନଥିବାରୁ ବସ୍‌ଟିକୁ କୁଚିଣ୍ଡା ଥାନାରେ ଅଟକ ରଖାଯାଇଛି। ତେବେ, ଏହିଭଳି ଯାଞ୍ଚ ଏକ ନିୟମିତ ପ୍ରକ୍ରିୟା ବୋଲି ସମ୍ବଲପୁର ଆଞ୍ଚଳିକ ପରିବହନ ବିଭାଗ ସୂତ୍ରରୁ କୁହାଯାଇଛି। ଅନ୍ୟପକ୍ଷରେ, ଆଗକୁ ପଶ୍ଚିମବଙ୍ଗ ନିର୍ବାଚନ ଥିବାରୁ ବସ୍‌ଟି ଶ୍ରମିକ ମାନଙ୍କୁ ନେଇ ସେଠାକୁ ଯାଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ,ଏହି ପର୍ଯ୍ୟଟକ (ଟୁରିଷ୍ଟ)ବସ୍ ନଂ. ଡବ୍ଲୁବି୧୯ ଜି୮୪୦୭ କୁଚିଣ୍ଡାରୁ ପଶ୍ଚିମବଙ୍ଗକୁ ଯାଉଥିଲା। ସେଥିରେ ୭୫ରୁ ଅଧିକ ଯାତ୍ରୀ ଥିବା ଦେଖାଯାଇଥିଲା। ଏହି ବସ୍‌କୁ ସର୍ବାଧିକ ୫୫ ଜଣ ଯାତ୍ରୀ ନେବାକୁ ଅନୁମତି ରହିଛି। ବସ୍‌କୁ ଜରିମାନା କରାଯାଇଥିବା ୧୭୨୫୦ ଟଙ୍କା ମଧ୍ୟରେ ସାଧାରଣ ଅପରାଧ ପାଇଁ ୫୦୦ ଟଙ୍କା, ଅନୁମତିର ଉଲ୍ଲଂଘନ ପାଇଁ ୧୦ ହଜାର ଟଙ୍କା, ଅତ୍ୟଧିକ ଯାତ୍ରୀ (ଓଭରଲୋଡିଂ) ପାଇଁ ୪ ହଜାର ଟଙ୍କା ଏବଂ ଟିକସ (ଓମ୍‌ଭିଟି ୩) ପାଇଁ ୨୭୫୦ ଟଙ୍କା ରହିଛି। ବସ୍‌ର ମାଲିକ ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଉତ୍ତର ଡାରୁଆର ମଳୟ ଘୋଷ ହୋଇଥିବା ବେଳେ ଚାଳକ ମୁର୍ଶିଦାବାଦ ବର୍ଦ୍ଧମାନ୍‌ର ଅସଲମ ଶେଖ୍ ବୋଲି ସୂଚନା ମିଳିଛି।

## ସମ୍ବଲପୁରରେ ସାମୂହିକ ବିବାହ ଉତ୍ସବ



ସମ୍ବଲପୁର, ୨୧।୪ (ସମିସ) : 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅଧୀନରେ ସମ୍ବଲପୁର ଧନୁପାଲିସ୍ଥିତ ଆଦିତ୍ୟ କଲ୍ୟାଣ ମଣ୍ଡପରେ ଭବ୍ୟ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଚୟନ ହୋଇଥିବା ୨୨ ଯୋଡ଼ି ବର ଓ ବଧୂ ବିବାହ କରି ନୂତନ ଜୀବନ ଆରମ୍ଭ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗଦେଇ ନବବିବାହିତ ଦମ୍ପତିଙ୍କୁ ଶୁଭାଶିଷ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଜିଲ୍ଲା ପରିଷଦ ସଭାପତି କୁମୁଦିନୀ ନାୟକ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସିଡିଓ କମ୍ ଇଓ ପ୍ରସନ୍ନ କୁମାର ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁଚିସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବରବଧୂଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ଏବଂ ସ୍ଥାନୀୟ ବରିଷ୍ଠ ନାଗରିକ ସମାଜ ଓ ନାଗରିକ ପରିଷଦର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୈଦିକ ରୀତିନୀତି ଅନୁଯାୟୀ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ନବବିବାହିତ ଦମ୍ପତିମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସରୋଜା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଏମ୍‌ୟୁ ହେବ ଶିକ୍ଷା ଓ ଗବେଷଣାର ଉତ୍କର୍ଷ କେନ୍ଦ୍ର : କୁଳପତି

**ସମ୍ବଲପୁର, ୨୧।୪ (ସମିସ) : ପଶ୍ଚିମାଞ୍ଚଳରେ ଶିକ୍ଷାର ଆଲୋକବର୍ତ୍ତିକା ସ୍ୱରୂପ ୧୯୪୪ ମସିହାରେ ଆରମ୍ଭ ହୋଇଥିଲା ସମ୍ବଲପୁର କଲେଜ। ୧୯୪୯ ମସିହାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ନାମରେ ଶିକ୍ଷାନୁଷ୍ଠାନର ନାମକରଣ କରାଯାଇଥିଲା। ଏହାପରେ ୧୯୯୧ ମସିହାରେ ଏହି ଅନୁଷ୍ଠାନକୁ ସ୍ୱୟଂଶାସିତ ଘୋଷଣା କରାଯାଇଥିଲା। ଏକ ବର୍ଷ ଧରି ଏହି ଶିକ୍ଷାନୁଷ୍ଠାନ ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ରହିବା ପରେ ନୂତନ କୁଳପତି ଭାବେ ସୋମବାର ଯୋଗଦେଇଛନ୍ତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ। ବିଶ୍ୱବିଦ୍ୟାଳୟ ଏବଂ ଭବିଷ୍ୟତ ଯୋଜନାକୁ ନେଇ ତାଙ୍କ ସହ 'ସକାଳ' ସମ୍ବଲପୁର ଜିଲ୍ଲା ପ୍ରତିନିଧି ସୁକାନ୍ତ କରଙ୍କ ସାକ୍ଷାତକାର।**



**ପ୍ରଶ୍ନ :** ଆପଣ ଅବିଭକ୍ତ ସମ୍ବଲପୁର ଜିଲ୍ଲା ଝାରସୁଗୁଡ଼ାର ବାସିନ୍ଦା। ରାଜ୍ୟ ବାହାରେ ଅନେକ ବର୍ଷ ଧରି କାର୍ଯ୍ୟରତ ଥିବାବେଳେ ମାଟି ମାଆ ପାଖକୁ ଫେରି ଆସିବା ଆପଣଙ୍କୁ କେମିତି ଲାଗୁଛି? ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ନେଇ ଆପଣଙ୍କ ସ୍ୱପ୍ନ କ'ଣ ରହିଛି?

**ପ୍ରଫେସର ତ୍ରିପାଠୀ:** ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରେ ଏଠାରେ ଯୋଗ ଦେଇଛି। ଏହି ବିଶ୍ୱବିଦ୍ୟାଳୟକୁ ନେଇ ମୋର ଅନେକ ସ୍ୱପ୍ନ ରହିଛି। ମୋର ପ୍ରଶାସନିକ ଅଭିଜ୍ଞତା ଏବଂ ଏକାଡେମିକ ଅଭିଜ୍ଞତାକୁ ପାଥେୟ କରି ଜିଏମ୍‌ୟୁକୁ କିପରି ଉତ୍କର୍ଷର କେନ୍ଦ୍ର କରାଯାଇପାରିବ ତାହାକୁ ନେଇ ଯୋଜନା କରାଯିବ। ଏକ ଭିଜନ୍ ପ୍ଲାନ ତିଆରି କରାଯାଉଛି। ଏକ ମିଶନ୍ ଷ୍ଟେଟ୍‌ମେଣ୍ଟ ତିଆରି ହେବ, ପର୍ଯ୍ୟାୟକ୍ରମେ ତାହାକୁ କାର୍ଯ୍ୟକାରୀ କରାଯିବ ଏବଂ ପ୍ରତି ତିନିମାସରେ ଥରେ ଅଗ୍ରଗତିକୁ ନେଇ ସମୀକ୍ଷା ହେବ।

**ପ୍ରଶ୍ନ :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପ୍ରମୁଖ ସମସ୍ୟା ହେଉଛି ଶିକ୍ଷକ ଅଭାବ। ପ୍ରାୟ ୬୦ ରୁ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଶିକ୍ଷକ ନାହାନ୍ତି। ଏହା ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧକ ହେଉଛି।

**ପ୍ରଫେସର ତ୍ରିପାଠୀ :** ଜିଏମ୍‌ୟୁରେ ଶିକ୍ଷକ ସମସ୍ୟା ରହିଛି। ସରକାରଙ୍କ ପକ୍ଷରୁ ସଂରକ୍ଷଣ ପଲିସିକୁ ନେଇ ସମସ୍ତ ନିଷ୍ପତ୍ତି ହୋଇସାରିଛି। ସମ୍ଭବ ହେଲେ ମେ' ମାସରେ ଆମେ ଶିକ୍ଷକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବୁ। ଅଗଷ୍ଟ, ସେପ୍ଟେମ୍ବରରୁ ନିଯୁକ୍ତି ସାକ୍ଷାତକାର ପ୍ରକ୍ରିୟା ଆରମ୍ଭ ହୋଇପାରିବ ବୋଲି ଆଶା କରୁଛୁ।

**ପ୍ରଶ୍ନ :** କେଇବର୍ଷ ତଳେ ପୁରୁଣା କୋଠାର କୋଟି କୋଟି ଟଙ୍କାରେ ନବୀକରଣ କରାଯାଇଥିଲା। ଏବେ ବି ଅନେକ ଶ୍ରେଣୀଗୃହରେ ପଙ୍ଖା ଅଚଳ ରହୁଛି। ତା'ସହିତ ଶୌଚାଳୟ ଗୁଡ଼ିକ ନିୟମିତ ସଫେଇ, ପାନୀୟ ଜଳଯୋଗାଣ ଆଦି ଠିକ୍‌ଭାବେ ହେଉନାହିଁ।

**ପ୍ରଫେସର ତ୍ରିପାଠୀ :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୋଠା ଏକ 'ହେରିଟେଜ୍ କୋଠା'। ଶୌଚାଳୟ ସଫେଇ, ପାନୀୟ ଜଳଯୋଗାଣ ଓ ଅନ୍ୟ କ୍ଷେତ୍ରରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ସକାଶେ କିଛିଟା ଅସୁବିଧା ରହିଛି, ତାହାକୁ ଆମେ ମିଳିତ ଭାବେ କଥାବାର୍ତ୍ତା କରି ପଦକ୍ଷେପ ନେବୁ।

**ପ୍ରଶ୍ନ:** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସଠିକ୍ ସମୟରେ ପରୀକ୍ଷାଫଳ ପ୍ରକାଶିତ କରିବାରେ ଆଗୁଆ ଥିଲା। କିନ୍ତୁ ଏବେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ତୃତୀୟ ସେମିଷ୍ଟାର ପରୀକ୍ଷା ଦେବାବେଳକୁ ପ୍ରଥମ ସେମିଷ୍ଟାରର ରେଜଲ୍ଟ ପ୍ରକାଶିତ ହେଉନାହିଁ, ବିଳମ୍ବିତ ହେଉଛି।

**ପ୍ରଫେସର ତ୍ରିପାଠୀ :** ଏନେଇ ପରୀକ୍ଷା ନିୟନ୍ତ୍ରକ ଓ ଟିମ୍‌ର ବୈଠକ ଡାକିଛି। ଯେଉଁ ପରୀକ୍ଷାଫଳ ବାହାରି ନାହିଁ, ତାହା ଶୀଘ୍ର ପ୍ରକାଶ କରିବାକୁ ଚେଷ୍ଟା କରାଯିବ। ଚଳିତବର୍ଷଠାରୁ ଏକ ଟାଇମ୍ ଲାଇନ୍ କରାଯିବ ଯେ ବର୍ଷର ଏହି ସମୟରେ ପରୀକ୍ଷାଫଳ ବାହାରିବ ଏବଂ ଆମ ତାହାକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବୁ।

**ପ୍ରଶ୍ନ :** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଶିକ୍ଷା ଓ ଗବେଷଣାର ଉତ୍କର୍ଷ କେନ୍ଦ୍ର ହେଉ ବୋଲି ସଚେତନ ମହଲରେ ମତପ୍ରକାଶ ପାଉଛି। ଆପଣ କ'ଣ ପଦକ୍ଷେପ ନେବେ?

**ପ୍ରଫେସର ତ୍ରିପାଠୀ:** ସ୍ଥାନୀୟ ବୁଦ୍ଧିଜୀବୀ ଓ ଅନ୍ୟ ସମସ୍ତଙ୍କ ସହିତ ମିଶି ଏକ ଶୃଙ୍ଖଳିତ ଏବଂ ଉଚ୍ଚ ମାନର ବିଶ୍ୱବିଦ୍ୟାଳୟ କରିବାକୁ ଉଦ୍ୟମ କରାଯିବ। ଆମ ପିଲାମାନେ ପଶ୍ଚିମ ଓଡ଼ିଶା ତଥା ରାଜ୍ୟର ଆମ୍ବାସଡର୍ ହୋଇ ବାହାରକୁ ଯାଆନ୍ତୁ। ଏହି ବିଶ୍ୱବିଦ୍ୟାଳୟ ସକାଶେ ଭିଜନ୍ ଓ ମିଶନ୍ ଡକ୍ୟୁମେଣ୍ଟ ତିଆରି କରାଯାଉଛି। ଏହାସହ ଜିଏମ୍‌ୟୁକୁ ଜାତୀୟସ୍ତରରେ ଶିକ୍ଷା ଓ ଗବେଷଣାର ଉତ୍କର୍ଷର କେନ୍ଦ୍ର କରି ଗଢ଼ି ତୋଳିବାକୁ ସମସ୍ତ ପ୍ରକାର ଉଦ୍ୟମ କରାଯିବ। ପଶ୍ଚିମ ଓଡ଼ିଶାବାସୀଙ୍କ ବିଶ୍ୱାସ ଅଛି ଯେ, ଜିଏମ୍‌ୟୁ ସ୍ଥାନୀୟ ସମସ୍ୟାଗୁଡ଼ିକ ଗବେଷଣା ମାଧ୍ୟମରେ ସମାଧାନ କରିପାରିବ, ତଦନୁଯାୟୀ ଆମେ କାମ କରିବାକୁ ଚେଷ୍ଟା କରିବୁ।

**ପ୍ରଶ୍ନ :** ବସନ୍ତପୁରଠାରେ ଜିଏମ୍‌ୟୁ ଦ୍ୱିତୀୟ କ୍ୟାମ୍ପସ କାମ ଏପର୍ଯ୍ୟନ୍ତ ସରିନାହିଁ। କେବେ ସରିବ ଏବଂ ବିଶ୍ୱବିଦ୍ୟାଳୟର କେତେକ ବିଭାଗ କେବେଠାରୁ ସେଠାରେ କାର୍ଯ୍ୟ କରିବା ଆରମ୍ଭ କରିବ?

**ପ୍ରଫେସର ତ୍ରିପାଠୀ:** ଦ୍ୱିତୀୟ କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ବିଳମ୍ବିତ ହୋଇଛି। ଦୁଇଟି କୋଠା ସରିଥିବାବେଳେ ତୃତୀୟ କୋଠା କାମ ଚାଲିଛି, ଏହାକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଉଦ୍ୟମ କରାଯିବ। କୋଠା ସମ୍ପୂର୍ଣ୍ଣ ହେଲେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ବିଭାଗ ଗୁଡ଼ିକ ସ୍ଥାନାନ୍ତରିତ ହେବ।

**ପ୍ରଶ୍ନ :** ସମ୍ବଲପୁରୀ ଭାଷା ସାହିତ୍ୟ ସଂସ୍କୃତି ସହ ସମ୍ବଲପୁରୀ ବାନ୍ଧକଳା, ସମ୍ବଲପୁରୀ ନୃତ୍ୟଗୀତ ଆଦିକୁ ପ୍ରାଧାନ୍ୟ ଦେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆପଣଙ୍କ ଭିଜନ୍ କ'ଣ ରହିଛି?

**ପ୍ରଫେସର ତ୍ରିପାଠୀ :** ସମ୍ବଲପୁରୀ ଭାଷାକୁ ନେଇ ଜିଏମ୍‌ୟୁ ଏକ ଫୋକସ୍ ସେଣ୍ଟର ହେବ। ସମ୍ବଲପୁରୀ ଗୀତ, ନୃତ୍ୟ, ବାଦ୍ୟ ଉପରେ ଆଜିକାଲି ଆଧୁନିକତାର ପ୍ରଭାବ ବଢ଼ି ବଢ଼ି ଚାଲିଛି, ତାହାର ଅରିଜିନାଲ ଇଥୋଜ୍ କିପରି ରହିବ, ତାହା ଉପରେ ଗବେଷଣା ହେବା ଅତ୍ୟନ୍ତ ଜରୁରୀ। ରିସର୍ଚ୍ଚ, ଡକ୍ୟୁମେଣ୍ଟେସନ୍ ହୋଇ ତାହା ଉପରେ ଛୋଟ ଛୋଟ ପବ୍ଲିକେଶନ ହେବା ଆବଶ୍ୟକ। କେବଳ ସମ୍ବଲପୁରୀ ଓ ଓଡ଼ିଆ ଭାଷାରେ ନହୋଇ ହିନ୍ଦୀ ଓ ଇଂରାଜୀ ଭାଷାରେ ହେଲେ ତାହାର ପ୍ରଚାର ପ୍ରସାର ହୋଇପାରିବ। ଏହାଦ୍ୱାରା ବାହାର ଲୋକ ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ବିଷୟରେ ଜାଣିପାରିବେ।

# ବିଭିନ୍ନ ଶିବାଳୟରେ 'ଥାଳ ଉଠା' କାର୍ଯ୍ୟକ୍ରମ





ସମ୍ବଲପୁର, ୨୧।୪ (ସମିସ): ଅକ୍ଷୟ ତୃତୀୟା ଅବସରରେ ସମସ୍ତ ଶିବାଳୟମାନଙ୍କରେ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟପର୍ବ 'ଥାଳ ଉଠା' ରୀତିନୀତିରେ ସମ୍ପନ୍ନ ହୋଇଛି। ଏହି ତିଥିରେ ଦେବଦମ୍ପତିଙ୍କ ପିତାମାତା ଚୟନ କରାଯିବା ସହ ଦେବବିବାହ ପାଇଁ ବଦାନ୍ୟ ବ୍ୟକ୍ତିବିଶେଷଙ୍କ ସହଯୋଗ କାମନା କରାଯାଇଥାଏ। ଆସନ୍ତା ଜୁନ ୧୮ ତାରିଖ ବିଳମ୍ବିତ ରାତି ତଥା ଭୋର୍‌ରେ ଶୁଭ ଲଗ୍ନରେ ଦେବ ବିବାହ ଅନୁଷ୍ଠିତ ହେବ। ଏହାପରେ ଜୁନ ୧୯ ତାରିଖ ରାତିରେ ଦେବଦମ୍ପତିଙ୍କ ଯୁଗଳ ଦର୍ଶନ ଶୋଭାଯାତ୍ରା ବାହାରି ୨୦ ତାରିଖ ଦିନତମାମ ପରିକ୍ରମା କରି ସନ୍ଧ୍ୟାରେ ଦେବଦମ୍ପତି ମନ୍ଦିର ପ୍ରବେଶ କରିବେ।



### ବୁଢ଼ାରଜାର ଶ୍ରୀ ପାହାଡ଼େଶ୍ୱର ବାବା

ସମ୍ବଲପୁର ବୁଢ଼ାରଜାର ଶ୍ରୀ ପାହାଡ଼େଶ୍ୱର ବାବାଙ୍କ 'ଥାଳ ଉଠା' କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଚଳିତବର୍ଷ ବର ପିତାମାତା ଭାବେ ବୁଢ଼ାରଜା ପଧାନପଡ଼ାର ଶିଶିର କୁମାର ଦାଶ ଓ ପୁଷ୍ପାଞ୍ଜଳି ମିଶ୍ର ଥିବାବେଳେ କନ୍ୟା ପିତାମାତା ଭାବେ ବୁଢ଼ାରଜାର ଡାକ୍ତର ତନ୍ମୟ ପାଢ଼ୀ ଓ ପ୍ରାଣମିତା ପୂଜାହାରୀ ରହିଛନ୍ତି। ଥାଳଉଠା କାର୍ଯ୍ୟକ୍ରମରେ ଶୀତଳଷଷ୍ଠୀ ଯାତ୍ରା କମିଟି ସଭାପତି ଦେବେନ୍ଦ୍ର କିଶୋର ପତି, ରାଜେଶ ସିଂହ, ସୁଶାନ୍ତ ଡନସନା, ସନତ କୁମାର ନାଥ, କୈଳାସ ସାହୁ, ଶିବ ରାଉତ, ବିଶ୍ୱଜିତ ଦେବତା, ଅଜିତ ମେହେର, ଜି. କ୍ରିଷ୍ଣା ରାଓ, ସୂର୍ଯ୍ୟ ନାରାୟଣ ନାଗ, ରୂପେଶ ଅଗ୍ରୱାଲ ପ୍ରମୁଖ ବହୁ ସଦସ୍ୟ, ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ଭୂତାପଡ଼ାର ଶ୍ରୀ ଭୂତନାଥ ବାବା

ସମ୍ବଲପୁର ଭୂତାପଡ଼ାର ଶ୍ରୀ ଭୂତନାଥ ବାବାଙ୍କ 'ଥାଳ ଉଠା'କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଚଳିତବର୍ଷ ବର ପିତାମାତା ଭାବେ ମହେନ୍ଦ୍ର ଭୋଇ ଓ ପ୍ରେମଶୀଳା ଭୋଇ ଥିବାବେଳେ କନ୍ୟା ପିତାମାତା ଭାବେ ସାରସ୍ୱତ କଲୋନୀର ସୁମିତ ମୁଣ୍ଡା ଓ ରାଖୀ ମୁଣ୍ଡା ରହିଛନ୍ତି। ପୂଜାର୍ଚ୍ଚନା କରିଥିଲେ ଗୋପାଳ ସୂଆର। ଥାଳଉଠା କାର୍ଯ୍ୟକ୍ରମରେ ଶୀତଳଷଷ୍ଠୀ ଯାତ୍ରା ସଭାପତି ବ୍ରଜକିଶୋର ମହାନ୍ତି, ସମ୍ପାଦକ ବିଭୂତି ଭୂଷଣ ଦାଶ, ଟିକନ ସାହୁ, ସୁବୋଧ ଦାସ, ରାମି ମହାନ୍ତି, ରଥ ସିଂ, ଡା. ଦିଲିପ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### କୁଲୁଥକାନୀର ଶ୍ରୀ କଲ୍ଲେଶ୍ୱର ବାବା

ସମ୍ବଲପୁର କୁଲୁଥକାନୀର ଶ୍ରୀକଲ୍ଲେଶ୍ୱର ବାବାଙ୍କ 'ଥାଳ ଉଠା' କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। ଚଳିତବର୍ଷ କନ୍ୟା ମାତାପିତା ଭାବେ ବବି ମେହେର ବାଗ ଓ ବିରେନ୍ଦ୍ର ବାଗ ଦାୟିତ୍ୱ ତୁଲାଉଛନ୍ତି। ଆସନ୍ତା ଜୁନ ୧୬ ତାରିଖରୁ ପତରପେଁଡ଼ି ସହ ବିବାହ କାର୍ଯ୍ୟ ଆରମ୍ଭ ହେବ। କାର୍ଯ୍ୟକ୍ରମରେ କୁଲୁଥକାନୀ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଓ ଭକ୍ତ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ
ଆମ ବୋଉ



ଆବିର୍ଭାବ ୨୫.୧୦.୧୯୩୨
ତିରୋଧାନ ୧୨.୦୪.୨୦୨୬
ସ୍ୱ ମନୋରମା ମହାନ୍ତି
ସ୍ୱାମୀ ସ୍ୱର୍ଗତଃ ଦୁର୍ଗାପ୍ରସନ୍ନ ମହାନ୍ତି
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗକୁ ଆମେ ପାଥେୟ କରି ଚାଲିଥିଲୁ ଓ ଆଗକୁ ଚାଲିବୁ । ଆଜି ଏକାଦଶାହ ଅବସରରେ ମା ଅମ୍ବିକାଙ୍କ ନିକଟରେ ତୁମର ଆତ୍ମାର ସଦ୍‌ଗତି କାମନା କରୁଛୁ ।
ଯାଆ - କୁସୁମ
ପୁତ୍ର : ସଚ୍ଚିଦାନନ୍ଦ (ଲୁଲୁ) କୃଷ୍ଣାନନ୍ଦ (ବାଦଲ)
ପୁତ୍ରବଧୂ : ନିବେଦିତା (ଫେଲି) ଅରୁଣିମା (ଇତିନା)
ଝିଅ : ରୀନା, ଲିନା, ବୁନବୁନ
ଜ୍ୱାଇଁ : ଦେବବ୍ରତ, ଅଜୟ
ନାତି : ସାନି, ନୀଲ, କାକୁ, ଲିକୁ
ନାତୁଣୀ : ନେହା, ଇଖା, ଇଶା ଓ ଆତ୍ମୀୟ ସ୍ୱଜନ
ନାତୁଣୀ ବୋହୂ : ପ୍ରୀୟଙ୍କା
ଲାଲବଜାର, ବାରିପଦା

ସକାଳ THE SAKALA



## ଚନ୍ଦ୍ରଶେଖର ଓ ବାଲୁଙ୍କେଶ୍ୱରଙ୍କୁ ପ୍ରଣାମକରି ଅଭିଭାଷଣ ଦେଲେ ରାଷ୍ଟ୍ରପତି

# ସୁନ୍ଦରଗଡ଼ କେବଳ ସଂସ୍କୃତିର ଭୂମି ନୁହେଁ ସଂଗ୍ରାମର ମାଟି



**ରାଉରକେଲା, ୨୧।୪(ସମିସ)**

ହଳଦୀ ଓ କମଳା ରଙ୍ଗର ସିଲ୍କ ଶାଢ଼ୀ ପରିଧାନ ପୂର୍ବକ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ଏୟାରପୋର୍ଟ ଗ୍ରାଉଣ୍ଡ ଠାରେ ସୁସଜ୍ଜିତ ମଞ୍ଚରେ ପହଞ୍ଚିଥିଲେ। ସେ ପ୍ରଥମେ ପବିତ୍ର ବେଦବ୍ୟାସ ଶୈବପୀଠସ୍ଥ ଭଗବାନ ଚନ୍ଦ୍ରଶେଖର ମହାଦେବ ଓ ବାଲୁଙ୍କେଶ୍ୱର ମହାଦେବ ଓ ଜଗନ୍ନାଥଙ୍କୁ ପ୍ରଣାମ କରି ନିଜର ବକ୍ତବ୍ୟ ଆରମ୍ଭ କରିଥିଲେ। ଏହାପୂର୍ବରୁ ୨୫୦୦ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ୩୪ଟି ନୃତ୍ୟଦଳ ଆକର୍ଷଣୀୟ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଆଦିବାସୀ ପାରମ୍ପାରିକ କରମା ନୃତ୍ୟ, ପିରାମିଡ୍ ପ୍ରଦର୍ଶନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି ତାଙ୍କ ବକ୍ତବ୍ୟରେ କହିଥିଲେ ଓଡ଼ିଶାର ସଂସ୍କୃତି ଓ ପରମ୍ପରା, ନୃତ୍ୟସଙ୍ଗୀତ ସତରେ କେତେ ମହାନ ତାହା ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସେ ହୃଦ୍‌ବୋଧ କରିପାରିଥିଲେ। ସେମାନଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଆଦିବାସୀ ଜୀବନ ସମ୍ପର୍କିତ ପ୍ରଦର୍ଶନୀ ଦେଖି ସେ ବହୁତ ଖୁସି। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ ସାଂସ୍କୃତିକ କାର୍ଯ୍ୟକ୍ରମ, ଆଦିବାସୀ ନୃତ୍ୟ ପ୍ରତିପାଦିତ ହୋଇଥିଲା ଯାହାକୁ ଦେଖି ମୋ ଆଖିରୁ ଆନନ୍ଦର ଅଶ୍ରୁ ଗଡ଼ି ଆସିଲା ବୋଲି କହିଥିଲେ ରାଷ୍ଟ୍ରପତି। ସେ କହିଲେ ସୁନ୍ଦରଗଡ଼ ଜିଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ, ଲୋକ ସଂସ୍କୃତି, ଘନ ଜଙ୍ଗଲ, ଖଣ୍ଡାଧାର ଜଳପ୍ରପାତ, ବେଦବ୍ୟାସ ପୀଠ, ଦେଓଘର, ହନୁମାନ ବାଟିକା ପରି ପର୍ଯ୍ୟଟନସ୍ଥଳ ପର୍ଯ୍ୟଟକମାନଙ୍କୁ ବେଶ୍ ଆକର୍ଷଣ କରିଥାଏ। ସୁନ୍ଦରଗଡ଼ର କଳା ଓ ସଂସ୍କୃତି ଓଡ଼ିଶାର ସାଂସ୍କୃତିକ ପ୍ରାଚୁର୍ଯ୍ୟକୁ ଆହୁରି ସମୃଦ୍ଧ କରିଛି। ସୁନ୍ଦରଗଡ଼ ସାହସୀ ବ୍ୟକ୍ତି ଏବଂ କ୍ରୀଡ଼ା ପ୍ରେମୀଙ୍କ ଭୂମି ବୋଲି ସେ ଗୁରୁତ୍ୱାରୋପ କରି କହିଥିଲେ। ସୁନ୍ଦରଗଡ଼ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀମାନଙ୍କ ଜନଜୀବନ, ନୃତ୍ୟ ସଙ୍ଗୀତ, ଲୋକ ସଂସ୍କୃତି, ପର୍ବପର୍ବାଣୀ ବେଶ୍ ପୋଷାକ ଜିଲ୍ଲାର ଗରିମାକୁ ବୃଦ୍ଧି କରିଛି। ସୁନ୍ଦରଗଡ଼ର କଳା ସଂସ୍କୃତି ଓଡ଼ିଶାର ସଂସ୍କୃତିକୁ ଆହୁରି ଅନେକ ଗୁଣରେ ପରିବର୍ଦ୍ଧିତ କରିଛି। ସୁନ୍ଦରଗଡ଼ କେବଳ ସଂସ୍କୃତିରେ ଭୂମି ନୁହେଁ ସଂଗ୍ରାମର ମାଟି, ଯାହା ଇତିହାସରେ ସ୍ୱର୍ଣ୍ଣାକ୍ଷରେ ଲିଖିତ ହୋଇଛି। ସଂଗ୍ରାମୀ ନିର୍ମଳ ମୁଣ୍ଡାଙ୍କ ପ୍ରଜା ଆନ୍ଦୋଳନ ଯାହାକି ଆମକୋ ସିମକୋ ସଂଗ୍ରାମ ଭାବେ ସର୍ବବିଦିତ, କେବଳ ଓଡ଼ିଶା ନୁହେଁ ଭାରତ ଇତିହାସରେ ଉଲ୍ଲେଖ ରହିଛି। ସେତେବେଳେ ବ୍ରିଟିଶ ସରକାରଙ୍କ ଗୁଳିରେ ୪୦ରୁ ଉର୍ଦ୍ଧ୍ୱରୁ ଗ୍ରାମବାସୀ ସହିଦ ହୋଇଥିଲେ, ଯାହାର ନେତୃତ୍ୱ ନେଇଥିଲେ ସଂଗ୍ରାମୀ ନେତା ନିର୍ମଳ ମୁଣ୍ଡା। ସ୍ୱାଧୀନତା ସଂଗ୍ରାମର ପାଇକ ବିଦ୍ରୋହ, କନ୍ଧମେଳି, ସାନ୍ତାଳମେଳି, ମୁଣ୍ଡା ବିଦ୍ରୋହ, ସିପାହୀ ବିଦ୍ରୋହରେ ସଂଗ୍ରାମୀମାନଙ୍କର ବିଦ୍ରୋହ, ଆବେଳୀ ଦେଶବାସୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ବୋଲି ସେ କହିଥିଲେ। ରାଷ୍ଟ୍ରପତି କହିଥିଲେ, ସମାଜର ପ୍ରତ୍ୟେକ ବର୍ଗର ବିକାଶ ଦ୍ୱାରା ହିଁ ଦେଶର ବିକାଶ ସମ୍ଭବ। ରାଷ୍ଟ୍ରପତି ଦେଶ ବିକାଶରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ଆଗକୁ ବଢ଼ିବା ଏବଂ ଅନ୍ୟମାନଙ୍କୁ ଆଗକୁ ବଢ଼ିବାରେ ସହାୟତା କରିବା ପାଇଁ ସାହାଯ୍ୟର ହାତ ବଢ଼ାଇବାକୁ ସେମାନଙ୍କୁ ସେ ପରାମର୍ଶ ଦେଇଥିଲେ। ଏଥିସହିତ ଭଲ ମଣିଷ ହେବା ଏବଂ ପଛରେ ପଡ଼ିଯାଇଥିବା ଲୋକଙ୍କୁ ଉନ୍ନତ କରିବା ଲାଗି ପ୍ରୟାସ କରିବାକୁ ରାଷ୍ଟ୍ରପତି ଆହ୍ୱାନ କରିଥିଲେ। ରାଷ୍ଟ୍ରପତି କହିଥିଲେ, ଆମ ଦେଶ ୨୦୪୭ ମସିହା ସ୍ୱାଧୀନତାର ଶତବାର୍ଷିକୀ ବର୍ଷ ସୁଦ୍ଧା ବିକଶିତ ଭାରତ ହେବା ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି। ସେହିପରି ୨୦୩୬ ମସିହାରେ ଓଡ଼ିଶା ରାଜ୍ୟ ଗଠନର ଶହେ ବର୍ଷ ପୂରଣ ହେବ। ଏକ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତ ଗଠନ ପାଇଁ, ସର୍ବାଙ୍ଗୀଣ ବିକାଶ ଏବଂ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ଭାଗୀଦାରୀ ଅତ୍ୟନ୍ତ ଜରୁରୀ। ଏହି ଅବସରରେ ରାଷ୍ଟ୍ରପତି ଆଦିବାସୀ ସଂଗ୍ରହାଳୟ ଲୋକାର୍ପଣ କରି ଅଭିଭୂତ ହୋଇପଡ଼ିଥିଲେ। ଆଦିବାସୀ ଜାତି ଓ ଜନଜାତି ଲୋକଙ୍କର ଜୀବନଶୈଳୀ, ଜୀବିକା, ପୋଷାକ, ବେଶଭୂଷା, ଅଳଙ୍କାର, ଘରଦ୍ୱାର, ଚାଷ କାର୍ଯ୍ୟ ସାମଗ୍ରୀ ଆଦି ପ୍ରଦର୍ଶନକୁ ଦେଖି ରାଷ୍ଟ୍ରପତି ମନ୍ତ୍ରମୁଗ୍ଧ ହୋଇ ପଡ଼ିଥିଲେ। ଏହି ଜନଜାତି ସଂଗ୍ରହାଳୟରେ ସଉରା ଜନଜାତି, ପାଉଡି ଭୁୟାଁ ଜନଜାତି, ସାନ୍ତାଳ ଜନଜାତି, ଓରାମ ଜନଜାତି, ମୁଣ୍ଡା ଜନଜାତି, ଚୁକୁଟିଆ ଭୁଞ୍ଜିଆ ଜନଜାତି ଓ କିସାନ ଜନଜାତିଙ୍କ ଘର ସଂଗ୍ରହାଳୟରେ ପ୍ରଦର୍ଶିତ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଲେ ଭାରତର ପ୍ରଥମ ନାଗରିକ ଓଡ଼ିଶା ମାଟିର ଗର୍ବ ଗୌରବ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆମେ ରାଉରକେଲାରେ ପାଇ ଗର୍ବିତ। ସେ କହିଥିଲେ ରାଉରକେଲା କେବଳ ଏକ ଶିଳ୍ପ ସମୃଦ୍ଧ ସହର ନୁହେଁ ଏହା ହେଉଛି ଏକ ସ୍ୱପ୍ନ, ଶୃଙ୍ଖଳା, ବିବିଧତା, ବୈଭବରେ ପରିପୂର୍ଣ୍ଣର ସହର। ଏହି ସହରର ରାଷ୍ଟ୍ର ନିର୍ମାଣରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଜୀବନ ଜୀବିକାର ସୁଯୋଗ ସୃଷ୍ଟି କରିଛି। ସୁନ୍ଦରଗଡ଼ ଜିଲ୍ଲା ହେଉଛି ଏକ କ୍ରୀଡ଼ାକ୍ଷେତ୍ର ଯେଉଁଠି ବିଶେଷକରି ହକି କ୍ଷେତ୍ରରେ ବହୁ ଯୁବ ପ୍ରତିଭା ଦେଶ ପାଇଁ ଗୌରବ ଆଣିଛନ୍ତି। ଶିଳ୍ପ କ୍ଷେତ୍ରରେ ମଧ ଏହି ଜିଲ୍ଲା ସମୃଦ୍ଧ ହୋଇ ରାଜ୍ୟ ଏବଂ ଦେଶକୁ ସୁଦୃଢ କରିବାରେ ଆର୍ଥିକ ଦିଗରେ ବିଶେଷ ଭୂମିକା ଗ୍ରହଣ କରିପାରିଛି। ରାଜ୍ୟପାଳ ଡ. କମ୍ଭମପାଟି କହିଲେ ଆଜିର ଏହି ଐତିହାସିକ ମୁହୂର୍ତ୍ତରେ ରାଉରକେଲାରେ ଉପସ୍ଥିତ ହୋଇ ପ୍ରକୃତରେ ସେ ଅତ୍ୟନ୍ତ ଗର୍ବ ଅନୁଭବ କରୁଛନ୍ତି। ସେ କହିଲେ 'ଆଦି ପରବ - ୨୦୨୬' ହେଉଛି ପରିଚୟ, ଏକତା ଏବଂ ଲୋକ ଏବଂ ପ୍ରକୃତି ମଧ୍ୟରେ ଏକ କାଳଜୟୀ ବନ୍ଧନର ଉତ୍ସବ। ସୁନ୍ଦରଗଡ଼ ଭୂମି ପ୍ରକୃତରେ ପରମ୍ପରାରେ ସ୍ପନ୍ଦନଶୀଳ ଏବଂ ଏହାର ପରିଚୟରେ ଅନନ୍ୟ ଐତିହ୍ୟରେ ସମୃଦ୍ଧ ଆଦିବାସୀ ସଂସ୍କୃତିର ଏକ ପ୍ରାଣକେନ୍ଦ୍ର।



**ଆଦିବାସୀ ସଂଗ୍ରହାଳୟ ଏକ ମ୍ୟୁଜିୟମ ନୁହେଁ ଏହା ଆଦିବାସୀଙ୍କ ଆତ୍ମା**

**ଛାତ୍ରଛାତ୍ରୀଙ୍କ ନୃତ୍ୟ ଦେଖି ମୋ ଆଖିରୁ ଆନନ୍ଦର ଅଶ୍ରୁ ଗଡ଼ି ଆସିଲା**







## ରାଜ୍ୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ମଧୁସୂଦନ ଶିକ୍ଷା ନିବାସର ସଫଳତା



**ରାଉରକେଲା, ୨୧।୪(ସମିସ):** ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟ ଭାରୋତ୍ତୋଳନ ଚାମ୍ପିଅନ୍‌ସିପ୍ - ୨୦୨୬ ପ୍ରଯୋଗିତାରେ ମଧୁସୂଦନ ଶିକ୍ଷା ନିବାସର ଛାତ୍ରୀ ସଫଳତା ଅର୍ଜନ କରିଛନ୍ତି। ସବ୍ ଜୁନିଅର ଗ୍ରୁପରେ ସ୍କୁଲର ଛାତ୍ରୀ ସ୍ୱାତୀ ଗୌଡ଼ ୪୭ କିଲୋଗ୍ରାମ ଭାରୋତ୍ତୋଳନ କରି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀ ଅନିଷା ଗୁପ୍ତା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଉଭୟ ଛାତ୍ରୀ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ମନୋନୀତ ହୋଇ ଉକ୍ତ ରାଜ୍ୟସ୍ତରୀୟ ଭାରୋତ୍ତଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ମଧୁସୂଦନ ଶିକ୍ଷା ନିବାସର ପ୍ରଧାନ ଶିକ୍ଷୟିତ୍ରୀ ଶୌଭାଗିନୀ ମୁଦାଲି ଏବଂ କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ପଲାଇ ଛାତ୍ରୀ ଦ୍ୱୟଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ ଯେ ରାଇମାର ଏନଆଇଏସ କୋଚ ବିକ୍ରମ ସ୍ୱାଇଁଙ୍କ ଅଧୀନରେ ଅଭ୍ୟାସ କରୁଥିଲେ।

## ଗ୍ୟାସ୍ ଅଭାବ; କାଠ ଚୁଲିକୁ ଫେରିଲେଣି ଲୋକେ



**ବଣାଇଁ, ୨୧।୪(ସମିସ):** ବଣାଇଁ ଉପଖଣ୍ଡରେ ଗତ କିଛିଦିନ ଧରି ଏଲପିଜି ଗ୍ୟାସ ଅଭାବ ଲୋକଙ୍କ ଦୈନନ୍ଦିନ ଜୀବନରେ ପ୍ରଭାବ ପକାଇଛି। ଗ୍ୟାସ ସିଲିଣ୍ଡର ଠିକ୍ ସମୟରେ ମିଳୁନଥିବାରୁ ଅନେକ ପରିବାର ପୁଣିଥରେ ପାରମ୍ପାରିକ କାଠ ଚୁଲି ଉପରେ ନିର୍ଭର କରୁଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଗ୍ୟାସ ଏଜେନ୍ସୀମାନଙ୍କ ପକ୍ଷରୁ ସମୟମତେ ଗୋଟେ ଗ୍ୟାସ ସିଲିଣ୍ଡର ୪୫ ଦିନରେ ଯୋଗାଣ ହେଉଥିବାରୁ ସମସ୍ୟା ଦିନକୁ ଦିନ ଗଭୀର ହେଉଛି। ଅନେକ ଲୋକ ପୂର୍ବରୁ ବୁକିଂ କରିଥିଲେ ମଧ ସପ୍ତାହ ପର୍ଯ୍ୟନ୍ତ ଗ୍ୟାସ୍ ପାଉନଥିବା ଅଭିଯୋଗ କରିଛନ୍ତି। କିଛି ସ୍ଥାନରେ ଲୋକମାନେ ଗ୍ୟାସ ପାଇଁ ଏଜେନ୍ସି ସାମ୍ନାରେ ଲମ୍ବା ଲାଇନରେ ଛିଡ଼ା ହେଉଛନ୍ତି। ଏହା ସହିତ, କାଠର ଚାହିଦା ବୃଦ୍ଧି ପାଇଥିବାବେଳେ ଅନିୟନ୍ତ୍ରିତ ଭାବେ କାଠ କଟା ହେଉଥିବାରୁ ପରିବେଶ ଉପରେ ମଧ ଖରାପ ପ୍ରଭାବ ପଡୁଛି। ଗ୍ୟାସ ସପ୍ଲାଇ ସୁନିଶ୍ଚିତ କରିବା ସହିତ ଅତିରିକ୍ତ ସିଲିଣ୍ଡର ଯୋଗାଣ ବ୍ୟବସ୍ଥା କରିବାକୁ ଦାବି ଜୋରଦାର ହେଉଛି।

## ଜାତୀୟ ଅଗ୍ନି ସେବା ସପ୍ତାହ ପାଳିତ

**ରାଉରକେଲା, ୨୧।୪(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ରେ ଜାତୀୟ ଅଗ୍ନି ସେବା ସପ୍ତାହ ପାଳିତ ହୋଇଯାଇଛି। ଆୟୋଜିତ ସମାରୋହରେ ଖଣି ଉନ୍ନୟନ, ସିଏଲଏମଓର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ମାଇନ୍ସ, ଓଜିଓଏମ, ସିଏଲଏମଓର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ଏସି ସରକାର, ଡ. ଜୟନ୍ତ ଆଚାର୍ଯ୍ୟଙ୍କ ସମେତ ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ହୀରାଲାଲ ମହାପାତ୍ର ମଞ୍ଚାସୀନ ଥିଲେ। ଶ୍ରୀ ଗିରି କହିଥିଲେ ଯେ ଅଗ୍ନି ଶକ୍ତି ଏବଂ ପବିତ୍ରତାର ପ୍ରତୀକ। ସମ୍ମାନିତ ଅତିଥିମାନେ ଇସ୍ପାତ ସହରାଞ୍ଚଳର ସ୍କୁଲ ପିଲାମାନଙ୍କ ପାଇଁ ସ୍ପଟ୍ ପେଣ୍ଟିଂ ଏବଂ ଫାୟାର ମକ୍ ଡ୍ରିଲ୍, ଅଗ୍ନିଶମ ସେବା ବିଭାଗ ପାଇଁ ସନ୍ତରଣ, ଆଥଲେଟିକ୍ସ, ଭଲି ବଲ୍, ଅଗ୍ନି ନିରାପତ୍ତା ଅନଲାଇନ୍ କୁଇଜ୍, ସ୍ଲୋଗାନ ଏବଂ ହାଉସ କିପିଙ୍ଗ ଭଳି କର୍ମଚାରୀମାନଙ୍କ ପାଇଁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ହୀରାଲାଲ ମହାପାତ୍ର ସମାବେଶକୁ ସ୍ୱାଗତ କରିବା ସହିତ ଅଗ୍ନିଶମ ସେବା ବିଭାଗର କାର୍ଯ୍ୟକଳାପ ଉପରେ ସଂକ୍ଷିପ୍ତ ବିବରଣୀ ଦେଇଥିଲେ। ପିଏସ୍ ଠାକରେ ଧନ୍ୟବାଦ ଅର୍ପଣ କରିଥିଲେ। ସାବାଜ ଆସିଫ ଠାକୋର, ପୁରସ୍କାର ବିତରଣ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଗ୍ନିଶମ ସେବା ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ମୋହିତ ସିଂହ ସଂଯୋଜନା କରିଥିଲେ।

## ଅଚିହ୍ନା ଯୁବକଙ୍କ ମୃତଦେହ ଉଦ୍ଧାର

**ଲହୁଣୀପଡ଼ା, ୨୧।୪(ସମିସ):** ଚାନ୍ଦିପୋଷ ଥାନା ଅଧୀନ ବିରତୋଳା ପୁରୁଣା ଭାଟି ନିକଟରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକଙ୍କ ମୁହଁରେ ଗଭୀର ମାଡ଼ ଚିହ୍ନ ଦେଖିବାକୁ ମିଳିଛି। ମୃତ ଯୁବକଙ୍କ ବାମ ହାତରେ ଝୁନୁ ଲେଖା ରହିଥିବା ପୁଲିସ କହିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଗତ କିଛିଦିନ ଧରି ଏହି ଅଞ୍ଚଳରେ ସମ୍ପୃକ୍ତ ଯୁବକ ବୁଲାବୁଲି କରୁଥିବା ଲୋକ ଦେଖିଥିବା କହିଛନ୍ତି। ସୋମବାର ସକାଳେ ଯୁବକଙ୍କ ମୃତଦେହ ବିରତୋଳା ପୁରୁଣା ଭାଟି ନିକଟରେ ପଡ଼ିଥିବା ଦେଖି ଚାନ୍ଦିପୋଷ ପୁଲିସକୁ ଖବର ଦେବାରୁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରି ରାଉରକେଲା ଆରଜିଏଚ୍‌ସ୍ଥିତ ମର୍ଗ ହାଉସରେ ରଖିଥିବା ଜଣାପଡ଼ିଛି।

## ଏଟିଏମ୍‌ରୁ ଟଙ୍କା ଚୋରି

**ରାଉରକେଲା, ୨୧।୪(ସମିସ):** ସହରର ଏକ ଏଟିଏମ୍‌ରୁ ଜଣେ ମହିଳାଙ୍କର ଅଭିନବ ଉପାୟରେ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ସିଭିଲ୍ ଟାଉନସିପ୍ ସ୍ଥିତ କାନାରା ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଜଣେ ମହିଳା ଯାଇଥିଲେ। ହେଲେ ଏଟିଏମ୍ କାର୍ଡ ମେସିନରେ ଫସି ଯାଇଥିଲା। ତେବେ ମହିଳା ସେଠାରୁ ପଳାଇ ଯାଇଥିଲେ। କିଛି ସମୟ ପରେ ଜଣେ ଯୁବକ ଆସି ପହଞ୍ଚି ଥିଲେ। ସେ ମେସିନ ଖୋଲି ଅଭିନବ ଉପାୟରେ ସମ୍ପୃକ୍ତ ମହିଳାଙ୍କ ଆକାଉଣ୍ଟରୁ ପ୍ରାୟ ୧୯ ହଜାର ଟଙ୍କା ଉଠାଇ ଫେରାର ହୋଇଯାଇଥିଲେ। ଆକାଉଣ୍ଟରୁ ଟଙ୍କା ଉଠାଣ ହୋଇଥିବା ନେଇ ମହିଳାଙ୍କ ଫୋନ ନମ୍ବରକୁ ମେସେଜ ଆସିବା ପରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ। ଦୁର୍ବୃତ୍ତଙ୍କ ସବୁ କାରନାମା ସିସିଟିଭିରେ କଏଦ ହୋଇଛି। ପୁଲିସ ଫୁଟେଜ ଆଧାରରେ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, କିଛିବର୍ଷ ପୂର୍ବେ ଏକ ଗ୍ୟାଙ୍ଗ ଏଭଳି ଅଭିନବ ଟଙ୍କା ଚୋରି କରିବାର ଘଟଣା ସାମ୍ନାକୁ ଆସିଥିଲା। ଦୁର୍ବୃତ୍ତ ମାନେ ଏଟିଏମରେ କିଛି କାଗଜ ପୁରାଇ ଟଙ୍କା ଚୋରି କରୁଥିବା ସହ ସାହାଯ୍ୟ ନାଁରେ ଟଙ୍କା ଚୋରି କରିବାରେ ଲାଗି ପଡ଼ିଥିଲେ। ତେବେ ଏଭଳି ଅଭିନବ ଚୋରିର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପୁଲିସ ଘଟଣାର ଅଧିକ ତଦନ୍ତ କଲେ ବଡ଼ ସଫଳତା ମିଳିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଯୁବକଙ୍କ ମୃତଦେହ ଉଦ୍ଧାର

**କୁତ୍ରା, ୨୧।୪(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅଧୀନ ଚୁନିପଡ଼ା କିନାଲି ଟୁଙ୍ଗରି ଅଞ୍ଚଳର ଏକ ମହୁଲଗଛ ମୂଳରେ ଯୁବକଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ମୃତକ ଜଣକ ହେଉଛନ୍ତି କୁତ୍ରା ଗ୍ରାମର ଜଗମୋହନ ଟପ୍ପୋଙ୍କ ୨୫ ବର୍ଷୀୟ ପୁଅ ସୁମିତ ଟପ୍ପୋ। ଗତକାଲି ରାତିରେ ଅଞ୍ଚଳରେ ବଜ୍ରପାତ ସହ ବର୍ଷା ହୋଇଥିବାରୁ ବଜ୍ରାଘାତରେ ସୁମିତଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ ପ୍ରକାଶ କରି ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ମୃତଦେହର ମୁଣ୍ଡରେ ଆଘାତ ଚିହ୍ନ ଥିବା ସହ ରକ୍ତ ବାହାରିଥିବା ଦେଖାଯାଇଛି। ସେଥିସହିତ ତାଙ୍କ ସାର୍ଟ ଓ ଜୋତା ଖୋଲା ଅବସ୍ଥାରେ ପଡ଼ିଥିଲା ଏବଂ ମୋବାଇଲ ଫୋନ୍‌ଟି ଭାଙ୍ଗି ଘଟଣାସ୍ଥଳରେ ମିଳିଥିଲା। ଏହି ସବୁ ପରିସ୍ଥିତି ଦେଖି ସ୍ଥାନୀୟ ଲୋକମାନେ ଏହାକୁ ହତ୍ୟା ଘଟଣା ବୋଲି ସନ୍ଦେହ କରୁଥିଲେ। କୁତ୍ରା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୁଲିସ କହିଛି ଯେ ପ୍ରାଥମିକ ତଦନ୍ତରୁ ବଜ୍ରପାତରେ ମୃତ୍ୟୁ ଘଟିଥିବା ଜଣାପଡୁଛି। ଏପରିକି ସାଇଣ୍ଟିଫିକ୍ ଟିମ୍ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଏବେ କୁତ୍ରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ରାଜ୍ୟସ୍ତରୀୟ ଭଲିବଲ ଖେଳାଳିଙ୍କ ଅକାଳ ବିୟୋଗ

**ରାଉରକେଲା, ୨୧।୪(ସମିସ):** କୁତ୍ରା ଅଞ୍ଚଳରେ ରହୁଥିବା ରାଜ୍ୟ ସ୍ତରୀୟ ଭଲିବଲ ଖେଳାଳି ସୁମିତ କିଷାନ(୨୩)ଙ୍କ ବଜ୍ରପାତରେ ସୋମବାର ରାତିରେ ଅକାଳ ବିୟୋଗ ଘଟିଛି। ମଙ୍ଗଳବାର



ସନ୍ଧ୍ୟାରେ ସେକ୍ଟର -୯ ସ୍ପୋର୍ଟ୍ସ କ୍ଲବ ତରଫରୁ ଏକ ଶୋକ ସଭା ଆୟୋଜନ କରାଯାଇଥିଲା। ଏହି ଶୋକ ସଭାରେ ସେକ୍ଟର -୯ ର ସମସ୍ତ ଖେଳାଳି ଉପସ୍ଥିତ ରହି ସ୍ୱର୍ଗତ ସୁମିତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେକ୍ଟର -୯ କ୍ଲବର ସଭାପତି ମାନସ ଦାସ ଓ ସୁଶୀଲ ବେହେରା ତାଙ୍କର ସ୍ମୃତିଚାରଣ କରିଥିଲେ। ସେ ଏକ ଶାନ୍ତ ଶିଷ୍ଟ ଖେଳାଳି ଥିଲେ, ସେ ସୁନ୍ଦରଗଡ଼ ଜିଲ୍ଲା ତରଫରୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରତିନିଧିତ୍ୱ କରିଛନ୍ତି ବୋଲି ସେମାନେ କହିଥିଲେ। ଏହି ଅବସରରେ ଏହି ଶୋକ ସଭାରେ ଅକ୍ଷୟ, ମୃତ୍ୟୁଞ୍ଜୟ, ଉମାକାନ୍ତ, ଗଣେଶ୍ୱର, ବିନୟ, ସାଙ୍କି, ପିତାମ୍ବର, ସୌମ୍ୟ, ଶୁଭମ, ଶିବାଶିଷ, ସାଣ୍ଡି, ଗୋଲଡି, ମନୋଜ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ସ୍ୱସ୍ତି ଝଙ୍କାରର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

# 'ବିଦ୍ରୋହ ନିଜ ବିରୁଦ୍ଧରେ' ମଞ୍ଚସ୍ଥ

**ରାଉରକେଲା, ୨୧।୪(ସମିସ)**




ସ୍ୱସ୍ତି ଝଙ୍କାର ଆୟୋଜିତ ରାଜ୍ୟ ସ୍ତରୀୟ ନାଟ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆଜି ବିଦ୍ରୋହ ନିଜ ବିରୁଦ୍ଧରେ ନାଟକ ମଞ୍ଚସ୍ଥ ହୋଇଯାଇଛି। ସ୍ଥାନୀୟ ସିଭିକସେଣ୍ଟର୍‌ଠାରେ ଭୁବନେଶ୍ୱରର ବାଗଦେବୀ ଲିଟରାରୀ ଟ୍ରଷ୍ଟ ପକ୍ଷରୁ ପରିବେଷିତ ଏହି ନାଟକଟିକୁ ଗଦାଧର ନନ୍ଦ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ପବିତ୍ର ମହାନ୍ତି। ସଙ୍ଗୀତ ନିର୍ଦ୍ଦେଶନା ପ୍ରତାପ ରାଉତ ଦେଇଥିବା ବେଳେ ବିକାଶ ପ୍ରଧାନ ଆଲୋକ ସଜ୍ଜା କରିଥିଲେ। ସେହିପରି ତ୍ରିମୂର୍ତ୍ତି ମଞ୍ଚ ସଜ୍ଜା କରିଥିବାବେଳେ ରୂପସଜ୍ଜା କରିଥିଲେ ମାମା ଚିତ୍ରାଳୟ। ଆଜିର ଉତ୍ସବକୁ ଡ.ସତ୍ୟ ମିଶ୍ର ଉଦ୍‌ଘାଟନ କରିଥିଲେ। ଉପସଭାପତି ଶଙ୍କର ତ୍ରିପାଠୀ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟ ଦର୍ଶକ ଭାବେ ବିନୋଦିନୀ ରଥ ଓ ସମ୍ମାନିତ ଦର୍ଶକ ଭାବେ ସୁନୀଲ କାୟାଲ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଉପଦେଷ୍ଟା ସୁମନ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ପ୍ରବୀର ଜେନା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜୟ ପାତ୍ର, ଆଲୋକ ବୋଷ, ପ୍ରଳୟ ଶତପଥୀ, କଲ୍ୟାଣୀ ଦାସ, ରୁନୁ ବେକ, ସନ୍ଧ୍ୟା ପଟ୍ଟନାୟକ, ନିରୁପମା ପତି ପ୍ରମୁଖ ସହଯୋଗ କରିଥିଲେ। ଆଜି ମଞ୍ଚସ୍ଥ ନାଟକର ନିର୍ଦ୍ଦେଶକ ପବିତ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନାଟକର ବିଭିନ୍ନ ଭୂମିକାରେ ପବିତ୍ର ମହାନ୍ତି, ମମତା ତ୍ରିପାଠୀ, ମାନୁ ପଟ୍ଟନାୟକ, ସୁନୀଲ ପଟ୍ଟନାୟକ, ଯାମିନୀ କାନ୍ତ ମିଶ୍ର, ଦେବେନ୍ଦ୍ର ସୁନ୍ଦର ରାୟ, କୃଷ୍ଣଚନ୍ଦ୍ର ମିଶ୍ର, ରାମ କୃଷ୍ଣ ନାୟକ ଓ ସ୍ୱସ୍ତିକ ଦାସ ପ୍ରମୁଖ ସୁନ୍ଦର ଅଭିନୟ କରିଥିଲେ।

# ଝାରସୁଗୁଡ଼ା ବିମାନ ବନ୍ଦରରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ



ଝାରସୁଗୁଡ଼ା,୨୧।୪(ସମିସ): ଓଡ଼ିଶା ଗସ୍ତ ଅବସରରେ ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଝାରସୁଗୁଡ଼ା ବୀର ୁରେନ୍ଦ୍ର ସାଏ ବିମାନ ବନ୍ଦରରେ ପହଞ୍ଚିଥିଲେ। ବିମାନ ବନ୍ଦରରେ ଅବତରଣ କରିବା ପରେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିମାନ ବନ୍ଦରରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜ, ଏନ୍‌ସିସି ଗ୍ରୁପ କମାଣ୍ଡର କର୍ଣ୍ଣେଲ ପ୍ରସାଦ କଦମ ଏବଂ ଏନ୍‌ସିସି ଏୟାରୱିଙ୍ଗର କମାଣ୍ଡିଂ ଅଫିସର ୱିଙ୍ଗ କମାଣ୍ଡର ତାପସ ଓଝା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧିକ୍ଷକ ଜି. ଆର. ରାଘବେନ୍ଦ୍ର ମାନ୍ୟବର ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ସହ ସମସ୍ତ ପ୍ରଶାସନିକ ବ୍ୟବସ୍ଥା ଓ ସୁରକ୍ଷା ଦାୟିତ୍ୱ ତଦାରଖ କରିଥିଲେ।

**ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକଲେ ରାଜସ୍ୱ ମନ୍ତ୍ରୀ**

# ଧାର୍ଯ୍ୟ ସମୟରେ କାମ ନ ସାରିଲେ କାର୍ଯ୍ୟାଦେଶ ରଦ୍ଦ ନିର୍ଦ୍ଦେଶ

ଝାରସୁଗୁଡ଼ା,୨୧।୪(ସମିସ)



ବେଲପାହାଡ଼ ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି। ୨୦୨୪-୨୫,୨୦୨୫-୨୬ ଆର୍ଥିକ ବର୍ଷରେ ଆରମ୍ଭ ହୋଇ ପାରି ନ ଥିବା କାର୍ଯ୍ୟ ସବୁର ପୂର୍ବ କାର୍ଯ୍ୟାଦେଶ ବାତିଲ୍ କରି ନୂଆଟେଣ୍ଡର୍ ଆହ୍ୱାନ କରି ୨୦୨୬-୨୭ ବର୍ଷର ବଜେଟରୁ ଅର୍ଥବ୍ୟୟ ବ୍ୟବସ୍ଥା କରି ଯଥାଶୀଘ୍ର କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଭିନ୍ନ କାରଣରୁ ଅବହେଳା କରି କାମ ସାରି ନଥିବା ସଂସ୍ଥା ଅଥବା ଠିକାଦାରମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଆବଶ୍ୟକସ୍ଥଳେ କାର୍ଯ୍ୟାଦେଶ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବ୍‌ଶୀଘ୍ର ଗୃହ ଏବଂ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ କମିଟି ବେଲପାହାଡ଼ ପୌରାଞ୍ଚଳ ଗସ୍ତ କରି ଅଟକି ଥିବା ବିଭିନ୍ନ ପ୍ରକଳ୍ପ ସବୁର ସମୀକ୍ଷା କରି ସେ ସମ୍ପର୍କିତ ସମସ୍ୟାସବୁ ବାବଦରେ ଅବଗତ ହେବା ସହ ତୁରନ୍ତ ସମାଧାନ ସହ ପ୍ରକଳ୍ପ କାର୍ଯ୍ୟ ସୁନିଶ୍ଚିତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବଡ଼ ପ୍ରକଳ୍ପ ମଧ୍ୟରେ ମାର୍କେଟ୍ କମ୍ପ୍ଲେକ୍ସ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଞ୍ଚଳ ବାସହୀନ ଲୋକଙ୍କ ପାଇଁ ଆଶ୍ରୟସ୍ଥଳୀ, ଗେଷ୍ଟ୍ ହାଉସ୍, ଶନିବାରିଆ ବଜାର୍, ପାଥ୍ ୱେ ଆଦିର ସ୍ଥିତି ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା। ଆଗାମୀ ଛ ମାସ ଭିତରେ ସମସ୍ତ ପ୍ରକଳ୍ପ ସମାପ୍ତ କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ଏହି ପରିପ୍ରେକ୍ଷୀରେ ଟେଣ୍ଡର୍ ସମୟରୁ ହିଁ ପୂର୍ବରୁ କାର୍ଯ୍ୟ ଯୋଜନା ବା ୱାର୍କ୍ ପ୍ଲାନ୍ ନିର୍ଦ୍ଧାରଣ କରି ତଦନୁସାରେ ନିର୍ଦ୍ଦିଷ୍ଟ ଦିନ ସୁଦ୍ଧା ନିର୍ଦ୍ଧାରିତ କାମ କରିବାକୁ ଠିକାଦାରମାନଙ୍କୁ ତାଗିଦ୍ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଝାରସୁଗୁଡ଼ା ଅଞ୍ଚଳରେ ଫ୍ଲାଏ ଆଶ୍ ପକାଉଥିବା ଟ୍ରକମାନଙ୍କୁ ତାଗିଦ୍ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଏସପି ଏବଂ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଆରମ୍ଭ ହୋଇ ନ ଥିବା ପ୍ରକଳ୍ପର କାର୍ଯ୍ୟାଦେଶ ବାତିଲ

ବେଲପାହାଡ଼ ପୌରାଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସେସବୁର ସମାଧାନ ପାଇଁ ମନ୍ତ୍ରୀ ବୈଠକରେ ଆଲୋଚନା କରିଥିଲେ। ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତାବିତ ପ୍ରକଳ୍ପ ସବୁକୁ ତ୍ୱରାନ୍ୱିତ କରିବା ସହ ସେଥିନିମନ୍ତେ ବ୍ୟୟ ହେବାକୁଥିବା ପାଣ୍ଠିର ଶତପ୍ରତିଶତ ସଦୁପଯୋଗ କରିବାଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ବେଲପାହାଡ଼ ପୌରପାଳିକାର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ସହକାରୀ ଯନ୍ତ୍ରୀ, ଅନ୍ୟାନ୍ୟ ଜନପ୍ରତିନିଧି ତଥା ଅଧିକାରୀମାନେ ଉପସ୍ଥିତ ଥିଲେ।

**ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ବେଖାତିର**

# ଗ୍ରାମବାସୀଙ୍କ ଆନ୍ଦୋଳନ, ନିରବ ପ୍ରଶାସନ



ଝାରସୁଗୁଡ଼ା,୨୧।୪(ସମିସ): ଝାରସୁଗୁଡ଼ା ଜିଲ୍ଲାର ଜୀବନରେଖା କୁହାଯାଉଥିବା ଇବ୍ ଓ ଭେଡେନ ନଦୀରୁ ଏସଏମସି ପାୱାର ଜେନେରେସନ କମ୍ପାନୀର ବେଆଇନ ଜଳ ଉତ୍ତୋଳନକୁ ନେଇ ଜନଅସନ୍ତୋଷ ଚରମ ସୀମାରେ ପହଞ୍ଚିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ କମ୍ପାନୀକୁ ଅଣ-ମୌସୁମୀ ସମୟରେ ନଦୀରୁ ପାଣି ନଉଠାଇବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ ହେଁ, ଜିଲ୍ଲା ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଏହାକୁ ବେଖାତିର କରୁଥିବା ଅଭିଯୋଗ ହୋଇଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ୪୫ ଡିଗ୍ରୀ ତାପମାତ୍ରା ସତ୍ତ୍ୱେ ହିର୍ମା, ବଡ଼ମାଲ, ଜମେରା ଓ ମରାକୁଟା ପଞ୍ଚାୟତର ଶତାଧିକ ଗ୍ରାମବାସୀ ସୋମବାର ଦିନ ରାତି ଓ ମଙ୍ଗଳବାର କମ୍ପାନୀର ପମ୍ପ ହାଉସ ସମ୍ମୁଖରେ ଧାରଣା ଜାରି ରଖିଛନ୍ତି। ନଦୀର ଜଳସ୍ତର ହ୍ରାସ ପାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ପାନୀୟ ଜଳର ଉତ୍କଟ ସମସ୍ୟା ଦେଖାଦେଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ନଦୀ ପାଣି ଶୁଖିଯିବା ଫଳରେ ଗୃହପାଳିତ ପଶୁପକ୍ଷୀ ଓ ସାଧାରଣ ଲୋକଙ୍କ ଜୀବନଯାପନ ଦୁର୍ବିସହ ହୋଇପଡ଼ିଛି। ଧାରଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ଅଭିଯୋଗ ହୋଇଛି ଯେ, ପୁଲିସ ପ୍ରଶାସନ ଆନ୍ଦୋଳନକାରୀଙ୍କୁ ହଟାଇବା ପାଇଁ ଚାପ ପକାଉଛି। ପୁଲିସ ଅଧିକାରୀମାନେ କମ୍ପାନୀ ପାଖରେ ପାଣି ଉଠାଇବା ପାଇଁ ସରକାରୀ ଅନୁମତି ଥିବା ଦାବି କରୁଥିବା ବେଳେ ଗ୍ରାମବାସୀ ସେହି ଅନୁମତି ପତ୍ର ଦେଖାଇବାକୁ ଜିଦ୍ ଧରିଛନ୍ତି। ଅନ୍ୟପଟେ ଝାରସୁଗୁଡ଼ା ଉପଜିଲ୍ଲାପାଳ କହିଛନ୍ତି ଯେ, ଜଳସେଚନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ସରିଛି ଏବଂ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଯେ, ୨୦୨୦ରୁ ଜଳସମ୍ପଦ ବିଭାଗ କମ୍ପାନୀକୁ ଅଣ-ମୌସୁମୀ ସମୟରେ ନଦୀରୁ ପାଣି ଉଠାଇବାକୁ ବାରଣ କରିଛି। ସେହିପରି ମୁଖ୍ୟମନ୍ତ୍ରୀ ମଧ୍ୟ ଗତ ୨୦୨୫ ମସିହା ମାର୍ଚ୍ଚ ୧୩ ତାରିଖ ଦିନ ବିଧାନସଭାରେ ଏସ୍‌ଏମ୍‌ସି କମ୍ପାନୀ ବେଆଇନ ଭାବେ ଅଣ ମୌସୁମୀ ସମୟରେ ପାଣି ଉଠାଇଲେ ଜରିମାନା ଓ ଆଇନଗତ କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଇଛନ୍ତି। ଏହା ସତ୍ତ୍ୱେ କମ୍ପାନୀ କର୍ତ୍ତୃପକ୍ଷ ନିୟମକୁ ଫୁଁ' କରି ଉଡ଼ାଇ ଦେଉଛନ୍ତି। ଜିଲ୍ଲା ପ୍ରଶାସନକୁ ଗ୍ରାମବାସୀ ବାରମ୍ବାର ଦାବିକଲେ ମଧ୍ୟ କମ୍ପାନୀ ଓ ଗ୍ରାମବାସୀଙ୍କ ବୈଠକ କରାଉନାହିଁ କି ସମସ୍ୟା ର ସମାଧାନ ନ କରି ନିରବ ଦ୍ରଷ୍ଟା ସାଜିଛି। ଯଦି ଜିଲ୍ଲା ପ୍ରଶାସନ ଏହି ସମସ୍ୟାର ସମାଧାନ ତୁରନ୍ତ ନକରେ ଏବଂ ବେଆଇନ ଜଳ ଉତ୍ତୋଳନ ବନ୍ଦ ନହୁଏ, ତେବେ ଆଗାମୀ ଦିନରେ ଏକ ବଡ଼ ଧରଣର ଗଣ-ଆନ୍ଦୋଳନ ହେବବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆଇନ ସଚେତନତା



ଝାରସୁଗୁଡ଼ା,୨୧।୪(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣ ଝାରସୁଗୁଡ଼ା ପକ୍ଷରୁ ନାଲସା (ମାନସିକ ଅସୁସ୍ଥତା ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତିମାନଙ୍କୁ ଆଇନଗତ ସେବା) ଯୋଜନା, ୨୦୨୪ ଏବଂ ନାଲସାର ମାନବ-ବନ୍ୟଜୀବନ ସଂଘର୍ଷର ପୀଡ଼ିତଙ୍କ ନ୍ୟାୟ ପାଇଁ ଯୋଜନା-୨୦୨୫ ସମ୍ପର୍କିତ ଏକ ଆଇନ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ କିର୍ମିରା ବ୍ଲକ୍ ଅଧୀନ ସୁଲାହି ପଞ୍ଚାୟତର ସୁଲାହି ଗ୍ରାମ ଠାରେ ଅନୁଷ୍ଠିତ ହୋଇଯାଇଛି।

ଏହି ସଚେତନତା କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ(ଜନ ଉପଯୋଗୀ ସେବା) ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ମାନସିକ ସ୍ୱାସ୍ଥ୍ୟ ଏବଂ ବୌଦ୍ଧିକ ଅକ୍ଷମତା ଥିବା ବ୍ୟକ୍ତି ମାନଙ୍କ ପାଇଁ ଥିବା ଆଇନ୍‌ରେ ଥିବା ବ୍ୟବସ୍ଥା, ମଣିଷ ଓ ବନ୍ୟଜନ୍ତୁ ସଂଘର୍ଷରେ ପୀଡ଼ିତଙ୍କ ପାଇଁ କ୍ଷତିପୂରଣ ଇତ୍ୟାଦି ବିଷୟ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଗଡିହି ଫରେଷ୍ଟର ମୁରାରି ପ୍ରସାଦ ସାହୁ ଏବଂ ସୁଲାହି ପଞ୍ଚାୟତ ସରପଞ୍ଚ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଇନ୍ ସେବା ପ୍ରାଧିକରଣର ପ୍ୟାନେଲ ଓକିଲ, ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଓ ସ୍ଥାନୀୟ ଜନ ସାଧାରଣମାନେ ଉପସ୍ଥିତ ଥିଲେ। ସବିଶେଷ ସୂଚନା ପାଇଁ ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ କିମ୍ବା ସମ୍ମୁଖ କାର୍ଯ୍ୟାଳୟର ନମ୍ବର ୦୬୬୪୫-୨୭୩୪୭୦ ରେ ଯୋଗାଯୋଗ କରିପାରିବେ ବୋଲି ପ୍ରାଧିକରଣ ସଚିବ ସୂଚନା ପ୍ରଦାନ କରିଥିଲେ।

# ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଦେବଗଡ଼,୨୧।୪(ସମିସ): ବାରକୋଟ ଥାନା ଜରିଚାଖୁଣ୍ଟାପାଳ ଗ୍ରାମରେ ଏକ କୋଠରୀରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି।ତେବେ ମହିଳାଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପିତା ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୧୮ ବର୍ଷ ପୂର୍ବେ ଜରିଚାଖୁଣ୍ଟାପାଳ ଗ୍ରାମର କୁମୁଦ ପ୍ରଧାନ(କୁନା) ରିଆମାଳ ଥାନାଞ୍ଚଳର ଗଣେଶ୍ୱର ବଣିଚୂଳଙ୍କ ଝିଅ ମମତାଙ୍କୁ ବିବାହ କରିଥିଲେ। ତେବେ ଘରର ଏକ କୋଠରୀରେ ମମତା(୩୮) ଙ୍କ ମୃତଦେହ ଝୁଲୁଥିବା ଏବଂ ମମତା ଗତକାଲି ରାତ୍ରିରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଥିବା ଆଜି ସକାଳେ ତାଙ୍କ ସ୍ୱାମୀ କୁମୁଦ ବାରକୋଟ ଥାନା ପୁଲିସକୁ ସୂଚନା ଦେଇଥିଲେ। ସୂଚନାପାଇ ବାରକୋଟ ଥାନା ପୁଲିସ ମମତାଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମମତାଙ୍କ ପିତା ବାରକୋଟ ଥାନାରେ ପହଞ୍ଚି ତାଙ୍କ ଝିଅକୁ ସ୍ୱାମୀ କୁମୁଦ ଓ ତାଙ୍କ ପରିବାର ଲୋକେ ବିଭିନ୍ନ ସମୟରେ ନିର୍ଯାତନା ଦେଇ ଆସୁଥିଲେ ଓ ସେମାନେ ମମତାଙ୍କୁ ହତ୍ୟା କରିଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରକୋଟ ଥାନା ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଶବବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟହେବ ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଡ଼ାଇ ପ୍ରକାଶ କରିଛନ୍ତି।

# ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଦେବଗଡ଼,୨୧।୪(ସମିସ): ଦେବଗଡ଼ ଜିଲ୍ଲା କୁଣ୍ଡେଇଗୋଲା ଥାନା ଅଧୀନ ପଳସମା ରଜାକଟା ପୋଖରୀ ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଅନୁଗୁଳ ଜିଲ୍ଲା ବାଗଡିଆ ଥାନା ଶିମିଳିପାଳ ଗ୍ରାମର ମାନସ ରଞ୍ଜନ ସାହୁ(୨୬) ବୋଲି ଜଣାପଡ଼ିଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମାନସ ତାଙ୍କର ଶାଳୀଙ୍କ ବିବାହ ଉତ୍ସବରେ ଯୋଗଦାନ ପାଇଁ ପଳସମା ଗ୍ରାମକୁ ଆସିଥିଲେ। ଆଜି ଅପରାହ୍ନ ପ୍ରାୟ ୪ଟା ସମୟରେ ସେ ଏକ ବାଇକ୍ ଯାଉଥିବା ବେଳେ ପଳସମା ରଜାକଟା ପୋଖରୀ ନିକଟରେ ହଠାତ ଦୁର୍ଘଟଣାର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଛେଣ୍ଡିପଦା ଡାକ୍ତରଖାନାକୁ ନିଆଯାଇଥିଲା ଓ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାନସଙ୍କ ଭାଇ ମନୋଜ ସାହୁ କୁଣ୍ଡେଇଗୋଲା ଥାନାରେ ଲିଖିତ ଅଭିଯୋଗ କରିବାସହ କୌଣସି ଏକ ଅଜଣା ଗାଡି ଧକ୍କା ଦେବାରୁ ମାନସଙ୍କ ମୃତ୍ୟୁ ଘଟିଥିବା ଦର୍ଶାଇଥିଲେ। ଅଭିଯୋଗ ଅଧାରରେ କୁଣ୍ଡେଇଗୋଲା ଥାନା ପୁଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିବାସହ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରିଛି।

**ଚାଷୀଙ୍କ ଧାରଣା ୪୫ଦିନ ପରେ ବି ସରକାର ନୀରବ**

# ଧାରଣାସ୍ଥଳରେ ପହଞ୍ଚି ଗର୍ଜିଲେ ସ୍ନେହାଙ୍ଗିନୀ



ବରଗଡ଼,୨୧। ୪(ସମିସ):ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଚାଷୀଙ୍କୁ ଭେଟିଲେ ବିଜେଡି ସଭାନେତ୍ରୀ ତଥା ପୂର୍ବତନ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ। ମଙ୍ଗଳବାର ଚାଷୀଙ୍କ ଧାରଣା ସ୍ଥଳରେ ପହଞ୍ଚି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସରକାର ବିରୋଧରେ ଗର୍ଜିଛନ୍ତି। ସୋମବାର ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବରଗଡ଼ ଗସ୍ତ କରି ଅତାବିରାରେ ମୁଠି ଛିଆ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ବେଳେ ବରଗଡ଼ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଦୀର୍ଘ ୪୫ ଦିନ ଧରି ଧାରଣାରେ ବସିଥିବା ଚାଷୀଙ୍କ ପାଖକୁ ଆସିଲେ ନାହିଁ ବୋଲି ଜଣାଇଥିଲେ। ଏହାସହ ଶ୍ରୀ ସାମଲ ଚାଷୀଙ୍କୁ ଉପହାସ କରିଛନ୍ତି ବୋଲି ମହିଳାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପ୍ରତିକ୍ରିୟା ରଖିଛନ୍ତି।

**'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'**

# ୩୮ ଯୋଡ଼ି ଦମ୍ପତିଙ୍କ ସାମୂହିକ ବିବାହ

ଦେବଗଡ଼,୨୧।୪(ସମିସ)



ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପାଇଁ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ରେ ଆଜି ରାଜ୍ୟର ୨୭ ଜିଲ୍ଲାରେ ୧୦୦୦ ଊର୍ଦ୍ଧ୍ୱ ବର-କନ୍ୟାଙ୍କ ବିବାହ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ଦେବଗଡ଼ ଜିଲ୍ଲାରେ ୩୮ କନ୍ୟାଙ୍କ ବିବାହ ଜିଲ୍ଲା ପ୍ରଶାସନ ସହାୟତାରେ ସମ୍ପନ୍ନ ହୋଇଯାଇଛି। ୩୪ ଟି ବିବାହ ମଣ୍ଡପରେ ୪୦ ବ୍ରାହ୍ମଣଙ୍କ ବୈଦିକ ମନ୍ତ୍ରୋଚାରଣ ମଧ୍ୟରେ ବୈଦିକ ରୀତିରେ ବିବାହ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ସେହିପରି ୪ଯୋଡ଼ା ଖ୍ରୀଷ୍ଟିଆନ ଦମ୍ପତିଙ୍କ ବିବାହ ଖ୍ରୀଷ୍ଟ ଧର୍ମ ରୀତିନୀତି ଅନୁଯାଇ ସମ୍ପନ୍ନ କରାଯାଇଥିଲା। ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମରେ ଆୟୋଜିତ ଗଣ ବିବାହ କାର୍ଯ୍ୟକ୍ରମରେ ଅତିଥିଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା, ଏସ୍‌ପି ଅନୀଲ କୁମାର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ମିଞ୍ଜ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌର ଅଧ୍ୟକ୍ଷ ପ୍ରଜିତ ଭୋଜ, ରାଜ୍ୟ ସରପଞ୍ଚ ସଙ୍ଘ ସଭାପତି ସତ୍ୟନାରାୟଣ ପାଣି, ଜିଲ୍ଲା ପରିଷଦ ସଦସ୍ୟା ଗୀତାଞ୍ଜଳି ପାଣି, ରିଆମାଳ ବ୍ଲକ୍ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ବାରକୋଟ ବ୍ଲକ୍ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ତିଳେଇବଣି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସିକ ସନ୍ଧ୍ୟା ମାଝୀ, ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ବାରକୋଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ବରିହା, ରିଆମାଳ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ତିଳେଇବଣି ବ୍ଲକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦାର୍ଶିନି ମିର୍ଦ୍ଧା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି କନ୍ୟାଦାନ କରିବା ସହ ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ନବଦମ୍ପତିଙ୍କୁ ବିବାହ ସହାୟତା ରାଶିର ସାଂକେତିକ ଚେକ ଓ ବିବାହ ସାର୍ଟିଫିକେଟ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ପଞ୍ଜିକୃତ ଦମ୍ପତିଙ୍କ ସମ୍ପୂର୍ଣ୍ଣ ବିବାହ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଉଥିବାବେଳେ ପ୍ରତ୍ୟକ ବିବାହ ପାଇଁ ସରକାରଙ୍କ ପକ୍ଷରୁ ୬୦ହଜାର ଆର୍ଥିକ ସହାୟତା ପ୍ରଦାନ କରାଯାଉଥିବା ନେଇ ଜିଲ୍ଲାପାଳ ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# ଭିନ୍ନ ଜଣେ କଳାର ପୂଜାରୀ ରତ୍ନାକର ଦୀପ

ପଦ୍ମପୁର,୨୧।୪(ସମିସ): ପଶ୍ଚିମ ଓଡିଶାର ଲୋକକଳାର ବିଭିଦତା ଓ ବିଭବତାକୁ ନେଇ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଭିନ୍ନ ଏକ ପରିଚୟ ସୃଷ୍ଟି କରିଛି। ଦ୍ୱିତୀୟତଃ ଲୋକକଳା ଅଛି ବୋଲି ମଞ୍ଚ କଳା ବିକଶିତ ହୋଇ ପାରୁଛି; କିନ୍ତୁ ଏହା ପଛରେ ଲୁଚି ଥିବା ଲୋକ କଳା ଓ ଲୋକ କଳାକାରଙ୍କ ଜୀବନ ଯନ୍ତ୍ରଣାର ଅନେକ ପ୍ରସଙ୍ଗ ରହିଛି। ଏମିତି ଜଣେ ଶିଳ୍ପୀ ହେଲେ ଗାଇସିଲେଟ ବ୍ଲକ ଶରଧାପାଲିର ରତ୍ନାକର ଦୀପ। ବୟସ ପ୍ରାୟ ୮୦ ହେବ। ସେ ଜଣେ ଭିନ୍ନ କଳାକାର। ତାଙ୍କ ବିନା ଲୋକ କଳାକାର ତା' କଳାକୁ ଲୋକ ଲୋଚନକୁ ଆଣି ପାରେନାହିଁ। ମୁଖ୍ୟତଃ ମୃଦଙ୍ଗ ନିର୍ମାଣରେ ସେ ସିଦ୍ଧହସ୍ତ। ତା ସହ ସେ ଢୋଲ, ନିଶାନ, ତସା, ମାଦଳ ଆଦି ସେ ନିର୍ମାଣ କରିଥାନ୍ତି। ବାଦ୍ୟ କଳାକାରରେ ମଧ୍ୟ ସେ ଓସ୍ତାଦ। ସେ ଅନବରତ ବାଦ୍ୟ ଯନ୍ତ୍ର ଗଢି ତୋଳୁଛନ୍ତି। ବାଦ୍ୟ ଯନ୍ତ୍ର ନିର୍ମାଣ କରି କେବଳ ଜୀବନ ବଞ୍ଚିଛି। ତାଙ୍କ ଉପରେ ପାଞ୍ଚ ପ୍ରାଣୀ ନିର୍ଭରଶୀଳ। ଅସୁସ୍ଥ ହେଲେ ଚିକିତ୍ସା ପାଇଁ ସମ୍ବଳ ନାହିଁ। ତେବେ ଅନେକ ଥର ସେ ଭତ୍ତା ପାଇଁ ଆବେଦନ କରିଛନ୍ତି; ହେଲେ କେବଳ ପ୍ରତିଶ୍ରୁତି ମିଳିଛି। ଅନେକ ଚେଷ୍ଟା କରି ପରିବାର ସଦସ୍ୟଙ୍କ ସହଯୋଗରେ ନିଜର କୌଳିକ ବୃତ୍ତିକୁ ବଞ୍ଚେଇଛ ରଖିଛନ୍ତି। ବାଦ୍ୟ କଳାକାରଙ୍କୁ ସମସ୍ତେ ଚିହ୍ନନ୍ତି; କିନ୍ତୁ ବାଦ୍ୟ ନିର୍ମାଣ କରୁଥିବା ଲୋକଙ୍କୁ କେହି ଚିହ୍ନନ୍ତି ନାହିଁ। ଯଦି ଏହିଭଳି ଶିଳ୍ପୀ ବାଦ୍ୟଯନ୍ତ୍ର ନିର୍ମାଣ କାମ ବନ୍ଦ କରିଦିଏ ତେବେ ବାଦ୍ୟ କଳାକାରଙ୍କ ଅବସ୍ଥା କ'ଣ ହେବ ସହଜେ ଅନୁମେୟ।



- ବାଦ୍ୟଯନ୍ତ୍ର ନିର୍ମାଣ କରୁଥିବା କଳାକାରକୁ ବା କିଏ ଚିହ୍ନେ
- ବାରମ୍ବାର ଭତ୍ତା ପାଇଁ ଆବେଦନ କରି ନିରାଶ
- କେବଳ ପ୍ରତିଶ୍ରୁତି ଦିଅନ୍ତି ସରକାରୀ ବାବୁ

## କୁନ୍ଦୁରା ପଞ୍ଚାୟତ ସମିତି ବୈଠକରେ ହୋହଲ୍ଲା

# ସମନ୍ୱୟ ଅଭାବରୁ ବିଗିଡ଼ିଲେ ଉପାଧ୍ୟକ୍ଷ; ତାଗିଦ୍ କଲେ ବିଧାୟକ



କୁନ୍ଦୁରା,୨୧।୪(ସମିସ): କୁନ୍ଦୁରା ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ସମିତି ବୈଠକ। ବିଧାୟକ ରୁପୁ ଭତରା, ବିଡିଓ ପି. ମନସ୍ୱିତା, ବ୍ଲକ ଅଧ୍ୟକ୍ଷା ବନିତା କାନ୍ଦଲିଆ, ଉପାଧ୍ୟକ୍ଷ ତରୁଣୀ ସେନ ବିଶୋୟୀ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଧା ବିନୋଦ ସାମନ୍ତରାୟ ଏବଂ ଜିଲ୍ଲା ପରିଷଦ ସଭ୍ୟା କନକଲତା ପେଣ୍ଟିଆଙ୍କ ପାଇଁ ମଞ୍ଚରେ ଆସନ ଥିଲେ ବି ସେମାନେ ପଞ୍ଚାୟତ ପ୍ରତିନିଧିଙ୍କ ସହ ମଞ୍ଚ ସମ୍ମୁଖରେ ବସିଥିଲେ। ଜିପିଡିଓ ଜଗତ ସିଂ ମାଝୀ ଗତ ବୈଠକର ବିବରଣୀ ପାଠ କରିଥିଲେ ଓ ବିବରଣୀ ପଠନ ସମୟରେ ହିଁ ଗତ ବୈଠକରେ ଉପସ୍ଥାପିତ ସମସ୍ୟା ଗୁଡ଼ିକ ସମାଧାନ ହୋଇଛି କି ନାହିଁ ତାହା ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ବିଭାଗୀୟ ଅଧିକାରୀ କିନ୍ତୁ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ନଥିବା ଜଣାପଡିଥିଲା। ଲୋକଙ୍କ ସମସ୍ୟା ସମାଧାନ ପାଇଁ ଗ୍ରାମସଭା, ପଞ୍ଚାୟତ ଓ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଭଳି ବହୁ ବ୍ୟବସ୍ଥା ରହିଛି ମାତ୍ର ଅଧିକାରୀ, କର୍ମଚାରୀଙ୍କ ଅବହେଳା ଓ ମନମୁଖୀ ଯୋଗୁ ଜନକଲ୍ୟାଣକାରୀ ଓ ଉନ୍ନତିମୂଳକ କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ବର୍ଷିଥିଲେ ଉପାଧ୍ୟକ୍ଷ ଶ୍ରୀ ସାମନ୍ତରାୟ। ସମିତି ବୈଠକ ଗୁରୁତ୍ୱପୂର୍ଣ୍ଣ ବୈଠକ ପୂର୍ବ ବୈଠକର ନିଷ୍ପତ୍ତି ପ୍ରକାରେ କେଉଁସବୁ କାର୍ଯ୍ୟ ହୋଇଛି, ବର୍ତ୍ତମାନର ସ୍ଥିତି କଣ ଅଛି, ହୋଇନାହିଁ ଯଦି କେଉଁଠି ପ୍ରକ୍ରିୟା ଅଟକିଛି ଏସବୁ ବିଷୟରେ କାହାପାଖରେ ତଥ୍ୟ ରହୁନାହିଁ ଓ ପ୍ରତିନିଧିଙ୍କ ଅଭିଯୋଗ ଓ ଅଧିକାରୀଙ୍କ ତଥ୍ୟରେ କିଛି ତାଳମେଳ ରହୁନାହିଁ ବୋଲି ବିରକ୍ତି ପ୍ରକାଶ କରିଥିଲେ ବିଧାୟକ ଶ୍ରୀ ଭତରା। ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ରାଜ୍ୟରେ ୬ ଲକ୍ଷ୍ୟ ନୂତନ ହିତାଧିକାରୀଙ୍କୁ ଭତ୍ତା ଯୋଗାଇଦେବାକୁ ଲକ୍ଷ ଧାର୍ଯ୍ୟ ହୋଇଛି ବ୍ଲକ ପ୍ରଶାସନ ନିକଟରେ ଏହାର କୌଣସି ସୂଚନା ନାହିଁ। ତୁରନ୍ତ ଆବେଦନ କାରୀଙ୍କୁ ଚିହ୍ନଟ କରି ଭତ୍ତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଗତ ଅଗଷ୍ଟ ୨୦୨୫ ରେ ପ୍ରତି ଗାଁରେ ପାଣି ଯୋଗାଇ ଦେବାକୁ ଲକ୍ଷ ଥିଲା ଏ ଭିତରେ ୮ ମାସ ବିତିଗଲାଣି ତଥାପି ପ୍ରକଳ୍ପ କାର୍ଯ୍ୟ ଶେଷ ହେଉନାହିଁ। ଅନ୍ୟ ପକ୍ଷେ ବ୍ଲକରେ ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେବା ନେଇ ନୂତନ ନଳକୂପ ଖନନ ଧାର୍ଯ୍ୟ କମା ଯାଇଛି ଓ ମେଗା ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ ଓ ବିଦ୍ୟୁତ ବିଭାଗ ଓ ବ୍ଲକ ମଧ୍ୟରେ କୌଣସି ସମନ୍ୱୟ ରହୁନାହିଁ ଓ ଉନ୍ନୟନ ବିଭାଗ ଦ୍ୱାରା କରାଯାଇଥିବା ପ୍ରଧାନମନ୍ତ୍ରୀ ସଡ଼କ ରାସ୍ତା ଗୁଡ଼ିକ ପାଞ୍ଚ ବର୍ଷ ପାଇଁ ରକ୍ଷଣାବେକ୍ଷଣ ବ୍ୟବସ୍ଥା ଥିଲେ ବି ଗୋଟିଏ ହେଲେ ରାସ୍ତା ମରାମତି କରାଯାଇନାହିଁ ଓ ବ୍ଲକ ଅଞ୍ଚଳର ବହୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି ଓ ଅନ୍ୟପକ୍ଷେ ପୂର୍ତ୍ତ ବିଭାଗ ଓସାରିଆ ରାସ୍ତା ନିର୍ମାଣ କରୁଛି, ମେଗା ପ୍ରକଳ୍ପ ପାଇପ୍ ପୋତି ଓ ବିଦ୍ୟୁତ ବିଭାଗ ବିଦ୍ୟୁତ ଖୁଣ୍ଟ ପୋତି ଓସାର କମାଇବାରେ ଲାଗିଛନ୍ତି ଓ ଏସବୁ ବିଭାଗକୁ ନେଇ ଅସନ୍ତୋଷ ପ୍ରକାଶ କରି ଅଧିକାରୀଙ୍କ ଉପରେ ବର୍ଷିଥିଲେ ସମସ୍ତ ସରପଞ୍ଚ ଓ ସମିତିସଭ୍ୟ/ସଭ୍ୟା। ଆଜି ବୈଠକ ପରଠାରୁ ଏ ସବୁ ବିଭାଗ ସମିତିର ନିଷ୍ପତ୍ତିକୁ ଅମାନ୍ୟ କରନ୍ତି ଏହାକୁ ଦୃଢ଼ ବିରୋଧ କରାଯିବ ବୋଲି କହିଥିଲେ। କୁନ୍ଦୁରା ବାସୀଙ୍କ ସମୂହ ସ୍ୱାର୍ଥ ବଡ଼ଦାଣ୍ଡ ରାସ୍ତାର ଉନ୍ନତିକରଣ ପାଇଁ ଉନ୍ନୟନ ବିଭାଗକୁ ବହୁବାର ପ୍ରସ୍ତାବ ଦିଆଯାଇଛି ତଥାପି ପଦକ୍ଷେପ ନିଆଯାଉନାହିଁ। ପ୍ରତିବର୍ଷ ରଥଯାତ୍ରାରେ ରଥ କାଦୁଅରେ ପଶି ଯାଉଛି ଜେସିବି ଦ୍ୱାରା ବାହାର କରାଯାଉଛି। ଜିଲ୍ଲା ପରିଷଦ ଓ ବ୍ଲକ ପାଣ୍ଠିରୁ କିଛି ବାଟ କଂକ୍ରିଟ କରାଯାଇଛି। ଏହାର ଉନ୍ନତିକରଣ ପାଇଁ ବିଧାୟକ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବିଦ୍ୟାଳୟ ଗୁଡ଼ିକର ଉନ୍ନତିକାରଣ,ଶିକ୍ଷକ ଓ ଭିତ୍ତିଭୂମି ଅଭାବ, ପଖନା ଗୁଡ଼ା,ଫୁପୁଗାଁ ଓ ଫୁଲଭଟ୍ଟା ପଞ୍ଚାୟତରେ ଉଚ୍ଚ ବିଦ୍ୟାଳୟ ନାହିଁ, ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ମୋବାଇଲ ନେଟୱାର୍କ ସମସ୍ୟା ରହିଛି,ରବି ଅପେକ୍ଷା୍ଟରିଫରେ ଅଧିକ ଧାନ ଉତ୍ପାଦନ ହେଉଛି କିନ୍ତୁ ପଞ୍ଚାୟତ ସ୍ତରରେ ପଞ୍ଜିକରଣ ବ୍ୟବସ୍ଥା କରାଯାଉ ନାହିଁ। ଏ ନେଇ ବହୁବାର ଅଭିଯୋଗ ହେଲାଣି ଜିଲ୍ଲାପାଳ ବି ଏହାର ସମାଧାନ କରି ପାରୁ ନାହାନ୍ତି ବିଧାୟକ ଏଥିରେ ହସ୍ତକ୍ଷେପ କରିବାକୁ ଦାବି ରଖିଥିଲେ। ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ପଚାରିଲେ ବିଧାୟକଙ୍କ ଅନୁସାରେ ସମସ୍ତ କାମ ଚାଲିଛି ତାଙ୍କୁ ପଚାରି ବୁଝିବାକୁ କୁହାଯାଉଥିବା ବ୍ଲକ ଅଧ୍ୟକ୍ଷା ଅଭିଯୋଗ ଆଣିଥିଲେ। ସମଗ୍ର ବ୍ଲକର ବିକାଶ ପାଇଁ ସମସ୍ତ ଜନ ପ୍ରତିନିଧିଙ୍କ ଦାୟିତ୍? ରହିଛି। ସମସ୍ତେ ମିଳିମିଶି କାମକଲେ ଲୋକଙ୍କର ବିକାଶ ଘଟି ପାରିବ। ଆଜିର ଏହି ବୈଠକରେ ସମସ୍ତ ଜନ ପ୍ରତିନିଧି, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଶେଫାଳି ପାହାଡ଼ରେ ଗଣେଶ ମନ୍ଦିର ପ୍ରତିଷ୍ଠା



ଗୁଣୁପୁର,୨୧।୪(ସମିସ): ଗୁଣୁପୁରର ଶେଫାଳି ପାହାଡ଼ରେ ସ୍ଥାପିତ ରାମେଶ୍ୱର ଶୈବପୀଠ ପରିସରରେ ଆଜି ଶ୍ରୀ ଗଣେଶ ଠାକୁରଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁଙ୍କର ସମାଗମରେ ପ୍ରତିଷ୍ଠା ଉତ୍ସବ ଅବସରରେ ଠାକୁରଙ୍କ ନିତିକାନ୍ତି ଅନୁଯାୟୀ ବିଧିବତ ଭାବେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ପ୍ରକାଶ ରଥ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହା ସହ ଡକ୍ଟର ନଳିନୀ କାନ୍ତ ବଡପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ରାମେଶ୍ୱର ମନ୍ଦିର କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା କରାଯାଇଥିଲା।

## ରାୟଗଡ଼ ଲେଡିଜ ୱାକର୍ସ କ୍ଲବର ସାମାଜିକ କାର୍ଯ୍ୟକ୍ରମ




ରାୟଗଡ଼,୨୧।୪(ସମିସ): ଲେଡିଜ୍ ୱାକର୍ସ କ୍ଲବ୍, ରାୟଗଡ଼ ପକ୍ଷରୁ ସୋମବାର ସହରର ବସ୍ତି ଅଞ୍ଚଳ ଭାବେ ପରିଚିତ ଅନ୍ତରିଗୁଡ଼ା ଗ୍ରାମକୁ ପୋଷ୍ୟ ଗ୍ରାମ୍ୟ ଭାବେ ଗ୍ରହଣ କରାଯାଇଛି। ରବିବାର ସନ୍ଧ୍ୟାରେ କ୍ଲବ ପକ୍ଷରୁ ଗ୍ରାମବାସୀଙ୍କ ମଧ୍ୟରେ ଦହିଚଲ୍ଲା ବଣ୍ଟନ ସହ ଗ୍ରାମର ମହିଳାମାନଙ୍କ ମଧ୍ୟରେ ଏକ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କ୍ଷେତ୍ର ସଂଯୋଜକ ସତ୍ୟବାଦୀ ପତି ଏବଂ ଅଞ୍ଚଳ ସଂଯୋଜକ ପ୍ରତାପ ବାଉରୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ କ୍ଲବର ସମସ୍ତ ସଦସ୍ୟାମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିବା ବେଳେ ବୋର୍ଡ ସଦସ୍ୟମାନେ ମଧ୍ୟ ଯୋଗ ଦେଇଥିଲେ।

## ନୂତନ ଏସ୍‌ଡିସି ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ମାଲକାନଗିରି,୨୧।୪(ସମିସ): ମାଲକାନଗିରି ଜିଲ୍ଲାରେ ଆଜି ନୂତନ ଏସଡିସି ତଥା ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି ଗଙ୍ଗାଧର ସୋଡି। ତାଙ୍କ ସହ ଏସଡିସି ଉପଧ୍ୟକ୍ଷା ସାବିତ୍ରୀ ପଡିଆମୀ ମଧ୍ୟ ଦାଇତ୍ୱ ଗ୍ରହଣ କରିଥିଲେ। ରାଜ୍ୟରେ ନୂଆ ସରକାର ଆସିବା ପରଠାରୁ ଏହି ପଦବୀ ଖାଲି ପଡ଼ିଥିଲା। ଜିଲ୍ଲା ସଦରରେ ଥିବା ଶ୍ରୀରାମ ମନ୍ଦିରରେ ଶ୍ରୀ ସୋଡ଼ି ନିଜର ଦଳୀୟ କର୍ମକର୍ତ୍ତା ଓ ନେତୃ ମଣ୍ଡଳୀଙ୍କ ସହ ମିଶି ପ୍ରଥମେ ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ଆସି କାର୍ଯ୍ୟାଳୟରେ ପହଞ୍ଚି ଦାଇତ୍ୱ ଗ୍ରହଣ କରିଥିଲେ। ଏହି ଅବସରରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ରତନ ବନିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସନ୍ତୋସିନୀ ପାତ୍ର, ବରିଷ୍ଠ ନେତା ଭବାନୀ ଶଙ୍କର ମୁଖାର୍ଜୀ, ନିମାଇଁ ପାଲ, ବିଧାୟକ ପ୍ରତିନିଧି ନିହାର ରାୟ, ପୌରପରିଷଦ ସାଂସଦ ପ୍ରତିନିଧି ବିଜୟ ମହାରଣା, ଜିଲ୍ଲା ସମ୍ପାଦିକା ସବିତା ମିଶ୍ର, ଜିଲ୍ଲା ମିଡିଆ ପ୍ରଭାରି ବି. ଶ୍ରୀନିବାସ ପାତ୍ର ପ୍ରମୁଖଙ୍କ ସହ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ମାଲକାନଗିରି ଜିଲ୍ଲା ଷ୍ଟାଡିୟମ୍‌ରେ ସିଏମ୍ ଟ୍ରଫି

- ବିଧାୟକ ଓ ଜିଲ୍ଲାପାଳଙ୍କ ଦ୍ୱାରା ଶୁଭାରମ୍ଭ
- ଖେଳାଳିଙ୍କ ମଧ୍ୟରେ ଉତ୍ସାହ

ମାଲକାନଗିରି,୨୧।୪(ସମିସ): ସ୍ଥାନୀୟ ଜିଲ୍ଲା ଷ୍ଟାଡିୟମ୍ ପରିସରରେ ଜିଲ୍ଲାସ୍ତରୀୟ ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ଏବଂ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜଳନ କରି ଏହାର ଶୁଭାରମ୍ଭ କରିଥିଲେ। ଷ୍ଟାଡିୟମରେ ଶତାଧିକ କ୍ରୀଡ଼ାବିତ୍‌ଙ୍କ ମାର୍ଚ୍ଚ-ପାଷ୍ଟ ଓ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣୀୟ ଥିଲା।ଏହି ଅବସରରେ ଉଦ୍‌ବୋଧନ ଦେଇ ବିଧାୟକ କହିଥିଲେ ଯେ, ଆମ ମାଲକାନଗିରିର ମାଟିରେ ଅନେକ ପ୍ରତିଭା ଲୁଚି ରହିଛନ୍ତି। ସିଏମ୍ ଟ୍ରଫି କେବଳ ଏକ ଖେଳ ନୁହେଁ ବରଂ ଏହା ଉପାନ୍ତ ଅଞ୍ଚଳର ଯୁବପିଢ଼ିଙ୍କୁ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ପାଇଁ ଏକ ସେତୁ। ଜିଲ୍ଲାର ପ୍ରତିଟି ବ୍ଲକରୁ ଆସିଥିବା ଖେଳାଳିମାନେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ଏବଂ ହାର୍-ଜିତ୍‌କୁ ଭୁଲି କ୍ରୀଡ଼ା ମନୋଭାବ ସହ ଖେଳନ୍ତୁ ବୋଲି ବିଧାୟକ କହିଥିଲେ। ଫୁଟବଲ୍, ଭଲିବଲ୍, ଖୋ-ଖୋ ଓ କବାଡି ଭଳି ଲୋକପ୍ରିୟ ଖେଳରେ ଖେଳାଳିମାନେ ନିଜର ଜଲୱା ଦେଖାଉଛନ୍ତି। କାର୍ଯ୍ୟକ୍ରମରେ ଏସ୍‌ପି ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ସାଂସଦ ପ୍ରତିନିଧି ସଞ୍ଜୟ ସରକାର, ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍ ଏବଂ ବହୁ ବରିଷ୍ଠ ପଦାଧିକାରୀ ଉପସ୍ଥିତ ରହି ଖେଳାଳିମାନଙ୍କ ପ୍ରଦର୍ଶନକୁ ଉପଭୋଗ କରିବା ସହ ସେମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଜିଲ୍ଲା କ୍ରୀଡ଼ା ବିଭାଗ ସହଯୋଗରେ ଜିଲ୍ଲା ଆଥଲେଟିକ୍ ସଂଘ ଏହାକୁ ଆୟୋଜନ କରିଛି। ଜିଲ୍ଲା ଆଥଲେଟିକ୍ ସଂଘ ସଭାପତି, ସଂପାଦକଙ୍କ ସମେତ ସମସ୍ତ କ୍ରୀଡ଼ା ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ।

# ଦୁଇ ଥାନା ପକ୍ଷରୁ ବାଲ୍ୟବିବାହ ସଚେତନତା



ଜୟପୁର,୨୧।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦର ଏବଂ ଟାଉନଥାନା ପକ୍ଷରୁ ବାଲ୍ୟବିବାହ ନିରୋଧୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପୂର୍ବାହ୍ନରେ ସଦରଥାନା ପୁଲିସ ପକ୍ଷରୁ ସ୍ଥାନୀୟ ବାମୁଣିପୁଟ ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁକ୍ତ ୨ ଛାତ୍ରୀମାନଙ୍କୁ ନେଇ ଏକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ "ଝିଅକୁ ଶିକ୍ଷିତ କରାଅ, ବାଲ୍ୟ ବିବାହ ବନ୍ଦ କର, ଜାତୀୟ ପ୍ରଗତି ପାଇଁ ପଥ' ବିଷୟକୁ ନେଇ ଏହି ପ୍ରତିଯୋଗିତାରେ ଶ୍ରେଷ୍ଠ ୩ ଜଣ ଛାତ୍ରୀ ପ୍ରଥମ-ଉର୍ମିଳା ମାଝି, ଦ୍ୱିତୀୟ- ହରପ୍ରିୟା ହାଲୱା, ତୃତୀୟ-ଚନ୍ଦ୍ରିକା ନାୟକଙ୍କୁ ନଗଦ ରାଶି ଭାବେ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ସ୍ଥାନୀୟ ସେଣ୍ଟ ଜାଭିୟର୍ସ ଛାତ୍ରୀମାନଙ୍କୁ ଦ୍ୱାରା ଏକ କ୍ଷୁଦ୍ର ନାଟକ ପରିବେଷଣ ହୋଇଥିଲା। ଏହି ଅବସରରେ ସମୁଦାୟ ୧୧୦ ଜଣ ଛାତ୍ରୀ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଭାବେ ଜୟପୁର ଏସ୍‌ଡିପିଓ ଅର୍ଚ୍ଚିତା ମିଓଲ, ଅତିରିକ୍ତ ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ, ଶିଶୁ କଲ୍ୟାଣ କମିଟିର ସଦସ୍ୟ ସୁରେଶ ହୋତା, ଶିଶୁ ପ୍ରକଳ୍ପ ସଂଯୋଜିକା ତପସ୍ୱିନୀ ପାଢୀ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଘାସିରାମ ହୋତା, ସଦରଥାନା ଏସ୍‌ଆଇ ଶିରିସ ମହାପାତ୍ର, ଏଏସ୍‌ଆଇ ପଙ୍କଜିନୀ ଶବର ଉପସ୍ଥିତ ରହିଥିବା ବେଳେ ବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକା ସହଯୋଗ କରିଥିଲେ। ସେହିପରି ସଂଧ୍ୟାରେ ସ୍ଥାନୀୟ ରଥପଡିଆ ଛକ ଠାରେ ଟାଉନଥାନା ପକ୍ଷରୁ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ଏସିଡିପିଓ କୁମାରୀ ମିଓଲ, ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଶିଶୁ କଲ୍ୟାଣ କମିଟିର ଅଧ୍ୟକ୍ଷା ଡ. ଗାୟତ୍ରୀ ଦେବୀ, ଜିଲ୍ଲା ଆଇନଜୀବୀ ସଂଘ ସଭାପତି ବିଜୟ କୁମାର, ପୌର ଉପାଧ୍ୟକ୍ଷା ବି. ସୁନିତା, ଟାଉନଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ପ୍ରମୁଖ ମଞ୍ଚାସିନ ଥିଲେ। ଏହି ଅବସରରେ ସମସ୍ତେ ମିଶି ବାଲ୍ୟ ବିବାହ ବନ୍ଦ କରିବାକୁ ଶପଥ ନେଇଥିଲେ।

## କୂଅରେ ପଡ଼ିଥିବା ଯୁବକ ଉଦ୍ଧାର

ମାଲକାନଗିରି,୨୧।୪(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ମା' ମାଉଳି ଛକ ନିକଟରେ ଥିବା ଏକ କୂଅରେ ପଡ଼ିଥିବା ଜଣେ ଯୁବକଙ୍କୁ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରିଛନ୍ତି। ସୂଚନା ଅନୁଯାୟୀ, କୋରୁକୋଣ୍ଡା ଗ୍ରାମର କାହ୍ନୁ ପୂଜାରୀ ଗ୍ରାମଛକ ନିକଟରେ ଥିବା ଏକ କୂଅ ଉପରେ ଗତକାଲି ରାତିରେ ବସିଥିବାବେଳେ ହଠାତ୍ କୂଅ ଭିତରେ ପଡ଼ିଯାଇଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଯୁବକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିବା ସହ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। କୋରୁକୋଣ୍ଡା ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି କୋରୁକୁଣ୍ଡା ପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରୀକ୍ଷା କରି ସୁସ୍ଥ ଥିବା ଡାକ୍ତର କହିଛନ୍ତି।

## ସ୍ୱର୍ଗ ରଥ ସେବାସଂସ୍ଥା ପକ୍ଷରୁ ପଣା ବଣ୍ଟନ



ଗୁଣୁପୁର,୨୧।୪(ସମିସ): ଅକ୍ଷୟ ତୃତୀୟା ଅବସରରେ ସ୍ୱର୍ଗ ରଥ ମହାପ୍ରୟାଣ ସେବା ସଂସ୍ଥା ପକ୍ଷରୁ ଗୁଣୁପୁର ବାଇପାସ୍ ଛକ ନିକଟରେ ପଣା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ କମିଟିର ସଭାପତି ଦୟା ବାରିକ, ସମ୍ପାଦକ ଡଃ କୃଷ୍ଣଚନ୍ଦ୍ର ପଣ୍ଡା, ଟୁନା ପାଣିଗ୍ରାହୀ, ପୂର୍ଣ୍ଣ ମହାକୁଡ, ତ୍ରିନାଥ ସାହୁକାର ଏବଂ କମିଟିର ସଦସ୍ୟମାନେ ସହଯୋଗ କରିଥିଲେ।

● ଜୟପୁର କ୍ରିକେଟ ଲିଗ୍

## ବିଶ୍ୱନାଥ ସୁପର ଷ୍ଟାଇକର୍ସ ଚାମ୍ପିଅନ୍



ଜୟପୁର,୨୧।୪(ସମିସ): ଜୟପୁର ଦଶହରା ପଡ଼ିଆ ଠାରେ ଇଭିନିଂ କ୍ଲବ ପକ୍ଷରୁ ଆୟୋଜିତ ଜୟପୁର କ୍ରିକେଟ ଲିଗ୍‌ର ସୋମବାର ଥିଲା ଫାଇନାଲ ମ୍ୟାଚ୍। ଏଥିରେ ବିଶ୍ୱନାଥ ସୁପର ଷ୍ଟାଇକର୍ସ ୬ ୱିକେଟରେ ପ୍ରତିପକ୍ଷ ଜଗନ୍ନାଥ ଜିଆଣ୍ଟସକୁ ହରାଇ ଚାମ୍ପିଅନ୍ ହୋଇଛି। ମୁଖ୍ୟ ଅତିଥି ଭାବେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ବିଜେତା ଦଳକୁ ଟ୍ରଫି ସହିତ ୮୮ହଜାର ୮୮୮ ଟଙ୍କା ଏବଂ ଉପବିଜେତା ଦଳକୁ ୫୫ହାଜର ୫୫୫ଟଙ୍କା ପୁରସ୍କାର ଭାବେ ପ୍ରଦାନ କରିଥିଲେ। ଆଜିର ଫାଇନାଲ ମ୍ୟାଚରେ ଜଗନ୍ନାଥ ଜିଆଣ୍ଟସ ଦଳ ଟସ ଜିଣି ପ୍ରଥମେ ବ୍ୟାଟିଂ କରିଥିଲେ ଏବଂ ୧୮.୪ ଓଭରରେ ସମସ୍ତ ୱିକେଟ ହରାଇ ୧୨୭ ରନ ସଂଗ୍ରହ କରିଥିଲେ। ବିଜୟଲକ୍ଷ୍ୟ ନେଇ ବିଶ୍ୱନାଥ ସୁପର ଷ୍ଟାଇକର୍ସ ଦଳ ମାତ୍ର ୧୪.୧ ଓଭରରେ ୪ଟି ୱିକେଟ ହରାଇ ୧୩୧ ରନ କରିବା ସହିତ ଚାମ୍ପିଅନ୍ ହୋଇଥିଲେ। ଫାଇନାଲ ମ୍ୟାଚରେ ଶ୍ରେଷ୍ଠ ଖେଳାଳି ଭାବେ ଖେଳାଳି ଆଶୁତୋଷ ଦ୍ୱିବେଦୀ ମ୍ୟାନ ଅଫ ଦି ମ୍ୟାଚ ଏବଂ ଖେଳାଳି ସନ୍ଦୀପ ପଟ୍ଟନାୟକ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଛନ୍ତି। ଅମ୍ପାୟାର ଭାବେ ଅନନ୍ତ ନାୟକ ଓ ଲିଟୁ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ ବ୍ୟବସାୟୀକ ସଂଘର ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଯୋଗ ଦେଇଥିଲେ।

## ପେଣ୍ଡିଲିରେ ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି

ଗୁଡ଼ାରି,୨୧।୪(ସମିସ): ଗୁଡ଼ାରି ବ୍ଲକ ପେଣ୍ଡିଲି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିଶୁ ବିଭାଗ ପରିଦର୍ଶିକା ପଦ୍ମାବତୀ ଶବର, ଆର୍‌ଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ଚିନ୍ମୟୀ ବେହେରା, ଏଡିଇଓ କୋଟନୀ ସନ୍ତୋଷ, ପିଇଓ ଗୋପାଳ ଗନ୍ତାୟତ, ପଶୁ ଚିକିତ୍ସାଳୟ ନିରୀକ୍ଷକ ଏବଂ ପେଣ୍ଡିଲି ନାଏବ ସରପଞ୍ଚ ଅନ୍ନପୂର୍ଣ୍ଣା ଶବର, ବିଏସ୍‌ଏସ୍ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମାତ୍ର ୪ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଭାବେ ସୁଭଦ୍ରା ଯୋଜନାରୁ ବଞ୍ଚିତ ହୋଇଥିବା ଦୁଇ ମହିଳା ଅଭିଯୋଗ କରିଥିଲେ। ସେମାନେ ଟଙ୍କା ପାଇବା ନିମନ୍ତେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ ବୋଲି ମହିଳାମାନେ କହିଛନ୍ତି। ପୂର୍ବରୁ ଏହି ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣିରେ ଅନେକ ଅଭିଯୋଗ ଆସୁଥିବାବେଳେ ଏବେ ସମାଧାନ ହେଉନଥିବାରୁ ଦିନକୁ ଦିନ ଅଭିଯୋଗ ସଂଖ୍ୟା କମୁଛି। ପଞ୍ଚାୟତବାସୀଙ୍କ କହିବା କଥା ହେଲା ବିଗତ ଦିନରେ ଯେତେସବୁ ଅଭିଯୋଗ ଯାଇଛି, ସମାଧାନ ହୋଇନାହିଁ ତେଣୁ ଅଭିଯୋଗ କରିବାକୁ ଯିବାକୁ ଇଚ୍ଛା ହେଉନାହିଁ।

## ମା' ମାର୍କମା ମହାବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା




ବିଷମକଟକ,୨୧।୪(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକର ସ୍ଥାନୀୟ ମା' ମାର୍କମା ଯୁକ୍ତ ତିନି ମହାବିଦ୍ୟାଳୟ ପରିସରରେ ସୋମବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅଶ୍ୱିନୀ କୁମାର ପଣ୍ଡା ଦୀପ ପ୍ରଜ୍ୱଳନ କରି ସଭା ଆରମ୍ଭ କରିଥିଲେ। ଏହାପରେ ସ୍ୱାଗତ ସଙ୍ଗୀତ ଉପସ୍ଥାପନ କରିଥିଲେ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ। ଅଧ୍ୟକ୍ଷ ବିଦାୟୀ ଛାତ୍ରଛାତ୍ରୀଙ୍କର ଉଜ୍ଜ୍ୱଳ ଭବିଷ୍ୟତର ଶୁଭକାମନା କରିଥିଲେ। ବିଭାଗର ମୁଖ୍ୟ ନିରଞ୍ଜନ ପାଢ଼ୀ ମଧ୍ୟ ସ୍ନାତକ ପରେ ଥିବା ସୁଯୋଗ ସମ୍ପର୍କରେ ପିଲାମାନଙ୍କୁ କହିଥିଲେ। ସେହିପରି ଅଧ୍ୟାପକ ବିନନ୍ତ ଡଙ୍ଗ୍ରି ଏକ କବିତା ସହ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦାୟ ଛାତ୍ରଛାତ୍ରୀଙ୍କୁ ଉପହାର ପ୍ରଦାନ ସହ ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ରାୟଗଡ ଜିଲ୍ଲା ଠିକାଦାର ମହାସଂଘର ଜରୁରୀ ବୈଠକ

# ୨୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଟେଣ୍ଡର କାମ ନିଅନ୍ତୁ ବାହାର ଠିକାଦାର



ରାୟଗଡ,୨୧।୪(ସମିସ): ରାୟଗଡ଼ ଜିଲ୍ଲା ଠିକାଦାର ମହାସଂଘର ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ଠିକାଦାରମାନେ ଯୋଗଦେଇ ଟେଣ୍ଡର ପ୍ରକ୍ରିୟା ଓ ସ୍ଥାନୀୟ ଠିକାଦାରଙ୍କ ସ୍ୱାର୍ଥ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଏକମତରେ ନିଷ୍ପତ୍ତି ନିଆଯାଇଥିଲା ଯେ, ଜିଲ୍ଲା ବାହାର ତଥା ଓଡ଼ିଶାର ଅଗଣିତ ଠିକାଦାରମାନେ ରାୟଗଡ ଜିଲ୍ଲାର ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଉଥିବା ଟେଣ୍ଡରରେ ଯଦି ଅଂଶଗ୍ରହଣ କରୁଛନ୍ତି ତେବେ ସେମାନେ ୨୦କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଟେଣ୍ଡର କାମ ନିଅନ୍ତୁ। ଯଦି ୨୦କୋଟିରୁ କମ୍ ମୂଲ୍ୟର କାମ ନେବେ ଜିଲ୍ଲା ଠିକାଦାର ମହାସଂଘ ଏହାକୁ ନିଶ୍ଚିତ ଭାବେ ବିରୋଧ କରିବ ଏବଂ ସହଯୋଗ କରିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି ଜିଲ୍ଲାର ସମସ୍ତ ବର୍ଗର ଠିକାଦାରମାନେ ଜିଲ୍ଲାର ଯେ କୌଣସି ଟେଣ୍ଡର କାମ ସ୍କେଡୁଲ ଅଫ୍ ରେଟରେ ଆବେଦନ କରିବେ। ବର୍ତ୍ତମାନ ବାହାର ଠିକାଦାରମାନେ କମ ପ୍ରତିଶତ ହାରରେ ଟେଣ୍ଡର କାମ ହାତେଇ ନେଉଥିବା ଯୋଗୁ ଜିଲ୍ଲାର ପ୍ରାୟ ଦୁଇ ହଜାରରୁ ଊର୍ଦ୍ଧ୍ୱ ଠିକାଦାରମାନେ ଏବେ କାମ ନ ପାଇ ତଳିତଳାନ୍ତ ହୋଇଗଲେଣି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଠିକାଦାର ସୁମନ୍ତ ପରିଡା, ରଂଜନ ପରିଡା, ସୋନିୟା ସୁବୁଦ୍ଧି, ଦିଲୁ ପଣ୍ଡା, ରାଓଲା ମାଝି, ମନୋରଂଜନ ପଣ୍ଡା, ବିଜୟ ସେନାପତି,ବାପି ଓ ଅନ୍ୟ ଠିକାଦାରମାନେ ଯୋଗ ଦେଇ ସର୍ବସମ୍ମତି ନିଷ୍ପତ୍ତିକୁ ସମର୍ଥନ କରିବା ସହ ଏଭଳି ପଦକ୍ଷେପ ଦ୍ୱାରା ସ୍ଥାନୀୟ ଠିକାଦାରମାନେ କାମର ସୁଯୋଗ ପାଇବେ ଓ ଜିଲ୍ଲାର ଆର୍ଥିକ ଉନ୍ନତି ହେବ। ଯଦି ମହାସଂଘର ଏହି ଦାବିକୁ ଅଣଦେଖା କରାଯାଏ ତେବେ ଆଗାମୀ ଦିନରେ ଠିକାଦାର ମହାସଂଘ ଆନ୍ଦୋଳନର ପଥ ଅବଲମ୍ବନ କରିବାକୁ ସତର୍କ କରିଛି।

# ଦାଦନ ଖଟିବାକୁ ଯାଇ ଶବ ହୋଇ ଫେରିଲେ



ବିଷମ କଟକ,୨୧।୪(ସମିସ): ରାୟଗଡା ଜିଲ୍ଲାରେ ପୁଣି ଦାଦନର କରୁଣ କାହାଣି ସାମ୍ନାକୁ ଆସିଛି। ପେଟର ଭୋକ ମେଣ୍ଟାଇବା ପାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ସେଠାରୁ ଶବ ହୋଇ ଘରକୁ ଫେରିଛନ୍ତି ଜଣେ ଯୁବକ। ଏପରି ଏକ ଅଭାବନୀୟ ଘଟଣା ଘଟିଛି ରାୟଗଡ଼ା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ ଝିଗିଡି ଗ୍ରାମ ପଞ୍ଚାୟତର ପଣଷ ପଦର ଗ୍ରାମରେ। ପଣଷପଦର ଗ୍ରାମର ଜିତୁ ପିଡିକାକା (୨୨) ଗତ କିଛି ମାସ ହେବ ନିଜ ସାଙ୍ଗସାଥିଙ୍କ ସହ ବାଙ୍ଗାଲୋରକୁ ଦାଦନ ଖଟିବାକୁ ଯାଇ ସେଠାରେ ଏକ କୋଠା ନିର୍ମାଣ କମ୍ପାନୀରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ରବିବାର ଦିନ ଜିତୁ ନିର୍ମାଣାଧିନ କୋଠା ଉପରୁ ତଳେ ପଡିଯାଇ ଥିବା ବେଳେ ତାଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିବା ଜଣାପଡିଛି। ସୋମବାର ସକାଳେ ଅନ୍ୟ ଶ୍ରମିକମାନେ ଜିତୁଙ୍କ ମୃତଦେହ ଦେଖି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ। ଜିତୁର ମୃତ୍ୟୁ ସଂକ୍ରାନ୍ତରେ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଘଟଣା ସ୍ଥଳରେ ସେଠାକାର ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଛେଦ କରି ତାଙ୍କ ଗାଁକୁ ପଠାଇବାର ବ୍ୟବସ୍ଥା କରିଥିଲେ। ଆଜି ବିଶାଖାପାଟଣାରେ ତାଙ୍କ ଶବ ପହଞ୍ଚିବା ପରେ ଆମ୍ବୁଲାନ୍ସ ଯୋଗେ ପଣଷପଦର ଅଣାଯିବ ବୋଲି ସୂଚନା ମିଳିଛି।

● ଛାତ୍ରଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣାରେ ପ୍ରତିକ୍ରିୟା ରଖିଲେ ଗଣଶିକ୍ଷା ମନ୍ତ୍ରୀ

# 'ଛାତ୍ରର ଅନିଚ୍ଛା ସତ୍ତ୍ୱେ ପାଠପଢିବାକୁ ହଷ୍ଟେଲରେ ଛାଡ଼ିବାରୁ ଆତ୍ମହତ୍ୟା କରିଛନ୍ତି'



ଉମରକୋଟ,୨୧।୪(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଭାମିନି ମଙ୍ଗଳ ବିଭାଗ ଛାତ୍ରାବାସରୁ ଅଷ୍ଟମ ଶ୍ରେଣୀ ଛାତ୍ର ପ୍ରଶାନ୍ତ ଭତ୍ରାଙ୍କ ଝୁଲନ୍ତା ଶବ ଉଦ୍ଧାର ଘଟଣାରେ ଅନୁଧ୍ୟାନ କରି ବିଜେଡିର ଏକ ଫେକ୍ଟ ଫାଇଣ୍ଡିଙ୍ଗ ଟିମ୍ ଛାତ୍ରନିବାସରେ ଅବହେଳା ଅଭିଯୋଗ ଆଣିଥିଲେ। ଏଥିପାଇଁ ଜିଲ୍ଲା ପ୍ରଶାସନ ସହ ରାଜ୍ୟ ସରକାରଙ୍କ ଅବହେଳାକୁ ଦାୟୀ କରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି କରିଥିଲେ। ଏହାର ପ୍ରତିକ୍ରିୟାରେ ମାନ୍ୟବର ମନ୍ତ୍ରୀ କହିଛନ୍ତି ଯେ ଆତ୍ମହତ୍ୟା କରିଥିବା ଛାତ୍ରର ପାଠ ପଢିବାକୁ ଇଚ୍ଛା ନଥିଲା। ଅଭିଭାବକ ବିଦ୍ୟାଳୟରେ ନାମଲେଖାଇ ହଷ୍ଟେଲରେ ଛାଡିଥିଲେ। ତେଣୁ ଆତ୍ମହତ୍ୟା କରିଛି। ଏହା ତାଙ୍କ ଅଭିଭାବକ ମଧ୍ୟ ଜାଣନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏଥିରେ କୌଣସି ଭୁଲ ନାହିଁ। ବିରୋଧୀ କ୍ଷମତାରୁ ଦୂରରେ ରହିବା ପରେ ଔଷଧ ବିକଳରେ ତାଟିଆ କାମୁଡୁଛନ୍ତି। ବିଜେପି ସରକାର ଆସିବା ପରେ ଛାତ୍ର ନିବାସର ବହୁ ବିକାଶ ହୋଇଛି। ଅଣ୍ଡା ବଦଳରେ ଅଙ୍କୁର ଡାକ୍ତରଙ୍କ ପରାମର୍ଶ କ୍ରମେ ଦିଆଯାଉଛି। ଗରମ ଦିନ ଅଣ୍ଡା ଖାଇଲେ ଅସୁବିଧା ହେଉଛି। ତାହା ସ୍ଥାନରେ ଫଳ ଦିଆଯାଉଛି ତେବେ ଅସୁବିଧା କେଉଁଠି ବୋଲି ସେ ପାଲଟା ପ୍ରଶ୍ନ କରିଛନ୍ତି।

# ବଜ୍ରପାତରେ ମଇଁଷି ମୃତ

ନାରାୟଣପଟଣା,୨୧।୪(ସମିସ): ଆଜି ଅପରାହ୍ନରେ ନାରାୟଣପଟଣାରେ କିଛି ସମୟ କାଳ ବୈଶାଖୀର ତାଣ୍ଡପ ଦେଖିବାକୁ ମିଳିଥିଲା। କିଛି କିଛି ଜାଗାରେ ଗଛ ଭାଙ୍ଗି ଯାଇଥିବା ବେଳେ ପ୍ରବଳ ବର୍ଷା ସହ ଘଡଘଡି ମାରିଥିଲା। ଏହି କାଳବୈଶାଖୀରେ ହୋଇଥିବା ବଜ୍ରପାତରେ ପୋଡାପଦର ପଞ୍ଚାୟତ ବାସନାପୁଟ ଗ୍ରାମର ମୃଷୁରୀ ନାମକ ବ୍ୟାକ୍ତିଙ୍କ ଦୁଇଟି ମଇଁଷିଙ୍କ ମୃତ୍ୟୁ ଘଟିଛି। ଯାହା ମୂଲ୍ୟ ଏକ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାଯାଇଛି। ସମସ୍ତେ ଗରିବ ଆଦିବାସୀ ହୋଇଥିବାରୁ କ୍ଷତିପୂରଣ ପାଇଁ ନିବେଦନ କରିଛନ୍ତି।

## ହଷ୍ଟେଲରେ ଛାତ୍ର ମୃତ୍ୟୁକୁ ନେଇ ବର୍ଷିଲା ବିଜେଡି

# ଡବଲ ଇଞ୍ଜିନ ସରକାରରେ ଡବଲ ଗାମୁଛାରେ ଛାତ୍ର ଆତ୍ମହତ୍ୟା: ପ୍ରଦୀପ ମାଝୀ



ନବରଙ୍ଗପୁର,୨୧।୪(ସମିସ): ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ସ୍ଥାନୀୟ ହୋଟେଲ ଗ୍ଲେଜ ସମ୍ମିଳନୀ କକ୍ଷରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳର ସଭାପତି ତଥା ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଗତ କିଛିମାସ ତଳେ କୋଷାଗୁମୁଡା ବ୍ଲକ ଅନ୍ତର୍ଗତ କୁକୁଡିସେମଳା ବିଦ୍ୟାଳୟ ଛାତ୍ରାବାସରେ ଜଣେ ଛାତ୍ର ଷ୍ଟୋଭ ଫାଟି ପୋଡି ଯାଇଥିବା ବେଳେ ଚିକିତ୍ସା ବଦଳରେ ଗୃହବନ୍ଦୀ କରିଥିଲେ କର୍ତ୍ତୃପକ୍ଷ ବୋଲି ଅଭିଯୋଗ ଆଣିଥିଲେ ପୂର୍ବତନ ସାଂସଦ ତଥା ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ। ତେବେ ସେବାଶ୍ରମ ବିଦ୍ୟାଳୟ ଛାତ୍ରବାସରେ ଅନ୍ତେବାସୀଙ୍କୁ ଅବହେଳା ଜଳଜଳ ଦିଶୁଥିଲେ ମଧ୍ୟ ସଂଜ୍ଞାନ ନେଲେନି ସରକାର କିମ୍ବା ଜିଲ୍ଲା ପ୍ରଶାସନ। ପରିଣାମ ସ୍ୱରୂପ ଗତ ୧୬ ତାରିଖରେ ଉମରକୋଟ ବ୍ଲକ ଅନ୍ତର୍ଗତ ଭାମିନୀ ବିଦ୍ୟାଳୟ ଛାତ୍ରାବାସରେ ବଡକୁମାରୀ ଗ୍ରାମର ଅଷ୍ଟମ ଶ୍ରେଣୀ ଛାତ୍ର ଗାମୁଛାରେ ଫାସୀ ଲଗାଇ ମୃତ୍ୟୁବରଣ କରିଥିଲେ। ଠିକ୍ ତାର ପରଦିନ ସେହି ଗାଁ ର ଆଉଜଣେ ଛାତ୍ର ମଧ୍ୟ ସମାନ ପ୍ରକାରେ ଘରେ ଆତ୍ମହତ୍ୟା କଲେ। ସେହିଭଳି ଗତ ୧୮ ତାରିଖରେ ନବରଙ୍ଗପୁରର ଅନ୍ୱେଷା ଛାତ୍ରୀ ନିବାସର ଜଣେ ଛାତ୍ରୀଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଛି। ଏପରିକି ସପ୍ତାହ ମଧ୍ୟରେ ୩ ଜଣ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିଛି। ସରକାର ଆଶ୍ରମ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ବିପୁଳ ଅନୁଦାନ ଦେଉଥିବାବେଳେ ବିଭାଗୀୟ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ମଙ୍ଗଳ ବିଭାଗ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ ଅଧାରୁ ଅଧିକ ଆତ୍ମସାତ କରୁଥିବାରୁ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଥିବା ବିଜେଡି ନେତା ପ୍ରଦୀପ ମାଝୀ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଅଭିଯୋଗ ଆଣିଛନ୍ତି। ଆଜି

### ବିଚାର ବିଭାଗୀୟ ତଦନ୍ତ ସହ ମୃତକଙ୍କ ପରିବାରକୁ ୫୦ ଲକ୍ଷ ପ୍ରଦାନ ଦାବି

ସ୍ଥାନୀୟ ଏକ ହୋଟେଲରେ ଜିଲ୍ଲା ବିଜେଡି ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରି ଏଭଳି ଅଭିଯୋଗ ଆଣିବା ସହ ମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିଛନ୍ତି ବିଜେଡିନେତା ପ୍ରଦୀପ ମାଝୀ। ଆଜି ସାମ୍ବାଦିକ ସମ୍ମିଳନୀ ଆୟୋଜିତ କରିବା ପୂର୍ବରୁ ବିଜେଡିର ଏକ ଟିମ ନବରଙ୍ଗପୁର ସ୍ଥିତ ଅନ୍ୱେଷା ହଷ୍ଟେଲ ପରିଦର୍ଶନ କରିବା ସହ ସେଠାରେ ନିମ୍ନମାନର ଖାଦ୍ୟ ପରିବେଷଣ, ସରକାରୀ ମେନ୍ୟୁ ଅନୁଯାଇ ଖାଦ୍ୟ ନଦେବା ଓ ଉପସ୍ଥାନ ଖାତାରେ ଉପସ୍ଥାନ ସଂଖ୍ୟା ଓ ପ୍ରକୃତ ଛାତ୍ରଛାତ୍ରୀଙ୍କ ସଂଖ୍ୟା ମଧ୍ୟରେ ତାଳମେଳ ନଥିବା ଦେଖିବାକୁ ପାଇଥିଲେ। ଯାହାକୁ ନେଇ ସ୍କୁଲ ହଷ୍ଟେଲ ଗୁଡିକରେ ଦୁର୍ନୀତି ହେଉଥିବା ଅଭିଯୋଗ ଆଣିଛି ବିଜେଡି। ଏପରିକି ନିମ୍ନମାନର ଖାଦ୍ୟ ପ୍ରଦାନ ଯୋଗୁଁ ଅପପୁଷ୍ଟିର ଶିକାର ଛାତ୍ରଛାତ୍ରୀ ମାନସିକ ଓ ଶାରୀରିକ ଭାବେ ଦୁର୍ବଳ ହେବାସହ ନିର୍ଯାତନାର ଶିକାର ହୋଇ ଆତ୍ମହତ୍ୟା ଭଳି ରାସ୍ତା ବାଛି ନେଉଛନ୍ତି ବୋଲି ପ୍ରଦୀପ ମାଝୀ କହିଛନ୍ତି। ସେହିଭଳି ବିଦ୍ୟାଳୟ ଏବେ ଶିକ୍ଷାଦାନ ବଦଳରେ ଆତ୍ମହତ୍ୟା ପ୍ରବଣ ଅଞ୍ଚଳରେ ପରିଣତ ହୋଇଥିବା ବେଳେ ମୃତକ ଛାତ୍ରଛାତ୍ରୀଙ୍କ ଶବ ବ୍ୟବଚ୍ଛେଦ ସହ ରିପୋର୍ଟ ସାର୍ବଜନୀନ ଓ ଆତ୍ମହତ୍ୟା କାରଣ ସ୍ପଷ୍ଟ କରିବାକୁ ଶ୍ରୀ ମାଝୀ ଦାବି କରିଛନ୍ତି। ଡବଲ ଇଞ୍ଜିନ ସରକାରରେ ଡବଲ ଗାମୁଛାରେ ଡବଲ ଛାତ୍ର ଆତ୍ମହତ୍ୟା ଆଦିବାସୀ ସମାଜକୁ ବିଜେପିର ଉପହାର ବୋଲି ପ୍ରଦୀପ ମାଝୀ କଟାକ୍ଷ କରିଛନ୍ତି। ସେହିଭଳି ଖୋଦ୍ ଜିଲ୍ଲାରେ ଆଦିବାସୀ ବିକାଶ ଓ ଗଣଶିକ୍ଷା ମନ୍ତ୍ରୀ ରହିଥିଲେ ମଧ୍ୟ ଶିକ୍ଷାନୁଷ୍ଠାନ ସଜାଡିହେବା ବଦଳରେ ସ୍ଥିତି ବିଗୁଡୁଛି ବୋଲି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଛନ୍ତି। ତୁରନ୍ତ ବିଚାର ବିଭାଗୀୟ ତଦନ୍ତ ସହ ମୃତ ଛାତ୍ରଛାତ୍ରୀଙ୍କ ପରିବାରକୁ ୫୦ ଲକ୍ଷ ଅନୁକମ୍ପା ମୂଳକ ସହାୟତା ରାଶି ଦେବାପାଇଁ ବିଜେଡିର ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବା ସହିତ ସରକାର ଓ ପ୍ରଶାସନକୁ ଅଚଳ କରିଦେବ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ଜିଲ୍ଲାରେ ଗଣଶିକ୍ଷା ମନ୍ତ୍ରୀ ରହିଥିଲେ ମଧ୍ୟ ଦିନକୁ ଦିନ ହଷ୍ଟେଲରେ ଛାତ୍ରଛାତ୍ରୀ ମୃତ୍ୟୁ ସଂଖ୍ୟାରେ ରୋକ ଲଗାଯାଇପାରୁନଥିବାରୁ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, କାଉନସିଲର କେଶବ ରାଜୁ, ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ମଞ୍ଜୁଳା ମାଝୀ, ଜିଲ୍ଲା ବିଜେଡି ଉପସଭାପତି ତାପସ ତ୍ରିପାଠୀ, ଜିଲ୍ଲା ବିଜେଡ଼ି ଉପସଭାପତି ମିଟୁ ପାତ୍ର, ନଗର ବିଜେଡି ସଭାପତି ପ୍ରମୋଦ କୁମାର ରଥ, ଜିଲ୍ଲା ଯୁବ ସଭାପତି ଗୁପ୍ତ ଝଙ୍କାର, ଛାତ୍ର ବିଜେଡି ଜିଲ୍ଲା ସଭାପତି ବାବୁଲା ନାୟକ, ପୂର୍ବତନ ଜିଲ୍ଲା ବିଜେଡି ସମ୍ପାଦକ ଭୀମ ହରିଜନ, ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ, ନନ୍ଦ ନାୟକ, ନୀଳ ମାଧବ ପାତ୍ର, ସୁମିତ ପୂଜାରୀ, ଜଗନ୍ନାଥ ବାଗେ, ବାଳ ମୁକୁନ୍ଦ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ଜିଲ୍ଲାସ୍ତରୀୟ ସମବାୟବିତ୍ ସମ୍ମିଳନୀ

ଜୟପୁର,୨୧।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା କଂଗ୍ରେସ ଭବନଠାରେ ଜିଲ୍ଲାସ୍ତରୀୟ ସମବାୟବିତ ସମ୍ମିଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ କମିଟିର ସଭାପତି ରୂପକ ତୁରୁକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଉପସ୍ଥିତିରେ ଚାଷୀ ସମସ୍ୟା ଓ ସମବାୟ ସମସ୍ୟା ପ୍ରସଙ୍ଗରେ ଆଜି ଆଲୋଚନା କରାଯାଇଥିଲା। ସମବାୟ ସଂସ୍ଥା ଗୁଡିକ ବର୍ତ୍ତମାନ ରାଜନୈତିକ ନେତାଙ୍କ କବଜାରେ ରହିଛି। ରାଜ୍ୟରେ ବିଜେପି ସରକାର ସମବାୟ ସଂସ୍ଥାକୁ ନିଜ ନେତା ଓ ମନ୍ତ୍ରୀମାନଙ୍କ କବଜାରେ ରଖିବାକୁ ଚାହୁଁଛନ୍ତି। ଯେଉଁ ସମବାୟ ସଂସ୍ଥାକୁ କଂଗ୍ରେସ ଶାସନ କାଳରେ ସଶକ୍ତ ଓ ସୁଦୃଢ କରାଯାଇଥିଲା ତାହାକୁ ଆଜି ସରକାରଙ୍କ ଅବହେଳା ଯୋଗୁଁ ନଷ୍ଟ କରିବାରେ ଲାଗିଛନ୍ତି। ସମବାୟ ସଂସ୍ଥା ସାଧାରଣ କୃଷକଙ୍କ ଜୀବନ ଜୀବିକାର ପେଣ୍ଠସ୍ଥଳୀ ଅଟେ। କିନ୍ତୁ ବର୍ତ୍ତମାନ ଏହାକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଉଛି ଯାହାର ଉଚିତ ଜବାବ ଆଗାମୀ ଦିନରେ କଂଗ୍ରେସ ଦଳ ସରକାରଙ୍କୁ ଦେବ। ବର୍ତ୍ତମାନ କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକରେ ସମବାୟବିତମାନଙ୍କୁ ଚିହ୍ନଟ କରାଯିବ। ରବିଫସଲ ବିକ୍ରି ପାଇଁ ଅନେକ ଚାଷୀଙ୍କ ନାମ ପଞ୍ଜିକରଣ ହୋଇପାରିନାହିଁ। ତୁରନ୍ତ ରବି ଚାଷୀଙ୍କ ନାମ ପଞ୍ଜିକରଣ କରାଯାଉ ବୋଲି ଦାବି କରାଯାଇଛି। ଚାଷୀଙ୍କୁ ମାସିକ ପେନସନ ବାବଦରେ ୫ ହଜାର ଟଙ୍କା ପ୍ରଦାନ, ଅକ୍ଷୟ ତୃତୀଆ ଅବସରରେ ପିଏମ କିଶାନ ଯୋଜନାରେ ୫୧ ଲକ୍ଷ ଚାଷୀଙ୍କୁ ୨ ହଜାର ଟଙ୍କା ପ୍ରଦାନ କରିଛୁ ବୋଲି ଗତକାଲି ଘୋଷଣା କରାଯାଇଥିଲା। କିନ୍ତୁ ୪୧ ଲକ୍ଷ ଚାଷୀ ଯୋଜନାର ଲାଭ ପାଇଛନ୍ତି। ଆଉ ୧୦ ଲକ୍ଷ ଚାଷୀ ଏଥିରୁ ବାଦ ପଡିଛନ୍ତି। କୋରାପୁଟ୍ ଜିଲ୍ଲାରେ ଶୀତଳ ଭଣ୍ଡାର ନାହିଁ, ଆରଏମସି ଅଚଳ ଅବସ୍ଥାରେ ରହିଛି। ତେଣୁ ଏଥିପ୍ରତି କଂଗ୍ରେସ ସ୍ୱର ଉଠାଉଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ନିମାଁଇ ସରକାର, ଜୟପୁର ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି, ସାଂସଦ ପ୍ରତିନିଧି କୃଷ୍ଣଚନ୍ଦ୍ର ନେପାକଙ୍କ ସମେତ ଅନ୍ୟାନ୍ୟ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ

ଲକ୍ଷ୍ମୀପୁର,୨୧।୪(ସମିସ): ଲକ୍ଷ୍ମୀପୁର ରେଞ୍ଜର ଶିବାନନ୍ଦ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଜଙ୍ଗଲ ନିଆଁ ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଲେସିକା ଯୋଗ ଦେଇଥିବା ବେଳେ ଅତିରିକ୍ତ ତହସିଲଦାର ମାଧବ ଭତ୍ରା, ଲକ୍ଷ୍ମୀପୁର ଥାନାର ସବ୍ ଇନ୍ସପେକ୍ଟର ଉତ୍ତମ କୁମାର ନାଗ, ସରପଞ୍ଚ ଶ୍ୟାମସୁନ୍ଦର ତାଡିଙ୍ଗି, ଉଦ୍ୟାନ ବିଭାଗ ଅଧିକାରୀ ସୌରଭ ପାଣିଗ୍ରାହୀ ଓ ସରକାରୀ ତାଲିମ୍ କେନ୍ଦ୍ରର ଅଧ୍ୟକ୍ଷମାନ ଗୋବିନ୍ଦ ବାଗ ପ୍ରମୁଖ ଯୋଗଦେଇ ସଚେତନ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ଭାବେ ସମାଜସେବୀ ସଙ୍ଗୀତା ମିଶ୍ର ଯୋଗ ଦେଇ ଜଙ୍ଗଲରେ ନିଆଁ ଲଗାଇବା ଦ୍ୱାରା କ୍ଷୟକ୍ଷତି ଓ ପରିବେଶ ଉପରେ ତାର କୁପ୍ରଭାବ ଉପରେ ଆଲୋକପାତ କରିବା ସହ ଶପଥ ପାଠ କରାଇଥିଲେ। ଏଥିରେ ସରକାରୀ ତାଲିମ୍ କେନ୍ଦ୍ରର ଛାତ୍ରଛାତ୍ରୀ, କିଛି ବନବାସୀ, ଅଗ୍ନିଶମ ଓ ବନ କର୍ମଚାରୀ ଯୋଗ ଦେଇଥିଲେ। ଫରେଷ୍ଟର ଅଭୟ ବଦନ ବୈପାରୀ ମଞ୍ଚ ପରିଚାଳନା କରିଥିବା ବେଳେ ସେକ୍ସନ ଫରେଷ୍ଟର ରବୀନ୍ଦ୍ର କୁମାର ଟାକ୍ରୀ, ପୂର୍ଣ୍ଣଚନ୍ଦ୍ର କଲକାଙ୍କ ସମେତ ସମସ୍ତ ଅଗ୍ନିଶମ ସ୍ୱର୍ଡ, ପାରା ସ୍ୱର୍ଡ ଓ ସମସ୍ତ ଫରେଷ୍ଟ ଗାର୍ଡ ଉପସ୍ଥିତ ରହି ସହଯୋଗ କରିଥିଲେ।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ନବରଙ୍ଗପୁରରେ ୨୮ ଦମ୍ପତିଙ୍କ ସାମୂହିକ ବିବାହ



ନବରଙ୍ଗପୁର,୨୧।୪(ସମିସ): ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆଜି ନବରଙ୍ଗପୁର ସହର ସ୍ଥିତ ଡଲଫିନ ରିଶୋର୍ଟଠାରେ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଅନ୍ତର୍ଗତ ସାମୂହିକ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୮ ଜଣ ବର ବଧୂଙ୍କ ଶୁଭ ବିବାହ ସମ୍ପନ୍ନ ହୋଇଛି। ଓଡିଆ ରୀତିନୀତି ଏବଂ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ ଅନୁଯାୟୀ ଆୟୋଜିତ ଏହି ପବିତ୍ର କାର୍ଯ୍ୟକ୍ରମରେ ଜିଲ୍ଲାର ଆର୍ଥିକ ଦୁର୍ବଳ ଶ୍ରେଣୀର ଯୋଗ୍ୟ ଦମ୍ପତିମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ ଏବଂ ୪୫୦୦୦ ଟଙ୍କା ସହାୟତା ରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଥିଲେ। ଏହି ବିବାହ ଉତ୍ସବରେ ନବରଙ୍ଗପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ତପନ କୁମାର ଖୁଣ୍ଟିଆ, ପୌରପାଳିକା ଅଧ୍ୟକ୍ଷ କୁନୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଜ୍ୟୋତି ରଞ୍ଜନ କଂସ ତଥା ସହର ବୁଦ୍ଧିଜୀବି, ନାରୀ ନେତ୍ରୀ, ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ବାଲ୍ୟ ବିବାହ ଓ ଯୌତୁକ ପ୍ରଥା ନିବାରଣ କରିବା ସହ ସମାଜକୁ ବାର୍ତ୍ତା ଦେଉଛି ଯେ, ଝିଅମାନେ ପିତାମାତାଙ୍କ ପାଇଁ ବୋଝ ନୁହନ୍ତି, ସେମାନେ ଭଗବାନଙ୍କ ଆଶୀର୍ବାଦ ବୋଲି ଅତିଥିମାନେ କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଦ୍ରୌପଦୀ କହଁର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗର କର୍ମଚାରୀ ତଥା ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ "ସୋଭା'ର ସହଯୋଗରେ ବିବାହ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

# ମାଲକାନଗିରିରେ ୧୭ ନବଦମ୍ପତିଙ୍କ ବିବାହ



ମାଲକାନଗିରି: ମାଲକାନଗିରି କଲ୍ୟାଣ ମଣ୍ଡପଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅତ୍ୟନ୍ତ ଆନନ୍ଦଉଲ୍ଲାସର ସହ ଅନୁଷ୍ଠିତ ହୋଇଯାଇଛି। ଏହି ସାମୂହିକ ବିବାହ କାର୍ଯ୍ୟକ୍ରମରେ ମୋଟ ୧୭ଟି ଯୋଡ଼ି ବୈଦିକ ରୀତିନୀତି ଅନୁଯାୟୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ଅବସରରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମି ଏବଂ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗଦେଇ ନବଦମ୍ପତିଙ୍କୁ ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ହେଉଛି ଅର୍ଥ ଅଭାବରୁ ବିବାହ କରିପାରୁନଥିବା ଗରିବ ପରିବାର ପାଇଁ ଏକ ବଡ଼ ଆଶା ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ସିଡିଓ ତଥା ଇଓ ଦାଶରଥି ସରାବୁ ଏବଂ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୌରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ ବିବାହ ସମୟରେ କନ୍ୟାକୁ ୪୫ ହଜାର ଟଙ୍କାର ଚେକ୍, ବିବାହ ପଞ୍ଜିକରଣ ସାର୍ଟିଫିକେଟ ଓ ଏକ ଫଳନ୍ତି ବୃକ୍ଷ ପ୍ରଦାନ କରାଯାଇଛି। ଏହି ମହତ କାର୍ଯ୍ୟରେ ପରିବର୍ତ୍ତନ ସ୍ୱେଚ୍ଛାସେବୀ ସଂଗଠନ, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ।

# କୋରାପୁଟରେ ୩୩ ନବଦମ୍ପତିଙ୍କ ବିବାହ ସମ୍ପନ୍ନ



କୋରାପୁଟ: ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ରଠାରେ ଜିଲ୍ଲାସ୍ତରୀୟ ସମୂହ ବିବାହ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଯାଇଛି। କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ୟା ଦାନ କରିବା ସହ ନବ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କେବଳ ବିବାହ ଉତ୍ସବ ନୁହେଁ, ବରଂ ସାମାଜିକ ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ଦିଗରେ ଓଡ଼ିଶା ସରକାରଙ୍କ ଏକ ଦୃଢ଼ ସଂକଳ୍ପ। ବିଧବା ବିବାହକୁ ପ୍ରୋତ୍ସାହନ ଦେବା ହେଉଛି ଏହି ଯୋଜନାର ସ୍ୱତନ୍ତ୍ର ବିଶେଷତା ବୋଲି ବିଧାୟକ କହିଥିଲେ। ଏହି ଯୋଜନା କେବଳ ଏକ ସରକାରୀ ସହାୟତା ନୁହେଁ, ଏହା ବାଲ୍ୟବିବାହ ବିରୋଧରେ ଏକ ସଂକଳ୍ପ। ଯୌତୁକ ପ୍ରଥା ବିରୋଧରେ ଏକ ସାମାଜିକ ସନ୍ଦେଶ ଓ କନ୍ୟାମାନଙ୍କ ସମ୍ମାନକୁ ସୁନିଶ୍ଚିତ କରିବାର ଏକ ଦୃଢ଼ ପଦକ୍ଷେପ ବୋଲି କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା ଯୋଗଦେଇଥିଲେ। ସତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଭଗବାନ ମୁଦୁଲି, କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ନିର୍ବାଚିତ ଜନ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରୁ ଆସିଥିବା ୩୩ ଯୁବକଯୁବତୀ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହ କରିଥିବା ସମସ୍ତ ୩୩ ଜଣ କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ କନ୍ୟାମାନଙ୍କ ବ୍ୟାଙ୍କ୍ ଖାତାକୁ ପଠାଇ ଦିଆଯାଉଥିବା ବେଳେ ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି। ଶୋଭା ଫାଉଣ୍ଡେସନ ଏବଂ ଜିଲ୍ଲା ପ୍ରଶାସନ ତଥା ମହିଳା ଓ ଶିଶୁ ବିକାଶ ବିଭାଗର ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିବାହ ସମ୍ପର୍ଣ୍ଣ ପରେ ସମସ୍ତ ନବ ବିବାହିତ ଦମ୍ପତି ଯୌତୁକ ପ୍ରଥା ବିରୋଧରେ ସପଥ ନେଇଛନ୍ତି।

# ରାୟଗଡ଼ାରେ ୨୨ ନବଦମ୍ପତିଙ୍କ ବିବାହ



ରାୟଗଡ଼ା: ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ରାୟଗଡ଼ାଠାରେ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଜେ.କେ. ପେପର ମିଲ୍ସ ସମ୍ମିଳନୀ କକ୍ଷରେ ଜେ.କେ. ପେପର ମିଲ୍ସର ସିଏସଆର୍ ଶାଖା "ସ୍ୱର୍ଣ ସୋସିଆଲ ଫାଉଣ୍ଡେସନ୍' ସହଯୋଗରେ ଆୟୋଜିତ ସାମୁହିକ ବିବାହ ଉତ୍ସବରେ ଏସ୍‌ଡିସି ଅଧ୍ୟକ୍ଷ ବିଦ୍ୟାଧର ସବର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଡିସି. ଉପାଧ୍ୟକ୍ଷା ମଞ୍ଜୁଳା ମିନିଆକା ଓ ବିଶିଷ୍ଟ ଅତିଥି ବିଷମକଟକ ବିଧାୟକ ନୀଳମାଧବ ହିକକା, ସମ୍ମାନିତ ଅତିଥି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିହାର ରଞ୍ଜନ କହଁର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ଏବଂ ଉପଜିଲ୍ଲାପାଳ ରମେଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗନ୍ଧର ବାର୍ଲା, ପିଏ ଆଇଟିଡିଏ ଚନ୍ଦ୍ରକାନ୍ତ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ମିନତୀ ଦେଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଲିଜାବେଥ ଗରଡ଼ା, ରାୟଗଡ ବିଡିଓ ସୁଜିତ କୁମାର ମିଶ୍ର, ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସକ୍ଷମନ୍ତ, ଏସ୍‌ଏସଏସଓ ଶ୍ରୀକାନ୍ତ ପାଣିଗ୍ରାହୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ, ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ସିଡବ୍ଲ୍ୟୁସି ଅଧ୍ୟକ୍ଷ ପ୍ରମୋଦ ନାଏକ ଏବଂ ଡି.ସି. ଦିବାକର ପରିଚ୍ଛା ସହ ବହୁ ପ୍ରଶାସନିକ ଅଧିକାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବିବାହ କରିଥିବା ୨୨ ନବଦମ୍ପତିଙ୍କୁ ବିବାହ ପଞ୍ଜୀକରଣ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ସିଧାସଳଖ ବ୍ୟାଙ୍କ ଖାତାକୁ ୪୫,୦୦୦ ଟଙ୍କା ଆର୍ଥିକ ସହାୟତା ଦିବିଟି ମାଧ୍ୟମରେ ପ୍ରଦାନ କରାଯିବ। ଜେ.କେ. ପେପର ମିଲ୍ସର ଜି.ଏମ୍. (ଏଚ୍.ଆର୍. ଓ ଆଇ.ଆର୍.) ସନ୍ଦୀପ ପାଣ୍ଡେ, ଜି.ଏମ୍. (କ୍ୱାଲିଟି କଣ୍ଟ୍ରୋଲ) ଗୌରୀଶଙ୍କର ପଟ୍ଟନାୟକ ଏବଂ ଲୋକ ସମ୍ପର୍କ ଅଧିକାରୀ ସ୍ମୃତିରେଖା କର ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ସାମାଜିକ କଲ୍ୟାଣ ବିଭାଗର ତତ୍ତ୍ୱାବଧାନରେ ସ୍ୱର୍ଣ୍ଣ ସୋସିଆଲ ଫାଉଣ୍ଡେସନ୍‌ର ମ୍ୟାନେଜର ଆଦିତ୍ୟ ପଟ୍ଟନାୟକ ଓ ତାଙ୍କ ଟିମ୍ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ପାଲା ଗାୟକ କଳାକାର ନାଥଙ୍କ ପରଲୋକ



ଅନୁଗୋଳ,୨୧।୪(ସମିସ): ଅନୁଗୋଳ ସହରର ଶିମିଳିପଡ଼ା ନିବାସୀ ବିଶିଷ୍ଟ ପାଲା ଗାୟକ କଳାକାର ନାଥଙ୍କର ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ତାଙ୍କୁ ୭୪ ବର୍ଷ ହୋଇଥିଲା । ସ୍ୱର୍ଗତ ନାଥ ପାଲା ଗାୟକ ସହିତ ନଦିଆ କୀର୍ତ୍ତନ ଗାୟକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ବଙ୍ଗଳାରେ ପାଲା ଗାୟନ ଆରମ୍ଭ କରିଥିବା ସ୍ୱର୍ଗତ ନାଥ ପରବର୍ତ୍ତୀ ସମୟରେ ଓଡ଼ିଆ ପାଲା ଗାୟକ ଭାବେ ସରକାରଙ୍କଠାରୁ ସ୍ୱୀକୃତି ଲାଭ କରିଥିଲେ । ସ୍ୱର୍ଗତ ନାଥ ଅନୁଗୋଳ ଜିଲ୍ଲାର ସାମ୍ବାଦିକ ସଂଗ୍ରାମ ରଞ୍ଜନ ନାଥ ଓ ଶୁଭ୍ରରଞ୍ଜନ ନାଥଙ୍କ ପିତା ଅଟନ୍ତି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ପତ୍ନୀ ସଂଧାରଣୀ ନାଥ, ତିନି ପୁଅ ଦୁଇ ବାହୁ ଙ୍କ ସମେତ ଆତ୍ମୀୟ ଉପସ୍ଥିତ ଥିଲେ । ଯାଜପୁରର ଦଶମେଧ ଘାଟରେ ସୋମବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସାନପୁଅ ରଶ୍ମୀରଞ୍ଜନ ନାଥ ମୁଖାଗ୍ନି ଦେଇଛନ୍ତି । ତାଙ୍କ ବିୟୋଗରେ ଅନୁଗୋଳ ସହରରେ ଶୋକର ଛାୟା ଖେଳିଯାଇଛି । ବହୁ ବିଶିଷ୍ଟ ବ୍ୟକ୍ତି ସାହିତ୍ୟାନୁରାଗୀ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

## ଦୁଇ ଧର୍ମପରାୟଣ ମହିଳାଙ୍କ ପରଲୋକ

ବଁଅରପାଲ,୨୧।୪(ସମିସ): କମଳାଙ୍ଗ ପଞ୍ଚାୟତ ଅନ୍ତର୍ଗତ କମଳାଙ୍ଗ ଗ୍ରାମର ଦମୟନ୍ତୀ ବେହେରା (୭୦)ଙ୍କ ଆଜି ନିଜ ବାସଭବନରେ ଦେହାନ୍ତ ହୋଇଯାଇଛି । ସେ ଜଣେ ଧର୍ମପରାୟଣା ମହିଳା ଥିଲେ । ସେ କିଛି ଦିନ ହେବ ଅସୁସ୍ଥ ଥିଲେ । କମଳାଙ୍ଗ ସରପଞ୍ଚ ଜିତେନ୍ଦ୍ର ବେହେରା ତାଙ୍କ ବାସ ଭାବନକୁ ଅନ୍ତିମ ଦର୍ଶନ କରିବା ସହିତ ଦୁଃଖ ପ୍ରକାଶ କରି ପରିବାରକୁ ସାନ୍ତ୍ୱନା ଦେଇଥିଲେ । ତାଙ୍କର ୨ ପୁଅ ଓ ୩ ଝିଅ ଅଛନ୍ତି । ତାଙ୍କ ବିୟୋଗରେ କମଳାଙ୍ଗରେ ଶୋକର ଛାୟା ଖେଳିଯାଇଛି । ସେହିପରି ନୂଆହତା ଗ୍ରାମରେ ଯୁବ ସାମ୍ବାଦିକ ପ୍ରିୟବ୍ରତ ସାମଲଙ୍କ ମା' ପୁଷ୍ପଲତା ସାମଲ(୫୯) ଙ୍କର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କ ପାଖରେ ତାଙ୍କ ଦୁଇ ପୁଅ ଓ ସ୍ୱାମୀ ଉପସ୍ଥିତ ଥିଲେ । ସ୍ୱର୍ଗୀୟ ପୁଷ୍ପଲତା ଜଣେ ଧର୍ମପରାୟଣ ଓ ମେଳାପୀ ମହିଳା ଥିଲେ । ତାଙ୍କ ବିୟୋଗରେ ନୂଆହତା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ଖଣି ଜିଏମ୍‌ଙ୍କୁ ଦାବିପତ୍ର ଦେଲେ ବଳରାମପୁରବାସୀ



କଣିହାଁ,୨୧।୪(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ବଳରାମପୁର ମୌଜା ଅଧିବାସୀଙ୍କ ପକ୍ଷରୁ ନିଯୁକ୍ତି ଓ ଥଇଥାନ ଦାବି ନେଇ କଣିହାଁ ଖଣି ମହାପ୍ରବନ୍ଧକ ଦୀନେଶ ମାଳିଙ୍କୁ ମଙ୍ଗଳବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବଳରାମପୁର ଅଧିବାସୀଙ୍କର ଅଭିଯୋଗ ମୁତାବକ, ଗତ ୨୦୧୪ ମସିହାରୁ ଏମ୍‌ସିଏଲ୍ କର୍ତ୍ତୃପକ୍ଷ କୋଇଲା ଖଣି ସଂପ୍ରସାରଣ ନିମନ୍ତେ ସମସ୍ତ ଜମିଜମା ଅଧିଗ୍ରହଣ କରିଥିଲେ । ଗତ ୨୪ ଫେବୃଆରୀରେ କ୍ଷତିପୂରଣ ରାଶି ସେମାନଙ୍କୁ ପ୍ରଦାନ କରାଯାଇଛି । ଦଳିତ କ୍ଷତିଗ୍ରସ୍ତ ହୋଇଥିବାରୁ ସେମାନଙ୍କ ଦାବି ଆପତ୍ତି ଗୁହାରୀ କେହି ଶୁଣୁନାହାନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଏମ୍‌ସିଏଲ୍ ଆର୍‌ପିଡିଏସି ବୈଠକ ମୁତାବକ ଜମି ଅଧିଗ୍ରହଣ କରିବାର ତିନିବର୍ଷ ଭିତରେ ନିଯୁକ୍ତି ଓ ଅଇଥାନ ଆଦି କ୍ଷତିଗ୍ରସ୍ତ ପ୍ରଜାଙ୍କୁ ଦେବାର ନିୟମ ଥିବା ସତ୍ତ୍ୱେ ଏଯାବତ୍ ଖଣି କର୍ତ୍ତୃପକ୍ଷ ତାହା କାର୍ଯ୍ୟକାରୀ କରୁନାହାନ୍ତି । ଖଣି କର୍ତ୍ତୃପକ୍ଷ ଆମ୍ଭମାନଙ୍କର ନ୍ୟାୟ୍ୟଦାବିରୁ ବଞ୍ଚିତ କରି ଦିନ ପରେ ଦିନ ଗଡ଼ାଇ ଚାଲିଛନ୍ତି । ଆସନ୍ତା ମେ ମାସ ୬ତାରିଖ ସୁଦ୍ଧା ଦାବି ପୂରଣ ଦିଗରେ ଖଣି କର୍ତ୍ତୃପକ୍ଷ ସମାଧାନ ନ କଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ବଳରାମପୁର ଅଧିବାସୀ ଚେତାବନୀ ଦେଇ ଏହି ଦାବିପତ୍ର ଜିଏମ୍ ଶ୍ରୀ ମାଳିଙ୍କୁ ପ୍ରଦାନ କରିଛନ୍ତି । ପ୍ରାକ୍ତନ ସାଂସଦ ମହେଶ ସାହୁ, ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ନିର୍ମଳ ସାହୁ, ମଞ୍ଜୁଲତା ନାଏକ, ଇନ୍ଦ୍ରାଣୀ ନାଏକ, ଲଳିତ ସାହୁ, ପିଙ୍କି ନାଏକ, କୁନା ନାଏକ, ବିଷ୍ଣୁ ଚରଣ ନାଏକ, ମନୋଜ କୁମାର ନାଏକ, ପ୍ରଫୁଲ୍ଲ ନାଏକ, ପ୍ରଭାତ ସାହୁ, ଅଭୟ ନାଏକ, ନିଲୁ ନାଏକ, ଲିଜା ନାଏକ, ରଶ୍ମୀତା ନାଏକ, ଅହଲ୍ୟା ନାଏକ, ବାନ୍ଦ ନାଏକ, ଭାରତୀ ନାଏକ, ସରୋଜିନୀ ନାଏକ, ଅର୍ଜୁନ ନାଏକ ପ୍ରମୁଖ ସାମିଲ ଥିଲେ ।

## ସ୍ତ୍ରୀଙ୍କୁ ଛୁରାମାଡ଼ କରି ସ୍ୱାମୀ ଗିରଫ



ଅନୁଗୋଳ,୨୧।୪(ସମିସ): ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି ଅନୁଗୋଳ ଟାଉନ ଥାନା ଅଧୀନ ପିଟିସି ଛକ ନିକଟରେ । ଏହି ଛକ ନିକଟରେ ଥିବା ଏକ ବାଇକ ଶୋ'ରୁମରେ କାର୍ଯ୍ୟରତ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଛୁରାମାଡ଼ କରିଛନ୍ତି । ଗୁରୁତର ମହିଳା ଜଣକ ହେଉଛନ୍ତି ପଞ୍ଚମହଲା ଅଞ୍ଚଳର ତୁଳସୀ ବେହେରା । ସୂଚନା ଅନୁଯାୟୀ, ଦୀର୍ଘ ଦିନରୁ ସ୍ୱାମୀ ଲିଟୁ ଓ ତୁଳସୀଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା । ସୋମବାର ଲିଟୁ ଶୋ'ରୁମକୁ ଆସି ଝଗଡ଼ା କରିବା ସହ ଉତ୍ତେଜିତ ହୋଇ ତୁଳସୀଙ୍କ ମୁହଁ ଓ ପେଟକୁ ଛୁରିରେ ଆକ୍ରମଣ କରିଥିଲେ । ସଙ୍କଟଜନକ ଅବସ୍ଥାରେ ତାଙ୍କୁ ପ୍ରଥମେ ଅନୁଗୁଳ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ପୁଲିସ ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଲିଟୁଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି ।

### କାମ ଦେଉନି ବିକାଶ ମନ୍ତ୍ର

# ଅବହେଳିତ ହେଉଛି କଳାହୀରାର ସହର

ତାଳଚେର,୨୧।୪(ସମିସ):



ତାଳଚେରରେ କାମ ଦେଉନି ସରକାରଙ୍କ ବିକାଶର ମନ୍ତ୍ର । ଫଳରେ ଦିନକୁ ଦିନ ଅବହେଳିତ ହୋଇଚାଲିଛି ଏହି କଳାହୀରାର ସହର । ନିଜ ଗର୍ଭରେ ସାଇତି ରଖିଥିବା ସମ୍ପଦ ପାଇଁ ତାଳଚେର ମାଟି ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ସାରା ଭାରତକୁ ଆଲୋକିତ କରୁଛି । ମାଟି ଆଜି ନିଜର ଅସ୍ତିତ୍ୱ ହରାଇବାକୁ ବସିଥିଲେ ବି ଆଜିର ଇତିହାସରେ ଏକ ମାନଚିତ୍ର ଭାବେ ନିଜକୁ ଉଭା କରିପାରିଛି । ଅନୁମାନ କରାଯାଏ କି, ତାଳଚେର ଏହି ଖଣିଜ ସମ୍ପଦରେ ଆଜି ସାରା ଭାରତକୁ ଆଲୋକିତ କରୁଥିବା ବେଳେ ନିଜେ ଅଶହାୟ ଓ ଅନ୍ଧାରମୟ ଜୀବନ ଅତିବାହିତ କରୁଛି । ଏଠି ଯେଉଁ ନେତାମାନେ ନିର୍ବାଚିତ ହୋଇଛନ୍ତି କିଛି ନା କିଛି ମାଟି ପାଇଁ ଆଶା ଦେଇଛନ୍ତି । କିନ୍ତୁ ତାହା ପରବର୍ତ୍ତୀ ସମୟରେ "ଆଶା" ଆଶାରେ ହିଁ ରହିଯାଇଛି । ଯେଉଁ ନେତାମାନେ ନିର୍ବାଚିତ ହୋଇଛନ୍ତି ପ୍ରାୟ ସେମାନେ ପ୍ରାୟ ୧୦ରୁ ୨୦ବର୍ଷ ପର୍ଯ୍ୟନ୍ତ ନିଜର ଗାଦିମାଡ଼ି ବସିବା ସହ ତାଙ୍କର କାର୍ଯ୍ୟ ମାଟି ପାଇଁ ହେଲ୍ପଲେସ୍ ଭଳି ମନେହୁଏ । ତିନି ତିନିଟି ଦଳର ନେତା ଓଡ଼ିଶା ଗାଦିରେ ବସିଲେଣି, ଯିଏ ଯେଉଁ ପ୍ରକାର ଆଶ୍ୱାସନା ପ୍ରଦାନ କରିଛି, ତାହା ଅସଫଳ ସାବ୍ୟସ୍ତ ହୋଇଛି । ତାଳଚେର ଆଜି ଅବହେଳିତ, ଶୋଷିତ, ନିରୁପାୟ ଓ ଯନ୍ତ୍ରଣାରେ ଛଟପଟ । ନିର୍ବାଚନ ସମୟରେ ବିକାଶର କଥା ଆସିଲେ ଦଳଦଳ ହୋଇ ଭାଷଣବାଜି, ପଥପ୍ରାନ୍ତସଭା, ବାଇକରାଲି, ପଦଯାତ୍ରା ଆଦି ହୀନରାଜନୀତି ଯୋଗୁଁ ତାଳଚେର ମାଟି ନିଜର ଅସ୍ତିତ୍ୱ ହରାଇବାକୁ ବସିଲାଣି । ଏଠି କଥା ଆସେ, ତାଳଚେର ରାଣୀପାର୍କ ଜଙ୍ଗଲ ଓ ଡିୟରପାର୍କ, ତାଳଚେର ବସଷ୍ଟାଣ୍ଡ, ରାଜାରାଜୁଡ଼ା ଅମଳରୁ ନିର୍ମାଣ କରାଯାଇଥିବା ପୋଖରୀ, କଲ୍ୟାଣମଣ୍ଡପ, ରାଜବାଟୀ ସମ୍ମୁଖରେ ଆଇଲଭୟୁ ତାଳଚେରର ସୌନ୍ଦର୍ଯ୍ୟକରଣ, ଗଳିକନ୍ଦି ରାସ୍ତା ସହ ମୁଖ୍ୟରାସ୍ତା ଏପରିକି ରାଣୀପାର୍କ, ବସ୍‌ଷ୍ଟାଣ୍ଡ ଏବଂ ପଛପାଶ୍ୱର୍ରେ ନିର୍ମାଣ କରାଯାଉଥିବା କୋଲମ୍ୟୁଜିୟମ ଆଦି ପ୍ରତ୍ୟେକ ବିକାଶମୂଳକ କାମ ଅଧାପନ୍ତରିଆ ହୋଇ କାର୍ଯ୍ୟ କଚ୍ଛପ ଓ ମନ୍ଥର ଗତିରେ ହେଉଛି । ଅନୁଗୋଳ କୋଲମ୍ୟୁଜିୟମ ନିର୍ମାଣ ସରି ସହରବାସୀ ଏହାର ଫାଇଦା ଉଠାଉଥିବାବେଳେ ତାଳଚେରରେ ତିନିବର୍ଷରୁ ଉର୍ଦ୍ଧ୍ୱ ବିତି ଯାଇଥିଲେ ହେଁ ଏହି କୋଲମ୍ୟୁଜିୟମଟି ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ଏଗୁଡ଼ିକ କେବେ ସମ୍ପୂର୍ଣ୍ଣ ହେବ ଓ ସର୍ବସାଧାରଣଙ୍କ କାର୍ଯ୍ୟରେ କେବେ ଆସିବ ତାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତାଳଚେରର ଏପରି ଦୁର୍ଦ୍ଦଶା କିପରି ନେତା, ପ୍ରଶାସନ ଏବଂ ସରକାରଙ୍କ ଦୃଷ୍ଟିକୁ ଆସୁନାହିଁ ତାହା ଏକ ଦୁର୍ଭାଗ୍ୟଜନକ ବିଷୟ । ଯେକୌଣସି ସ୍ଥାନରେ କୌଣସି ନା କୌଣସି କାର୍ଯ୍ୟକ୍ରମ ଚାଲେ ସେଠି ଛତ୍ରଛାୟା ତଳେ ରହୁଥିବା କୁଜି ନେତାମାନେ ନେତାଙ୍କ ପୂର୍ବରୁ ପହଞ୍ଚି ଯାଇଥାନ୍ତି, ଯେପରି ନେତାଙ୍କର ଅସୁବିଧା ନହୁଏ, ଏଠି ତାଳଚେର ପ୍ରତ୍ୟେକ ଦିନ ଅସୁବିଧାର ସମ୍ମୁଖୀନ ହେଉଥାଉ କାହିଁକି ନା ମାଟି ନୁହେଁ ପାଟିର ଆବଶ୍ୟକତା ରହିଛି ବୋଲି ଦଳର ବୈଠକ ଚାରିକାନ୍ଥ ଭିତରେ ଶୁଣାଯାଏ । ଯଦି ଏପରି ମନୋଭାବରେ ଚାଲେ ତେବେ ତାଳଚେର ଆଗାମୀ ଦିନରେ ପରବର୍ତ୍ତୀ ପିଢ଼ି ପାଇଁ କେବଳ ଅନ୍ଧାର ଛଡ଼ା ଆଉକିଛି ନୁହେଁ ବୋଲି ଚର୍ଚ୍ଚା ଚାଲିଛି । ତେଣୁ ତାଳଚେରରୁ କୋଟି କୋଟି ଟଙ୍କା ରାଜସ୍ୱ ଉଭୟ ସରକାର ନେଉଥିବା ବେଳେ ତାଳଚେରର ବିକାଶ ଦିଗରେ ଧ୍ୟାନଦେବା ସହ ପ୍ରତ୍ୟେକ ଜରୁରୀ କାର୍ଯ୍ୟକୁ ପୂରଣ କରାଯିବାନେଇ ବିଭିନ୍ନ ମହଲରେ ଦାବି ହେଉଛି ।

## ଓଡ଼ିଶୀରେ 'ନୃତ୍ୟନିଳୟ' ଛାତ୍ରୀଙ୍କ ସଫଳତା





ଅନୁଗୋଳ୨୧।୪(ସମିସ): ଓଡ଼ିଶୀ ନୃତ୍ୟରେ ନୃତ୍ୟନିଳୟ ଛାତ୍ରଛାତ୍ରୀ ଙ୍କୁ ବେଶ୍ ସଫଳତା ମିଳିଛି । ଭାରତ ସରକାରଙ୍କ ସାଂସ୍କୃତିକ ସଂସାଧନ ପ୍ରଶିକ୍ଷଣ କେନ୍ଦ୍ର(ସିସିଆର୍‌ଟି) ଦ୍ୱାରା ହୋଇଥିବା ଓଡ଼ିଶୀ ନୃତ୍ୟ ପାଇଁ ବୃତ୍ତି ପରୀକ୍ଷାରେ ଓଡ଼ିଶୀ ନୃତ୍ୟ ପାଇଁ ଦୁଇଜଣ ଛାତ୍ରୀ କନିଷ୍ଠ ବୃତ୍ତି ୨୦୨୫-୨୬ ବର୍ଷ ପାଇଁ ପାଇବାକୁ ମନୋନୀତ ହୋଇଛନ୍ତି । ପ୍ରଥମ ଛାତ୍ରୀ ହେଲେ ସାବେରୀ ସଚିନ ଯାଦବ । ସେ ଭୁବନେଶ୍ୱର ଡିପିଏସ୍‌ର ଦଶମ ଶ୍ରେଣୀ ଛାତ୍ରୀ । ସାବେରୀଙ୍କ ପିତା ସଚିନ ରାମଚନ୍ଦ୍ର ଯାଦବ ଜଣେ ଭାରତ ପ୍ରଶାସନିକ ସେବା ଅଧିକାରୀ । ସାବେରୀ ବାଲ୍ୟକାଳରୁ ଗୁରୁ ସ୍ୱପ୍ନାରାଣୀ ସିହ୍ନାଙ୍କ ଠାରୁ ଓଡ଼ିଶୀ ନୃତ୍ୟ ପ୍ରଶିକ୍ଷଣ ନେଉଛନ୍ତି । ବହୁ ମଞ୍ଚରେ ଓଡ଼ିଶୀ ନୃତ୍ୟ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି । ଦ୍ୱିତୀୟ ଛାତ୍ରୀ ଜଣକ ହେଲେ ଓଡ଼ିଶୀ ନୃତ୍ୟାଙ୍ଗନା ସ୍ନେହା ମାହାତୋ । ସ୍ନେହାଙ୍କ ପିତା ସୁନ୍ଦର ରଞ୍ଜନ ମାହାତୋ । ସୁନ୍ଦର ସପରିବାର ଶିମିଳିପଡ଼ାରେ ରହୁଛନ୍ତି । ସ୍ନେହା ଗୁରୁ ଅନିତା ସିଂଦେଓ ନିକଟରେ ଓଡ଼ିଶୀ ନୃତ୍ୟରେ ପ୍ରଶିକ୍ଷଣ ନେଇ ଆସୁଛନ୍ତି । ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ପ୍ରଦତ୍ତ ଏହି କନିଷ୍ଠ ବୃତ୍ତି ପାଇବା ପରେ ନୃତ୍ୟ ନିଳୟ ପକ୍ଷରୁ ଗୁରୁ ସ୍ୱପ୍ନାରାଣୀ ସିହ୍ନାଙ୍କ ଅଭିଭାବକ ଆନନ୍ଦ ପ୍ରକାଶ କରିଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ଗୁରୁ ସ୍ୱପ୍ନାରାଣୀ ସିହ୍ନାଙ୍କ ଶିକ୍ଷାଦାନରେ ବିଗତବର୍ଷ ମାନଙ୍କରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ବହୁ ଛାତ୍ରଛାତ୍ରୀ କନିଷ୍ଠ, ବରିଷ୍ଠ ଛାତ୍ରଛାତ୍ରୀ ବୃତ୍ତି ଓ ଜୁନିଅର ଫେଲୋସିପ୍ ପାଇଆସୁଛନ୍ତି । ସେମାନେ ମଧ୍ୟ ବିଭିନ୍ନ ଜାତୀୟ ଏବଂ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବରେ ଅଂଶ ଗ୍ରହଣ କରି ବହୁ ପ୍ରଶଂସା ସାଉଁଟିଛନ୍ତି । ନୃତ୍ୟନିଳୟର ଏହି ସଫଳତା ପାଇଁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଅକ୍ଷୟ ତୃତୀୟା ଉତ୍ସବ ପାଳିତ



କୁଇଓ,୨୧।୪(ସମିସ): ବଁଅରପାଳ ବ୍ଲକ୍ ଜାମୁନାଳୀ ପଞ୍ଚାୟତ କୁଇଓ ଗ୍ରାମଠାରେ ଜିଲ୍ଲା ବିଜେପି ପକ୍ଷରୁ ବିଜେପି କୃଷକ ମୋର୍ଚ୍ଚା ସଭାପତି ବିଜୟ କୁମାର ମାଝୀଙ୍କ ନେତୃତ୍ୱରେ ପବିତ୍ର ଅକ୍ଷୟ ତୃତୀୟା ଉତ୍ସବ ପାଳିତ ହୋଇଛି । ଅନ୍ନଦାତା ଚାଷୀ ଭାଇମାନଙ୍କ ସହିତ ମୁଖ୍ୟଅତିଥି ଭାବେ ସାଂସଦ ରୁଦ୍ର ନାରାୟଣ ପାଣି ଯୋଗ ଦେଇଥିଲେ । ଗ୍ରାମର ଚାଷୀ ଭାଇ ସମସ୍ତେ ମିଶି ପୂଜକ ରୀତି ନୀତି ଅନୁଯାୟୀ ବଳଦ, ଲଙ୍ଗଳ, ଜୁଆଳି, ଗଉଣି ପୂଜାର୍ଚ୍ଚନା କରି ନାମ ସଙ୍କୀର୍ତ୍ତନ ସହ ଘଣ୍ଟ ଶଙ୍ଖ ବାଦ୍ୟରେ ଯାଇ ଅଖିମୁଠି ଅନୁକୂଳ କରିଥିଲେ । ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲେଶ୍ୱର ପ୍ରଧାନ, ରାଜ୍ୟ କୃଷକ ମୋର୍ଚ୍ଚା ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଗଣ୍ଡିଆ, ଛେଣ୍ଡିପଦା ବିଧାୟକ ପ୍ରତିନିଧି ଅକ୍ଷୟ ପାଦ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଗୁପବନ୍ଧୁ ଗଡ଼ନାୟକ, ନମିତା ଦଳବେହେରା, ବିଶ୍ୱଜିତ୍ ମିଶ୍ର, କୁକୁଡ଼ାଙ୍ଗ ମଣ୍ଡଳ ସମ୍ପାଦକ ଭୂପେନ ବେହେରା, ଅକ୍ଷୟ ଗଡ଼ନାୟକ, ବୁଥ୍ ସଭାପତି ମଣ୍ଟୁ ଗଡ଼ନାୟକ. ପ୍ରମୂଖ ସହଯୋଗ କରି ଉପସ୍ଥିତ ଥିଲେ ।

## ପାଲଲହଡ଼ା ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ



କଣିହାଁ,୨୧।୪(ସମିସ): କଣିହାଁ ବ୍ଲକ୍ କର୍ଣ୍ଣପାଳ ପଞ୍ଚାୟତର ଶିପୁର ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ହୋଇଯାଇଛି । ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତ ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ପ୍ରାୟ ୬ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ ନିର୍ମିତ ଭାଗବତ ଟୁଙ୍ଗି, ୪ ଲକ୍ଷ ଟଙ୍କାରେ ନିର୍ମିତ ବସ ଷ୍ଟାଣ୍ଡ ଗୃହ, ୩ ଲକ୍ଷ ୮୫ ହଜାର ଟଙ୍କା ବ୍ୟୟରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଏବଂ ୧୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ରର ଉଦ୍‌ଘାଟନ କରାଯାଇଥିଲା । ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ ପରେ ଗ୍ରାମବାସୀ ବିଧାୟକଙ୍କୁ ଧନ୍ୟବାଦ ଜଣାଇଥିଲେ । ବିଧାୟକ ମଧ୍ୟ ସମସ୍ତଙ୍କ ଅଭ୍ୟର୍ଥନା ଗ୍ରହଣ କରି ଗ୍ରାମରେ ଆୟୋଜିତ ରାଧା-କୃଷ୍ଣ ମେଳାରେ ଯୋଗଦେଇ ଆଶୀର୍ବାଦ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କର୍ଣ୍ଣପାଳ ସରପଞ୍ଚ ହୃଷିକେଶ ସାମଲ, ପରାବିଲ ସରପଞ୍ଚ ପ୍ରତିନିଧି ରମେଶ ପ୍ରଧାନ, ବିଜେପି ଜିଲ୍ଲା ସମ୍ପାଦକ ପ୍ରହ୍ଲାଦ ସାମଲ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## କଂଗ୍ରେସ ନେତା ଚିତ୍ତରଞ୍ଜନ ପ୍ରଧାନଙ୍କ ପରଲୋକ



ପାଲଲହଡ଼ା,୨୧।୪(ସମିସ): ପାଲଲହଡ଼ାର କଂଗ୍ରେସ ନେତା ଚିତ୍ତରଞ୍ଜନ ପ୍ରଧାନଙ୍କର ମଙ୍ଗଳବାର ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ହୋଇଥିଲା । ମଙ୍ଗଳବାର ମଧ୍ୟାହ୍ନରେ ଖାଇ ସାରି ବିଶ୍ରାମ ନେଉଥିବା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ପାଲଲହଡ଼ା ଡାକ୍ତରଖାନାକୁ ନିଆଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହି ଖବର ପ୍ରଚାରିତ ହେବାମାତ୍ରେ ପାଲଲହଡ଼ା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ମର ଶରୀରକୁ ଶୋଭାଯାତ୍ରାରେ ସହର ପରିକ୍ରମା କରେଇବା ପରେ ତାଙ୍କର ଶେଷ କୃତ୍ୟ ପାଇଁ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇଛି । ତାଙ୍କ ପରଲୋକରେ ପାଲଲହଡ଼ା ଓକିଲ ସଂଘ, ଉପଖଣ୍ଡ କ୍ରୀଡ଼ା ସଂସଦ, ଡ୍ରାଇଭର ସଂଘ, ବସଷ୍ଟାଣ୍ଡ ଆସୋସିଏସନ୍, ଅବସରପ୍ରାପ୍ତ କର୍ମଚାରୀ ସଂଘ ସମେତ ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ସ୍ଥାନୀୟ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ବିଧାୟକ ଅଶୋକ ମହାନ୍ତି, ପୂର୍ବତନ ବିଧାୟକ ମୁକେଶ ପାଲ ଏବଂ ପୂର୍ବତନ ଏମପି ମହେଶ ସାହୁ ପ୍ରଧାନଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିଥିଲେ ।

## ଏନ୍‌ଟିପିସି କଣିହାଁକୁ ସିଏସ୍‌ଆର୍ ଉତ୍କର୍ଷତା ସମ୍ମାନ



କଣିହାଁ,୨୧।୪(ସମିସ): ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ପାଇଁ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏନ୍‌ଟିପିସି କଣିହାଁକୁ ମଙ୍ଗଳବାର ସମ୍ମାନିତ କରାଯାଇଛି । କଣିହାଁସ୍ଥିତ ଏନ୍‌ଟିପିସି ପ୍ରଶାସନିକ କାର୍ଯ୍ୟାଳୟରେ ଆୟୋଜିତ ସମ୍ମାନ ସମାରୋହରେ ସଂଘର କର୍ମକର୍ତ୍ତା ଏନ୍‌ଟିପିସି ପ୍ରକଳ୍ପ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଏନ୍. ରେଡ୍ଡୀଙ୍କୁ ଉପଢୌକନ, ପ୍ରଶସ୍ତୀପତ୍ର ଓ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସେହିପରି, ଅତିରିକ୍ତ ମାନବ ସମ୍ବଳ ମହାପ୍ରବନ୍ଧକ ନବନୀତ କୁମାରଙ୍କୁ ମଧ୍ୟ ସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ଉପସଭାପତି ତଥା ଅନୁଗୋଳ ଜିଲ୍ଲା ସାଧାରଣ ସମ୍ପାଦକ ଡ଼ଃ ରଶ୍ମି ରଞ୍ଜନ ମିଶ୍ର, କଣିହାଁ ଶାଖା ସଭାପତି କଷ୍ଟୁ ଚରଣ ସାମଲ, ଉପସଭାପତି ଅଲେଖ ଭୂତିଆ, ଜିଲ୍ଲା ଉପସଭାପତି ଟୁନା ସାହୁ ଓ ମହେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଏମ୍‌ଏସ୍ ସଂଘର ସଭାପତି ବୀରେନ୍ଦ୍ର କାନୁନଗୋଙ୍କ ସହ ଅନ୍ୟାନ୍ୟ ପଦାଧିକାରୀ ଓ ସଦସ୍ୟମାନେ ଯୋଗଦେଇଥିଲେ ।

## ଗଛରେ ଚଢ଼ି ନାବାଳକ ପ୍ରେମିକର ଉନ୍ମତ୍ତକାଣ୍ଡ



ଅନୁଗୋଳ,୨୧।୪(ସମିସ): ପ୍ରେମିକା ପାଇଁ ନାବାଳକ ପ୍ରେମିକର ପାଗଳାମି ଆଜି ଦେଖିବାକୁ ମିଳିଛି ଅନୁଗୋଳ ସହରର ଅମଳାପଡ଼ାରେ । ଗଛରେ ଚଢ଼ି ନାବାଳକ ପ୍ରେମିକ କରିଛି ଉନ୍ମତ୍ତକାଣ୍ଡ । ଗଛ ଉପରେ ଚଢ଼ି ପ୍ରେମ ପାଇଁ ଜିଦି କରିଛି । ଘଟଣାସ୍ଥଳରେ ପୁଲିସ ଓ ଦମକଳ ବାହିନୀ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିଛି । ଯୁବକ ଜଣଙ୍କ ଦେବଗଡ଼ ଅଞ୍ଚଳର ହୋଇଥିବା ଜଣା ପଡ଼ିଛି । ଗତକାଲି ନାବାଳକ ପ୍ରେମିକାକୁ ନେଇ ଚମ୍ପଟ ମାରିଥିବା ବେଳେ ପୁଲିସ ଉଦ୍ଧାର କରିଥିଲା ।

## ସଞ୍ଜାମୁରା ପଞ୍ଚାୟତରେ ଜନଶୁଣାଣି



କିଶୋରନଗର,୨୧।୪(ସମିସ): କିଶୋରନଗର ବ୍ଲକ୍ ପ୍ରଶାସନ ପକ୍ଷରୁ ସଞ୍ଜାମୁରା ପଞ୍ଚାୟତ ରେ ଗତ ସୋମବାର ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଡିଓ ଶୁଭକାନ୍ତ ନାୟକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରି ତା'ର ସମାଧାନ କରିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ କମଳିନୀ ପ୍ରଧାନ, ବିଏସ୍‌ଏସ୍ ଓ ଝସକେତନ ସାହୁ, ବିପିସି(ଆର୍‌ଏଚ୍) ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ରମଣିରଞ୍ଜନ ସାହୁ, ବିପିସି(ଓଏଲ୍‌ଏମ୍) ସୁଜିତ ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଉପସ୍ଥିତ ଥିଲେ ।

# ବିବାହ ବନ୍ଧନରେ ଆବଦ୍ଧହେଲେ ୨୮ ଯୋଡ଼ା ବର-ବଧୂ

ଅନୁଗୋଳ,୨୧।୪(ସମିସ):



ଜିଲ୍ଲା ପ୍ରଶାସନ ଓ ବିଶ୍ୱ ଯୁବକେନ୍ଦ୍ରର ମିଳିତ ସହଯୋଗରେ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନାରେ ଆଜି ଅନୁଗୋଳ ଜିଲ୍ଲା ସଭାଗୃହଠାରେ ଜିଲ୍ଲାସ୍ତରୀୟ ସାମୂହିକ ବିବାହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ମନୋନୀତ ୨୮ ଯୋଡ଼ା ବର-କନ୍ୟା ବୈଦିକ ରୀତିନୀତି ଅନୁସାରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ । ସେ ଏହି ଯୋଜନାକୁ ସାମାଜିକ ବୈଷମ୍ୟ, ଯୌତୁକ ପ୍ରଥା ଓ ବାଲ୍ୟବିବାହ ବିରୋଧରେ ଏକ ସୁଦୃଢ଼ ପଦକ୍ଷେପ ବୋଲି କହିଥିଲେ । ସେହିଭଳି ସମ୍ମାନିତ ଅତିଥି ଭାବେ ସମ୍ବଲପୁର ଲୋକସଭା ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ସୁଦୀପ କୁମାର ଗଡ଼ନାୟକ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରାଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ନବଦମ୍ପତିଙ୍କୁ ଆଶୀର୍ବାଦ ଜଣାଇଥିଲେ । ଏହି ଅବସରରେ ନବଦମ୍ପତିଙ୍କୁ ଶାଢ଼ି, ମଙ୍ଗଳସୂତ୍ର ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ସିଡିପିଓ, ମହିଳା ସଶକ୍ତୀକରଣ କର୍ମଚାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ସହଯୋଗ କରିଥିଲେ । ଏହି ସାମୂହିକ ବିବାହ କାର୍ଯ୍ୟକ୍ରମ ଜିଲ୍ଲାରେ ସାମାଜିକ ସଚେତନତା ସୃଷ୍ଟି କରିବା ସହିତ ଅନେକ ପରିବାରଙ୍କୁ ଆର୍ଥିକ ଓ ସାମାଜିକ ସହାୟତା ଯୋଗାଇବାରେ ସହାୟକ ହୋଇଛି ।



## ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ପୂର୍ବତନ ସାଂସଦ



ଖଜୁରିଆକଟା,୨୧।୪ (ସମିସ): ଢେଙ୍କାନାଳ ଅନୁଗୋଳ ସଂସଦୀୟ କ୍ଷେତ୍ରର ପୂର୍ବତନ ସାଂସଦ ମହେଶ ସାହୁ ହିନ୍ଦୋଳ ଉପଖଣ୍ଡରେ ମୃତକ ପରିବାରକୁ ଭେଟି ଜଣାଇଛନ୍ତି ସମବେଦନା। ହିନ୍ଦୋଳ ବ୍ଲକ ଅନ୍ତର୍ଗତ ପଡା ଗ୍ରାମର କୈବଲ୍ୟ ସାହୁଙ୍କ ହାତୀ ଆକ୍ରମଣରେ କିଛିଦିନ ତଳେ ମୃତ୍ୟୁ ହୋଇଥିଲା। ଖବର ପାଇ ପୂର୍ବତନ ସାଂସଦ ମହେଶ ସାହୁ ତାଙ୍କ ପଡାସ୍ଥିତ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାର ବର୍ଗ ଙ୍କୁ ସମବେଦନା ଜଣାଇବା ସହ ଗ୍ରାମବାସୀଙ୍କୁ ନେଇ ଏକ ଶୋକ ସଭା କରି ପବିତ୍ର ଅମର ଆତ୍ମାର ସଦଗତି ନିମନ୍ତେ ମିଳିତ ପ୍ରାର୍ଥନା ସଭାରେ ଯୋଗଦେଇଥିଲେ। ସମାଜସେବୀ ରତିକାନ୍ତ ଗଡନାୟକ, ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ, ଗ୍ରାମର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ଉକ୍ତ ସଭାରେ ସ୍ୱର୍ଗତ କୈବଲ୍ୟ ସାହୁଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ହାତୀ ମଣିଷ ଲଢେଇ ବନ୍ଦ ପାଇଁ ବନବିଭାଗ ଓ ରାଜ୍ୟ ସରକାର ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରିବାସହ ଜନସାଧାରଣ ଓ ବନ୍ୟଜନ୍ତୁ ଅସୁରକ୍ଷିତ ରହିବା ସରକାରଙ୍କ ଓ ପ୍ରଶାସନର ବିଫଳତା ବୋଲି କ୍ଷୋଭ ପ୍ରକାଶ କରିଥିଲେ।

# ହାତୀ ମୁହଁରୁ ଜୀବନ ବଞ୍ଚାଉଛି 'ଆଲର୍ଟ ସିଷ୍ଟମ୍'

ଢେଙ୍କାନାଳ,୨୧।୪(ସମିସ)




**ମିଳୁଛି ସତର୍କ ସୂଚନା**

ଢେଙ୍କାନାଳ ଜିଲ୍ଲା ସବୁଜ ବନାନୀ ଅଞ୍ଚଳ ହୋଇଥିବା ଯୋଗୁଁ ଏଠାରେ ହାତୀମାନଙ୍କର ଚଳପ୍ରଚଳ ସହିତ ପ୍ରଜନନ କେନ୍ଦ୍ର ପାଲଟିଛି। ଜିଲ୍ଲାରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ହାତୀ ଚଳପ୍ରଚଳ କରୁଥିବା ଯୋଗୁଁ ପ୍ରତ୍ୟେକ ଦିନ ହାତୀ ମଣିଷ ମୁହାଁମୁହିଁ ହୋଇ ଜୀବନ ହାନୀ ଘଟୁଛି। ଢେଙ୍କାନାଳ ଜିଲ୍ଲାର ପ୍ରାୟ ୩୭% ଜଙ୍ଗଲ ଅଞ୍ଚଳ ରହିଥିବା ବେଳେ ଓଡ଼ିଶାରେ ସବୁଠୁ ଅଧିକ ହାତୀ ଗତିବିଧି ଦେଖିବାକୁ ମିଳେ। ସେଠାରେ ମନୁଷ୍ୟ ଓ ବନ୍ୟଜନ୍ତୁଙ୍କର ସହବସ୍ଥାନ ସଦା ସର୍ବଦା ଆହ୍ୱାନପୂର୍ଣ୍ଣ ହୋଇ ରହିଛି। ଜିଲ୍ଲାର ୧,୨୦୮ଟି ଗ୍ରାମ ଓ ୨୧୨ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ଅନେକ ଗ୍ରାମ ଜଙ୍ଗଲ ସୀମାକୁ ଲାଗିଥିବାରୁ ପ୍ରାୟତଃ ହାତୀ ଆଗମନ ଘଟେ। ପୂର୍ବରୁ ଏହା ଲୋକମାନଙ୍କ ପାଇଁ ଭୟ, କ୍ଷତି ଓ କେବେ କେବେ ଜୀବହାନିର କାରଣ ହୋଇଥିଲା। କିନ୍ତୁ ଏବେ ଏହି ପରିସ୍ଥିତିକୁ ବଦଳାଉଛି 'ଆର୍ଲି ୱାର୍ଣ୍ଣିଂ ସିଷ୍ଟମ୍' (ଇଡବ୍ଲ୍ୟୁଏସ୍)। ଏହି ପରିବର୍ତ୍ତନର ଜୀବନ୍ତ ଉଦାହରଣ ହେଉଛି ଢେଙ୍କାନାଳ ସହର ଉପକଣ୍ଠରେ ଅବସ୍ଥିତ କୁରୁମ ଟାଙ୍ଗୁର ଗ୍ରାମ। ପୂର୍ବରୁ ଏହି ଗ୍ରାମ ହାତୀ ଆକ୍ରମଣରେ ବ୍ୟତିବ୍ୟସ୍ତ ଥିଲା, କିନ୍ତୁ ଏବେ ଏଠାରେ ସତର୍କ ସଙ୍କେତ ଟାୱାର ମାଧ୍ୟମରେ ଲୋକମାନେ ପୂର୍ବରୁ ସୂଚନା ପାଉଛନ୍ତି। ଗ୍ରାମରେ ଲାଗିଥିବା ସାଇରନ୍ ଏବେ ଲୋକଙ୍କ ପାଇଁ ଏକ ଭରସାର ଶବ୍ଦ। ଗ୍ରାମର ସରଜୁ ସାହୁ କୁହନ୍ତି ପୂର୍ବରୁ ହାତୀ ହଠାତ୍ ଆସୁଥିଲେ, ଆମେ ଭୟଭୀତ ହେଉଥିଲୁ। ଏବେ ସାଇରନ୍ ଆଗୁଆ ଆମକୁ ସତର୍କ କରୁଛି ଏବଂ ଆମେ ସୁରକ୍ଷିତ ସ୍ଥାନକୁ ଯିବାକୁ ସମୟ ପାଉଛୁ। ଜିଲ୍ଲା ପ୍ରଶାସନ ଓ ବନ ବିଭାଗର ମିଳିତ ସମନ୍ୱୟରେ ହାତୀ ପ୍ରବଣ ଅଞ୍ଚଳଗୁଡ଼ିକରେ ୧୬୦ଟି ଆର୍ଲି ୱାର୍ଣ୍ଣିଂ ସିଷ୍ଟମ୍ ୟୁନିଟ୍ ସ୍ଥାପନ କରାଯାଇଛି। ହାତୀ ଗତିବିଧି ଚିହ୍ନଟ ହେଲେ ତୁରନ୍ତ ସାଇରନ ଚାଲୁ ହୋଇ ଗ୍ରାମବାସୀଙ୍କୁ ସତର୍କ କରାଯାଉଛି। ଏହି ସରଳ ବ୍ୟବସ୍ଥା ଏବେ ଜୀବନ ରକ୍ଷାର ଏକ ମୁଖ୍ୟ ଉପାୟ ହୋଇପାରିଛି। ଏହି ପୂର୍ବ ସତର୍କତା ଯୋଗୁଁ ଲୋକମାନେ ହାତୀ ସହ ସମ୍ମୁଖୀନ ହେବାରୁ ବଞ୍ଚି ପାରୁଛନ୍ତି। ସେମାନେ ଘରେ ସୁରକ୍ଷିତ ରହୁଛନ୍ତି, ଶିଶୁ ଓ ବୃଦ୍ଧଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ପଶୁମାନଙ୍କୁ ମଧ୍ୟ ସୁରକ୍ଷିତ କରୁଛନ୍ତି। ମନୁଷ୍ୟ ହାତୀ ସଂଘର୍ଷର ଘଟଣାରେ ସ୍ପଷ୍ଟ ହ୍ରାସ ଦେଖାଯାଇଛି।୧୧.୯୨ ଲକ୍ଷ ଜନସଂଖ୍ୟା ଓ ୭୮.୮% ସାକ୍ଷରତା ହାର ସହିତ ଢେଙ୍କାନାଳ ଜିଲ୍ଲା ଏହି ପ୍ରୟାସରେ ସଚେତନତାକୁ ମଧ୍ୟ ସମାନ ଗୁରୁତ୍ୱ ଦେଇଛି। ସାଇରନ ଶୁଣିଲେ କ'ଣ କରିବା ଘରେ ରହିବା, ଭୟଭୀତ ନ ହେବା, ଓ ହାତୀକୁ ଉତ୍ତେଜିତ ନ କରିବା। ଏହି ସମସ୍ତ ବିଷୟରେ ଲୋକମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ସଚେତନ କରାଯାଉଛି । ଏହି ପ୍ରୟାସ ସାମାଜିକ ଭାବେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କାରଣ ଜିଲ୍ଲାରେ ୧୯.୬% ଏସସି ଓ ୧୩.୬% ଏସଟି ଜନସଂଖ୍ୟା ରହିଥିବା ସହ ବହୁ ଲୋକ ଜଙ୍ଗଲ ସୀମାରେ ବସବାସ କରନ୍ତି ଓ ଏମିତି ସଂଘର୍ଷରେ ଅଧିକ ପ୍ରଭାବିତ ହୁଅନ୍ତି। ଏହି କ୍ଷେତ୍ରଗୁଡ଼ିକୁ ପ୍ରାଥମିକତା ଦେଇ ପ୍ରଶାସନ ଏକ ସମାବେଶୀ ପଦକ୍ଷେପ ନେଇଛି। ବନ ବିଭାଗର ଅଧିକାରୀମାନେ କହିବା ଅନୁସାରେ ଏହା ଏକ ପ୍ରତିକ୍ରିୟାଶୀଳ ନୁହେଁ ବରଂ ପୂର୍ବ ପ୍ରସ୍ତୁତିମୂଳକ ପଦକ୍ଷେପ। ଆମେ ଏବେ ଘଟଣା ପରେ କାମ କରୁନାହିଁ, ଆଗରୁ ସେଥିପାଇଁ ପ୍ରସ୍ତୁତ ହେଉଛୁ। କୁରୁମ ଟାଙ୍ଗୁର ଗ୍ରାମରେ ଏହାର ପ୍ରଭାବ ସ୍ପଷ୍ଟ। ଚାଷୀମାନେ ଭୟ ଛାଡି କାମ କରୁଛନ୍ତି। ଶିଶୁମାନେ ନିରାପଦ ଭାବରେ ପଢିବାକୁ ଯାଉଛନ୍ତି ଓ ରାତିରେ ଭୟ ପରିବର୍ତ୍ତେ ନିଶ୍ଚିନ୍ତତା ରହିଛି। ଯଦିଓ ହାତୀ ଗତିବିଧି ଚଞ୍ଚଳ ଥିବାରୁ କିଛି ଅସୁବିଧା ରହିଛି। ତଥାପି ଏହି ପ୍ରୟାସର ସଫଳତା ଆଗାମୀ ଦିନରେ ଏହାକୁ ଆହୁରି ବିସ୍ତାର କରିବାର ପଥ ପରିଷ୍କାର କରିଛି। ଏହି ମଡେଲ ପ୍ରଯୁକ୍ତି, ସଚେତନତା ଓ ପ୍ରଶାସନିକ ଦୃଢତାର ଏକ ସୁନ୍ଦର ମିଶ୍ରଣ। ଏଠାରେ ସାଇରେନ ର ଶବ୍ଦ କେବଳ ସତର୍କ ସଙ୍କେତ ନୁହେଁ, ଏହା ଏକ ନୂଆ ସହବସ୍ଥାନର ଆଶା।

## ରୋଟାରୀ କ୍ଲବ୍ ପରିସରରେ ଜଗନ୍ନାଥ ଦର୍ଶନ ଆଲୋଚନାଚକ୍ର




ଢେଙ୍କାନାଳ, ୨୧।୪(ସମିସ): ସନ୍ଧ୍ୟା ୭ଘଟିକା ସମୟରେ, ସ୍ଥାନୀୟ ରୋଟାରୀ କ୍ଲବ୍ ପରିସରରେ "ଜଗନ୍ନାଥ ଦର୍ଶନ" ଶୀର୍ଷକ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ସଭାପତି ରୋଟାରିଆନ୍ ସାଗରିକା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ, ପ୍ରାରମ୍ଭରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ରୋଟାରିଆନ୍ ଲକ୍ଷ୍ମୀ ନାରାୟଣ ନନ୍ଦ, ପ୍ରବଚକ ଜିଜ୍ଞାସୁ ଏ ଆର୍ ସାହୁଙ୍କ ପରିଚୟ ପ୍ରଦାନ କରିଥିଲେ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ପ୍ରବଚକ ଜିଜ୍ଞାଂଶୁ ଏ ଆର୍ ସାହୁ ନିଜର ବକ୍ତବ୍ୟ ମାଧ୍ୟମରେ ନିଜର ମତବିନିମୟ କରିଥିଲେ। ପ୍ରତିଷ୍ଠାତା ସଦସ୍ୟ ରୋଟାରିଆନ ସାଗରମଲ ଅଗ୍ରୱାଲ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରୀ ସୁଶ୍ରୀ ଶ୍ରେୟା ଶିଳ୍ପୀ ସାହୁ ୯୯% ନମ୍ବର ରଖି ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଡ଼ଃ ଅବୋଧ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ ଏବଂ ରୋଟାରିଆନ ନବୀନ ଚନ୍ଦ୍ର ନାରାୟଣ ଦାସ ସମ୍ବର୍ଦ୍ଧିତ କରିଥିଲେ। ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ର ଶ୍ରୀୟାଂଶୁ ପ୍ରୀୟମ ୯୮.୨%ନମ୍ବର ରଖି ଜିଲ୍ଲାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ରୋଟାରିଆନ୍ ରାଜ କିଶୋର ବେହେରା ତାଙ୍କ ପରିଚୟ ପ୍ରଦାନ କରିଥିଲେ। ରୋଟାରିଆନ୍ ସନ୍ଧ୍ୟା ରାଣୀ ମହାପାତ୍ର ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରୋଟାରିଆନ ରାଜେନ୍ଦ୍ର କୁମାର ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବିରଞ୍ଚି ନାରାୟଣ ପାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟ ପରିଷଦ ପକ୍ଷରୁ କବି ଜୟଦେବ ଜୟନ୍ତୀ



ଢେଙ୍କାନାଳ,୨୧।୪(ସମିସ): ସ୍ଥାନୀୟ ହାଉସିଂ ବୋର୍ଡସ୍ଥିତ ସଂସ୍କୃତି ଭବନଠାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଢେଙ୍କାନାଳ ଜିଲ୍ଲା ପକ୍ଷରୁ କବି ଜୟଦେବଙ୍କ ଜୟନ୍ତୀ ଓ ଅକ୍ଷୟ ତୃତୀୟା ପର୍ବ ବିଶିଷ୍ଟ ଶିକ୍ଷାବିତ ଓ ଲେଖକ ଡଃ ନିରଞ୍ଜନ ଦାଶଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ଜିଲ୍ଲା ସଭାପତି ଡଃ ଦୁର୍ଗାମାଧବ ପୃଷ୍ଟି କାର୍ଯ୍ୟକ୍ରମକୁ ସଞ୍ଚାଳନ କରି କହିଲେ କବି ଜୟଦେବ ବିଶ୍ୱ କବି ଅଟନ୍ତି। ତାଙ୍କ ଦ୍ୱାରା ରଚିତ ଗୀତଗୋବିନ୍ଦ ସମଗ୍ର ବିଶ୍ୱରେ ଆଦୃତି ଲାଭ କରିଛି। ସଭାର ସଭାପତି ଡଃ ଦାଶ କହିଲେ ଅକ୍ଷୟ ତୃତୀୟା ଏକ ମହାନ ପର୍ବ ଓ ଅତି ପବିତ୍ର ଦିବସ। ଜଗନ୍ନାଥ ଓ ଅନ୍ୟ ବିଗ୍ରହଙ୍କର ରଥ ଅନୁକୂଳ ହୋଇଥାଏ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କବି ବାହାଦୂର ପାଟ୍ଟସାହାଣୀ, ସଭ୍ୟ ଇଂ ଲଳିତ ବେହେରା, କବି ନଳିନୀ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି କବି ଜୟଦେବ ଓ ଅକ୍ଷୟ ତୃତୀୟା ଉପରେ ସେମାନଙ୍କର ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ବକ୍ତା ଭାବରେ ଡଃ ପ୍ରମୋଦ ନାୟକ ଯୋଗଦେଇ ଗୀତ ଗୋବିନ୍ଦର କେତୋଟି ପଦ୍ୟାବଳୀ ଗାନ କରି ଏହାର ମାହାତ୍ମ୍ୟ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଜିଲ୍ଲା ସମ୍ପାଦକ କବି ପ୍ରମୋଦ ପରିଡ଼ା ତାଙ୍କ ବକ୍ତବ୍ୟ ପ୍ରଦାନ କରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ଢେଙ୍କାନାଳ,୨୧।୪(ସମିସ): ଢେଙ୍କାନାଳ ଜିଲ୍ଲା ପୋକ୍ସୋ ଅଦାଲତରେ ନାବାଳିକାକୁ ଅପହରଣ ସହ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ପୋକସୋ ଅଦାଲତର ମାନ୍ୟବର ଆଡହକ ବିଚାରପତି ପ୍ରସନ୍ନ କୁମାର କର୍ଣ୍ଣ ଏହି ମାମଲାର ଶୁଣାଣି କରି ଅଭିଯୁକ୍ତ ଲିକୁନ ସାହୁ ଓ ରାକେଶ ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି । ଯାହାକି ପୀଡ଼ିତାଙ୍କୁ ପ୍ରଦାନ କରାଯିବା ନିମନ୍ତେ ରାୟରେ ଉଲ୍ଲେଖ ଅଛି। ଜୋରିମାନା ଅର୍ଥ ଅନାଦେୟ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବା ନିମନ୍ତେ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ବାଲିମୀ ଥାନା ଅର୍ନ୍ତଗତ ମହଲୁଣ୍ଡା ଗ୍ରାମର ଜୈନେକ ୧୨ ବର୍ଷର ନାବାଳିକାକୁ ଅଭିଯୁକ୍ତ ଲିକୁନ ସାହୁ ଓ ରାକେଶ ବେହେରା କେଉଁଆଡ଼େ ନେଇ ଯାଇଥିଲେ। ପରିବାର ସଦସ୍ୟ ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ଝିଅର କୌଣସି ସନ୍ଧାନ ନ ମିଳିବାରୁ ପୀଡ଼ିତାର ପୀତା ବାଲିମୀ ଥାନାରେ ଏକ ଅପହରଣ ମାମଲା ଦାୟର କରିଥିଲେ। ପୁଲିସ ତଦନ୍ତରୁ ପୀଡ଼ିତା ସହ ଦୁଷ୍କର୍ମ ହୋଇଥିବାର ପ୍ରମାଣ ମିଳିଥିଲା। ଫଳରେ ପୁଲିସ ଦୁଇ ଅଭିଯୁକ୍ତ ଲିକୁନ ସାହ, ରାକେଶ ବେହେରା ଓ ବିକ୍ରମ ବେହେରାଙ୍କ ନାମରେ ଆଇପିସିର ଦଫା ୩୬୩/୩୬୬/୩୭୬ (୨) ଘ,୩୭୬ (୩) ୩୪୬,୧୦୯ ଏବଂ ପୋକ୍ସୋ ଆକ୍ଟର ଦଫା ୬/୧୭ରେ ଚାର୍ଜସିଟ ଦାଖଲ କରିଥିଲା। ଯାହାକି ପୋକ୍ସୋ ଅଦାଲତର ବିଚାରାଧୀନ ରହିଥିଲା। ଏହି ମାମଲାରେ ସମୁଦାୟ ୨୯ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଏବଂ ୧୮ ଟି ଦସ୍ତାବିଜ ଆଧାରରେ ଅଦାଲତ ଅଭିଯୁକ୍ତ ଲିକୁନ ସାହୁ ଓ ରାକେଶ ବେହେରାଙ୍କୁ ୩୭୬ (୩)/୩୬୩ ଆଧାରରେ ଦୋଷୀ ସାବ୍ୟସ୍ତ କରି ରାୟ ଶୁଣାଇଛନ୍ତି। ପ୍ରମାଣ ଅଭାବରୁ ଅନ୍ୟତମ ଅଭିଯୁକ୍ତ ବିକ୍ରମ ବେହେରାକୁ ଅଦାଲତର ନିର୍ଦ୍ଦେଶରେ ଖଲାସ କରିଛନ୍ତି। ସରକାରଙ୍କ ତରଫରୁ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଗଣେଶ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ପିପି ପୋକ୍ସୋ ପଞ୍ଚାନନ ମଲ୍ଲିକ ମାମଲା ପରିଚାଳନା କରିଥିଲେ।

## ଗ୍ରୀଷ୍ମ ପ୍ରବାହ ନେଇ ବେଗାରେ ସଚେତନତା

ଗଁଦିଆ,୨୧।୪(ସମିସ): ଜିଲ୍ଲାରେ ଦିନକୁ ଦିନ ବଢୁଥିବା ତୀବ୍ର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବେଗା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଏକ ଜରୁରୀ ସଚେତନତା ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଜିଏନ୍ଏମ୍ ସୁଶ୍ରୀ ଜୟପ୍ରଭା ସାହୁ, ନବନିଯୁକ୍ତ ଏଏନ୍ଏମ୍ ସୁଶ୍ରୀ ସଙ୍ଗୀତା ପୌଲେ ଓ ସମସ୍ତ ଆଶା କର୍ମୀମାନେ ଯୋଗଦେଇ ଗ୍ରୀଷ୍ମ ପ୍ରବାହ ଓ ରୁଦ୍ର ତାପ ସନଷ୍ଟ୍ରୋକ ରୁ ଜନସାଧାରଣଙ୍କୁ ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ଉପରେ ଜୋର ଦେଇଥିଲେ। ସମୟରେ ବାହାରୁ ନ ଯିବା, ପର୍ଯ୍ୟାପ୍ତ ପାଣି ପାନ କରିବା, ଶରୀରକୁ ଥଣ୍ଡା ରଖିବା ସହିତ ସନଷ୍ଟ୍ରୋକ୍‌ର ଲକ୍ଷଣ ପ୍ରତି ସଚେତନ ରହିବାକୁ ଲୋକମାନଙ୍କୁ ଅବଗତ କରାଯାଇଥିଲା। ବୈଠକରେ ପୂର୍ବତନ ସରପଞ୍ଚ ତଥା ବିଜେପି ବ୍ଲକ୍ ପ୍ରାକ୍ତନ ସଭାପତି ପ୍ରଦୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମଧ୍ୟ ଏହି ପଦକ୍ଷେପ ପାଇଁ ସମ୍ପୂର୍ଣ୍ଣ ସହଯୋଗର ହାତ ବଢ଼ାଇଥିବା ବୈଠକରେ ଜଣାଇଥିଲେ।

## ଗୁରୁତର ମାଇ ହାତୀର ମୃତ୍ୟୁ



ଗଁଦିଆ,୨୧।୪(ସମିସ): ଜଙ୍ଗଲ ମଧ୍ୟରେ ଗୁରୁତର ଭାବରେ କିଛିଦିନ ଧରି ଆହତ ଅବସ୍ଥାରେ ଥିବା ଏକ ମାଇ ହାତୀର ମୃତ୍ୟୁ ଘଟିଛି। ଢେଙ୍କାନାଳ ଜିଲ୍ଲା ବନଖଣ୍ଡ ଅଧୀନ ଷଡ଼ଙ୍ଗୀ ରେଞ୍ଜ ଲତାଦେଇପୁର କାଜୁ ଜଙ୍ଗଲ ମଧ୍ୟରେ ଆଜି ମାଇ ହାତୀ ମରିଥିବା ଦେଖିବାକୁ ମିଳିଥିଲା। କାଜୁ ଜଙ୍ଗଲ ମଧ୍ୟରେ ଶିକାରୀ ଦ୍ୱାରା ରଖାଯାଥିବା ବୋମା ଖାଇ ଉକ୍ତ ମାଇ ହାତୀ କିଛି ଦିନ ହେଲା ଗୁରୁତର ଆହତ ଅବସ୍ଥାରେ ଥିଲା। ତାର ପାଟିରେ ଗୁରୁତର କ୍ଷତ ସୃଷ୍ଟି ହୋଇଥିବାରୁ କୌଣସି ପ୍ରକାର ଖାଦ୍ୟ ଖାଇ ପାରୁନଥିଲା। ବନ ବିଭାଗ ପକ୍ଷରୁ ସଠିକ ଭାବରେ ଚିକିତ୍ସା ନକରିବା ଫଳରେ ଆହତ ହାତୀଟିର ମୃତ୍ୟୁ ଘଟିଛି ବୋଲି ସ୍ଥାନୀୟ ଲୋକେ ଅଭଯୋଗ କରିଛନ୍ତି। ହାତୀଟି ଆହତ ଥିବା କିପରି ବନ ବିଭାଗ ଜାଣି ପାରିଲା ନାହିଁ, ବିଶେଷ କରି ବିଭାଗ ପକ୍ଷରୁ ଗଜରାଜ ସୁରକ୍ଷା ନିମନ୍ତେ ହାତୀ ସ୍କ୍ୱାଡ୍ ଗଠନ ହୋଇଛି, ଏତେ ସବୁ ଥାଇ ବନ ବିଭାଗ କିପରି କୁମ୍ଭକର୍ଣ୍ଣ ନିଦରେ ଶୋଇ ରହିଛି ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଚନ୍ତି। ଅପର ପକ୍ଷରେ ହାତୀର ମୃତ୍ୟୁ ବନ ବିଭାଗର ବନ୍ୟ ପ୍ରାଣୀ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅପରପକ୍ଷରେ ହାତୀ ମୃତ୍ୟୁ ଖବର କିଭଳି ପ୍ରଘଟ ନହେବ, ସେ ନେଇ ବିଭାଗ ପକ୍ଷରୁ ପ୍ରୟାସ କରାଯାଇଥିବା ମଧ୍ୟ ସ୍ଥାନୀୟ ଲୋକେ ଗୁରୁତର ଅଭିଯୋଗ ଉଠାଇଛନ୍ତି।

## ନ୍ୟୁ ଇଣ୍ଡିଆ ସମ୍ପାଦକ ଚନ୍ଦ୍ରଶେଖର ସେବାରତ୍ନ ସମ୍ମାନରେ ସମ୍ମାନିତ



ଢେଙ୍କାନାଳ,୨୧।୪(ସମିସ): ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ୟୁଥ୍ କ୍ଲବ୍‌ର ଷଷ୍ଠ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ ମହୋତ୍ସବ ଦେଓଗାଁ, କପିଳାସ ଠାରେ ପାଳନ କରାଯିବା ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଅଦ୍ୱୈତ ଗଡନାୟକ ପ୍ରମୁଖ ଯୋଗଦେଇ ନ୍ୟୁ ଇଣ୍ଡିଆ, ସନ୍ଥପୁର ସମ୍ପାଦକ ଶେଷଦେବ ରାଉତଙ୍କୁ ସାମାଜିକ କାର୍ଯ୍ୟ, ସ୍ୱାସ୍ଥ୍ୟ ସେବା, ବୃକ୍ଷରୋପଣ, ରକ୍ତଦାନ ଶିବିର ଏପରି ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନିତ ହୋଇ ସାରା ରାଜ୍ୟରେ ସାମାଜିକ କାର୍ଯ୍ୟ କରି ନିଜର ଅନେକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବାରୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ଜୀଉ ୟୁଥ କ୍ଲବ୍ କପିଳାସ ତରଫରୁ ନ୍ୟୁ ଇଣ୍ଡିଆ, ସନ୍ଥପୁର ସମ୍ପାଦକ ଶ୍ରୀ ରାଉତଙ୍କୁ ଚନ୍ଦ୍ର ଶେଖର ସେବାରତ୍ନ ସମ୍ମାନ ସମ୍ମାନିତ କରିଛନ୍ତି।

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**

# ୨୮ ଯୋଡ଼ା ନବଦମ୍ପତିଙ୍କୁ ମିଳିଲା ସହାୟତା ରାଶି





ଢେଙ୍କାନାଳ,୨୧।୪(ସମିସ)

ସ୍ଥାନୀୟ ଅଭିନନ୍ଦନ ଗାର୍ଡେନ ଠାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ଜିଲ୍ଲାର ୨୮ ଯୋଡ଼ା ବର କନ୍ୟାଙ୍କ ବିବାହ କାର୍ଯ୍ୟ ପାରମ୍ପାରିକ ରୀତିରେ ସମ୍ପନ୍ନ ହୋଇଛି । ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଆୟୋଜିତ ଏହି ସମୂହ ବିବାହ ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ହିନ୍ଦୋଳର ବିଧାୟିକା ସୀମାରାଣୀ ନାୟକ, ପରଜଙ୍ଗର ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଜିଲ୍ଲା ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତୀ ରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇ ନବଦମ୍ପତିଙ୍କ ଶୁଭକାମନା କରିଥିଲେ। ଏହି ଅବସରରେ ମନ୍ତ୍ରୀ ଓ ଅତିଥିମାନେ ସମସ୍ତ ନବଦମ୍ପତିକୁ ୪୫ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ର, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହଯୋଗରେ ଏହି ସମୂହ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା।

## ଚନ୍ଦ୍ରଶେଖରଜିଉଙ୍କ ଚନ୍ଦନ ଯାତ୍ରା

ଗଁଦିଆ,୨୧।୪(ସମିସ): ଢେଙ୍କାନାଳ ଜିଲ୍ଲାର କପିଳାସସ୍ଥିତ ଶ୍ରୀଚନ୍ଦ୍ରଶେଖରଜିଉଙ୍କ ଚନ୍ଦନ ଯାତ୍ରା ଏକ ଭିନ୍ନ ପରମ୍ପରାରେ ପ୍ରଚଳିତ ହୋଇଆସୁଛି। ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଚନ୍ଦନ ଯାତ୍ରାରେ ଠାକୁରଙ୍କ ବିଜେ ପ୍ରତିମାଭାବରେ କେବଳ ମଦନ ମୋହନ ଚାପ ଖେଳିଥିବାବେଳେ କପିଳାସ ପୀଠର ଚଳନ୍ତି ପ୍ରତିମା ଶିବ ପାର୍ବତୀ ଚନ୍ଦନ ଯାତ୍ରା ଅବସରରେ ଚାପ ଖେଳିଥାନ୍ତି। ଚାପ ଖେଳିବା ପରେ ଚଳନ୍ତି ପ୍ରତିମାକୁ ପାଣି କୁଣ୍ଡରେ ବୁଡ଼ାଇ ରଖାଯାଇଥାଏ। ଅନ୍ୟ ଅଞ୍ଚଳରେ ହେଉଥିବା ଚନ୍ଦନ ଯାତ୍ରାରେ ଦେଖାଦେଇ ନଥାଏ। ପବିତ୍ର ଅକ୍ଷୟ ତୃତୀୟାର ୪ ଦିନ ପୂର୍ବରୁ କପିଳାସ ପୀଠରେ ପ୍ରଭୁ ଶ୍ରୀଚନ୍ଦ୍ରଶେଖରଜିଉ ଓ ଦେବୀ ପାର୍ବତୀଙ୍କର ଗୁପ୍ତ ଚନ୍ଦନ ଯାତ୍ରା ହୋଇଥାଏ। ଅକ୍ଷୟ ତୃତୀୟାରୁ ଶିବ ପାର୍ବତୀଙ୍କର ଚଳନ୍ତି ପ୍ରତିମାକୁ ସୁସଜ୍ଜିତ ବିମାନରେ କପିଳାସ ପୀଠରୁ ଢୋଲ, ଟମକ, ନିଶାଣ, ଭେରି, ତୁରୀ ଆଦି ବାଦ୍ୟ ସହ ଏକ ପଟୁଆରରେ କପିଳାସ ପାଦ ଦେଶରେ ଥିବା ଦେଓଗାଁ ପର୍ଯ୍ୟନ୍ତ ଅଣାଯାଇଥାଏ। ବାଟରେ ବିଶ୍ରାମ ଗୃହରେ ଶ୍ରୀଜିଉ କିଛି ସମୟ ବିଶ୍ରାମ କରିଥାନ୍ତି। କିନ୍ତୁ ସେହି ମନ୍ଦିରଟି ଦୀର୍ଘବର୍ଷ ଧରି ବଜ୍ରାଘାତରେ ଫାଟିଯାଇଥିବାରୁ ଦେଉଳର ସାମ୍ନାରେ ଶ୍ରୀଜିଉ ବିଶ୍ରାମ ନେଇଥାନ୍ତି। ଦେଓଗାଁସ୍ଥିତ ଶ୍ରୀବଳଦେବଜିଉଙ୍କ ପୀଠରେ ପହଞ୍ଚିବା ପରେ ଅନ୍ନ ପ୍ରସାଦ ଲାଗି ହୋଇ ଶ୍ରୀଜିଉ ଚାପ ଖେଳିବା ପାଇଁ ଶିବସାଗରକୁ ଯାଇଥାନ୍ତି। ଦ୍ୱିପ୍ରହରରେ ଚାପ ଖେଳିବାପରେ ଶିବସାଗରରେ ଥିବା ବିଶ୍ରାମ ଗୃହରେ ସନ୍ଧ୍ୟା ପର୍ଯ୍ୟନ୍ତ ବିଶ୍ରାମ ନେଇଥାନ୍ତି। ସନ୍ଧ୍ୟା ବେଳେ ଉଖୁଡା ଓ ପିଠା ଭୋଗ ଖାଇ ପୁଣିଥରେ ଚାପ ଖେଳି ଫେରିଥାନ୍ତି ଶ୍ରୀବଳଦେବଜିଉଙ୍କ ମନ୍ଦିରକୁ। ରାତ୍ର ପ୍ରସାଦ ପରେ ଶ୍ରୀଜିଉଙ୍କର ପହଣ୍ଡି ପଡ଼ିଥାଏ। ବର୍ଷବର୍ଷ ଧରି ଏହି ପରମ୍ପରା ସେବକଙ୍କ ଦ୍ୱାରା ସୂଚାରୁରୂପେ ହୋଇ ଆସୁଛି। ଦେବୋତ୍ତର ବିଭାଗ ଏଥି ପାଇଁ ଭୋଗରାଗ ଓ ସେବାୟତଙ୍କୁ ନିଯୋଗ କରିଥାନ୍ତି। ଶିବସାଗରରେ ଥିବା ବିଶ୍ରାମ ଗୃହକୁ ନୂଆ ରଙ୍ଗରେ ଲିପାପୋଛା କରାଯାଇଥାଏ। ଏଥିପାଇଁ ଉଦ୍ଦିଷ୍ଟ ଡଙ୍ଗାରେ ଶ୍ରୀଜିଉଙ୍କୁ ବସାଇ ଦୁଇଥର ଚାପ ଖେଳାଇଥାନ୍ତି। ପ୍ରଥମ ଚାପ



ଖେଳିବାପରେ ଶ୍ରୀଜିଉଙ୍କୁ ପାଣି କୁଣ୍ଡରେ ବେକଯାଏଁ ବୁଡାଇ ରଖାଯାଇଥାଏ। ଦ୍ୱିତୀୟ ଚାପ ବେଳକୁ ଶ୍ରୀଜିଉ କୁଣ୍ଡରୁ ବାହାରି ଚାପ ଖେଳିଥାନ୍ତି। ଏହାପରେ ପୁନଶ୍ଚ ଦେଓଗାଁସ୍ଥିତ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ୨୧ଦିନ ବ୍ୟାପୀ ଅନୁଷ୍ଠିତ ଏହି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ।

ସକାଳ THE SAKALA

ବୁଧବାର
୨୨ ଏପ୍ରିଲ, ୨୦୨୬




# ରାସ୍ତାକଡ଼ରେ ଖୋଲାମେଲା ବିଦ୍ୟୁତ୍ ଟ୍ରାନ୍ସଫର୍ମର

ଦୋବଲ,୨୧।୪(ସମିସ)

ଧାମନଗର ଖଡ଼ିପଦା-ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଯାତାୟାତ କରିବା ଏବେ ବିପଦପୂର୍ଣ୍ଣ ହୋଇପଡ଼ିଛି। ଖଡ଼ିପଦା ସ୍କୁଲ ନିକଟ ପାଚେରିକୁ ଲାଗି ରାସ୍ତା ଉପରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଦୀର୍ଘ ଦିନ ହେବ ଅତି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ଟ୍ରାନ୍ସଫର୍ମରଟି ଖୋଲାମେଲା ଭାବେ ପଡ଼ି ରହିଥିବାରୁ ଏହା ଯେକୌଣସି ସମୟରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟାଇବା ଆଶଙ୍କା ସୃଷ୍ଟି କରିଛି। ଏହି ରାସ୍ତା ଦେଇ ପ୍ରତ୍ୟହ ଶତାଧିକ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ଯାତାୟାତ କରିଥାନ୍ତି। ଏହା ସହିତ ବାଇକ୍,



ଚାରିଚକିଆ ହାଲୁକା ଯାନ ଏବଂ ଭାରୀଯାନ ଯଥା ବସ୍ ମଧ୍ୟ ଏହି ସଂକୀର୍ଣ୍ଣ ରାସ୍ତା ଦେଇ ଯାଇଥାଏ। ରାସ୍ତାକଡ଼ରେ ଥିବା ଏହି ଅସୁରକ୍ଷିତ ଟ୍ରାନ୍ସଫର୍ମର ପରିସର ପାଚେରି ନ ଥିବାରୁ ଲୋକେ ଓ ଯାନବାହନ ସଙ୍କୁଚିତ ରାସ୍ତାକୁ ପାସ୍ କରି ନ ପାରି ଟ୍ରାନ୍ସଫର୍ମର ଆଡ଼କୁ ଚାଳି ହୋଇ ଯାଆନ୍ତି। ଯାନବାହନ ଚଳାଚଳରେ ଅସୁବିଧା ସହ ଛୋଟବଡ଼ ଦୁର୍ଘଟଣା ମାନ ଘଟିବାର ଅନେକ ନଜିର ଅଛି। ବିଶେଷ କରି ଛୋଟ ପିଲାମାନେ ଏହି ବାଟ ଦେଇ ଗଲାବେଳେ ସେମାନଙ୍କ ସୁରକ୍ଷାକୁ ନେଇ ଅଭିଭାବକମାନେ ଚିନ୍ତାରେ ରହିଛନ୍ତି।

**ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି; ସ୍ଥାନାନ୍ତର ପାଇଁ ବାରମ୍ବାର ଦାବି ହେଉଛି**

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଟ୍ରାନ୍ସଫର୍ମରଟି ବିପଦପୂର୍ଣ୍ଣ ଭାବେ ରହିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହିଁ। ଦୀର୍ଘ ଦିନ ଧରି ଏପରି ଅବସ୍ଥା ଲାଗି ରହିଥିଲେ ହେଁ ମରାମତି କିମ୍ବା ସୁରକ୍ଷା ପାଚେରି ନିର୍ମାଣ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ବିଭାଗର ଏହି ଉଦାସିନତା ପ୍ରତି ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଶୀଘ୍ର ଏହି ସମସ୍ୟାର ସମାଧାନ କରା ନ ଯାଏ, ତେବେ ଆଗାମୀ ଦିନରେ କୌଣସି ଅପ୍ରୀତିକର ପରିସ୍ଥିତି ଘଟିଲେ ସେଥିପାଇଁ ବିଦ୍ୟୁତ୍ ବିଭାଗ ଦାୟୀ ରହିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ତୁରନ୍ତ ଏହି ଟ୍ରାନ୍ସଫର୍ମରକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କିମ୍ବା ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଧାମନଗର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶାଶ୍ୱତ କୁମାର ନନ୍ଦୀ କୁହନ୍ତି, ରାସ୍ତା ଉପରେ ଟ୍ରାନ୍ସଫର୍ମରଟି ଥିବାରୁ ପାଚେରି ହୋଇପାରୁ ନାହିଁ। ଏଷ୍ଟିମେଟ୍ ଯାଇଛି ଖୁବ୍‌ଶୀଘ୍ର ଅନ୍ୟତ୍ର ସ୍ଥାନାନ୍ତର କରାଯିବ ବୋଲି କହିଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର

ବାରିକପୁର,୨୧।୪(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦକ୍ଷିଣବାଡ଼ ପଞ୍ଚାୟତ ହାଟଡିହି ଗାଁ ମୁଣ୍ଡରେ ଅତି ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ୍ ଯୋଗାଣ ହେଉଥିବା ଦେଖାଯାଇଛି। ଗାଁର ନାରାୟଣୀ ଦେବୀଙ୍କ ପୀଠରୁ ହାଟଡିହିକୁ ବିଦ୍ୟୁତ୍ ଲାଇନ ସଂଯୋଗ ହୋଇଛି। ଏବେ ବିଦ୍ୟୁତ୍ ତାର ସମ୍ପୂର୍ଣ୍ଣ ଭାବେ ତଳକୁ ଝୁଲି ପଡ଼ିଥିବାବେଳେ କିଛି ମଧ୍ୟ ଗଛଲତାରେ ଆବଦ୍ଧ ହୋଇଛି।



ହାଇଲେବୁଲ୍ କେନାଲର ବାମ ପାର୍ଶ୍ୱ ରାସ୍ତା ଉପରେ ଏଭଳି ବିପଦସଙ୍କୁଳ ଭାବେ ତାର ଝୁଲି ରହିଛି। ରାତି ପାହିଲେ ଗ୍ରାମବାସୀଙ୍କ ସମେତ ପଡ଼ୋଶୀ ଗ୍ରାମର ଶହଶହ ଜନସାଧାରଣ ଏହି ରାସ୍ତା ଦେଇ ଭଣ୍ଡାରିପୋଖରୀ ବଜାରକୁ ଯାତାୟାତ କରିଥା'ନ୍ତି। କେତେବେଳେ ଯେ କିଛି ଦୁର୍ଘଟଣା ନ ଘଟିବ କହିହେଉ ନାହିଁ। ଅନୁମାନ ହେଉଛି ମାତ୍ରାଧିକ ବର୍ଷା ଝଡ଼ି ହେଲେ ତା'ର ସମ୍ପୂର୍ଣ୍ଣ ମାଟିରେ ଲୋଟି ପଡ଼ିବ। ତେଣୁ ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବିଦେଶୀ ମଦ ଜବତ, ଜଣେ ଗିରଫ

ସୋର,୨୧।୪ (ସମିସ): ଅନନ୍ତପୁର ଥାନା ବାଲଙ୍ଗ ଛକ ନିକଟରେ ଏକ ଦୋକାନରେ ମଦ ବିକ୍ରି ହେଉଥିବା ନେଇ ପୁଲିସକୁ ଖବର ମିଳିଥିଲା। ଫଳରେ ଗତକାଲି ରାତିରେ ଅନନ୍ତପୁର ଥାନାଧିକାରୀ ସରୋଜ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ଦୋକାନରେ ଚଢ଼ାଉ କରି ୪୦ ଲିଟର ବିଦେଶୀ ମଦ ଜବତ କରିବା ସହିତ ମୁଳିସିଂ ଗ୍ରାମର ଅଜିତ କୁମାର ଖୁଣ୍ଟିଆ(୩୫)କୁ ଗିରଫ କରିଥିଲେ। ଆଜି ଅପରାହ୍ଣରେ ସୋର ମେଡିକାଲରେ ଅଜିତର ଡାକ୍ତରୀ ମାଇନା ପରେ ପୁଲିସ ଅଜିତକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

# ରେବତୀ କଳା ପରିଷଦ ଓ ସଂଗୀତ ବିଦ୍ୟାଳୟର ବାର୍ଷିକ ଉତ୍ସବ



ସୋର, ୨୧।୪ (ସମିସ): ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ବଳିବେଡ଼ ଗ୍ରାମସ୍ଥ ରେବତୀ କଳା ପରିଷଦ ଓ ସଙ୍ଗୀତ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ସୁଦର୍ଶନ ଖୁଣ୍ଟିଆଙ୍କ ସଭାପତିତ୍ୱରେ ପାଳିତ ହୋଇ ଯାଇଛି। ଉତ୍ସବରେ ଅନୁଷ୍ଠାନର ମୁଖ୍ୟ ପ୍ରହଲ୍ଲାଦ ନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଅନୁଷ୍ଠାନର ଅଗ୍ରଗତି ନିମନ୍ତେ ସମସ୍ତ କଳପ୍ରେମୀ ତଥା ଗ୍ରାମବାସୀଙ୍କର ସହଯୋଗ କାମନା କରିଥିଲେ। ମୁଖ୍ୟ ଅତିଥିଭାବେ ଶ୍ରୀଧର ପ୍ରସାଦ ବେହେରା ଯୋଗଦେଇ ସୁସ୍ଥ ସମାଜ ଗଠନରେ କଳା ଓ ସଂସ୍କୃତିର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ ନାଟ୍ୟକାର ଓ ବିଶିଷ୍ଟ କଳା ପ୍ରେମୀ ତପନ କୁମାର ପଣ୍ଡା ଜୀବନର ପ୍ରତିଟି ସୋପାନରେ କଳାର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ସମ୍ମାନିତ ଅତିଥି ଭାବରେ କଳା ଶିକ୍ଷକ ସୁଦର୍ଶନ ସାହୁ, ଭଞ୍ଜ କିଶୋର ଯତି, ପ୍ରେମ ସାଇ ମହାରଣା, ଦିପ୍ତିରାଣୀ ସାହୁ ତଥା ନୁଆପୂର୍ ଦହିପୂର୍ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରେନ୍ଦ୍ର ପତି ବିଦ୍ୟାଳୟ ଶିକ୍ଷା ସହ କଳା ଶିକ୍ଷାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମାଜସେବୀ ପୁଷ୍ପଲତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର କୁନି କୁନି କଳାକାରମାନେ ନୃତ୍ୟ, ସଙ୍ଗୀତ, ବାଦ୍ୟ ଓ ସୁନ୍ଦର ଚିତ୍ର ପ୍ରଦର୍ଶନକରି ଉତ୍ସବକୁ ଭାବବିଭୋର କରିଦେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ସୁରେନ୍ଦ୍ର ପ୍ରସାଦ ନାୟକ ଓ ରାଜେନ୍ଦ୍ର ବେହେରା ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ କବି ଶ୍ରୀଜୟଦେବ ଜୟନ୍ତୀ ଉତ୍ସବ



ଭଦ୍ରକ,୨୧।୪(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗର ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ କବି ଶ୍ରୀଜୟଦେବ ଜୟନ୍ତୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ ସହ ବେଦପାଠ କରାଯାଇ ଗୀତଗୋବିନ୍ଦ ରଚୟିତା କବି ଜୟଦେବଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଭଦ୍ରକ ଶ୍ରୀଜଗନ୍ନାଥ ସାଂସ୍କୃତିକ କଳାକାର ସଂଘ ପକ୍ଷରୁ ଗୀତଗୋବିନ୍ଦ ଗାୟନ ପରିବେଷଣ କରାଯାଇଥିଲା। ମୁଖ୍ୟବକ୍ତା ଭାବେ "ଅମୃତ ଦର୍ଶନ'ର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ କବି ଜୟଦେବଙ୍କ ଆଧ୍ୟାତ୍ମିକ ଚେତନା ଓ ସାହିତ୍ୟିକ ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ବାଲ୍ମିକୀ, ପର୍ଶୁରାମ, ମା' ଗଙ୍ଗା ଏବଂ ପବିତ୍ର ଅକ୍ଷୟ ତୃତୀୟାର ମାହାତ୍ମ୍ୟ ସହ କବି ଜୟଦେବଙ୍କ ପ୍ରଭାବ ବିଷୟରେ ମତ ରଖିଥିଲେ। ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ ମଧ୍ୟ ଉପସ୍ଥିତ ରହି କବି ଜୟଦେବଙ୍କ ଗୀତଗୋବିନ୍ଦ ଭାରତୀୟ ସଙ୍ଗୀତ, ନୃତ୍ୟ ଓ ଭକ୍ତି ସାହିତ୍ୟରେ ଏକ ଅମୂଲ୍ୟ ସମ୍ପଦ ଭାବେ ପରିଚିତ ବୋଲି ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ସଂସ୍କୃତି ଅଧିକାରୀ ତନୁଜା ଶିର୍କା ଉପସ୍ଥିତ ଥିବାବେଳେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଉତ୍ସବର ସଂଯୋଜନା କରିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଦିନକୁ ଦିନ ବଢ଼ି ଚାଲିଛି ପାଣି ବେପାର**

# ସ୍ୱଚ୍ଛତା ଓ ଶୁଦ୍ଧତାକୁ ନେଇ ଉଠୁଛି ପ୍ରଶ୍ନ

କୟାଁଗୋଲା,୨୧।୪(ସମିସ): ସରକାର ଗାଁ ଠୁଁ ସହର ଯାଏଁ ପାନୀୟଜଳ ଯୋଗାଇଦେବା ନିମନ୍ତେ ଗଭୀର ନଳକୂପ ସହ 'ବସୁଧା' ଓ 'ସ୍ୱଜଳଧାରା' ଯୋଜନା ମାଧ୍ୟମରେ ନିୟମିତ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇ ଆସୁଛନ୍ତି। ଏହା ସତ୍ତ୍ୱେ ବି ପ୍ଲାଷ୍ଟିକ୍ ଜାର୍ ପାଣି ବିକ୍ରି ଦିନକୁ ଦିନ ବିକ୍ରି ଜୋର୍ ଧରିଛି। ଜିଲ୍ଲାର ପ୍ରମୁଖ ବଜାର ସହ ଗାଁଗୁଡିକରେ ପ୍ରତିଦିନ ହଜାର ହଜାର ଲିଟର ପାଣି ଜାର୍ ବିକ୍ରି ହେଉଥିବା ବେଳେ ଏହାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠିଛି। ମିନେରାଲ୍ ଯୁକ୍ତ ବିଶୁଦ୍ଧ ପାନୀୟ ଜଳ ନାମରେ ଏଭଳି ପାଣି ବିକ୍ରି ହେଉଥିବା ବେଳେ ଏହାର ସ୍ୱଚ୍ଛତା ଓ ଶୁଦ୍ଧତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଏଭଳି ପାଣି ଜାର୍‌ରେ ସ୍ୱଚ୍ଛତା ଓ ଶୁଦ୍ଧତା ନେଇ କୌଣସି ସୂଚନା ରହୁ ନାହିଁ କି ସିଲ୍ ରହୁ ନାହିଁ। ତେଣୁ ପାନୀୟରେ ଜଳକୁ ନେଇ ଯଦି କୌଣସି ସମସ୍ୟା ଉପୁଜିଲେ ଏହାର ଉତ୍ତରଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠିଛି। ପ୍ରତ୍ୟେକ ଦିନ ବେଧଡ଼କ ଏଭଳି ପାଣି ଜାର୍ ବିକ୍ରି ହେଉଥିବା ବେଳେ ପ୍ରଶାସନ ଏ ଦିଗ ପ୍ରତି ସଂପୂର୍ଣ୍ଣ ନିରବ ରହିଛି। ଚାଲୁ ରହିଥିବା ପାନୀୟ ଜଳ ପ୍ରକଳ୍ପ ଗୁଡ଼ିକରୁ ଜଳ ଯୋଗାଣ କ'ଣ ପର୍ଯ୍ୟାପ୍ତ ହେଉ ନାହିଁ ନାଁ ଏହାର ସ୍ୱଚ୍ଛତା ଓ ଶୁଦ୍ଧତା ପ୍ରତି ସନ୍ଦେହ ସୃଷ୍ଟି ହେଉଛି। ଯାହା ଦ୍ୱାରା ଜନସାଧାରଣ ପ୍ଲାଷ୍ଟିକ ବୋତଲ ଜଳକୁ କିଣି ପିଉଛନ୍ତି। ପାଣି ଭର୍ତ୍ତି ଜାର୍ ଗୁଡ଼ିକ ସହରାଞ୍ଚଳରୁ ଆରମ୍ଭ ହୋଇ ଗ୍ରାମାଞ୍ଚଳ ଯାଏଁ ଏହାର କାରବାର ବୃଦ୍ଧି ପାଉଛି। ଏହି ପାଣିର ଉତ୍ସ ସମ୍ପର୍କରେ ଲୋକେ ଅଜଣା ରହୁଛନ୍ତି। ଏହାର ଶୁଦ୍ଧତ ଓ ଅବଧି ସମ୍ପର୍କରେ କୌଣସି ସୂଚନା ରହୁ ନାହିଁ। ସାଧାରଣ ଜନତା କେବଳ ବ୍ୟବସାୟୀଙ୍କ ଉପରେ ଭରସା ରଖି ଏହାକୁ ବିଶୁଦ୍ଧ ପାଣି ଭାବେ ଗ୍ରହଣ କରୁଛନ୍ତି। ଏହାର ତଦାରଖ ଦାୟିତ୍ୱରେ ଥିବା ଅଧିକାରୀ ମାନେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା। ଫଳରେ ଗାଁରୁ ବଜାର ଯାଏଁ ଦିନ କୁ ଦିନ ଏହି ବ୍ୟବସାୟ ବଢ଼ିବାରେ ଲାଗିଛି। କିଏ କେଉଁଠି ପାଣି ସଂଗ୍ରହ କରି ବିକୁଛନ୍ତି ଜନସାଧାରଣ ଜାଣି ପାରୁ ନାହାନ୍ତି। ସେହିଭଳି ସହରରେ ଦଶ ଟଙ୍କିଆ ପାଣି ବଜାର ବିକ୍ରି ମଧ୍ୟ ବଢ଼ି ଚାଲିଛି। ନୂଆ ନୂଆ କମ୍ପାନୀର ନାମ ଦେଇ ଏହା ବିକ୍ରି କରାଯାଉଥିବା ବେଳେ ଏହାର ଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠିଛି। ବିଶୁଦ୍ଧ ପାଣି ନାମରେ ଏହି ବେପାର ଚାଲିଥିବା ବେଳେ ଲୋକେ ପାଣି ପିଇ ବିଭିନ୍ନ ରୋଗର ଶିକାର ହେଉଥିବା ବି ଅଭିଯୋଗ ହେଉଛି। ପ୍ରଶାସନ ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ଇସ୍କନର ଅଦିନିଆ ରଥଯାତ୍ରାକୁ ତୀବ୍ର ବିରୋଧ

ଭଦ୍ରକ,୨୧।୪(ସମିସ): ଇସ୍କନ ସଂସ୍ଥା ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଅଦିନିଆ ରଥଯାତ୍ରାକୁ ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି, ଭଦ୍ରକ ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଇସ୍କନ ପକ୍ଷରୁ ଦର୍ଶାଯାଇ ଆସୁଛି ଯେ, ଶାସ୍ତ୍ରୀୟ ବିଧିବିଧାନ ଅନୁସାରେ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଯେଉଁ ରଥଯାତ୍ରା ଆୟୋଜନ କରାଯାଉଛି ତାହା କେବଳ ଭାରତ ପକ୍ଷରେ ଲାଗୁ ହୋଇପାରେ। କିନ୍ତୁ ବିଦେଶରେ ଏହା ଲାଗୁହେବା ଯଥାର୍ଥତା ନାହିଁ ବୋଲି ଦର୍ଶାଯାଉଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଛି। ତେବେ ଏଠାରେ ପ୍ରଶ୍ନ ଉଠେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ତା'ର ଐତିହ୍ୟ, ପରମ୍ପରା ଓ ଆବିର୍ଭାବ ଇତ୍ୟାଦି ସଂସ୍କାର କ'ଣ ବିଦେଶରୁ ଆସିଛି କି? ଏସବୁ ଆଧ୍ୟାତ୍ମିକ ଚିନ୍ତା ଓ ଭାବନା ଆମ ଭାରତୀୟ ସଂସ୍କୃତିର ଦିଗ୍‌ଦର୍ଶକ ଭାବରେ ପରିଚିତ ବିଭିନ୍ନ ପୌରାଣିକ ଶାସ୍ତ୍ର ବିଶେଷକରି ସ୍କନ୍ଦ ପୁରାଣର ତଥା ପ୍ରଚାରକଗଣ ଆମ ଭାରତୀୟ ସଂସ୍କୃତି ଓ ବିଚାରାଧାରାକୁ ସ୍ୱୀକାର କରନ୍ତି ନାହିଁ। ଯଦି ଏହାକୁ ଅସ୍ୱୀକାର କରନ୍ତି ତାହେଲେ ଶ୍ରୀଜଗନ୍ନାଥଙ୍କ ଚତୁର୍ଦ୍ଧା ବିଗ୍ରହ ପରିବର୍ତ୍ତେ ଅନ୍ୟ କୌଣସି ବିଗ୍ରହଙ୍କ ଉଦ୍ଦେଶ୍ୟରେ ରଥ ନିର୍ମାଣ କରି ତାଙ୍କର ପର୍ବ ପାଳନ କରିବା ସମିଚୀନ ହୋଇପାରନ୍ତା। ଏ ସବୁ ଦୃଷ୍ଟିରୁ ଇସ୍କନ ସଂସ୍ଥାର ଏତାଦୃଶ କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରିବା ସଙ୍ଗେ ସଙ୍ଗେ ଏ ପ୍ରକାର ଅପସଂସ୍କୃତିକୁ ବିରୋଧ କରୁଛୁ। ଯେହେତୁ ଏହା ଆମ ଅଗଣିତ ଶ୍ରୀଜଗନ୍ନାଥ ପ୍ରେମୀ ଭକ୍ତଙ୍କୁ ଗଭୀର ଆଘାତ ଦେଉଛି।

# ଖଇରା ତାଳକୁରୁଆରେ ଯଶୋବନ୍ତ ସେବାଶ୍ରମ ପ୍ରତିଷ୍ଠା

ଖଇରା,୨୧।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ଦ୍ଧନା ପଞ୍ଚାୟତ ଅଧୀନ ତାଳକୁରୁଆ ଗ୍ରାମରେ ଶିକ୍ଷକ ମାୟାଧର ସାହୁଙ୍କ ସଞ୍ଚିତ ଅର୍ଥରେ ଏବଂ ପିତାଙ୍କ ସ୍ମୃତିରେ ନିର୍ମିତ ଯଶୋବନ୍ତ ସେବାଶ୍ରମ ସୋମବାର ଦିନ ଉଦଘାଟିତ ହୋଇ ଯାଇଛି। ସକାଳେ ଘଟୋତ୍ତଳ କରାଯାଇଥିବା ବେଳେ ପୂର୍ବାହ୍ନରେ କୃଷ୍ଣଚନ୍ଦ୍ର ପତ୍ରୀ, ବିଭୁତି ତ୍ରିପାଠୀ, ଶ୍ୟାମସୁନ୍ଦର ପଣ୍ଡା ଓ ଅଭିମନ୍ୟୁ ପଣ୍ଡାଙ୍କ ଦ୍ୱାରା ଯଜ୍ଞକର୍ମ କରାଯାଇଥିଲା। ପରେ ମା।ାୟାଧର ସାହୁ, ସାଗର ସାହୁ, ଅଶୋକ ସାହୁ, ଗୟାଧର ସାହୁ, ଅଜିତ କୁମାର ସାହୁ ଓ ଅଭିମନ୍ୟୁ ସାହୁଙ୍କ ଉପସ୍ଥିତିରେ ପରିଚାଳନା କମିଟି ସଭାପତି ବୁଦ୍ଧିରାମ ପାଣିଗ୍ରାହୀ, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଓ ଷଡାନନ ପାଣିଗ୍ରାହୀ ପ୍ରମୁଖ ସେବାଶ୍ରମର ଉଦ୍‌ଘାଟନ କରିଥିଲେ। ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ କଂଗ୍ରେସ ବିଧାୟକ ପ୍ରାର୍ଥି ହିମାଂଶୁ ଶେଖର ବେହେରା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ସାହାଯ୍ୟ ସହଯୋଗ ପାଇଁ ପ୍ରତିଶୃତି ଦେଇଥିଲେ। ଧନଞ୍ଜୟ ପଣ୍ଡା, ଶମ୍ଭୁନାଥ ନାୟକ, ଶୁଭ୍ରାଂଶୁ ମହାପାତ୍ରଙ୍କ ସମେତ ପରିଚାଳନା କମିଟି ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଜବତ; ୧୧ ଗୋରୁ ଉଦ୍ଧାର

ଧାମନଗର,୨୧।୪(ସମିସ): ଧାମନଗର ସହରାଞ୍ଚଳରୁ ରାତିରେ ଗୋଟିଏ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌ରେ ଗୋରୁ ଚୋରାଚାଲାଣ ହେଉଥିବାବେଳେ ପୁଲିସ ଜବତ କରି ସେଥିରୁ ୧୧ଟି ଗୋରୁ ଉଦ୍ଧାର କରିଛି। ସୂଚନା ଅନୁସାରେ, ଭଣ୍ଡାରିପୋଖରୀ ନିକଟରୁ ଗୋ-ରକ୍ଷକମାନେ ଏକ ପିକ୍‌ଅପ୍ ଗାଡ଼ିକୁ ପିଛା କରି ଧାମନଗର ଥାନା ଅଧୀନ ହବିବିନଗର ଗ୍ରାମ ପର୍ଯ୍ୟନ୍ତ ଆଣିଥିଲେ। ପରେ ଡ୍ରାଇଭର ଗାଡ଼ିକୁ ଗାଁ ଭିତରକୁ ନେଇ ପଳାଇବାକୁ ଚେଷ୍ଟା କରିଥିଲା। ଖବର ପାଇ ଧାମନଗର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ସହ ୧୧ଟି ଗୋରୁକୁ ଉଦ୍ଧାର କରିଥିଲା। ପୁଲିସ ପହଞ୍ଚିବା ପୂର୍ବରୁ ଡ୍ରାଇଭର ସମେତ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିମାନେ ଘଟଣାସ୍ଥଳ ଛାଡ଼ି ପଳାଇ ଯାଇଥିବା ଜଣାପଡ଼ିଛି। ଉଦ୍ଧାର ହୋଇଥିବା ଗୋରୁମାନଙ୍କୁ ଭଦ୍ରକ ଗୋଶାଳାକୁ ପଠାଯାଇଥିବା ବେଳେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଥାନା ଅଧିକାରୀ ଅବିନାଶ ପରିଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସୂଚନା ମିଳିଛି। ଗୋରୁ ଚୋରାଚାଲାଣ ବିରୋଧରେ କଡ଼ା ନିୟମ ଥିବା ସତ୍ତ୍ୱେ ଏପରି ଘଟଣା ପୁନରାବୃତ୍ତି ପ୍ରଶାସନିକ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠାଉଛି।

# ସଟ୍‌ସର୍କିଟରୁ ଜଳିଗଲା ହାଇୱା



କବାଟବନ୍ଧ,୨୧।୪(ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବାଲିସାହି ନିକଟରେ ଏକ ହାଇୱା ଜଳି ଯାଇଥିବା ଜଣାପଡିଛି। ଅଗ୍ନିଶମ ବାହିନୀ ଦ୍ୱାରା ନିଆଁକୁ ଆୟତ୍ତ କରାଯାଇଥିଲେ ମଧ୍ୟ ଗାଡ଼ିର ଇଞ୍ଜିନ ପାୱାର୍ (କେବିନ) ସମ୍ପୂର୍ଣ୍ଣ ଜଳି ଯାଇଥିଲା। ସୂଚନା ଅନୁଯାୟୀ କଳିଙ୍ଗ ନଗର ଅଞ୍ଚଳର ଜଣେ ମାଲିକଙ୍କ ଏକ ୧୮ ଚକିଆ ଟିପଟ୍ରେଲର ହାଇୱା ଗାଡିକୁ ସ୍ଥାନୀୟ ଅଞ୍ଚଳର ଜଣେ ଡ୍ରାଇଭର ଚଳାଉଥିଲେ। ଜେନାପୁର ଥାନା ଅଧୀନ ଅଞ୍ଜିରା ପଞ୍ଚାୟତ ମୁରାଲିପୁର ଗାଁ ନିକଟରେ ଏକ ପଡ଼ିଆରେ ଗାଡ଼ିକୁ ଚାଳକ ରଖିଥିଲେ। ମଙ୍ଗଳବାର ଅପରାହ୍ନରେ ଗାଡିଟି ହଠାତ ଜଳିବାକୁ ଲାଗିଥିଲା। ଏହା ଦେଖି ସ୍ଥାନୀୟ ଲୋକମାନେ ଚଢେଇଧରା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ କର୍ମଚାରୀ ମାନେ ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳେକୁ ଗାଡ଼ିର କେବିନ ଏବଂ ଇଞ୍ଜିନ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିଲା। ଅଗ୍ନିକାଣ୍ଡର କାରଣ ସଟ୍‌ସର୍କିଟ ବୋଲି ଅନୁମାନ କରାଯାଉଛି।

# ଗାଡ଼ି ଧକ୍କାରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ

ଦାନଗଦି,୨୧।୪(ସମିସ): ଟମକା ଥାନା ଅନ୍ତର୍ଗତ ପାଟବାଲି ଗ୍ରାମରେ ରହୁଥିବା ସନାତନ ସାହୁଙ୍କ ପୁଅ ପଦ୍ମନାଭ ସାହୁ (୪୪) ଙ୍କର ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁ ହୋଇଯାଇଛି। ଗତ ସୋମବାର ମଧ୍ୟାହ୍ନ ସମୟରେ ନିଜ ଘରୁ ବାଇକ୍‌ରେ ଝିଅକୁ ନେଇ ପିଚୁ ରାସ୍ତାକୁ ଉଠିବା ସମୟରେ ଟମକା ପଟୁ ଡୁବୁରୀ ରାସ୍ତା ଆଡେ ଯାଉଥିବା ଏକ ଅଜଣା ଗାଡ଼ି ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଝିଅଟି ରାସ୍ତାରେ ଛିଟିକି ପଡିଥିଲା ପଦ୍ମନାଭ ଙ୍କର ପଛ ମୁଣ୍ଡରେ ଆଘାତ ଲାଗିଥିଲା। ସଙ୍ଗେ ସଙ୍ଗେ ଖବର ପାଇ ଆତ୍ମୀୟ ଲୋକ ସ୍ଥାନୀୟ ଲୋକଙ୍କ ସହଯୋଗରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାନଗଦିକୁ ନେଇଥିଲେ। ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଯାଉଥିଲା ମଙ୍ଗଳବାର ସକାଳୁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ସୌଭାଗ୍ୟ ବଶତଃ ଝିଅଟି ସାମାନ୍ୟ ଆହତ ହୋଇଛି। ଶବ ବ୍ୟବଚ୍ଛେଦ ପରେ ନିଜ ଗ୍ରାମ ନିପାଣିଆଠାରେ ଶବସଂସ୍କାର କରାଯାଇଥିଲା।

# ବାଲ୍ୟ ବିବାହ ରୋକିବାକୁ ସଚେତନତା

ଧର୍ମଶାଳା,୨୧।୪(ସମିସ): ଧର୍ମଶାଳା ବ୍ଲକ ଉତ୍ତର ପ୍ରତାପ ପଞ୍ଚାୟତସ୍ଥିତ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ପକ୍ଷରୁ ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ରାଜ୍ୟ ସଂଯୋଜକ ରାମେଶ୍ୱର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ, ଓ ବାଲ୍ୟ ବିବାହ ନିରୋଧ ଅଧିକାରୀ ଯୋଗ ଦେଇଥିଲେ। ବାଲ୍ୟ ବିବାହ ମୁକ୍ତ ଭାରତ ବ୍ୟାନର ଧରି ଏକ ଶୋଭାଯାତ୍ରାରେ ବିଭିନ୍ନ ଗାଁ ପରିକ୍ରମା କରି ଲୋକଙ୍କୁ ସଚେତନତା କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଅରୁଣା ଦାଶ, ଲତାନ୍ତ ମିଶ୍ର, କଲ୍ୟାଣୀ ମିଶ୍ର ଏବଂ ଚକ୍ରଧର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ଶିରିଡ଼ି ସାଇ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ବ୍ରହ୍ମବରଦା,୨୧।୪(ସମିସ): ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ପଞ୍ଚାୟତ ଚାରିଗାରପୁର ସ୍ଥିତ ଶିରିଡି ସାଇବାବାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପଣ୍ଡିତ ନବ ଦାସ, ପବିତ୍ର କୁମାର ପତି ଓ ସୁବାସ ପତି ପୂଜା କାର୍ଯ୍ୟ କରିଥବଲେ। ଅନୁଷ୍ଠାନର ମୁଖ୍ୟ କର୍ତ୍ତା ସୁଶାନ୍ତ କୁମାର ରାଉତ ତାଙ୍କ ସହଧର୍ମିଣୀ ସୁଚରିତା ନାୟକ ବ୍ରାହ୍ମଣୀ ନଦୀରୁ ଜଳ ଉଠାଇ ମନ୍ଦିର ନିକଟରେ ସ୍ଥାପନ କରିଥିଲେ। ବରୀ ବାଲିବିଲି ସ୍ଥିତ ଶିରିଡି ସାଇବାବାଙ୍କ ମନ୍ଦିରରୁ ଆଜ୍ଞାମାଳ ଆଣିବା ପରେ ସମସ୍ତ ନୀତିକାନ୍ତି ଅନୁଯାୟୀ ଶିରିଡି ସାଇବାବାଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟ ସମାପନ ହୋଇଥିଲା। ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଚିତ୍ତରଞ୍ଜନ ରାଉତ, ପ୍ରତାପ କୁମାର ସାହୁ, ବିଶ୍ୱଜିତ୍ ରାଉତ, ବବୁଲୁ ପରିଡ଼ା, ପ୍ରଳୟ ରାଉତ, ମନୋରଞ୍ଜନ ରାଉତ, ସୁଦାମ ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବଦଳିଲେ ଯାଜପୁର ଅବକାରୀ ଅଧିକ୍ଷକ

ଯାଜପୁର,୨୧।୪(ସମିସ): ଯାଜପୁର ଜିଲ୍ଲା ଅବକାରୀ ଅଧିକ୍ଷକ ଦିବ୍ୟକିଶୋର ତଣ୍ଡେଇଙ୍କୁ ବଦଳି କରାଯାଇଛି। ଗତକାଲି ରାଜ୍ୟ ଅବାକାରୀ ବିଭାଗ ପକ୍ଷରୁ ଚିଠି ନମ୍ବର୍ ୨୦୮ ୯ରେ ଯାଜପୁର ଅବକାରୀ ଅଧିକ୍ଷକ ଦିବ୍ୟ କିଶୋର ତଣ୍ଡେଇଙ୍କୁ ଓଡିଶା ରାଜ୍ୟ ପାନୀୟ ନିଗମ ଲିମିଟେଡ୍ ସମ୍ବଲପୁରକୁ ବଦଳି କରାଯାଇଛି ଏବଂ ସେହିଠାରେ ଥିବା ବ୍ରାଞ୍ଚ ମ୍ୟାନେଜର ଅଜୟ କୁମାର ବେହେରାଙ୍କୁ ଯାଜପୁର ଅବାକାରୀ ଅଧିକ୍ଷକ ଭାବେ ସ୍ଥାନାନ୍ତର କରାଯାଇଥିବା ଚିଠିରେ ଉଲ୍ଲେଖ ଅଛି। ସୂଚନା ଯୋଗ୍ୟ ଶ୍ରୀ ତଣ୍ଡେଇଙ୍କ ବିରୋଧରେ ନାନା ଅନିୟମିତତା ନେଇ ସୂଚନା ଅଧିକାର କର୍ମୀ ସବ୍ୟସାଚୀ ସାହୁ ବାରମ୍ବାର ଅବକାରୀ ବିଭାଗ ନିକଟରେ ଅଭିଯୋଗ ଦାଖଲ କରିଥିଲେ।

# ପାଣିକୋଇଲିରେ ସାଧାରଣ ଶୌଚାଳୟ ଦାବି

ପାଣିକୋଇଲି,୨୧।୪(ସମିସ): ଦୁଇଟି ଜାତୀୟ ରାଜପଥ ନଂ ୧୬ ଏବଂ ୨୦ ନଂର ମିଳନସ୍ଥଳ ପାଣିକୋଇଲିରେ ଯାତ୍ରୀବାହୀ ଓ ମାଲବାହୀ ଗାଡି ଚଳାଚଳର ସଂଖ୍ୟା ଦିନକୁ ଦିନ ବଢ଼ି ଚାଲୁଥିବାରୁ ଯାତ୍ରୀ ସମାଗମ ମଧ୍ୟ ବଢ଼ି ଚାଲୁଛି। ମାତ୍ର ଯାତ୍ରୀ ମାନଙ୍କ ବ୍ୟବହାର ପାଇଁ ସାଧାରଣ ଶୌଚାଳୟ ଅଭାବରେ ପରିସ୍ରା କରିବା ପାଇଁ ଯାତ୍ରୀ ମାନେ ଓଭରବ୍ରିଜ ର ଉଭୟ ପାର୍ଶ୍ୱକୁ ବ୍ୟବହାର କରୁଥ?ବାରୁ ସେଠାରେ ଏକ ଅସ୍ୱାସ୍ଥ୍ୟକର ପ୍ରଦୁ୍ୟଷିତ ପରିବେଶ ସୃଷ୍ଟି ହୋଇ ଜନସାଧାରଣ ଙ୍କ ଯାତାୟତ ରେ ଏକ ଦୁର୍ଗନ୍ଧମୟ ପରିବେଶ ବାଧା ସୃଷ୍ଟି କରୁଛି। ଏହାକୁ ଲକ୍ଷ୍ୟ କରି ପାଣିକୋଇଲି ବରିଷ୍ଠ ନାଗରିକ ମଂଚ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ରାୟ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରି ଏହାର ବ୍ୟବସ୍ଥା କରିବାକୁ ଦୃଢ଼ ଦାବି ଜଣାଇବା ସହିତ ଆଙ୍ଗୁଲା ପାଣିକୋଇଲି ରାସ୍ତାରେ ମତାବାଦ ନଦୀ ପୋଲ୍ଲ ଛକରୁ ଯଯାତି କ୍ଲବ ପର୍ଯ୍ୟନ୍ତ ମାତ୍ର ଅଢ଼େଇ କିମି ଦୂରତାରେ ୮/୧୦ଟି ବେଆଇନ ହମ୍ପସ ଥି?ବାରୁ ଅନେକ ସମୟରେ ଛୋଟବଡ ଯାନବାହନ ଦୁର୍ଘଟଣଶ ହେଉଥ?ବାରୁ ଏହାକୁ ଅପସାରଣ କରିବା ପାଇଁ ଓ ଏହି ସମୁଦାୟ ୧୦ କିମି ରାସ୍ତାରେ ଚୋରା ବାଲି ଚାଲାଣ କାରୀ ମାନେ ଖୋଲା ମେଲାରେ ବାଲି ନେଉଥିବାରୁ ରାସ୍ତା ରେ ଠାଏ ଠାଏ ବାଲି ପଡି ଦୁର୍ଘଟଣାର ସମ୍ଭାବନା ସୃଷ୍ଟି କରୁଥିବାରୁ ଏହାକୁ ରୋକିବା ପାଇଁ ଜିଲ୍ଲାପାଳ କାର୍ଯ୍ୟାନୁଷ୍ଠାନ ନେବାକୁ ସଂପାଦକ ରାୟ ତାଙ୍କ ଅଭିଯୋଗରେ ଦର୍ଶାଇ ଆଶୁ ପ୍ରତିବିଧାନ ଆଶା କରିଛନ୍ତି।

**ମାଛ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ଦଶ ଦିନ ବିତିଲା**

# ମୁଖ୍ୟ ଅଭିଯୁକ୍ତ ପ୍ରତି ପୁଲିସର ଅହେତୁକ ଅନୁକମ୍ପା ଅଭିଯୋଗ

ରାଜଘାଟ,୨୧।୪(ସମିସ)

ବସ୍ତା ଥାନା ବାଉଁଶମୁଖା ଗ୍ରାମର ଜୈନିକ ଯୁବକଙ୍କୁ କିଛି ଯୁବକ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଥିବା ବେଳେ ଘଟଣା ବାବଦରେ ପୀଡ଼ିତଙ୍କ ସ୍ତ୍ରୀ ୧୦ ଦିନ ପୂର୍ବେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମୁଖ୍ୟ ଅଭିଯୁକ୍ତ ଜଣକ ଶାସକ ଦଳର ନେତାଙ୍କ ଛତ୍ରଛାୟାରେ ଥିବାରୁ ପୁଲିସ ତାଙ୍କ ପ୍ରତି ଅହେତୁକ ଅନୁକମ୍ପା ଦେଖାଉଥିବା ସୋମବାର ବାହାର୍ଦ୍ଧା ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିବାରଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଏହି ଗ୍ରାମର ପିଣ୍ଟୁ ବୈଠା ମାଛ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରନ୍ତି। ଗତ ଅପ୍ରେଲ ୧୧ରେ ପିଣ୍ଟୁ ତାଙ୍କର ସହଯୋଗୀ ବେଣୁଧର ବେହେରାଙ୍କ ସହ ଜଳେଶ୍ୱର ଯାଇ ବେପାର



ଟଙ୍କା ଧରି ଫେରୁଥିଲେ। ଦିବା ପ୍ରାୟ ୧୨:୪୨ରେ ମାଛ ବାବଦରେ କଥା ଅଛି କହି ଏକ ଅଜଣା ନମ୍ବରରେ ପିଣ୍ଟୁଙ୍କ ମୋବାଇଲକୁ ଫୋନ ଆସିବା ସହ ୧୬ ନମ୍ବର ଜାତୀୟ ରାଜପଥର କୁଡ଼ିଆ ପୋଲ ପାଖର୍ ବସୁନ୍ଧରା ହୋଟେଲକୁ ଆସିବାକୁ ବ୍ୟକ୍ତି ଜଣକ କହିଥିଲେ। ପିଣ୍ଟୁ ଏବଂ ବେଣୁଧର ଉକ୍ତ ହୋଟେଲରେ କାରରୁ ଓହ୍ଲାଇବା କ୍ଷଣି ସ୍ଥାନୀୟ ସଦାନନ୍ଦପୁର ଅଞ୍ଚଳର ଦେବାଶିଷ କବି, ଦିଲ୍ଲୀପ ବେହେରା, ସ୍ନେହାଶିଷ ବାରିକ, କାହ୍ନୁ ଚରଣ ବାରିକ, ମନ୍ମଥ କବି, ହିତେଶ ବାରିକଙ୍କ ସମେତ ୧୦/୧୨ ଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଧରି ପିଣ୍ଟୁଙ୍କୁ ଗାଡ଼ିରୁ ଘୋଷାଡ଼ି ଆଣି ତାଙ୍କ ଉପରକୁ ଅତର୍କିତ ଆକ୍ରମଣ କରିବା ସହ ପାଖରେ ଥିବା ୪ଲକ୍ଷରୁ ଊର୍ଦ୍ଧ୍ୱ କଲେକ୍ସନ ଟଙ୍କା ଓ ସୁନାଗହଣାକୁ ଲୁଟି ନେଇଥିଲେ। ବେଣୁଧର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ହାଣି ରକ୍ତାକ୍ତ କରିବା ସହିତ ମର୍ଡର କରିବା ନିମନ୍ତେ ଗୋଡାଇବାରୁ ଉକ୍ତ ବେଣୁଧର କୌଶଳ କ୍ରମେ ସେଠାରୁ ଖସି ଆସି ଅନ୍ୟମାନଙ୍କୁ ଖବର ଦେଇଥିଲେ। ଫଳରେ ସମସ୍ତେ ଘଟଣା ସ୍ଥଳରେ ପହଞ୍ଚି ଅଚେତ୍ ହୋଇ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ପିଣ୍ଟୁଙ୍କୁ ତୁରନ୍ତ ଚିକିତ୍ସା ପାଇଁ ରେମୁଣା ମେଡିକାଲ କଲେଜକୁ ନେଇଥିଲେ। ତେବେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ତ୍ରୀ ସୁମିତ୍ରା ବସ୍ତା ଥାନାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୨୧୭/୨୬ ମୂଳେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମାତ୍ର ଘଟଣାକୁ ୧୦ଦିନ ବିତିଯାଇଥିଲେ ବି ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ୍ କରୁନଥିବାରୁ ସେମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି। ଏଣୁ ତୁରନ୍ତ ଉକ୍ତ ଆସାମୀ ମାନଙ୍କୁ ଗିରଫ୍ କରିବା ପାଇଁ ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଦାବି ହୋଇଛି। ଅପରପଟେ ଆକ୍ରମଣକାରୀ ମାନେ ମଧ୍ୟ ପିଣ୍ଟୁଙ୍କ ଉପରେ ପାଲଟା ଅଭିଯୋଗ କରିଥିବା ବେଳେ ପୁଲିସ ୨୧୮/୨୬ ରେ ଅନ୍ୟ ଏକ ମାମଲା ରୁଜୁ କରିଥିବା ଜଣା ପଡ଼ିଛି।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ବିବାହ ବନ୍ଧନରେ ବାନ୍ଧି ହେଲେ ୬୦ ଯୋଡ଼ି ବର କନ୍ୟା

ଯାଜପୁର, ୨୧।୪(ସମିସ)



ଗୋଟିଏ ଜାଗାରେ ୬୦ ଯୋଡ଼ା ବର କନ୍ୟାଙ୍କ ଏକା ସାଙ୍ଗରେ ବାହାଘର। ବର ବଧୂ ବେଶରେ ସୁସଜ୍ଜିତ ହୋଇଥିଲେ ନବଦମ୍ପତି। ତାହା ପୁଣି ବାଜା ରୋଷଣୀ ସହ ନୃତ୍ୟ ସଙ୍ଗୀତର ଆସରରେ ଖୁବ୍ ଧୁମଧାମରେ ପାରମ୍ପରିକ ରୀତିନୀତିରେ ହୋଇଥିଲା ବିବାହ କାର୍ଯ୍ୟକ୍ରମ। କେବଳ ସମ୍ପର୍କୀୟ ନୁହେଁ, ବରଂ ବରଯାତ୍ରୀରେ ସାମିଲ ହୋଇଥିଲେ ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀଗଣ। ସରକାରଙ୍କ ପକ୍ଷରୁ ଯାଜପୁର ଜିଲ୍ଲାରେ ଏଭଳି ଏକ ନିଆରା ସାମୂହିକ ବିବାହ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ଆଜି ରାଜ୍ୟର ୨୭ଟି ଜିଲ୍ଲାରେ ୧, ୦୦୦ରୁ ଊର୍ଦ୍ଧ୍ୱ କନ୍ୟାଙ୍କ ସାମୂହିକ ବିବାହ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ଆଜି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ଷଠିପୁର ସ୍ଥିତ ଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୬୦ ଯୋଡ଼ା ଦମ୍ପତିଙ୍କ ବିବାହ କାର୍ଯ୍ୟ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ କହିଥିଲେ ଯେ, ଉତ୍କଳ ଜନନୀ, ଲିଙ୍ଗେଶ୍ୱର ମହାଦେବ ଏବଂ ମାଆ ବିରଜାଙ୍କ ଆଶୀର୍ବାଦ ନେଇ ଆଜି ସାମୂହିକ ବିବାହ କର୍ମ ସମ୍ପନ୍ନ ହୋଇଛି। ପୂର୍ବରୁ ଅନୁସୂଚିତ ଜାତି, ଜନଜାତି, ରାସନ କାର୍ଡଧାରୀ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଗୋଷ୍ଠୀ, ନିର୍ଦ୍ଦିଷ୍ଟ ଦୁର୍ବଳ ଜନଜାତି ଗୋଷ୍ଠୀ, ବିଧବା, ଦିବ୍ୟାଙ୍ଗଙ୍କ ମଧ୍ୟରୁ ବିବାହ ପାଇଁ ୬୦ ଯୋଡ଼ି ବରକନ୍ୟାଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇଥିଲା। ଆଜି ସକାଳ ୮ ଟାରେ ବର କନ୍ୟାଙ୍କ ପଞ୍ଜୀକରଣ ହେବା ପରେ ବିବାହ କର୍ମ ଆରମ୍ଭ ହୋଇଥିଲା। ୯.୩୦ରେ ବାଜା ରୋଷଣୀ ସହ ସମସ୍ତ ବରଙ୍କୁ ନେଇ ସମ୍ପର୍କୀୟ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଏକ ବରଯାତ୍ରୀ ଶୋଭାଯାତ୍ରା କରିଥିଲେ। ନୃତ୍ୟ ବାଦ୍ୟର ତାଳେ ତାଳେ ସମସ୍ତେ ଖୁସିରେ ଏହି ବିଶେଷ ମୁହୂର୍ତ୍ତକୁ ସ୍ମରଣୀୟ କରିପାରିଥିଲେ। ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିବା ଶିଙ୍ଗ ବାଦ୍ୟ, ଶଙ୍ଖ, ତୁରୀର ଶବ୍ଦରେ ମନ୍ଦିର ପ୍ରାଙ୍ଗଣ ହୋଇଥିଲା ଉତ୍ସବମୁଖର। ପଣ୍ଡିତମାନଙ୍କ ମନ୍ତ୍ର ଧ୍ୱନିରେ ଏବଂ ମାଆମାନଙ୍କ ହୁଳହୁଳିରେ ସୃଷ୍ଟି ହୋଇଥିଲା ଏକ ଅପୂର୍ବ ପରିବେଶ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପାର୍ବତୀ ସାହୁ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ଶରତ ପାତ୍ର, କୋରେଇ ବିଡ଼ିଓ ଅବନିକାନ୍ତ ସାହୁ ଏବଂ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଯୋଗ ଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ କରିଥିଲେ। ପ୍ରଶାସନ ପକ୍ଷରୁ ଜଳପାନ, ଥଣ୍ଡା ପାନୀୟ ଏବଂ ସାମୂହିକ ଦିବ୍ୟଭୋଜନର ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିବାହ କରିଥିବା ସମସ୍ତ କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସେଥି ମଧ୍ୟରୁ ୪୫ ହଜାର ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ୍ ଖାତାକୁ ପଠାଇ ଦିଆଯାଉଥିବା ବେଳେ ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ପୁଲିସ ଫୋର୍ସ, ଅଗ୍ନିଶମ କର୍ମଚାରୀ ଓ ଆମ୍ବୁଲାନ୍ସ ମୁତୟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗର କର୍ମଚାରୀ, ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଅପହରଣ ଓ ବଳାତ୍କାର ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ

**ଯାଜପୁର, ୨୧।୪(ସମିସ):** ଜଣେକା ନାବାଳିକାକୁ ଅପହରଣ ଓ ପରେ ବଳାତ୍କାର କରିବା ଅଭିଯୋଗରେ ଅଭିଯୁକ୍ତକୁ ଯାଜପୁର ସ୍ୱତନ୍ତ୍ର ପୋକ୍ସୋ ଜଜ୍ ଅଭିଲାଷ ସେନାପତି ୨୦ ବର୍ଷର କାରାଦଣ୍ଡ କରିବା ସହିତ ୫୦ ହଜାର ଜରିମାନା ଅନାଦେୟ ୧ ବର୍ଷ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ୨୦୨୫ ମସିହା ଜୁଲାଇ ୨୯ ତାରିଖରେ କଟକ ଜିଲା ମାହାଙ୍ଗା ଥାନା ରାମଦାସପୁର ଗ୍ରାମର ଭୀମସେନ ମୁଦୁଲିଙ୍କ ପୁଅ ଛବି ମୁଦୁଲି(୩୧) ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଜଣେକା ୧୪ ବର୍ଷୀୟ ନାବାଳିକାକୁ ଅପହରଣ କରିନେଇ ବିଭିନ୍ନ ସ୍ଥାନରେ ରଖି ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ନାବାଳିକାର ମା' ବାଲିଚନ୍ଦ୍ରପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ବାଲିଚନ୍ଦ୍ରପୁର ପୁଲିସ କେଶ ନଂ. ୧୯୩/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ନାବାଳିକାକୁ ଭୁବନେଶ୍ୱରରୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଛବି ମୁଦୁଲିକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମଙ୍ଗଳବାର ଦିନ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୨ଜଣ ସାକ୍ଷୀ ଓ ପୁଲିସର ଦସ୍ତାବିଜକୁ ଆଧାର କରି ରାୟ ପ୍ରକାଶ କରାଯାଇଛି। ପୀଡ଼ିତାକୁ ୮ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନିମନ୍ତେ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ରୀନିବାସ ସାହୁ ପରିଚାଳନା କରିଥିଲେ।

### ନାବାଳିକା ଅପହରଣ ମାମଲା

## ୯ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ

**ଯାଜପୁର, ୨୧।୪(ସମିସ):** ଉପଯୁକ୍ତ ପ୍ରମାଣ ଅଭାବରୁ ଫାଷ୍ଟଟ୍ରାକ୍ ଏଡିଜେ ସ୍ୱତନ୍ତ୍ର ବିଚାରପତି ଶରତ କୁମାର ଦେହୁରୀ ୯ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨୦୨୦ ମସିହା ଜାନୁଆରୀ ୧୫ ତାରିଖରେ ଧର୍ମଶାଳା ଥାନା ଅନ୍ତର୍ଗତ ଜଣେକା ୧୭ ବର୍ଷୀୟ ନାବାଳିକାକୁ ସେହି ଥାନା ଅଧୀନ ସତ୍ୟନାରାୟଣ ସାମଲ (୩୫) ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ନାବାଳିକାର ପରିବାର ଲୋକେ ଧର୍ମଶାଳା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଧର୍ମଶାଳା ପୁଲିସ କେଶ ନଂ. ୧୭/୨୦ରେ ଏକ ଅପହରଣ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ୧୭ ତାରିଖ ଦିନ ନାବାଳିକାକୁ ଉଦ୍ଧାର କରିବା ସହିତ ଅପହରଣ ଅଭିଯୋଗରେ ସତ୍ୟନାରାୟଣ ସାମଲ ସମେତ ଅନ୍ୟ ୮ ଜଣଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ମଙ୍ଗଳବାର ଦିନ ଏହି ମାମଲାର ଚୂଡ଼ାନ୍ତ ଶୁଣାଣି ହୋଇଥିଲା। ଉପଯୁକ୍ତ ପ୍ରମାଣ ଅଭାବରୁ ଫାଷ୍ଟଟ୍ରାକ୍ ଏଡିଜେ ସ୍ୱତନ୍ତ୍ର ବିଚାରପତି ଶରତ କୁମାର ଦେହୁରୀ ୯ ଜଣ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଏହି ମାମଲାଟିକୁ ଆଇନଜୀବୀ ହିମାଂଶୁ କୁମାର ପ୍ରଧାନ ପରିଚାଳନା କରିଥିଲେ।

## ସତ୍ୟସାଇ ବାବାଙ୍କ ପ୍ରାର୍ଥନା ଗୃହ ପ୍ରତିଷ୍ଠା

**ଯାଜପୁର ୨୧।୪(ସମିସ):** ଯାଜପୁର ବ୍ଲକ ମାଳଆନନ୍ଦପୁର ପଞ୍ଚାୟତ ସୁନ୍ଦରପୁର ଗ୍ରାମରେ ଭଗବାନ ଶ୍ରୀସତ୍ୟାସଇ ବାବାଙ୍କ ପ୍ରାର୍ଥନା ଗୃହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ଗ୍ରାମବାସୀଙ୍କ ଉଦ୍ୟମରେ ଆଜି ଏହି ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ସକାଳୁ କଳସ ଯାତ୍ରା ଅନୁଷ୍ଠିତ ହୋଇ ପବିତ୍ର ବୈତରଣରୁ ପବିତ୍ର ଜଳ ଅଣାଯାଇଥିଲା। ଏହି ଅବସରରେ ଗ୍ରାମର ମହିଳାଙ୍କ ସମେତ ଆବାଳ ବୃଦ୍ଧବନିତା ସମସ୍ତେ ସାମିଲ ହୋଇଥିଲେ। ପରେ ସମସ୍ତ ପୂଜକ ମାନେ ଯୋଗ ଦେଇ ନୀତିକାନ୍ତି ଅନୁଯାୟୀ ହୋମ ଯଜ୍ଞ, ପୂଜା ଆରମ୍ଭ କରିଥିଲେ। ଏଥିରେ ସମସ୍ତ ଗ୍ରାମବାସୀ ମାନେ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଏହା ଫଳରେ ସ୍ଥାନୀୟ ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ମନ୍ଦିର ଦର୍ଶନ କରି ଆଶିଷ କାମନା କରିଥିଲେ।

## ବୁଢ଼ୀ ଜାଗୁଲାଇଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ବରୁଆଁ, ୨୧।୪(ସମିସ):** ଯାଜପୁର ବ୍ଲକ ସିମିଳିଆ ପଞ୍ଚାୟତ ମିର୍ଜାପୁର ଗାଁରେ ମା' ବୁଢ଼ୀ ଜାଗୁଳାଇଙ୍କ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇ ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ମହାଯଜ୍ଞର ପୂର୍ଣ୍ଣାହୁତି ହୋଇଛି। ମା'ଙ୍କ ଦର୍ଶନ ପାଇଁ ଶହ ଶହ ଭକ୍ତଙ୍କ ସମାଗମ ହୋଇଥିଲା। ୭ ଦିନ ଧରି ଅନୁଷ୍ଠିତ ଏହି ଉତ୍ସବ ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ଭଜନ ସନ୍ଧ୍ୟା, ଅପେରା ଏବଂ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

## ପିଏମ୍‌ଶ୍ରୀ ବିଦ୍ୟାଳୟରେ ବୃକ୍ଷ ରୋପଣ

**ମଙ୍ଗଳା, ୨୧।୪(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପିଏମ୍‌ଶ୍ରୀ ଉଓଙ୍ଗରା ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଷ୍ଟ୍ରୀୟ ଆବିଷ୍କାର ସପ୍ତାହ ଅଧୀନରେ ବୃକ୍ଷରୋପଣ ଓ ଜଳ ସଂରକ୍ଷଣର ପ୍ରଚାର ଓ ପ୍ରସାର କାର୍ଯ୍ୟ ଏବଂ ଜୁନିଅର୍ ରେଡ୍‌କ୍ରସ ଆନୁକୂଲ୍ୟରେ ଜଳଛତ୍ର କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ୍ ସେନାପତି, ବିଞ୍ଝାରପୁର ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବଳରାମ ପତି, ବିଦ୍ୟାଳୟର ପଞ୍ଚସଖା ଶିକ୍ଷାସେତୁର ସଭାପତି ଉମେଶ ଚନ୍ଦ୍ର ସାହୁ ଓ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଝିଲିରାଣୀ ଲେଙ୍କା ଯୋଗଦେଇ ବୃକ୍ଷରୋପଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ଓଝା ପ୍ରତ୍ୟେକ ବୃକ୍ଷର ରକ୍ଷଣାବେକ୍ଷଣ ପାଇଁ ଜଣେ ଲେଖାଏଁ ଛାତ୍ର କିମ୍ବା ଛାତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିଥିଲେ। ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ୍ ସେନାପତି ପିଲାମାନଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ କହିବା ସହ ସମସ୍ତ ପିଲା ନିଜ ମା'ଙ୍କ ଉଦ୍ଦେଶ୍ୟରେ ଗୋଟିଏ ଲେଖାଏଁ ବୃକ୍ଷରୋପଣ କରି ତାର ଯତ୍ନ ନେବାର ଶପଥ ପାଠ ମଧ୍ୟ କରାଇଥିଲେ। ବିଞ୍ଝାରପୁର ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ବଳରାମ ପତି ଜଳ ହିଁ ଜୀବନ ଏବଂ ତାର ସଂରକ୍ଷଣ ଆମର ପ୍ରଥମ ପ୍ରାଥମିକତା ବୋଲି ଦର୍ଶାଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥଲେ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

**ଯାଜପୁର, ୨୧।୪(ସମିସ):** ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ଯାଜପୁର ବ୍ଲକ ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଡିଓଙ୍କ ଜରିଆରେ ପ୍ରଧାନ କରାଯାଇଛି। ୨୦୨୫ ଅର୍ଥ ବୈଧିକରଣ ନିୟମକୁ ବାତିଲ କରିବା, ପେନସନର ମାନଙ୍କ ସ୍ୱାର୍ଥ ବିରୋଧୀ କୌଣସି ଆଇନ ଲାଗୁ ନ କରାଇବା, କରୋନା ସମୟର ୧୮ ମାସର ବକେୟା ମହଙ୍ଗା ଭତ୍ତା ପ୍ରଦାନ କରିବା ଆଦି ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ପ୍ରତିନିଧି ଦଳରେ ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ରାୟ, ବ୍ଲକ ସଭାପତି ବାବାଜି ସାହୁ, ସମ୍ପାଦକ ନକୁଳ ଦେବ ସାହୁ, ରାମଚନ୍ଦ୍ର ସାହୁ, କୃପାସିନ୍ଧୁ ମହାରଣା, ରାଜକିଶୋର କାଣ୍ଡି ଏବଂ ପଦ୍ମନାଭ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

**ଦଶରଥପୁର:** ଦଶରଥପୁର ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ବ୍ଲକ ସଭାପତି ହରେରାମ ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ଦଶସୂତ୍ରୀ ଦାବିପତ୍ର ବିଡିଓଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲାର ସଭାପତି ରବି ଶତପଥୀଙ୍କ ସହ ଜିଲ୍ଲାର ଉପଦେଷ୍ଟା ଅଭିମନ୍ୟୁ ରାଉତ ତଥା ବ୍ଲକ ସଂଗଠନର ସଂଖ୍ୟାଧିକ ସଦସ୍ୟ ଉପସ୍ଥିତ ଥିଲେ।

**ସିଂହପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସମସ୍ତ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ପକ୍ଷରୁ ଏକ ଦାବିପତ୍ର ପ୍ରଶାସନକୁ ପ୍ରଦାନ କରାଯାଇଛି। ସଂଘର ସଭାପତି ତ୍ରୟୋଲୋକ୍ୟ ସାହୁ ଓ ସମ୍ପାଦକ ନିରଞ୍ଜନ ଦାସଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରାରେ ଯାଇ ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ଅନୁପସ୍ଥିତିରେ ଅତିରିକ୍ତ ବିଡିଓଙ୍କୁ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଷ୍ଣୁଚରଣ ଜେନା, ଦୀନବନ୍ଧୁ ସାମଲ, ରବୀନ୍ଦ୍ର କୁମାର ସ୍ୱାଇଁ, ବିଷ୍ଣୁ ଚରଣ ମିଶ୍ର, ରବୀନ୍ଦ୍ର କୁମାର ଦାସ, ବଙ୍କିମ ବିହାରୀ ବିନ୍ଧାଣି, ପାଣ୍ଡବ ବେହେରା, ଯଦୁନାଥ ସାମଲ, ମେଘନାଦ ମହାଳିକ, ସାମସୁଦିନ ସେକ୍ ପ୍ରମୁଖ ଯୋଗ ଦେଇଥିଲେ।

## କ୍ରାନ୍ତିବୀର ରାମକୃଷ୍ଣ ସାମନ୍ତ ସିଂହାରଙ୍କ ଜୟନ୍ତୀ




**ବରୀ, ୨୧।୪(ସମିସ):** ଭାରତୀୟ ସଶସ୍ତ୍ର ମୁକ୍ତି ସଂଗ୍ରାମର ଅନନ୍ୟ ସାରଥି ବିପ୍ଳବୀ ବୀର ରାମକୃଷ୍ଣ ସାମନ୍ତ ସିଂହାରଙ୍କ ୨୩୪ତମ ଜୟନ୍ତୀ ଜନ୍ମପୀଠ ଅଭିମନ୍ୟୁ ବାଲିଆ ଠାରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ବିଦଗ୍ଧ କବି ସେବକ ତଥା ଅଭିମନ୍ୟୁ ସାହିତ୍ୟ ଗବେଷକ ଶରତ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ବସମାବେଶରେ ମୁଖ୍ୟଅତିଥି ରୂପେ ରମାଦେବୀ ମହିଳା ମହାବିଦ୍ୟାଳୟ, ଭୁବନେଶ୍ୱରର ଅଧକ୍ଷ ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ ଯୋଗଦାନ କରି ସ୍ୱାଧୀନତା ସଂଗ୍ରାମକୁ ରାମକୃଷ୍ଣ ସାମନ୍ତ ସିଂହାରଙ୍କ ଅବଦାନ ବିଷୟରେ ବିଷଦ ବାଖ୍ୟା କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ, ଗବେଷକ ତଥା ପ୍ରବଚକ ବଜ୍ର ମୋହନ ମହାନ୍ତି କହିଲେ ଯେ କ୍ରାନ୍ତିବୀର ରାମକୃଷ୍ଣ ବିଦଗ୍ଧ କବିଙ୍କ ସୁପୁତ୍ର। କ୍ରାନ୍ତି ହିଁ ସାମନ୍ତ ସିଂହାର ପରମ୍ପରାର ନିଦର୍ଶନ। ସାହିତ୍ୟ କୁହନ୍ତୁ କିମ୍ବା ସଂଗ୍ରାମ ସବୁ କ୍ଷେତ୍ରରେ ଏହି ପରିବାରର ଉତ୍କଳ ପ୍ରତି ଯେଉଁ ଅବଦାନ ତାହା ଅବିସ୍ମରଣୀୟ। ସମ୍ମାନିତ ବକ୍ତା ଭାବେ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଡ.ରବୀନ୍ଦ୍ର କୁମାର ଦାସ ଯୋଗଦାନ କରି ରୀତି ସାହିତ୍ୟର ଧାରା ମଧ୍ୟରୁ ସଂଗ୍ରାମ ଇତିହାସ ଯାଏ ଜଣେ ଜଣକୁ ବଳିଲା ପରି ବାପ୍ ସେ ବେଟା ଜ୍ୟାଦା ନ୍ୟାୟରେ ରାମକୃଷ୍ଣ ଆଜି ସାରା ଦେଶରେ ଯେତିକି ପ୍ରଚାର ପ୍ରସାର ହେବା କଥା ତାହା ପ୍ରସାସନିକ ଉଦାସୀନତା ହେଉ କିମ୍ବା ଆମର ଦାୟିତ୍ୱବୋଧ କମ୍ ହେବାର କାରଣରୁ ହେଉ; ତାହା ହୋଇ ପାରିନାହିଁ। ଏହା ଆମର ଦୁର୍ଭାଗ୍ୟ। ବିଶିଷ୍ଟ ଶିକ୍ଷାବିତ୍ ବାଗ୍ମୀ ନାରାୟଣ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ରାମକୃଷ୍ଣଙ୍କୁ ଆଜିର ଛାତ୍ରଛାତ୍ରୀ ବହୁତ ପଢ଼ିବାର ଆବଶ୍ୟକ ଅଛି। ଇତିହାସ ପୃଷ୍ଠା ଯଦି ରାମକୃଷ୍ଣଙ୍କୁ ସ୍ଥାନ ନ ଦିଏ ତେବେ ପୂଜ୍ୟପୂଜାର ବ୍ୟତିକ୍ରମ ଘଟିଛି ବୋଲି ଆମକୁ ଭାବିବାକୁ ହେବ ବୋଲି ପ୍ରକାଶ କରିଥିଲେ। ରାମକୃଷ୍ଣ ସାମନ୍ତ ସିଂହାରଙ୍କ ବଂଶଜ ଶିକ୍ଷାବିତ ମନ୍ମଥ ରାୟ ପ୍ରାରମ୍ଭିକ ଅଭିଭାଷଣରେ କ୍ରାନ୍ତିବୀରଙ୍କ ଜୀବନ ଦର୍ଶନ ବିଷୟରେ ଅବଗତ କରାଇଥିଲେ। ଅନୁଷ୍ଠାନର ସମ୍ପାଦକ ବସନ୍ତ କୁମାର ଜେନା ନିଜର ସମ୍ପାଦକୀୟ ପାଠ କରିବା ସହିତ ପୂଜ୍ୟ ପୂଜା ନିମନ୍ତେ ପରବର୍ତ୍ତୀ ପିଢ଼ିର ଆବଶ୍ୟକତା ବିଶେଷ କରି ଯୁବବର୍ଗଙ୍କୁ ସାମିଲ୍ ହେବାକୁ ଆହ୍ୱାନ ଦେଇଥିଲେ। ସାମନ୍ତ ସିଂହାର ଓ କ୍ରାନ୍ତିବୀର ରାମକୃଷ୍ଣଙ୍କ ଜନ୍ମପୀଠକୁ ଅବଧି ଐତିହ୍ୟ ଗ୍ରାମର ମାନ୍ୟତା ନମିଳିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ସଭାପତି ଶରତ କୁମାର ଜେନା ପ୍ରକାଶ କରିଥିଲେ। ଜୟନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲିବିଲ ଶ୍ରୀଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଓ ଗୃହ ପ୍ରବେଶ



**ବରୀ, ୨୧।୪(ସମିସ):** ଶ୍ରୀଜଗନ୍ନାଥ ଆଧ୍ୟାତ୍ମିକ ଓ ସାଂସ୍କୃତିକ ସଂଗଠନର ବାଲିବିଲ ଶାଖା ପକ୍ଷରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଗୃହ ପ୍ରବେଶ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ୮ଟି କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ଭଜନ କୀର୍ତ୍ତନ ପରିବେଷଣ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ନୂତନ ଭାବେ ନିର୍ମିତ ଗୃହକୁ ନିଆଯାଇ ସେଠାରେ ହୋମ ଯଜ୍ଞ ଓ ପୂଜାର୍ଚ୍ଚନା ପରେ ପ୍ରତିଷ୍ଠା ଉତ୍ସବ ବିଧିବିଧାନ ଅନୁଯାୟୀ ହୋଇଯାଇଥିଲା। ଶ୍ରୀଜୀଉଙ୍କ ଦର୍ଶନ ଲାଭପାଇଁ ଆଖପାଖ ଅଞ୍ଚଳରୁ ଶହ ଶହ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ। ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ମନ୍ଦିର ପରିସରରେ ପହଞ୍ଚି ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ କୁନି ପ୍ରବଚକ ଦ୍ୱିତିକୃଷ୍ଣ କେଶବ ଦାଶଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ହନୁମାନ ମହୋତ୍ସବରେ ଯୋଗ ଦେଲେ ପ୍ରଣବ ପ୍ରକାଶ



**ଯାଜପୁର, ୨୧।୪(ସମିସ):** ଦଶରଥପୁର ବ୍ଲକ ଡାହାଣହଟା ଗ୍ରାମରେ ସଙ୍କଟମୋଚନ ପ୍ରଭୁ ହନୁମାନଙ୍କ ୯ମ ବାର୍ଷିକ ଉତ୍ସବ ୨୦ତାରିଖରୁ ଆରମ୍ଭ ହୋଇଥିବା ବେଳେ ୨୨ତାରିଖ ବୁଧବାର ଦିନ ଶେଷ ହେବ। ମହୋତ୍ସବର ଦ୍ୱିତୀୟ ଦିବସରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇ ଗ୍ରାମବାସୀ ତଥା କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୌମ୍ୟ ରଞ୍ଜନ ସୁତାର ଓ ତାଙ୍କ ସହଧର୍ମିଣୀ ସୌମ୍ୟାରାଣୀ ସୁତାର ସଂକଳ୍ପ କରିଥିବା ବେଳେ ପୂଜକ ମାନସ କୁମାର ପାଢ଼ୀ, ପ୍ରଣବ କେଶରୀ ଷଡ଼ଙ୍ଗୀଙ୍କ ମନ୍ତ୍ରଧ୍ୱନି ଶ୍ରୋତାମାନଙ୍କୁ ବେଶ ଆକୃଷ୍ଟ କରୁଥିଲା। ପ୍ରଣବ ପ୍ରକାଶଙ୍କ ସହିତ ଯାଜପୁର ଜିଲ୍ଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ଡାହାଣହଟା ପଞ୍ଚାୟତ ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ଦଶରଥପୁର ପଞ୍ଚାୟତ ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ଜୟନ୍ତରା ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅଜିତ ସାମଲ, ଅସନପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି କାଶୀନାଥ ମଲ୍ଲିକ, ଦଶରଥପୁର ବ୍ଲକ ବିଜେଡି ସଭାପତି ଅଜୟ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନା କରିବାରେ ଶରତ କାଣ୍ଡି, ଦୀପକ ରାୟ, ଗଣେଶ ପହି, ବିଶ୍ୱଜିତ ଜେନା, ପପୁ ଦାସ, କାହ୍ନୁ ଦାସ, ମାନସ ସାମଲ, କାଶୀନାଥ ଓଝାଙ୍କ ସମେତ ଡାହାଣହଟା ଗ୍ରାମର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ଧର୍ମଶାଳା, ୨୧।୪(ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଉତ୍ତରପ୍ରତାପ ପଞ୍ଚାୟତ ନହଙ୍ଗାପାଟଣା ସ୍ଥିତ ୟୁଜିପିଏଲ୍ଏନ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ସଡ଼କ ସଚେତନ ସମ୍ପର୍କୀୟ ବିଭିନ୍ନ ଝୋଟି ଚିତ୍ର ରାସ୍ତା ଉପରେ ତିଆରି କରାଯାଇଥିଲା। ବିଦ୍ୟାଳୟରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସାଧାରଣ ଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଭଞ୍ଜନା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ଧର୍ମଶାଳା ଥାନା ଅଧିକାରିଣୀ ଚିନ୍ମୟୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିସହ ସେ ଉପସ୍ଥିତ ସ୍କୁଲର ଛାତ୍ରଛାତ୍ରୀଙ୍କୁ ସଡ଼କ ସୁରକ୍ଷା ସଚେତନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଛୋଟ ପିଲାମାନଙ୍କ ନୃତ୍ୟ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ନଳିନୀକାନ୍ତ ମାହାଣା ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ପବିତ୍ର କୁମାର କର ଓ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷକ ନରେନ୍ଦ୍ର କୁମାର ବଳ, ଗିରିଧାରୀ ଦଳେଇ, ପାର୍ଥସାରଥୀ ଦେହୁରୀ, ନିର୍ମଳ ଚନ୍ଦ୍ର ନାୟକ, ସତ୍ୟପ୍ରକାଶ ପଣ୍ଡା, ରମେଶ ଚନ୍ଦ୍ର ସ୍ୱାଇଁ, ଶିକ୍ଷୟିତ୍ରୀ ସୁପ୍ରିୟା ମହାପାତ୍ର, ସ୍ନେହଲତା ନାୟକ, ଲିଲି ବେହେରା, ସୁବାସିନୀ ରଣା, ସ୍ମୃତିସ୍ନିଗ୍ଧା ସାହୁ, ସସ୍ମିତା ରାଉତ, ପୁଷ୍ପାଞ୍ଜଳି ଶତପଥୀ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଗିରିଧାରୀ ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ

ବରୀ, ୨୧।୪(ସମିସ)



ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ ପାଳନ ଅବସରରେ ବନ୍ଦେ ବରପୁତ୍ରମ୍ ନାମକ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହାଟସାହି ଶୁକଳ ସ୍ଥିତ ଅକାଣ ପଡ଼ିଆରେ ପ୍ରତିଷ୍ଠିତ ସହିଦ ମାୟାଧର ଭୂୟାଁ ସ୍ମୃତି ପୀଠରେ ପୂଜ୍ୟପୂଜା ପରିଷଦର ସଭାପତି କର୍ଣ୍ଣଚନ୍ଦ୍ର ଘଡ଼ାଇ ଓ ସମ୍ପାଦକ ଡ. ନୃସିଂହ ଚରଣ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସଭାପତି ଅନିରୁଦ୍ଧ ମଲ୍ଲ, କୋଷାଧ୍ୟକ୍ଷ ମକରଧ୍ୱଜ ସାହୁଙ୍କ ସମେତ ବରୀ ଅଞ୍ଚଳର ଚିନ୍ତାମଣି ବେହେରା, ଚୈତନ୍ୟ ଚରଣ ସ୍ୟାନ୍ତୀ, ଗୋପବନ୍ଧୁ ଦାସ, କପିଳ ଚରଣ ସାମଲ, କୁଶଧ୍ୱଜ ସାମଲ, ଦିଲ୍ଲିପ କୁମାର ଦାସ, ନିର୍ମଳ ଚନ୍ଦ୍ର ଜେନା, ମାଧବାନନ୍ଦ ଶାନ୍ତି, ମଦନମୋହନ ସାମଲ, ମନୋଜ କୁମାର ଦାସ, ଅଜୟ କୁମାର ରଥ, କେଶବ ଚନ୍ଦ୍ର ମହାନ୍ତି, କରୁଣାକର ଦାସ, ଶିଶିର କୁମାର ବେହେରା, ପ୍ରଦୀପ୍ତ କୁମାର ବେହେରା, ମୁରଲୀଧର ବେହେରା ପ୍ରମୁଖ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ପରେ ମହେଶ୍ୱର ମଲ୍ଲ ହାଇସ୍କୁଲ ପରିସରରେ ନିର୍ମିତ ମହେଶ୍ୱର ମଲ୍ଲଙ୍କ ପ୍ରତିମୂର୍ତ୍ତି ଓ ପଞ୍ଚାୟତ ହାଇସ୍କୁଲରେ ନିର୍ମିତ ଭୋଳାନାଥ ସାମଲ ତଥା ପୂର୍ବତନ ବରୀ ବ୍ଲକର ଅଧ୍ୟକ୍ଷ ଗଗନ ବିହାରୀ ଜେନାଙ୍କ ପ୍ରତିମୂର୍ତ୍ତି ସ୍ଥଳକୁ ପରିଷ୍କାର ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଚନ୍ଦନପୁର ଗ୍ରାମରେ ନିର୍ମିତ ସହିଦ ସଞ୍ଜିବ କୁମାର ଜେନା, ସହିଦ ଶିଶିର କୁମାର ସାମଲ ଓ ଜନନେତା ନବ କିଶୋର ସାମଲଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ସଫେଇ କରାଯାଇଥିଲା। ବରୀ ପଞ୍ଚାୟତ ସମିତି ପରିସରରେ ସ୍ଥାପିତ ଭଗବାନ ବୁଦ୍ଧ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ଭାରପ୍ରାପ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ ସମସ୍ତଙ୍କ ଗହଣରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବରୀର ପ୍ରମୁଖ ବଜାର ବରୀ ମାଉଣ୍ଟ ଠାରେ ପ୍ରତିଷ୍ଠିତ ଭଗବାନ ବୁଦ୍ଧ, ବିଦଗ୍ଧକବି ଅଭିମନ୍ୟୁ ସାମନ୍ତ ସିଂହାର, ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, କବି ବାଞ୍ଛାନିଧି ଦାଶ ତଥା ୧୯୪୨ ମସିହା ଭାରତଛାଡ ଆନ୍ଦୋଳନରେ ପ୍ରାଣବଳି ଦେଇଥିବା ବରୀ ମାଟିର ଲକ୍ଷ୍ମୁଆ ପୁଅ ସହିଦ ସାଉଣ୍ଟି, ସାନନ୍ଦ, ହାଡ଼ିବନ୍ଧୁ, ମାୟାଧରଙ୍କ ପ୍ରତିମୂର୍ତ୍ତିରେ ତହସିଲଦାର ଦିପ୍ତିମୟୀ ବେହେରା, ଓକିଲ ସଂଗଠନର ସଭାପତି ରାଜକିଶୋର ସାମଲ, ବିରଜା ପ୍ରସାଦ ପରିଡ଼ା, ସୁଲଭ ବେଉରିଆ, ତପନ କୁମାର ଜେନା, ଉପେନ୍ଦ୍ର ଜେନା, ପ୍ରଗତି କ୍ଲବର ସମ୍ପାଦକ ନଟବର ବେହେରା, ମାନସ ରଞ୍ଜନ ଜେନା, ବିବେକ ନାଥ, ରବୀନ୍ଦ୍ର କୁମାର ପତି, ପ୍ରମୋଦ କୁମାର ଦାସ ପ୍ରମୁଖ ସଫେଇ କରିବା ସହିତ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଶେଷରେ ଅଲିଆବାଦସ୍ଥ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁସୂଦନ ଦାସ ଓ ଶିକ୍ଷକ ଗୌରବ ଲୋକନାଥ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପରିଷଦର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସଫେଇ ପୂର୍ବକ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।





### ଶିକ୍ଷାନୁଷ୍ଠାନରେ ନିକଟରେ ଅଦୃଶ୍ୟ ନିଶା କାରବାର

# ସୋସିଆଲ୍ ମିଡିଆ, ଚାଟିଂ ଆପ୍‌ରେ ନିଶା ବେପାର

ଭୁବନେଶ୍ୱର, ୨୧।୪(ସମିସ): ରାଜଧାନୀରେ ଶିକ୍ଷାନୁଷ୍ଠାନ ନିକଟରେ ନିଶା କାରବାର ପାଇଁ ଅଭିଭାବକ, ଶିକ୍ଷାବିତ ଓ ବୁଦ୍ଧିଜୀବୀ ସବୁବେଳେ ଚିନ୍ତା ପ୍ରକଟ କରୁଛନ୍ତି। ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବ୍ୟବସାୟ ଏବଂ ଏହାର ବିକ୍ରୟ ଉପରେ ରୋକ୍ ଲଗାଇବାକୁ ବହୁ ନିଶା ବିରୋଧୀ ସଂଗଠନ ରାସ୍ତାକୁ ଓହ୍ଲାଉଛନ୍ତି। ଏଣୁ ଭୁବନେଶ୍ୱରରେ ପୁଲିସ ଅବକାରୀ ବିଭାଗ, ଏସ୍‌ଟିଏଫ୍ ଅନେକ ସମୟରେ ସ୍ୱତନ୍ତ୍ର ଡ୍ରାଇଭ୍ କରୁଛି। ଏଥିରେ ବେଆଇନ୍ ସିଗାରେଟ୍, ଗୁଟଖାକୁ ଜବତ କରାଯାଇ ଫାଇନ୍ କରାଯାଉଛି। ଗଞ୍ଜେଇ ଏବଂ ବେଆଇନ୍ ମଦ ବିକ୍ରି କରୁଥିବା ନିଶା ବେପାରୀଙ୍କୁ ଗିରଫ କରାଯାଉଛି। ଏଣୁ ପୁଲିସକୁ ଚକମା ଦେବାକୁ ନିଶା ବେପାରୀ ନୂଆ ତରିକା ବାହାର କରିଛନ୍ତି। ଶିକ୍ଷାନୁଷ୍ଠାନରେ ନିକଟରେ ଅଦୃଶ୍ୟ ନିଶାକାରବାର। ପୁଲସ ଏମାନଙ୍କ ପତ୍ତା ଲଗାଇବାରେ ବିଫଳ ହୋଇଛି।

ରାଜଧାନୀର ଇନ୍‌ଫୋସିଟି, ପଟିଆ, ଚନ୍ଦ୍ରଶେଖରପୁର, ଖଣ୍ଡଗିରି ଭଳି ଶିକ୍ଷାନୁଷ୍ଠାନ ଅଞ୍ଚଳରେ ନିକଟରେ ସିଗାରେଟ୍ ଓ ଗୁଟଖା ସହଜରେ ଉପଲବ୍ଧ ହୋଇଯାଉଛି। ଏବେ ଗଞ୍ଜେଇ, ମଦ ଏବଂ ବ୍ରାଉନ୍‌ସୁଗର ବି ଅତି ସହଜରେ ମିଳି ଯାଉଛି। ନିଶା ବ୍ୟବସାୟୀ ସୋସିଆଲ୍ ମିଡ଼ିଆ ଏବଂ ବିଭିନ୍ନ ଚାଟିଂ ଆପ୍‌କୁ ବ୍ୟବହାର କରି ଗଞ୍ଜେଇ, ବ୍ରାଉନ୍‌ସୁଗର ଓ ମଦ ରାତି ତମାମ୍ ବ୍ୟବସାୟ କରୁଛନ୍ତି। ହ୍ୱାଟସ୍ ଆପ୍, ଟେଲିଗ୍ରାମ୍, ମେସେଞ୍ଜର ଏବଂ ଫେସ୍‌ବୁକ୍ ଭଳି ଚାଟିଂ ଆପ୍ ପାଲଟିଛି ନିଶା କାରବାରର ମାଧ୍ୟମ।



ନିଶାଦ୍ରବ୍ୟ କିଣୁଥିବା ଲୋକ ସିଧାସଳଖ ନିଶା ବ୍ୟବସାୟୀଙ୍କ ପାଖକୁ ଯାଇ ଗଞ୍ଜେଇ, ବ୍ରାଉନ୍‌ସୁଗର ଏବଂ ମଦ କିଣିବାର ଆବଶ୍ୟକତା ନାହିଁ। କେବଳ ୱାଟ୍‌ସ୍ ଆପ୍ ଓ ଟେଲିଗ୍ରାମ୍ ଠିକଣା ହେଲେ ଯଥେଷ୍ଟ। ନ ହେଲେ ନିଶା ବେପାରୀଙ୍କୁ ଫେସ୍‌ବୁକ୍‌ରେ ଫଲୋ କରୁଥିବା ଆବଶ୍ୟକ। ଏମାନଙ୍କ ଠିକଣା କ୍ୟାମ୍ପସରେ କିମ୍ବା କ୍ୟାମ୍ପସ ବାହାରେ କାହାକୁ ଅଛପା ନାହିଁ। ଅତି ସହଜରେ ଉପଲବ୍ଧ ହୋଇଯାଉଛି। ଯେ କେହି ବି କହି ଦେଉଛି। ସୋସିଆଲ ମିଡ଼ିଆ ପ୍ଲାଟ୍‌ଫର୍ମରେ ନିଶାଦ୍ରବ୍ୟର ଅର୍ଡର ଦିଆଯାଉଛି। ଗ୍ରାହକ ପ୍ରଥମେ ଟଙ୍କା ପଠାଇବା ପରେ ହିଁ ଡେଲିଭରୀ ମିଳିବ। ତେବେ ଡେଲିଭରୀ ଦେଉଥିବା ସପ୍ଲାୟର୍ସ ଏକ ଅଜ୍ଞାତ ସ୍ଥାନରେ ପାର୍ସଲ ଫୋପାଡ଼ି ଚାଲି ଯାଉଛି। ପରେ ଗ୍ରାହକଙ୍କୁ ମେସେଜ୍ ଦିଆଯାଉଛି ଯେ, ସେହି ସ୍ଥାନରେ ନିର୍ଦ୍ଦିଷ୍ଟ ରଙ୍ଗର ପାର୍ସଲ ଫୋପଡ଼ା ଗଲା। ତମ ଜିନିଷ ଆସି ସଂଗ୍ରହ କରି ନିଅ। ଗ୍ରାହକ ସେଠାକୁ ଯାଇ ନିଶାଦ୍ରବ୍ୟ ଭର୍ତ୍ତି ପାର୍ସଲ ସଂଗ୍ରହ କରି ନେଉଛି।

ଏହି ଉପାୟରେ ଉଭୟ ଗ୍ରାହକ ଏବଂ ବ୍ୟବସାୟୀ ନିଜକୁ ସୁରକ୍ଷିତ ମଣୁଛନ୍ତି। କଲେଜ ଛାତ୍ରଛାତ୍ରୀ ଏଭଳି ଭାବେ ନିଶା ଅର୍ଡର କଲେ ସମାଜ, ସହପାଠୀ, ପ୍ରିୟଜନ, ପରିବାର, ଶିକ୍ଷାନୁଷ୍ଠାନ କର୍ମଚାରୀ କିମ୍ବା ପୁଲିସ କେହି ବି ଜାଣି ପାରିବେ ନାହିଁ ବୋଲି ଭାବୁଛନ୍ତି। ଛାତ୍ରୀ ଏବଂ ମହିଳା ନିଶା ସେବନକାରୀଙ୍କ ମଧ୍ୟରେ ଏଭଳି ନିଶାଦ୍ରବ୍ୟ କିଣିବା ବିଶେଷ ଭାବେ ଅଦୃତ ଲାଭ କରିଛି। ଶିକ୍ଷାନୁଷ୍ଠାନ ନିକଟବର୍ତ୍ତୀ ଅଞ୍ଚଳ ବାସିନ୍ଦା ମଧ୍ୟ ଏହି ମାଧ୍ୟମକୁ ବ୍ୟବହାର କରି ନିଶା ସେବନ କରୁଛନ୍ତି।

### ଅଣଓଡ଼ିଆ, ବିହାରୀ ଗ୍ୟାଙ୍ଗ୍ ସକ୍ରିୟ

ଶିକ୍ଷାନୁଷ୍ଠାନ ନିକଟରେ ଏଭଳି ଉପାୟରେ ନିଶା ବ୍ୟବସାୟ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟମରେ ଓଡ଼ିଆଙ୍କ ସଂଖ୍ୟା ବହୁତ କମ୍। ବିଶେଷ କରି ଅଣଓଡ଼ିଆ ଏବଂ ବିହାରୀ ରାକେଟ୍ ଏହି ଗ୍ୟାଙ୍ଗ୍‌କୁ ଅପରେଟ୍ କରୁଛନ୍ତି। ଏହାର ସଦସ୍ୟମାନେ ଏଭଳି ଉପାୟରେ ଶିକ୍ଷାଷ୍ଠାନ ଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନଷ୍ଟ କରିବା ସହ ମୋଟା ଅଙ୍କର ମୁନାଫା କମାଉଛନ୍ତି। ନିଶା କାରବାର ଚଳାଉଥିବା ଏହି ସିଣ୍ଡିକେଟ୍‌କୁ ତୁରନ୍ତ ଧରାଯାଉ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

ଇନ୍‌ଫୋସିଟି ଅଞ୍ଚଳରେ ଏକ ଘରୋଇ ଅନୁଷ୍ଠାନରେ କାର୍ଯ୍ୟରତ ଜଣେ ବ୍ୟକ୍ତି ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଦୁଇ ବର୍ଷ ଏହି ଇନ୍‌ଫୋସିଟି ଅଞ୍ଚଳରେ ଏହି କାରବାର ହେଉଛି। ପୂର୍ବରୁ ଏହି ଉପାୟରେ ନିଶା କାରବାର କରୁଥିବା ବ୍ୟବସାୟୀଙ୍କ ସଂଖ୍ୟା କମ୍ ଥିଲା। ହେଲେ ଏବେ ଅଧିକାଂଶ ନିଶା ବେପାରୀ ଏହି ମଧ୍ୟମକୁ ଆପଣାଇଛନ୍ତି।

● ହେଲମେଟ୍ ଦୋକାନୀଙ୍କୁ ଖଣ୍ଡା ଚୋଟ

## ଧରାପଡ଼ିଲା ମୁଖ୍ୟ ଅଭିଯୁକ୍ତ ଓମ୍



ଭୁବନେଶ୍ୱର, ୨୧।୪ (ସମିସ): ବ୍ୟବସାୟିକ ଶତ୍ରୁତାରୁ ହେଲମେଟ ଦୋକାନୀଙ୍କୁ ଖଣ୍ଡାରେ ହାଣିବା ଘଟଣାରେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହି ତାରିଣୀ ନଗରର ଓମ୍ ଗୌଡ଼ (୨୦)

ପୁଲିସ ସୂଚନାନୁସାରେ, ତାରାକାନ୍ତ ବାରିକ ନାମକ ଜଣେ ବ୍ୟକ୍ତି ପ୍ରାୟ ୧୦ ବର୍ଷ ହେବ ସ୍ୱର୍ଣ୍ଣ ହସ୍ପିଟାଲ ନିକଟସ୍ଥ ସର୍ଭିସ୍ ରାସ୍ତାରେ ଏକ ହେଲମେଟ ଦୋକାନ କରିଛନ୍ତି। ନିକଟ ଅତୀତରେ ଓମ୍ ସେଠାରେ ଏକ ମୋବାଇଲ କଭର୍ ଦୋକାନ କରିଥିଲା। ଫଳରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ସୃଷ୍ଟି ହେବା ସହ ବିଏମସି ପକ୍ଷରୁ ଦୋକାନ ବନ୍ଦ କରିବାକୁ କୁହାଯାଇଥିଲା। ମୋବାଇଲ ଦୋକାନ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିବାରୁ ତାରାକାନ୍ତ ଆସୋସିଏସନ୍ ସଭାପତିଙ୍କୁ ଏନେଇ ଅଭିଯୋଗ କରିଥିଲେ। ତେବେ ଏହି କଥା ରାଜା ମଲ୍ଲିକ ଓ ବାପି ବିଶ୍ୱାଳ ଶୁଣିଦେଇ ଓମକୁ କହି ଦେଇଥିଲେ। ଗତ ଗୁରୁବାର ପୂର୍ବାହ୍ନରେ ଓମ୍, ତା'ର ସହଯୋଗୀ ବବୁଲ, ସୋନୁ, ସୁବ୍ରତ ଓ ଆକାଶ ଆସି ତାରାକାନ୍ତଙ୍କୁ ହଠାତ୍ ଗାଳିଗୁଲଜ କରିଥିଲେ। ଆସୋସିଏସନରେ ଦେଇଥିବା ଅଭିଯୋଗ ନ ଫେରାଇଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ଏହାର ଠିକ୍ ଘଣ୍ଟାଏ ପରେ ଓମ୍ ଓ ବବୁଲ ଆସି ତାରାକାନ୍ତଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣିଥିଲେ। ଡାହାଣ ହାତରେ ଖଣ୍ଡା ଚୋଟ ବାଜି ଆଙ୍ଗୁଳି କଟି ଯାଇଥିଲା। ସେ ନିଜକୁ ବଞ୍ଚାଇବାକୁ ନିକଟସ୍ଥ ଏକ ଦୋକାନରେ ପଶି ଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ ଉନ୍ନତ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତାରାକାନ୍ତଙ୍କ ପତ୍ନୀ ସୀମାରାଣୀ ବାରିକ ଏନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ପୂର୍ବରୁ ବବୁଲ, ସୋନୁ, ସୁବ୍ରତ ଗିରଫ ହୋଇଥିବା ବେଳେ ଆଜି ଓମକୁ କୋର୍ଟ ଚାଲାଣ କରିଛି ପୁଲିସ।

### ପଶୁପକ୍ଷୀଙ୍କ ସେବାରେ ପ୍ରମିଳା

## ଖରାଦିନେ ରଖୁଛନ୍ତି ପାଣି କୁଣ୍ଡ



ଭୁବନେଶ୍ୱର, ୨୧।୪(ସମିସ): ଦିନ ଗଡ଼ିବା ସହ ଖରାର ତାଉ ମଧ୍ୟ ବଢ଼ି ବଢ଼ି ଚାଲିଛି। ୧୧ଟା ପରେ ଘରୁ ଗୋଡ କାଢିବା ମୁସକିଲ ହୋଇ ପଡ଼ିଛି। ବଢ଼ୁଥିବା ତାପମାତ୍ରାକୁ ଦେଖି ଅନେକ ସମାଜସେବୀ ତଥା ପଶୁପ୍ରେମୀ ପଶୁପକ୍ଷୀଙ୍କ ଚିନ୍ତାରେ ନିଜ ତରଫରୁ ପାଣିର ବ୍ୟବସ୍ଥା କରୁଥିବା ପରିଲକ୍ଷିତ ହେଉଛି। ସେହିମାନଙ୍କ ମଧ୍ୟରୁ ଜଣେ ହେଲେ ପ୍ରମିଳା। ଯେ କି ପଶୁ ଏବଂ ପକ୍ଷୀଙ୍କ ଚିନ୍ତାରେ ପାଣିର ବ୍ୟବସ୍ଥା ଦୀର୍ଘ ବର୍ଷ ହେବ ସେମାନଙ୍କ ସେବାରେ ଲାଗିଛନ୍ତି।

ରାଜଧାନୀ ଭଳି କଂକ୍ରିଟ ସହରରେ ପଶୁପକ୍ଷୀମାନେ ଖରା ଦିନେ ପାଣି ଟୋପାଏ ପାଇଁ ଡହଳ ବିକଳ ହୋଇଥାନ୍ତି। ପାଟି ଖୋଲି ମାଗି ପାରୁନଥିବା ସେହି ନିରୀହ ଜୀବଜନ୍ତୁଙ୍କ ପାଇଁ ମା ସାଜି ସେବା କରୁଛନ୍ତି ପ୍ରମିଳା ମଣ୍ଡଳ, ବୟସ ୪୮ ଛୁଇଁଛି। ପ୍ରମିଳାଙ୍କ ଘର ବର୍ତ୍ତମାନ ଶୈଳଶ୍ରୀ ବିହାର ଅଞ୍ଚଳରେ। ତାଙ୍କ ଜୀବନରେ ସେ ଅନେକ କିଛି ସହିଛନ୍ତି। ସାବତ ମାର ଯାତନାରେ ପିଲାଦିନ ବିତିଥିଲା। ଗାଇ ଚରେଇବା ଏବଂ ସେମାନଙ୍କ ଯତ୍ନ ନେବା ତାଙ୍କ ପିଲାଦିନର କାର୍ଯ୍ୟ ଥିଲା। ସେବେଠାରୁ ଗାଇ, କୁକୁର, ପକ୍ଷୀ ସମସ୍ତଙ୍କୁ ସେ ଭଲପାନ୍ତି। ସେ ପ୍ରତିଦିନ କାମ କରିବାକୁ ଚନ୍ଦ୍ରଶେଖରପୁର ଯାଉଛନ୍ତି। ହେଲେ କାର୍ଯ୍ୟବ୍ୟସ୍ତତା ସତ୍ତ୍ୱେ ପଶୁ ମାନଙ୍କ କଥା ଭୁଲନ୍ତିନି। ଖରାରେ ଗାଇମାନଙ୍କୁ ପାଣି ଓ ତୋରାଣୀ ଦେବା ପାଇଁ ଶୈଳଶ୍ରୀବିହାରରୁ ଚନ୍ଦ୍ରଶେଖରପୁର ଯିବା ରାସ୍ତାରେ କୁଣ୍ଡ ରଖୁଛନ୍ତି। ସେହି କୁଣ୍ଡକୁ ପ୍ରତିଦିନ ସକାଳେ ସକାଳେ ସଫା କରି ପଶୁମାନଙ୍କ ପାଇଁ ପାଣି ଓ ଖାଇବା ରଖନ୍ତି। ସେ କୁହନ୍ତି ପିଲାବେଳୁ ପଶୁପକ୍ଷୀଙ୍କୁ ଭଲପାଏ। ଖରାରେ ଆମେ ସିନା ଘରେ ନିଜେ ପାଣି ଆଣି ପିଉଛନ୍ତି, ହେଲେ ସେମାନଙ୍କ ପାଇଁ କିଏ ଅଛି। ସେଥିପାଇଁ ତାଙ୍କ ସେବାରେ ନିତି ଲାଗିପଡନ୍ତି।

### ଜାଲ୍ ମଷ୍ଟର୍ ରୋଲ୍‌ରେ ସରକାରୀ ଅର୍ଥ ଆତ୍ମସାତ

## ଖାଲି ଫଳକରେ କାମ ଶେଷ

ବାଲିପାଟଣା, ୨୧।୪(ସମିସ): ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ଓ ଗରିବ ଶ୍ରମିକଙ୍କୁ ରୋଜଗାର ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କିଛି ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ ଏହା ଏବେ 'ଦୁର୍ନୀତିର ଚରାଭୂଇଁ' ପାଲଟିଛି। ବାଲିପାଟଣା ବ୍ଲକ ପମ୍ପାଲୋ ପଞ୍ଚାୟତର ସରପଞ୍ଚଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଙ୍ଗଲ ଓ ଗୋଚର ଜମିରୁ ବ୍ୟାପକ ମାଟି ଲୁଟ୍ ଚାଲିଥିବା ବେଳେ ଜାଲ୍ ମଷ୍ଟର ରୋଲ୍ ଜରିଆରେ ସରକାରୀ ଅର୍ଥକୁ ଆତ୍ମସାତ କରାଯାଉଥିବା ନେଇ ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ନିୟମ ଅନୁଯାୟୀ, ପଞ୍ଚାୟତର ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ଶ୍ରମିକମାନଙ୍କୁ ନିୟୋଜିତ କରିବା କଥା। ମାତ୍ର ଏଠାରେ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ରାତି ଅଧରେ ଜେସିବି ମେସିନ ଲଗାଇ ପୋଖରୀ ଖୋଳାଯାଉଛି। ଅଥଚ ଦିନ ବେଳେ କାଗଜପତ୍ରରେ ଶ୍ରମିକଙ୍କ ନାମ ଲେଖାଯାଇ ଜାଲ୍ ମଷ୍ଟର ରୋଲ୍ ପ୍ରସ୍ତୁତ କରାଯାଉଛି। ତେବେ କୌଣସି ଶ୍ରମିକ କାମ କରୁ ନ ଥିବା ବେଳେ ସେମାନଙ୍କ ନାମରେ ଆସୁଥିବା ଟଙ୍କା ସିଧାସଳଖ ପଞ୍ଚାୟତ ପ୍ରତିନିଧି ଓ କିଛି ଅସାଧୁ କର୍ମଚାରୀଙ୍କ ପକେଟକୁ ଯାଉଥିବା ଅଭିଯୋଗ ହେଉଛି। ଅଭିଯୋଗ ଅନୁଯାୟୀ ପଞ୍ଚାୟତ ଅନ୍ତର୍ଗତ ନୂଆପଡ଼ା, ବରୁଡିସାହି ଗ୍ରାମର ସରକାରୀ ଅନାବାଦି, ଗୋଚର ଏବଂ ଜଙ୍ଗଲ ଜମିରୁ ବେଆଇନ ଭାବେ ପୋଖରୀ ଖୋଳାଯାଉଛି। ପୋଖରୀ ଖୋଳିବା ନାଁରେ ସେଠାରୁ ବାହାରୁଥିବା ମାଟିକୁ ବାହାରେ ବିକ୍ରି କରି ସରପଞ୍ଚ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଗୋଚର ଜମି ନଷ୍ଟ ହେବା ଫଳରେ ଗୃହପାଳିତ ପଶୁଙ୍କ ଚାରଣ ପାଇଁ ସମସ୍ୟା ସୃଷ୍ଟି ହେଉଥିବା ବେଳେ ପରିବେଶ ଉପରେ ମଧ୍ୟ ଏହାର କୁପ୍ରଭାବ ପଡୁଛି। ଏହି ସମସ୍ତ କାର୍ଯ୍ୟାବଳୀ ଦିବାଲୋକରେ ଚାଲିଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ ଓ ବ୍ଲକ କର୍ତ୍ତୃପକ୍ଷ ଚୁପ୍ ରହିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରପଞ୍ଚଙ୍କ ଏହି ମନମୁଖୀ କାର୍ଯ୍ୟ ବିରୋଧରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବାଲିପାଟଣା ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ପଚାରିବାରୁ ଏହି ଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



## ମାମଲା ପ୍ରତ୍ୟାହାର ଧମକ: ମାଆକୁ ଆକ୍ରମଣ କଲା ପୁଅ

ଭୁବନେଶ୍ୱର, ୨୧।୪ (ସମିସ): ମାମଲା ପ୍ରତ୍ୟାହାର କରିବାକୁ ଚାପ ପକାଇ ବିଫଳ ହେବାପରେ ମାଆକୁ ଆକ୍ରମଣ କରିଛି ପୁଅ। ବରମୁଣ୍ଡା ଇପିକଲ୍ ଅଫିସ୍ ରାସ୍ତାରେ ଏଭଳି ଘଟଣା ଘଟିଥିବା ବେଳେ ତଭି ମଙ୍ଗରାଜ ଗୁରୁତର ହୋଇଛନ୍ତି। ଅଭିଯୋଗ ପାଇବା ପରେ ପୁଅକୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, ବରମୁଣ୍ଡା ତଳ ସାହିର ସୁରେଶ କୁମାର ମଙ୍ଗରାଜ ଓରଫ୍ ବାପି (୩୫)।



ପୁଲିସ ସୂଚନାନୁସାରେ, ତଭି ପରିବାର ସହ ତପୋବନ ବସ୍ତିରେ ରୁହନ୍ତି। ପୁଅ ସୁରେଶ ଓ ତଭିଙ୍କ ମଧ୍ୟରେ ପୂର୍ବରୁ ବିବାଦ ରହି ଆସିଥିଲା। ବିବାଦକୁ ନେଇ ତଭି ପୂର୍ବରୁ ବାପି ବିରୋଧରେ ଇନଫୋଭ୍ୟାଲି ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଥାନାରୁ ପ୍ରତ୍ୟାହାର କରିନେବା ଲାଗି ବାପି ମାଆଙ୍କ ଉପରେ ଚାପ ପକାଇ ଆସୁଥିଲା। ସୋମବାର ତଭି ଇପିକଲ୍ ଅଫିସ୍ ରାସ୍ତା ଦେଇ ଯାଉଥିଲେ। ସେହି ସମୟରେ ବାପି ଓ ତା'ର ପତ୍ନୀ କାର ଯୋଗେ ତାଙ୍କୁ ଅଟକାଇ ମରଣାନ୍ତକ ଆକ୍ରମଣ କରିଥିଲେ। ମାମଲା ନ ଉଠାଇଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦେଇଥିଲେ। ଖବରପାଇ ପିସିଆର ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ତଭିଙ୍କୁ ଉଦ୍ଧାର କରିବା ସହ ବାପିକୁ ଥାନାକୁ ଉଠାଇ ଆଣିଥିଲା। ଏନେଇ ତଭି ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ବାପିକୁ ଗିରଫ କରି କୋର୍ଟ ଚାଲାଣ କରିଛି। ବାପି ନାମରେ ପୂର୍ବରୁ ମଧ୍ୟ ଖଣ୍ଡଗିରି ଥାନାରେ ୧୦ ଗୋଟି ଅପରାଧିକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

### ଶ୍ୟାମପୁର ସରକାରୀ ଜମି ବିକ୍ରି ମାମଲା

# ଦଲାଲ ନାଁରେ ଏତଲା ଦେବାକୁ କୁଣ୍ଠକୁଣ୍ଠ ବିଡ଼ିଏ

ଭୁବନେଶ୍ୱର, ୨୧।୪(ସମିସ): ଭରତପୁର ଥାନା ଅନ୍ତର୍ଗତ ଶ୍ୟାମପୁର ମୌଜା ୬୮ ଏକର ସରକାରୀ ଜମି ବିକ୍ରି ମାମଲାରେ ୧୫ କୋଟି ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି। ଏଭଳି ଏକ ଠକେଇରେ ପ୍ରାୟ ୧୦୦୦ରୁ ଊର୍ଦ୍ଧ୍ୱ ଗରିବ ବସ୍ତି ବାସିନ୍ଦା ଠକେଇର ଶିକାର ହୋଇଛନ୍ତି। ଠକମାନେ ନୋଟାରୀ ଏଗ୍ରିମେଣ୍ଟ ଜରିଆରେ ସେମାନଙ୍କୁ ଭୁଆଁ ବୁଲାଇଛନ୍ତି। ସରକାରୀ ଜମିକୁ ନିଜ ଅକ୍ତିଆରରେ ଥିବା ଜମି ବୋଲି କହି ବିକ୍ରି କରିଛନ୍ତି। ପ୍ରତ୍ୟେକଙ୍କ ଠାରୁ ୧ଲକ୍ଷରୁ ଦେଢ ଲକ୍ଷ ଟଙ୍କା ନିଆଯାଇଛି। ନିଜକୁ ଭୂଦାନ ଜମିର ହେପାଜତ କର୍ତ୍ତା ବୋଲି ଦର୍ଶାଇ କିଛି ଠକ ଏହାକୁ ୨୦୨୩ ମସିହାରେ ବିକ୍ରି କରିଥିଲେ।

**■ ୧୫ କୋଟିର ଠକେଇରେ ୧୦୦୦ ଲୋକ ଶିକାର**
**■ ନୋଟାରୀ ଏଗ୍ରିମେଣ୍ଟରେ ବିକ୍ରି ହେଉଥିଲା ଜମି**
**■ ଅଭିଯୁକ୍ତମାନଙ୍କ ନାଁ ବି ଜଣାପଡ଼ିଗଲାଣି**
**■ ଫସର ଫାଟିଲା ଏମ୍‌ପି ଦେଇଥିବା ପ୍ରତିଶ୍ରୁତି**



ପ୍ରାୟ ହଜାରେରୁ ଊର୍ଦ୍ଧ୍ୱ ଲୋକ ଏହି ନୋଟାରୀ ଏଗ୍ରିମେଣ୍ଟକୁ ଭରସା କରି ଘର ନିର୍ମାଣ କରିଥିଲେ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ। ଶେଷରେ ବିଡ଼ିଏ ଜବରଦଖଲ ଉଚ୍ଛେଦ କରି ନିଜ ଜମିକୁ ନିଜ ଅକ୍ତିଆରକୁ ନେଇଛି। ଅନ୍ୟପକ୍ଷରେ ଉଚ୍ଛେଦ ହୋଇଥିବା ଲୋକେ ଟଙ୍କା କିଭଳି ଫେରି ପାଇବେ ଏବଂ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ମଙ୍ଗଳବାର ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିଲେ। ହେଲେ ନାଆ ତାଙ୍କ ଦୁଃଖ ବୁଝାଯାଉଛି। ନାଁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

ଦଲାଲମାନେ ଦିନ ଦିପହରେ ବିଡ଼ିଏ ଜମି ବିକ୍ରି କରିଥିଲେ। ଜବରଦଖଲ ଉଚ୍ଛେଦ ବେଳେ ବହୁ ନୋଟାରୀ ଏଗ୍ରିମେଣ୍ଟ ସାମ୍ନାକୁ ଆସିଥିଲା। ଯେଉଁଥିରେ ସ୍ପଷ୍ଟ ଭାବେ ଠକମାନଙ୍କ ନାଁ ସାମ୍ନାକୁ ଆସିଛି। ଘର କରିଥିବା ଲୋକ ଠକାମୀର ଶିକାର ହୋଇଥିବା ନେଇ ବିଡ଼ିଏକୁ ଜଣାଇଲେ। ଏହାସତ୍ତ୍ୱେ ଦଲାଲଙ୍କ ବିରୋଧରେ ବିଡ଼ିଏ ଏତଲା ଦେବାକୁ କୁଣ୍ଠକୁଣ୍ଠ ହେଉଛି। ଚର୍ଚ୍ଚା ହେଉଛି ଯେ ବିଡ଼ିଏର କିଛି ଅଧିକାରୀ ଦଲାଲଙ୍କ ସହ ଭିତିରିଆ ସାମିଲ ଅଛନ୍ତି। ସେମାନେ ଢୋଲ ଭିତରେ ମୂଷା ଭଳି କାମ କରୁଛନ୍ତି। ନିୟମ ଅନୁଯାୟୀ ବିଡ଼ିଏର ଲ୍ୟାଣ୍ଡ ଅଫିସରସ୍ତରୀୟ ଅଧିକାରୀ ସମ୍ପୃକ୍ତ ଦଲାଲମାନଙ୍କ ବିରୋଧରେ ଥାନାରେ ଏତଲା ଦେବା କଥା। କିନ୍ତୁ ସୋମନଙ୍କୁ ଉଚ୍ଚପଦସ୍ଥ ଅଧିକରୀଙ୍କ ଠାରୁ ଗ୍ରୀନ୍ ସିଗ୍‌ନାଲ ମିଳୁ ନାହିଁ। ଯାହା ଜଣାପଡୁଛି ବିଡ଼ିଏ ଦଲାଲମାନଙ୍କୁ ବଞ୍ଚାଇବାକୁ ଲାଗିପଡ଼ିଛି।

ଅନ୍ୟପକ୍ଷରେ ବହୁ ମାମଲାରେ ପୁଲିସ ନିଜ ଆଡୁ ମାମଲା ରୁଜୁ କରେ। ହେଲେ ଏହି ମାମଲାରେ କଣ ପାଇଁ ପୁଲିସ ନିରବଦ୍ରଷ୍ଟା ପାଲଟିଛି। ଏତେବଡ଼ ଠକେଇରେ ପୁଲିସ କଣ ପାଇଁ ନିଜ ଆଡୁ ମାମଲା ରୁଜୁ କରୁ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ତେବେ ଲୋୟର ପିଏମ୍‌ଜିରେ ଧାରଣାରେ ବସିଥିବା ମହିଳା ମାନେ କହିଛନ୍ତି। ଭୁବନେଶ୍ୱର ଏମ୍‌ପି ତାଙ୍କ ପାଖକୁ ଯାଇଥିଲେ। ପ୍ରତିଶ୍ରୁତି ଦେଇଥିଲେ ଭାଙ୍ଗିବନି। ଏଣୁ ସେମାନେ ବିଜେପିକୁ ଭୋଟ୍ ଦେଇଥିଲେ। ଜବରଦଖଲ ଉଚ୍ଛେଦ ପରେ ଏମ୍‌ପିଙ୍କର ଏବେ ଦେଖା ନାହିଁ।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳୀ
ଆମ ବୋଉ



ଆବିର୍ଭାବ
୨୫.୧୦.୧୯୩୨

ତିରୋଧାନ
୧୨.୦୪.୨୦୨୬

୰ମନୋରମା ମହାନ୍ତି
ସ୍ୱାମୀ ସର୍ଗତଃ ଦୁର୍ଗାପ୍ରସନ୍ନ ମହାନ୍ତି

ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗକୁ ଆମେ ପାଥେୟ କରି ଚାଲିଥିଲୁ ଓ ଆଗକୁ ଚାଲିବୁ। ଆଜି ଏକାଦଶାହ ଅବସରରେ ମା ଅମ୍ବିକାଙ୍କ ନିକଟରେ ତୁମର ଆତ୍ମାର ସଦ୍‌ଗତି କାମନା କରୁଛୁ।

ଯାଆ - କୁସୁମ
ପୁତ୍ର : ସଚ୍ଚିଦାନନ୍ଦ (ଲୁଲୁ) କୃଷ୍ଣାନନ୍ଦ (ବାଦଲ)
ପୁତ୍ରବଧୂ : ନିବେଦିତା (ଫେଲି) ଅରୁଣିମା (ଇତିନା)
ଝିଅ : ରୀନା, ଲିନା, କୁନକୁନ
ଜ୍ୱାଇଁ : ଦେବବ୍ରତ, ଅଜୟ
ନାତି : ସାନି, ନୀଲ, କାକୁ, ରିକୁ
ନାତୁଣୀ : ନେହା, ଇଶା, ଇଷା ଓ ଆତ୍ମୀୟ ସ୍ୱଜନ
ନାତୁଣୀ ବୋହୂ : ପ୍ରୀୟଙ୍କା
ଲାଲବଜାର, ବାରିପଦା

# ଭୁବନେଶ୍ୱର ସିଟି



# କଳାରାହାଙ୍ଗ ଡ୍ରେନ୍ କାର୍ଯ୍ୟରେ ଅନିୟମିତତା; ତାତିଲେ ଗ୍ରାମବାସୀ

ନନ୍ଦନକାନନ, ୨୧।୪(ସମିସ):ବାଲାଜୀ ନେଇଥିବା ଡ୍ରେନ୍ ନିର୍ମାଣ କାର୍ଯ୍ୟରେ ବଡ ହେରଫେର ଓ ଠକାମି କରି ଡ୍ରେନ୍ କାର୍ଯ୍ୟ କରୁଥିବା ନେଇ କଳାରାହାଙ୍ଗ ଗ୍ରାମରେ ଲୋକେ ତାତିଛନ୍ତି। ଲୋକଙ୍କ ଅଭିଯୋଗ ଅନୁସାରେ ଗତ କିଛି ମାସ ହେଲା କଳାରାହାଙ୍ଗ ଗ୍ରାମ ରାସ୍ତା ମଧ୍ୟରେ ରାସ୍ତା ଖୋଳି ଡ୍ରେନେଜ କାର୍ଯ୍ୟ ଚାଲୁ ରହିଛି। ରାସ୍ତା ମଝିରେ ପ୍ରାୟ ୮/୧୦ଫୁଟ ହେବ ଗଭୀର ଖୋଳାଯାଇ ପାଇପ ବିଛା ଯାଉଛି। ହେଲେ ଏଥିରେ ବହୁ ଅନିୟମିତତା ହେବା ଦେଖାଯାଉଛି। ପାଇପ ପଡ଼ିବା ପରେ ଏହି ଗଭୀର ଗତ ଗୁଡିକୁ ଠିକ ଭାବେ ଭରା ଯାଉନାହିଁ। ସରକାରୀ ନିର୍ଦ୍ଧାରିତ ନୀତିନିୟମ ଅନୁସାରେ ବାଲି, ମାଟି ନ ପକେଇ ଏହାକୁ ପୋତା ଯାଉଛି। ଯାହା ରାସ୍ତା ଗୁଡିକ ପରେ ଦବି ଖାଲ ହେଇ ଯାଉଛି। ଏନେଇ ଗ୍ରାମବାସୀ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିବାରୁ ଅଧିକାରୀ କହିଲେ କି ଖୋଳା ହୋଇଥିବା ରାସ୍ତାରେ ମାଟି ପର୍ଯ୍ୟନ୍ତ ବାଲି ଦ୍ୱାରା ପୋତା ଯିବ। ହେଲେ ଏହି କାର୍ଯ୍ୟକୁ ବାଲାଜୀ ଠାରୁ ନେଇଥିବା ପେଟି କଣ୍ଟ୍ରାକ୍ଟର ମନୋଜ ସାହୁ ତଳେ ବିଛା ଯାଇଥିବା ପାଇପ ଉପରେ ମାତ୍ର ଇଞ୍ଚେ? ଦି ଇଞ୍ଚ?ରେ ବାଲି ପକାଇ ଯେନତେନ ଭାବରେ ଲୁଚା ଛପାରେ ପୋତି ଦେଉଛନ୍ତି। ଏହାକୁ ନେଇ ଆଜି ଗ୍ରାମର କିଛି ଲୋକ ବିରୋଧ କରିବା ସହ କାର୍ଯ୍ୟକୁ ଠିକ ଭାବରେ କରିବାକୁ ପରାମର୍ଶ ଦେଇଥିଲେ। ଏନେଇ ମନୋଜ ସାହୁଙ୍କୁ ପଚାରିବାରୁ ସେ କହି ଥିଲେକି ଏହି କାର୍ଯ୍ୟ ସେ ବାଲାଜୀ ଠାରୁ ଆଣିଛନ୍ତି। କଳାରାହାଙ୍ଗ ଗ୍ରାମରେ ପ୍ରାୟ ଅଢେଇ କିଲୋମିଟର ରାସ୍ତାରେ ଡ୍ରେନ୍ କାର୍ଯ୍ୟ ପାଇଁ ବାଲାଜୀ ଠାରୁ ଠିକା ଆଣିଛନ୍ତି। ଯେତିକି ଓ ଯେମିତି ଢଙ୍ଗରେ କାର୍ଯ୍ୟ କରିବେ ସେହି ଭାବରେ ବାଲାଜୀ ଠାରୁ ପଇସା ପାଇବେ। ରାସ୍ତାର ଅବସ୍ଥା ଦେଖି ପ୍ରାୟତଃ ୨ରୁ ୩ଫୁଟ ପର୍ଯ୍ୟନ୍ତ ବାଲି ଦ୍ୱାରା ପୂରଣ କରାଯାଉଛି। ହେଲେ ମୁଁ ଏବେ ଅନ୍ୟ ସ୍ଥାନରେ ଅଛି, ତେଣୁ ସେଠି କଣ କାର୍ଯ୍ୟ ହୋଇଛି ଜାଣିନାହିଁ। ଗ୍ରାମବାସୀଙ୍କ ଅଭିଯୋଗ ପାଇଛି, କାର୍ଯ୍ୟରେ ଯାହା ଆବଶ୍ୟକ ତାହା ଗଲେ ପୂରଣ କରିବି ବୋଲି ସେ କହିଛନ୍ତି।

# ଟଙ୍କପାଣି ମନ୍ଦିରରେ ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ



ବାଲିଅନ୍ତା, ୨୧।୪(ସମିସ): ବାଲିଅନ୍ତା ବ୍ଲକ ଟଙ୍କପାଣି ମନ୍ଦିର ପରିସରରେ ଥିବା ପ୍ରଭୁ ଶ୍ରୀରାମ ମନ୍ଦିରର ୧୪ ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ୧୯ ତାରିଖରୁ ଆରମ୍ଭ ହୋଇଥିବା ପୂଜାବିଧି ଏବଂ ଯଜ୍ଞ ଆସନ୍ତା କାଲି ଉଦଯାପିତ ହେବ। ଯଜ୍ଞ ନେଇ କୁଆଖାଇ ନଦୀରୁ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟହ ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ, ଘଟପୂଜା, ମହା ରୁଦ୍ରାଭିଷେକ ଏବଂ ଚଣ୍ଡି ପୂଜା ଚାଲିଛି। ପ୍ରତ୍ୟହ ମଧ୍ୟାହ୍ନ ଏବଂ ରାତ୍ରିରେ ହଜାର ହଜାର ଶ୍ରଦ୍ଧାଳୁ ପ୍ରସାଦ ସେବନ ନେଇ ବ୍ୟବସ୍ଥା ହୋଇଛି। ଏହି ଅବସରରେ ରାତିରେ ଭକ୍ତି ସଙ୍ଗୀତ ପରିବେଷଣ ହେଉଛି।

# ବିଜେଡି ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ପୁଣ୍ୟତିଥି




ଭୁବନେଶ୍ୱର, ୨୧।୪(ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ମଙ୍ଗଳବାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦାଶିବ ତ୍ରିପାଠୀଙ୍କ ପବିତ୍ର ପୁଣ୍ୟ ତିଥିପାଳିତ ହୋଇଯାଇଛି। ଏହି ଅବସରରେ ରାଜଧାନୀର ୟୁନିଟ୍ ଛଅ ନମ୍ବର ଠାରେ ଅବସ୍ଥିତ ସଦାଶିବଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ଶ୍ରାଦ୍ଧଦିବସ ପାଳନ କରାଯାଇଥିଲା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ବିଶେଷ ଭାବରେ ନିରୂପମା ମଙ୍ଗରାଜ, ଭୁବନେଶ୍ୱର ଗୌରବ ଗିରିଜା ଶଙ୍କର ମହାପାତ୍ର, ଦେବରାଜ ନାୟକ, ମୁଦୁଲି ସିକ୍କା, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଯାଲି ସୋରେନ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଚୈତନ୍ୟ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।(ରଞ୍ଜନା)

# ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଏକାଦଶ ଶ୍ରାଦ୍ଧବାର୍ଷିକ

ଭୁବନେଶ୍ୱର, ୨୧।୪(ସମିସ): ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ଏକାଦଶ ଶ୍ରାଦ୍ଧବର୍ଷିକରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। କମିଟିର କାର୍ଯ୍ୟକାରୀ ଅଧ୍ୟକ୍ଷ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭାରେ ପୂଜ୍ୟ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର



କୁଳପତି ପ୍ରଫେସର ଡ. ସତ୍ୟ ନାରାୟଣ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ ସ୍ୱର୍ଗତ ପଟ୍ଟନାୟକଙ୍କୁ ଜଣେ ଧୂରୀଣ ରାଜନେତା ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ସାହିତ୍ୟରେ ଜୀବନବ୍ୟାପୀ ସାଧନା ପାଇଁ ପ୍ରଫେସର ଡ. ଜୀତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର), ସମାଜସେବା ପାଇଁ ଡ. ବଦ୍ରୀନାଥ ପଟ୍ଟନାୟକ ଓ ସାମ୍ବାଦିକତା ପାଇଁ ବିରୁପାକ୍ଷ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ବାନାମ୍ବର ବାରିକ୍‌ଙ୍କ ପୁସ୍ତକ 'ଜାତିଦାନ' ଓ କବି ଚିନ୍ତାମଣି ଦାସଙ୍କ କବିତା ପୁସ୍ତକ 'ଝୁରୁଛି ନୀଳ ଯମୁନା'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ କମିଟିର ଉପସଭାପତି ସତ୍ୟବ୍ରତ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରାସଦ ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ସମାଜସେବୀ ଏଲିନା ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ମା' ତାରିଣୀଙ୍କ ଚତୁର୍ଥ ଜନ୍ମବାର୍ଷିକୀ ଉତ୍ସବ

ଭୁବନେଶ୍ୱର, ୨୧।୪(ସମିସ): ମା' ତାରିଣୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ୟୁନିଟ୍-୩ସ୍ଥିତ ଖାରବେଳ ନଗର ଅଞ୍ଚଳରେ ଥିବା ମା' ତାରିଣୀଙ୍କର ଚତୁର୍ଥ ଜନ୍ମବାର୍ଷିକୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମନ୍ଦିରର ପୂଜକ ସନାତନ ନାୟକ ଓ ବସନ୍ତ ରଥ ଛେନାପୋଡ଼ କାଟି ମା' ତାରିଣୀଙ୍କ ଜନ୍ମବାର୍ଷିକୀ ଶୁଭେଚ୍ଛା ଓ ଅଭିନନ୍ଦନ ବାର୍ତ୍ତା ଭକ୍ତମାନଙ୍କୁ ଜଣାଇଥିଲେ। ଟ୍ରଷ୍ଟର ସଭାପତି ବିଦ୍ୟାଧର ମିଶ୍ର, ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର ଏବଂ କୋଷାଧ୍ୟକ୍ଷ ଈଶ୍ୱର ମୂର୍ତ୍ତିଙ୍କ ଆବାହକତ୍ୱରେ ଏହି ଜନ୍ମବାର୍ଷିକୀ ଉତ୍ସବରେ ପୂର୍ଣ୍ଣଚନ୍ଦ୍ର ବରାଳ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭୁବନ ମୋହନ ରଥ, ଦେବାଶିଷ ଘୋଷ ପ୍ରମୁଖ ଶତାଧିକ ଭକ୍ତ ଯୋଗ ଦେଇଥିଲେ।

# କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ



ଭୁବନେଶ୍ୱର, ୨୧।୪(ସମିସ): କବି ବାଞ୍ଛାନିଧି ସ୍ମୃତି ସଂସଦ ତରଫରୁ ବୁଦ୍ଧ ମନ୍ଦିରଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭଦ୍ରକ ସମ୍ମିଳନୀର ମିଳିତ ସହଯୋଗରେ ଜାତୀୟତାବାଦୀ ଚାରଣ କବି ବାଞ୍ଛାନିଧି ମହାନ୍ତିଙ୍କ ୧୨୯ତମ ଜୟନ୍ତୀ ପାଳିତ ହୋଇଛି। ପ୍ରଥମ ଅଧିବେଶନରେ କବି ଉମାକାନ୍ତ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଦେଶାତ୍ମବୋଧକ କବିତା ଆସରରେ ୫୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଯୁବକବି ସ୍ରୋତସ୍ୱିନୀ ପରିଡ଼ା ଓ ସ୍ମୃତିସୁଧା ସାହୁ ସଂଯୋଜନା କରିଥିଲାବେଳେ କବି ମାନଗୋବିନ୍ଦ ବାରିକ୍ ଓ ସବିତାରାଣୀ ବେହେରା ଅତିଥିଭାବେ ଯୋଗ ଦେଇଥିଲେ। ସ୍ମୃତି ସଂସଦର ସଭାପତି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନକୁ କବି ଓ ପ୍ରାକ୍ତନ ପ୍ରଶାସକ ରବିନାରାୟଣ ସେନାପତି ଉଦଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଗବେଷକ ଓ ଭାଷାବିତ୍ ଡ. ବସନ୍ତ କୁମାର ପଣ୍ଡା ଓ ମୁଖ୍ୟବକ୍ତାଭାବେ ଐତିହାସିକ ତଥା ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର୍ ଅମୀୟ କୁମାର ପଟ୍ଟନାୟକ ଯୋଗ ଦେଇଥିଲେ। ସଂସଦର ସମ୍ପାଦକ ନୀରୋଦ କୁମାର ରାଉତ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଦେଶାତ୍ମବୋଧ କବିତାର ଗାୟକ ବୈକୁଣ୍ଠ ନାଥ ପାଣିଗ୍ରାହୀଙ୍କର ଆତ୍ମଜୀବନୀ 'ଜୀବନ ଯେମିତି ଜୀଇଁଛି' ଓ ତରୁଣବାଳା ପଟ୍ଟନାୟକଙ୍କର ପୁସ୍ତକ 'ସୁରଭିତ ସ୍ମୃତି' ଉନ୍ମୋଚିତ ହୋଇଥିଲା। ଗବେଷକ ଓ ଐତିହାସିକ ଡ. ଅଜୟ କୁମାର ପଣ୍ଡା, ସଂଗ୍ରାହକ ବିକାଶ କୁମାର ଶତପଥୀ, ଗାଳ୍ପିକା ଝରଣା ପଟ୍ଟନାୟକ ଏବଂ ସମାଜସେବୀ ରାଧାରାଣୀ ମହାପାତ୍ରଙ୍କୁ 'କବି ବାଞ୍ଛାନିଧି ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା।

# ସିନେକ୍ରିଟିକ୍‌ର 'ଆଶା ନାଇଟ୍-୨୦୨୬'



## ଆଶା ଥିଲେ ସଙ୍ଗୀତର କାଳଜୟୀ ସ୍ରଷ୍ଟା

ଭୁବନେଶ୍ୱର, ୨୧।୪(ସମିସ): ଆଶା ଭୋସ୍‌ଲେ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି ଉତ୍ସବ ଅବସରରେ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଛି। ଏକ ମନୋଜ୍ଞ ସଙ୍ଗୀତ ସନ୍ଧ୍ୟାରେ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳ ଜ୍ଞାପନ କରାଯାଇଛି। ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ସିନେକ୍ରିଟିକ୍ ଆସୋସିଏସନ, ' ସଂସ୍କୃତି ଓ ସଂସ୍କୃତି' ଏବଂ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ 'ଆଶା ନାଇଟ୍-୨୦୨୬' ଶୀର୍ଷକ ଏହି ଉତ୍ସବରେ ବହୁ ଜଣାଶୁଣା ସଙ୍ଗୀତଜ୍ଞ ଆଶାଙ୍କ ଲୋକପ୍ରିୟ ସଙ୍ଗୀତ ଗୁଡ଼ିକ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରଶାସକ ଅରୁଣ ପଣ୍ଡା, ଭବାନୀ ମହାପାତ୍ର, ନିର୍ଦ୍ଦେଶକ ପ୍ରଣବ ଦାସ, ଅଭିନେତା ପ୍ରେମାଞ୍ଜନ ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ବରିଷ୍ଠ ସିନେ ସମୀକ୍ଷକ ଦିଲ୍ଲୀପ ହାଲି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ସନ୍ଧ୍ୟାରେ କଣ୍ଠଶିଳ୍ପୀ ଆଦ୍ୟାଶା ଦାସ, ଛନ୍ଦା ମିଶ୍ର, ପ୍ରତିଭା ପ୍ରଧାନ, କୁମାର ବିଷ୍ଣୁ, ମଧୁମିତା ମହାପାତ୍ର, ଦେବାଂଶୀ ନାୟକ, ରୀତିକା ରିମ୍‌ଝିମ୍, ସିଦ୍ଧାନ୍ତ ଶତପଥୀ ପ୍ରମୁଖ ଲତାଙ୍କ ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। ବରିଷ୍ଠ ସାମ୍ବାଦିକ ଗୋପୀନାଥ ବାରିକଙ୍କ ଆଶାଙ୍କ ଉପରେ ଲିଖିତ ଗୀତି କବିତାକୁ କଣ୍ଠଦାନ କରିଥିଲେ ସଂଯୁକ୍ତା ଦାସ। ଏହି କାର୍ଯ୍ୟକ୍ରମକୁ ରୁଦ୍ର ପ୍ରସାଦ ନାୟକ ଓ ଗୁଲ୍‌ସନ୍ ନଦୀମ୍ ସଂଯୋଜନା କରିଥିଲେ।

# ଜେଇଇ ମେନ୍ସରେ ଓଡିଏମ୍‌ର ୧୬ ଛାତ୍ରଛାତ୍ରୀ ହାସଲ କଲେ ୯୯ ପ୍ରତିଶତରୁ ଅଧିକ

ଭୁବନେଶ୍ୱର, ୨୧।୪(ସମିସ): ନ୍ୟାସ୍‌ନାଲ ଟେଷ୍ଟିଙ୍ଗ୍ ଏଜେନ୍‌ସି ଦ୍ୱାରା ପରିଚାଳିତ ସର୍ବଭାରତୀୟ କେଇଇ ମେନ୍ସ ଦ୍ୱିତୀୟ ପର୍ଯ୍ୟାୟ ୨୦୨୬ ପରୀକ୍ଷାରେ ଓଡିଏମ୍ ପବ୍ଲିକ୍ ସ୍କୁଲ, ଓଡିଏମ୍ ଗ୍ଲୋବାଲ୍ ସ୍କୁଲ ଏବଂ ଓଡିଏମ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍, ଅନଗୁଳର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ କୃତିତ୍ୱ ହାସଲକରି ବିଦ୍ୟାଳୟକୁ ସବୁବର୍ଷପରି ଗୌରବମଣ୍ଡିତ କରିଛନ୍ତି। ଓଡିଏମ୍ ପବ୍ଲିକ ସ୍କୁଲର ଛାତ୍ର ବେଦାନ୍ତ ବର୍ମା ୯୯.୯୦୬ ପ୍ରତିଶତରଖି ପ୍ରଥମ ସ୍ଥାନ ପାଇ ଥିଲାବେଳେ ସ୍ୱୟମ୍



ପ୍ରକାଶ ସେଠୀ ୯୯.୮୭୨ ପ୍ରତିଶତରଖି ଦ୍ୱିତୀୟ ସ୍ଥାନରେରହି ସର୍ବଭାରତୀୟସ୍ତରରେ ୩୫ତମ ସ୍ଥାନରେ ଥିବାବେଳେ ଅର୍ମାନ୍ କମଳ ପାତ୍ର ୯୯.୮୬୨ ପ୍ରତିଶତରଖି ତୃତୀୟ ସ୍ଥାନରେ ଅଛନ୍ତି। ସେହିପରି ରୌନକ୍ ଭଟ୍ଟମିଶ୍ର, ଅନୁଭବ ସାହୁ, ସୁଶ୍ରୀ ଆଦ୍ୟାଶା ମହାପାତ୍ର, ସ୍ନେହିଲ୍ ରାଜ, ସୁବାଶୀଷ ସାହୁ, ସବେରା ପ୍ରଧାନ, ଇସାନ୍ ମହାପାତ୍ର, ଅଙ୍କିତ ସାମନ୍ତରାୟ, ଡି.ଡି ପିଥା, ମୁକେଶ୍ କୁମାର ନିଆଲ୍, ପ୍ରତୀକ ନନ୍ଦ ତଥା ଶ୍ରୀତମ୍ ମଲ୍ଲିକ୍ ୯୯ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍କୃଷ୍ଟଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଓଡିଏମ୍ ଗ୍ଲୋବାଲ ସ୍କୁଲ୍‌ର ପ୍ରିୟାଂଶୁ ପ୍ରିତମ୍ ମଧ୍ୟ ୯୯ ପ୍ରତିଶତରୁ ଅଧିକରଖି ସହିତ ଏହି ରାଷ୍ଟ୍ରୀୟ ପରୀକ୍ଷାରେ ବିଦ୍ୟାଳୟର ସମ୍ମାନ ଓ ପ୍ରତିଷ୍ଠା ବଢ଼ାଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡିଏମ୍ ଶିକ୍ଷା-ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ, ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଅନ୍ୟ ଅଧିକାରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଏହି ସଫଳତା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଶିଶୁ ସାହିତ୍ୟ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ



ଭୁବନେଶ୍ୱର, ୨୧।୪(ସମିସ): 'ନୀଳଚକ୍ର ପଶ୍ଚିମବଙ୍ଗ' ପକ୍ଷରୁ କୋଲକତାସ୍ଥିତ ଇଣ୍ଡିଆନ୍ ଏସୋସିଏଟ୍ ହଲ୍‌ଠାରେ ଓଡ଼ିଆ ଏବଂ ବଙ୍ଗଳା ଶିଶୁ ସାହିତ୍ୟ ଆଲୋଚନାଚକ୍ରରେ କବି ତଥା ଶିଶୁ ସାହିତ୍ୟକ ଡ. ମନୋରମା ବିଶ୍ୱାଳ ମହାପାତ୍ରଙ୍କ ରଚିତ ଏବଂ ଭାରତୀ ନନ୍ଦୀଙ୍କ ଦ୍ୱାରା ଅନୂଦିତ 'ଧଉଳି ପାହଡ଼େ ଦୀକ୍ଷା', 'ମୋରିସସେ ଦୀକ୍ଷା' ଓ 'ଠାକୁମା ଓ ଚାନ୍ଦିପୁର ଭ୍ରମଣ' ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ 'ନୀଳଚକ୍ର ପଶ୍ଚିମବଙ୍ଗ'ର ସଭାପତି ଲକ୍ଷ୍ମୀନାରାୟଣ ମଲ୍ଲିକ ସଭାପତିତ୍ୱ କରିଥିଲେ। ଏଥିରେ କବି ଡ. ମନୋରମା ବିଶ୍ୱାଳ ମହାପାତ୍ର ମୁଖ୍ୟ ଅତିଥି, 'ସନ୍ଦେଶ'ର ପୂର୍ବତନ କାର୍ଯ୍ୟକାରୀ ସମ୍ପାଦକ ରୂପକ ଚାର୍ଟାଜୀ ଓ ଅନୁବାଦକ ଶ୍ୟାମଳ ଭଟ୍ଟାଚାର୍ଯ୍ୟ ସମ୍ମାନିତ ଅତିଥି, କେନ୍ଦ୍ର ସାହିତ୍ୟ ଏକାଡେମୀ ଆଞ୍ଚଳିକ କାର୍ଯ୍ୟାଳୟ କୋଲକାତାର ସହଯୋଗୀ ସମ୍ପାଦକ କ୍ଷେତ୍ରବାସୀ ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ବଙ୍ଗଳା ଏବଂ ଓଡ଼ିଆ ଶିଶୁ ସାହିତ୍ୟର ବିଶେଷତ୍ୱ ଉପରେ ଆଲୋକପାତ କରିଥିଲେ। ନୀଳଚକ୍ରର ଉପଦେଷ୍ଟା ସାଫଲ୍ୟ କୁମାର ନନ୍ଦୀ ପ୍ରାରମ୍ଭିକ ସୂଚନା ଓ ଅନୁବାଦିକା ଭାରତୀ ନନ୍ଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ନୀଳଚକ୍ରର ସମ୍ପାଦକ ଶେଷଦେବ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବେଶବିତ୍ ଦୁର୍ଯ୍ୟୋଧନଙ୍କ ଶ୍ରାଦ୍ଧଦିବସ



ଯାଁଳା, ୨୧।୪(ସମିସ): ପରିବେଶବିତ୍ ଦୁର୍ଯ୍ୟୋଧନ ମଙ୍ଗରାଜଙ୍କ ୨୨ତମ ଶ୍ରାଦ୍ଧ ଦିବସ ସଭାପତି ମୁରଲୀଧର ଜେନାଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ସଭାର ପ୍ରାରମ୍ଭରେ ସତ୍ୟବ୍ରତ ନାୟକ ବେଦ ପାଠ କଲା ବେଳେ ସୁଶ୍ରୀ ଶ୍ରେୟସୀ ମଙ୍ଗରାଜ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କାନନବାସୀ ସାମନ୍ତରାୟ ପୂଜ୍ୟପୂଜାର ଧାରା ଅବ୍ୟାହତ ରଖିବା ପାଇଁ ସୂଚନା ଦେଇଥିବା ବେଳେ ସାମ୍ବାଦିକ ମାନସ ରଞ୍ଜନ ଦାଶ ସ୍ୱର୍ଗତ ମଙ୍ଗରାଜଙ୍କ ତ୍ୟାଗପୂତ ଜୀବନ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ସାମ୍ବାଦିକ କିଶୋର ଚନ୍ଦ୍ର ମଙ୍ଗରାଜ 'ଗୋପବନ୍ଧୁ ଓ ଓକିଲାତି' ପୁସ୍ତକକୁ ଲୋକାର୍ପଣ କରିଥିଲେ। ସ୍ମୃତି ସଂସଦ ପକ୍ଷରୁ ଚଳିତ ବର୍ଷ ବିକ୍ରମ କେଶରୀ ମଙ୍ଗରାଜ ଙ୍କୁ 'ସୁନାପୁଅ ସମ୍ମାନ' ରେ ସମ୍ମାନିତ କରି ଅଙ୍ଗବସ୍ତ୍ର ଉପାୟନ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧିବକ୍ତା ପ୍ରଣତି ସ୍ୱାଇଁ, ନିରୋଜ ମହାନ୍ତି, ଉତ୍କଳ ସେବା ଅନୁଷ୍ଠାନର ସମ୍ପାଦକ କାମିନୀକାନ୍ତ ଦାଶ, ପ୍ରାକ୍ତନ ସଭାପତି ନଳୀନ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ପଟିଆ ଶିରିଡ଼ିସାଇ ମନ୍ଦିର ପକ୍ଷରୁ ଭ୍ରାମ୍ୟମାଣ ଜଳଛତ୍ର

ନନ୍ଦନକାନନ, ୨୧।୪(ସମିସ): ପ୍ରତିବର୍ଷ ଭଳି ଚଳିତ ବର୍ଷ ପଟିଆ ଶିରିଡ଼ି ସାଇ ମନ୍ଦିର ପକ୍ଷରୁ ଭ୍ରାମ୍ୟମାଣ ଜଳଛତ୍ର ଗାଡ଼ିର ଶୁଭାରମ୍ଭ କରାଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ରାଉତ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମନ୍ଦିର କାର୍ଯ୍ୟକର୍ତ୍ତାଙ୍କ ସହ ଅଞ୍ଚଳର ବହୁ ବରିଷ୍ଠ ମୁରବି ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଆୟୋଜକ ମନ୍ଦିର ମୁଖ୍ୟ ଟ୍ରଷ୍ଟି ତଥା ଏକ ନମ୍ବର ୱାର୍ଡ କର୍ପୋରେଟର ମିହିର ରାଉତ, ପଟିଆ ଗ୍ରାମର ମୁରବୀ ବିଶ୍ୱଜିତ ରାଉତ, ବିଜେଡି ବରିଷ୍ଠ ନେତା ସୁବାସ ପାତ୍ର, ବରିଷ୍ଠ ସମାଜସେବୀ ପ୍ରତାପ ରାଉତ, ତ୍ରୈଲୋକ୍ୟନାଥ ରାଉତ, ଯୁବ ନେତା ତଥା କଳାରାହାଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ସନ୍ତୋଷ ନାଥଙ୍କ ସହ ବହୁ ବୁଦ୍ଧିଜୀବୀ ଓ ମୁରବୀ ଉପସ୍ଥିତ ଥିଲେ। ଏହି ସେବା ଗ୍ରୀଷ୍ମ ପ୍ରଭାବ କମିବା ଯାଏ ଜାରି ରହିବ ବୋଲି ମନ୍ଦିରର ଆଜୀବନ ସଦସ୍ୟ ପ୍ରମୋଦ କୁମାର ପାତ୍ର କହିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାକେଶ ଜେନା, ହରିଶ ପାତ୍ର, ଦିବ୍ୟ ଲୋଚନ ନାୟକ, ଗୁଡୁ ମହାରଣା, ଚିଣ୍ଟୁ ଜେନା ଓ ସମସ୍ତ ମନ୍ଦିର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବନମାଳୀପୁର ଡିଗ୍ରୀ କଲେଜରେ ଅଗ୍ନି ନିରାପତ୍ତା ସଚେତନତା



ବାଲିପାଟଣା, ୨୧।୪(ସମିସ): ବନମାଳୀପୁର ଡିଗ୍ରୀ କଲେଜରେ ବାଲିପାଟଣା ଅଗ୍ନିଶମ ବାହିନୀ ଦ୍ୱାରା ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବନମାଳୀପୁର ଡିଗ୍ରୀ କଲେଜର ଶକ୍ତି ଶ୍ରୀ ଏମ୍‌ପାୱାରମେଣ୍ଟ ଆନୁକୂଲ୍ୟରେ ବାଲିପାଟଣା ଅଗ୍ନିଶମ ବାହିନୀ ଅଧିକାରୀ ଜ୍ୟୋତି ପ୍ରକାଶ ରଥ ଛାତ୍ରଛାତ୍ରୀମାନଙ୍କୁ ନିଆଁକୁ କିପରି ଆୟତ୍ତ କରାଯାଇ ପାରିବ, କିପରି ପାଣିରୁ ଉଦ୍ଧାର କରିପାରିବ, ଇଲେକ୍ଟ୍ରି ଫାୟାର କିପରି ଆୟତ୍ତ କରିପାରିବ ପ୍ରଶିକ୍ଷଣ ଦେଇଥିଲେ। ଡେମୋ ଦେଖାଇବା କ୍ରମରେ ପେଟ୍ରୋଲ ଡିଜେଲ୍ ଦ୍ୱାରା ନିଆଁ ଲଗାଇ ଲିଭାଇଥିଲେ। ଆୟୋଜନ କରାଯାଇଥିବା ସଭାରେ ଅଧ୍ୟକ୍ଷ ଡଃ ମୂରଲୀଧର ସାହୁ ସଭାପତିତ୍ୱ କରିଥିଲେ। ଶକ୍ତଶ୍ରୀ ଏମ୍‌ପାୱାର ସେଲ ଅଧିକାରୀ ମୋହମାୟା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଉମେଶ ଚନ୍ଦ୍ର ନାୟକ, ମନୋଜ କୁମାର ସାହୁ, ସନ୍ତୋଷ କୁମାର ଦାସ୍ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଜେନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ହ୍ୟୁମାନଙ୍କୁ ଜନ୍ମଦିନରେ ସଙ୍ଗୀତରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୨୧।୪(ସମିସ): କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଅବର୍ତ୍ତମାନରେ ତାଙ୍କ ଜନ୍ମଦିନକୁ ପାଳନ କରି ତାଙ୍କ ପୁରୁଣା ସ୍ମୃତିକୁ ମନେପକାଇଛନ୍ତି ଅନ୍ୟ କଣ୍ଠଶିଳ୍ପୀମାନେ। ଏହି ଅବସରରେ କଟକ ଏମଆରଆର୍ ଷ୍ଟୁଡିଓରେ କେକ୍ କାଟି ତାଙ୍କ ଜନ୍ମଦିନ ପାଳନ କରିଛନ୍ତି। ଏହାସହିତ ତାଙ୍କ ଝିଅ ବାପା ଗାଇଥିବା ଷ୍ଟୁଡିଓରେ ଏକ ଗୀତ ଗାଇ ହ୍ୟୁମାନଙ୍କୁ ଉତ୍ସର୍ଗ କରିଛନ୍ତି। କଣ୍ଠଶିଳ୍ପୀ ସତ୍ୟଜିତମିଶ୍ର,ଅନ୍ତରାଚକ୍ରବର୍ତ୍ତୀ,ଅସୀମାପଣ୍ଡାପ୍ରମୁଖହ୍ୟୁମାଙ୍କସ୍ମୃତିକୁମନେପକାଇଭାବବିହ୍ୱଳ ହୋଇଛନ୍ତି। ସେହିପରି ହ୍ୟୁମାନଙ୍କୁ ଝୁରୁଛନ୍ତି ଫ୍ୟାନ୍ସଙ୍କ ଠାରୁ ଆରମ୍ଭ କରି ତାଙ୍କ ଟିଟିଲାଗଡ଼ ସଇଁତଳା ସ୍ଥିତ ଡେଙ୍ଗଗାଁର ଲୋକେ ଓ ନିଜ ପ୍ରିୟଜନ ଆଜି ହ୍ୟୁମାନଙ୍କୁ ଝୁରି ହେଉଛନ୍ତି।

# ସରକାରଙ୍କ ମଦ କୁଡ଼ିଆ ନୀତିକୁ ବିରୋଧ

■ ଅଭିନବ ଢଙ୍ଗରେ ଉତ୍କଳ ବିକାଶ ଯୁବ ପରିଷଦର ପ୍ରତିବାଦ

ଭୁବନେଶ୍ୱର, ୨୧।୪(ସମିସ): ରାଜ୍ୟରେ ଥିବା ୫୦୦ କିଲୋମିଟର ଦୀର୍ଘ ସମୁଦ୍ର ବେଳାଭୂମି ସହ ନଦୀ ଝରଣା ଡ୍ୟାମ କୂଳରେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମ ଓଟିଡିସି ସିଧା ସଳଖ ଇକୋ ରିଟ୍ରିଟ ଓ 'ମଦ କୁଡିଆ' ଲାଇସେନ୍ସ ନେଇ ନିଜ ତରଫରୁ ବା ଅନ୍ୟ କାହା ମାଧ୍ୟମରେ ଖୋଲା ଠିପି ମଦ ବିକ୍ରି କରିବା ପାଇଁ ଅବକାରୀ ବିଭାଗର ନିଷ୍ପତ୍ତି ନେଇଛି। ଏହି ନିଷ୍ପତ୍ତିକୁ ହାର୍ଦ୍ଦିକ ସ୍ୱାଗତ କରୁଛୁ ବୋଲି ସର୍ବ ସମ୍ମତ ନିଷ୍ପତ୍ତି ଗ୍ରହଣ କରି ଅଭିନବ ଢ଼ଙ୍ଗରେ ଉତ୍କଳ ବିକାଶ ଯୁବ ପରିଷଦ ପ୍ରତିବାଦ କରିଛି। ସମୁଦ୍ର ଉପକୂଳ ସମେତ ସମସ୍ତ ନଦୀ ପଠା, ଝରଣା, ଡ୍ୟାମ କୂଳରେ ମଦ କୁଡ଼ିଆ ଖୋଲା ଗଲେ ପର୍ଯ୍ୟଟନ ବିକାଶ ନିଶ୍ଚିତ ଆକାଶ ଛୁଆଁ ହେବ ଓ ଶହେ ଗୁଣ ବଢ଼ିଯିବ ବୋଲି ପରିଷଦ ପକ୍ଷରୁ ଉପହାସ କରି କୁହାଯାଇଛି। ସେହିଭଳି ଲୋକଙ୍କ ସମାଗମକୁ ଆଖିରେ ରଖି ମୁଖ୍ୟମନ୍ତ୍ରୀଙ୍କ ଉଭୟ ବାସଭବନ ଓ ଲୋକସେବା ଭବନ କାର୍ଯ୍ୟାଳୟ ସମେତ ସମସ୍ତ ମନ୍ତ୍ରୀଙ୍କ ବାସଗୃହ, କାର୍ଯ୍ୟାଳୟ ଓ ଜିଲ୍ଲାପାଳଙ୍କ ସମେତ ସବୁ ସରକାରୀ କାର୍ଯ୍ୟାଳୟରେ ମଦ କୁଡ଼ିଆ ଖୋଲିଲେ ଏହା ସହଜ ଉପଲବ୍ଧ ହେବ ଓ ରାଜସ୍ୱ ବଢ଼ିବ ବୋଲି କୁହାଯାଇଛି। ତାହେଲେ ଯୁବ ଛାତ୍ରମାନେ ଥରେ ନିଶା କବଳିତ ହେଲେ ଆଉ ସରକାରଙ୍କର ଆନ୍ଦୋଳନ ଭୟ ରହିବନାହିଁ। ଆଉ ସରକାର ଆହୁରି ମଧ୍ୟ ହୀରାକୁଦ, ସାଳନ୍ଦୀ, ରେଙ୍ଗାଲି, ଚିତ୍ରକୁଣ୍ଡା ସହ ଭୁବନେଶ୍ୱର ଉପକଣ୍ଠ ଡେରାସ ଝୁମୁକା ଓ ବ୍ରାହ୍ମଣୀ ବୈତରଣୀ ମହାନଦୀ ଗନ୍ଧମାର୍ଦ୍ଦନ ନୃସିଂହନାଥ ହରିଶଙ୍କର ସପ୍ତଶଯ୍ୟା ଝରଣା କଡ, କଣ୍ଟିଲୋ ଆଦି ସମସ୍ତ ସ୍ଥାନରେ ମାଲକାନଗିରିରୁ ମୟୂରଭଞ୍ଜ, ବଲାଙ୍ଗୀରରୁ ବାଲେଶ୍ୱର ସବୁ ଜିଲ୍ଲାରେ ମଦ କୁଡ଼ିଆ ଖୋଲିବାକୁ ପ୍ରସ୍ତାବ ଦିଆଯାଇଛି। ଆସନ୍ତା ଦିନରେ ରାଜ୍ୟବ୍ୟାପୀ ଏହି ମର୍ମରେ 'ମଦ କୁଡ଼ିଆ ଜିନ୍ଦାବାଦ୍' କର୍ମଶାଳା ଓ ସମ୍ମିଳନୀ କରାଯିବ। ଅକ୍ଷୟ ତୃତୀୟା ଉପଲକ୍ଷେ ପରିଷଦ ପକ୍ଷରୁ ରାଷ୍ଟ୍ରୀୟ ଆବାହକ ପ୍ରଫେସର କିଶୋରଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବନ୍ଧୁ ମିଳନରେ ସଭାପତି ସୂର୍ଯ୍ୟକାନ୍ତ ସେଠୀ, ସମ୍ବଲପୁର ଆବାହକ ସୁରଞ୍ଜନ ପ୍ରଧାନ, ପୁରୀ ଆବାହକ ଅବିନାଶ ମିଶ୍ର, ଆଶିଷ କନ୍ଦର ପ୍ରମୁଖ ବକ୍ତବ୍ୟ ରଖିଥିଲେ।



## 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ରେ ଲାଗୁହେଉ 'ୱାନ୍ ନେସନ୍ ୱାନ୍ ରାସନ୍'

# ସରକାରୀ ଯୋଜନାରେ ସମନ୍ୱୟର ଅଭାବ

କଟକ, ୨୧।୪(ସମିସ)

ରାଜ୍ୟ ସରକାରଙ୍କ ନୂତନ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ରେ 'ୱାନ୍ ନେସନ୍ ୱାନ୍ ରାସନ୍' ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଏବଂ ପରିବହନ ଠିକାଦାରଙ୍କ ମନମୁଖୀ ଶୋଷଣ ବିରୋଧରେ କଟକ ରିଟେଲ ଡିଲର୍ସ ଆସୋସିଏସନ୍ ପକ୍ଷରୁ ସ୍ୱର ଉତ୍ତୋଳନ କରାଯାଇଛି। ଆଜି ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ସୈୟଦ୍ ଏକ୍ରାମ ହୁସେନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କଟକ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କଲେକ୍ଟରିଏଟ୍ ସ୍ଥିତ କାର୍ଯ୍ୟାଳୟରେ ଭେଟି ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସଂଘ ପକ୍ଷରୁ ଦର୍ଶାଯାଇଛି ଯେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଘୋଷିତ 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା'ରେ ପଡ଼ିକାର୍ଡଧାରୀଙ୍କୁ ଅଧିକ ୫ କେଜି ଚାଉଳ ମିଳିବାର ବ୍ୟବସ୍ଥା ରହିଛି। ମାତ୍ର ଏହି ନୂତନ ବ୍ୟବସ୍ଥାରେ ଓଏନଓଆରସି ପ୍ରକ୍ରିୟା ସୁଚାରୁରୂପେ କାର୍ଯ୍ୟକାରୀ ନ ହେଲେ ବାହାରୁ ଆସି କଟକ ସହରରେ ରହୁଥିବା କାର୍ଡଧାରୀମାନେ ରାସନ ପାଇବାରୁ ବଞ୍ଚିତ ହେବେ। ଏହାକୁ ନେଇ ଉପଭୋକ୍ତା ଓ ବିକ୍ରେତାଙ୍କ ମଧ୍ୟରେ ଅଯଥା ବିବାଦ ଓ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।



କଟକ ମହାନଗର ନିଗମ ଅଞ୍ଚଳରେ ସାମଗ୍ରୀ ପହଞ୍ଚାଣ ପାଇଁ ନିଯୁକ୍ତ ପରିବହନ ଠିକାଦାରମାନଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଛି ଆସୋସିଏସନ୍। ଯୋଗାଣ ନିଗମ ପକ୍ଷରୁ ଠିକାଦାର ସଂଖ୍ୟା କମାଇ ଦିଆଯିବା ଫଳରେ ଠିକଣା ସମୟରେ ରାସନ ସାମଗ୍ରୀ ଦୋକାନରେ ପହଞ୍ଚି ପାରୁନାହିଁ। ଏହା ସହିତ କୃତ୍ରିମ ସମସ୍ୟା ଦେଖାଇ ଖୁଚୁରା ବିକ୍ରେତାଙ୍କୁ ହଇରାଣ କରିବା ଏବଂ ବିନା ଓଜନ ମାପରେ ଧାର୍ଯ୍ୟ ପରିମାଣଠାରୁ କମ୍ ସାମଗ୍ରୀ ପ୍ରଦାନ କରି ଶୋଷଣ କରାଯାଉଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କୋରୋନା ମହାମାରୀ ସମୟରେ ନିଜ ଜୀବନକୁ ପାଣି ଛଡ଼ାଇ କାର୍ଯ୍ୟ କରିଥିବା ଖୁଚୁରା ବିକ୍ରେତାମାନେ ଏବେବି ସେମାନଙ୍କ ନ୍ୟାଯ୍ୟ ପାରିଶ୍ରମିକ ପାଇବାରୁ ବଞ୍ଚିତ ଅଛନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳରେ ଏହି ବକେୟା ଟଙ୍କା ମାର୍ଚ୍ଚ ୩୧ ସୁଦ୍ଧା ପ୍ରଦାନ କରାଯାଇଥିଲେ ହେଁ, କଟକ ସହରର ବିକ୍ରେତାମାନେ ଏଥିରୁ ବଞ୍ଚିତ ହେବା ଦୁର୍ଭାଗ୍ୟଜନକ ବୋଲି ସଂଘ କହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଆସୋସିଏସନ୍‌ର ଉପସଭାପତି ତାପସ ମହାନ୍ତି, ପୀତବାସ ଜେଠୀ, ସହ ସମ୍ପାଦକ ବିଜୟ କୁମାର ସାହୁଙ୍କ ସମେତ ବିନୟ ବୈଶାଖ, ପ୍ରେମ କୁମାର ସେନ, ଚନ୍ଦ୍ରମଣି ମହାରଣା ଏବଂ ବିଭିନ୍ନ ୱାର୍ଡର ପ୍ରତିନିଧି ଓ ଶତାଧିକ ବିକ୍ରେତା ଉପସ୍ଥିତ ଥିଲେ। ଯଦି ପ୍ରଶାସନ ତୁରନ୍ତ ଏହି ସମସ୍ୟାର ସମାଧାନ ନ କରେ, ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଚେତାବନୀ ଦିଆଯାଇଛି।

- **ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର**
- **ପରିବହନ ଠିକାଦାରଙ୍କ ଶୋଷଣ ଓ ବକେୟା ପାରିଶ୍ରମିକକୁ ନେଇ ଗର୍ଜିଲେ କଟକ ଖୁଚୁରା ବିକ୍ରେତା**

## ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



**କଟକ, ୨୧।୪(ସମିସ):** ଜଗତପୁରଠାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରାକ୍ତନ ରାଜ୍ୟପାଳ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ତାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହେବା ସହ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କଟକ ନଗର ୮ ନଂ ବ୍ଲକ କଂଗ୍ରେସ ସଭାପତି ଅଲେଖଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗତପୁର ଗୋଲେଇଛକଠାରେ ସ୍ଥାନୀୟ ଜାନକୀ ପ୍ରେମୀଙ୍କ ନିଜସ୍ୱ ସହଯୋଗରେ ନିର୍ମିତ ଏହି ପ୍ରତିମୂର୍ତ୍ତିକୁ ଜଗତପୁର ଶାନ୍ତି କମିଟି ସଭାପତି ନିରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ସାନ୍ତାୟନ ମିଶ୍ର, ସୁରେଶ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ଭୂୟାଁ, ଓଡ଼ିଶା ଶିଳ୍ପ ସଙ୍ଘ ସଭାପତି ଅବନୀ କାନୁନଗୋ ଓ ଡେପୁଟୀ ମେୟର ଦମୟନ୍ତୀ ମାଝିଙ୍କ ଭଳି ଅତିଥିମାନେ ଜଗତପୁର ଶିଳ୍ପାଞ୍ଚଳ ଗଠନ ସହ ତହସିଲ ଓ ଥାନା ପ୍ରତିଷ୍ଠା କ୍ଷେତ୍ରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଅତୁଳନୀୟ ଅବଦାନକୁ ସ୍ମରଣ କରିଥିଲେ। ମାନସ ପରିଡ଼ାଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ସଭାରେ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ ଓ ସାହିତ୍ୟିକ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିବା ବେଳେ ରଶ୍ମିକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ।

## କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ ଅକ୍ଷୟ ଅମୃତ ମହୋତ୍ସବ



**କଟକ, ୨୧।୪(ସମିସ):** କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ୯୬ ତମ 'ଅକ୍ଷୟ ଅମୃତ ମହୋତ୍ସବ' ୪୨ ମୌଜାସ୍ଥିତ ଉଫ ସେବାଶ୍ରମରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ଡ. ସଂଗ୍ରାମ କେଶରୀ ସାମନ୍ତରାୟ ସଭାପତିତ୍ୱ କରି ଅକ୍ଷୟ ତୃତୀୟାର ପୂର୍ଣ୍ଣମୟ ସ୍ୱରୂପକୁ ସରଳ ଭାବେ ବ୍ୟାଖ୍ୟା କରିଥିଲେ। ଅନୁଷ୍ଠାନ ପକ୍ଷରୁ ମା'ମାନଙ୍କୁ ଶାଢ଼ି ଏବଂ ପୁରୁଷ ଅନ୍ତେବାସୀଙ୍କୁ ଧୋତି ପ୍ରଦାନ କରାଯାଇଥିଲା। ପ୍ରତିଭାମାନଙ୍କୁ ଅକ୍ଷୟ ଅମୃତ ସନ୍ତାନ ଆଧ୍ୟାତ୍ମିକ ସମ୍ମାନ ପ୍ରଦାନ କରାଯାଇଥିଲା। କବି ଏବଂ କବୟିତ୍ରୀବୃନ୍ଦ 'ଆମ ଅକ୍ଷୟ ତୃତୀୟା ଏବଂ ଆମ ପରମ୍ପରା' ଶୀର୍ଷକରେ କବିତା ପାଠ କରିଥିଲେ। ମୁଖ୍ୟଅତିଥି ଡାକ୍ତର ଦୀନବନ୍ଧୁ ମହାରଣା ଅକ୍ଷୟ ତୃତୀୟା ଓଡ଼ିଆ ଜାତିର ଗଣପର୍ବ ରୂପେ ପ୍ରତିବର୍ଷ ପାଳନ କରାଯିବା ଉଚିତ୍ ବୋଲି ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ଅକ୍ଷୟ ତୃତୀୟାର ପୌରାଣିକ ଦିଗ ବିଷୟରେ ସ୍ପଷ୍ଟ କରିଥିଲେ। ସମ୍ମାନିତ ଅତିଥି ଅଧ୍ୟାପକ ଡ. ବିଶ୍ୱଜିତ୍ କେଶରୀ ବିଶ୍ୱାଳ, ଡା. ହରିପଦ ମାଝୀ, ଅଧ୍ୟାପିକା ଉର୍ବଶୀ ସାହୁ, କବି କାହ୍ନୁଚରଣ ପାଣିଗ୍ରାହୀ, କବୟିତ୍ରୀ ଡଃ ସସ୍ମିତା ଦାସ, କବି ଲକ୍ଷ୍ମୀ ପ୍ରସାଦ ଆଚାର୍ଯ୍ୟ, କଣ୍ଠଶିଳ୍ପୀ ଅଶୋକ ବେହେରା, ଚିନ୍ମୟୀ ପଟ୍ଟନାୟକ, କବୟିତ୍ରୀ ବନଲତା ମହାପାତ୍ର ଏବଂ ଅଧ୍ୟାପକ ଡ. ମନୋରଞ୍ଜନ ବେଉରା ଅକ୍ଷୟ ତୃତୀୟାର ମାହାତ୍ମ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କବି ସୁଭବ୍ରତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସମାଜସେବୀ ସନ୍ଧ୍ୟାରାଣୀ ରଥ ଧନ୍ୟବାଦ ଦେଇଥିଲେ।

## ମା' ସୋଲାପୁରିଙ୍କ ପ୍ରତିଷ୍ଠା ଉତ୍ସବ



**କଟକ, ୨୧।୪(ସମିସ):** କଟକ ବକ୍ସି ବଜାର ଆଖଡ଼ା ଗଳିସ୍ଥିତ ଶ୍ରୀ ମା' ସୋଲାପୁରି ଠାକୁରାଣୀଙ୍କ ମନ୍ଦିରର ୧୫ତମ ପ୍ରତିଷ୍ଠା ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତଙ୍କ ଦ୍ୱାରା ହୋମ-ଯଜ୍ଞ ଓ ବିଧିବଦ୍ଧ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଶତାଧିକ ଶ୍ରଦ୍ଧାଳୁ ମା'ଙ୍କ ସହ ଶ୍ରୀରାମ ପରିବାର ଓ ଶ୍ରୀ ରାଧାକୃଷ୍ଣଙ୍କ ମୂର୍ତ୍ତି ଦର୍ଶନ କରିଥିଲେ। ଏହି ଅବସରରେ ମାଛୁଆ ବଜାର ପୂଜା କମିଟି ସମ୍ପାଦକ ବାପୁ କାହାଲୀ ଓ ଶ୍ରୀ ଭେଙ୍କଟେଶ୍ୱର ମନ୍ଦିର ପରିଚାଳନା କମିଟି ସମ୍ପାଦକ ଡଃ ଆଇ ସୁବ୍ରମଣ୍ୟମ୍‌ଙ୍କ ଭଳି ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ସଂଗ୍ରାମ କେଶରୀ ସାହୁ, ସମ୍ପାଦକ ଶ୍ରୀଧର ରାଓ ଓ ମୁରଳୀ ଏସ୍. ନାଗରାଜୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ପ୍ରାୟ ଏକ ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଅନ୍ନପ୍ରସାଦ ସେବନ କରିଥିଲେ। ଯୁବ ସଂଗଠକ ଓ ମହିଳା ପ୍ରତିନିଧିଙ୍କ ସକ୍ରିୟ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମଟି ଅତ୍ୟନ୍ତ ଶୃଙ୍ଖଳିତ ଓ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଛି।

## ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଦାବିପତ୍ର

**ବଡ଼ମ୍ବା, ୨୧।୪(ସମିସ):** ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ନିଷ୍ପତ୍ତିକ୍ରମେ ମଙ୍ଗଳବାର ବଡ଼ମ୍ବା ଶାଖା ପକ୍ଷରୁ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର ସ୍ଥାନୀୟ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଅଖିଳ ଭାରତ ରାଜ୍ୟ କର୍ମଚାରୀ ପେନସନ ମହାସଂଘର ଆହ୍ୱାନରେ କଟକ ଜିଲ୍ଲାର ୧୪ଟି ବ୍ଲକରେ ଏହି ଆନ୍ଦୋଳନ ଜାରି ରହିଥିବା ବେଳେ ବଡ଼ମ୍ବା ବ୍ଲକ କାର୍ଯ୍ୟାଳୟଠାରେ ଏକ ଶୋଭାଯାତ୍ରା ସହ ଏହି ଦାବିପତ୍ର ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ଦାବି ସମ୍ବଳିତ ଏହି ସ୍ମାରକପତ୍ରରେ ଏକାଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସ୍ଥାନ ପାଇଛି। ସେଗୁଡ଼ିକ ମଧ୍ୟରେ କେନ୍ଦ୍ର ସରକାରଙ୍କ ଅର୍ଥ ଆଇନ ୨୦୨୫ର ସଂଶୋଧନକୁ ବାତିଲ କରିବା, ନୂଆ ପେନସନ ବଦଳରେ ପୁରୁଣା ପେନସନ ଲାଗୁ କରିବା, ୬୫ ବର୍ଷ ପରେ ଅତିରିକ୍ତ ପେନସନ ପ୍ରଦାନ ଓ କମ୍ୟୁଟେସନ ଅବଧିକୁ ୧୦ ବର୍ଷରୁ ୮ ବର୍ଷକୁ ହ୍ରାସ କରିବା, କେନ୍ଦ୍ର ସରକାରଙ୍କ ଅନୁରୂପ ପେନସନଧାରୀଙ୍କ ପାଇଁ ଚିକିତ୍ସା ଭତ୍ତା ଓ ସ୍ୱାସ୍ଥ୍ୟ ବୀମା ଯୋଜନା ଲାଗୁ କରିବା, ପିଜିପିଏ ବିଭାଗର ପୁନଃ ସ୍ଥାପନ କରିବା ଭଳି ଦାବି ସ୍ଥାନ ପାଇଛି। ବଡ଼ମ୍ବା ଶାଖା ସଭାପତି ପଦ୍ମନାଭ ମହାନ୍ତିଙ୍କ ନେତୃତ୍ୱରେ ଅବସରପ୍ରାପ୍ତ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ ଏବଂ ବିଡିଓ ଚିତ୍ତରଞ୍ଜନ ଦାସଙ୍କୁ ଭେଟି ଦାବିପତ୍ର ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ବିଷ୍ଣୁ ଚରଣ ସ୍ୱାଇଁ, ପ୍ରଦୀପ ଧଳ, ସୁରେନ୍ଦ୍ର ରଥ, ମହେଶ୍ୱର ମନ୍ତ୍ରୀ, ଶ୍ରୀନିବାସ ପ୍ରଧାନ ଏବଂ ପ୍ରାଣବନ୍ଧୁ ବିଶ୍ୱାଳଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।



## ଯୁବ ଡାକ୍ତରଙ୍କ ପାଇଁ ନାଭି ଏଏମ୍‌ସି ପକ୍ଷରୁ ଆର୍ଥିକ ସଚେତନତା

**କଟକ, ୨୧।୪(ସମିସ):** ଚିକିତ୍ସା ପେସାରେ ବ୍ୟସ୍ତ ରହୁଥିବା ଯୁବ ଡାକ୍ତରମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରିବା ଉଦ୍ଦେଶ୍ୟରେ ନାଭି ଏଏମ୍‌ସି ପକ୍ଷରୁ ଏକ ସ୍ୱତନ୍ତ୍ର ସଚେତନତା ସେସନ୍ ଆୟୋଜିତ ହୋଇଯାଇଛି। ଇଣ୍ଡିଆନ ମେଡିକାଲ ଆସୋସିଏସନ୍ ଜୁନିଅର ଡକ୍ଟରସ ନେଟୱର୍କ ଦ୍ୱାରା ଆୟୋଜିତ 'ୟୁଥ୍‌କନ୍ ୨୦୨୬' ଇଷ୍ଟ ଜୋନ୍ ନ୍ୟାସନାଲ କନ୍‌କ୍ଲେଭ୍ ଅବସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନାଭି ଏଏମ୍‌ସିର ସିଇଓ ଆଦିତ୍ୟ ମୁକ୍ତି ଏହି ସେସନ୍‌ର ନେତୃତ୍ୱ ନେଇ ଯୁବ ଚିକିତ୍ସକମାନେ ସମ୍ମୁଖୀନ ହେଉଥିବା ବିଶେଷ ଆର୍ଥିକ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଦୀର୍ଘକାଳୀନ ଶିକ୍ଷା ଯୋଗୁଁ ଆୟ ବିଳମ୍ବରେ ଆରମ୍ଭ ହେବା, ଶିକ୍ଷା ଋଣର ବୋଝ ଏବଂ କ୍ୟାରିୟରର ଅନିଶ୍ଚିତତା ମଧ୍ୟରେ କିଭଳି ସମ୍ପତ୍ତି ସୃଷ୍ଟି କରାଯାଇପାରିବ, ସେ ନେଇ ସେ ଗୁରୁମନ୍ତ୍ର ଦେଇଥିଲେ। ବିଶେଷ କରି ମ୍ୟୁଚୁଆଲ୍ ଫଣ୍ଡ ଓ ଏସଆଇପି ମାଧ୍ୟମରେ ଅଳ୍ପ ରାଶି ନିବେଶ କରି କିଭଳି ଦୀର୍ଘମିଆଦି ଆର୍ଥିକ ସୁରକ୍ଷା ପାଇ ହେବ, ସେ ସମ୍ପର୍କରେ ଡାକ୍ତରମାନଙ୍କୁ ବୁଝାଯାଇଥିଲା। ସେସନ୍‌ରେ ଉଚ୍ଚ ଶିକ୍ଷା, ନିଜସ୍ୱ କ୍ଲିନିକ୍ ସେଟଅପ୍, ଘର କ୍ରୟ ଏବଂ ଅବସରକାଳୀନ ଯୋଜନା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। କମ୍ପାଉଣ୍ଡିଂର ଲାଭ ପାଇବା ପାଇଁ ଯଥାଶୀଘ୍ର ନିବେଶ ଆରମ୍ଭ କରିବାର ଆବଶ୍ୟକତା ଉପରେ ଶ୍ରୀ ମୁକ୍ତି ଜୋର୍ ଦେଇଥିଲେ। ଏଥିସହ ନିବେଶ ପାଇଁ ପ୍ରଚୁର ଜ୍ଞାନ କିମ୍ବା ବହୁତ ଅଧିକ ଅର୍ଥ ଆବଶ୍ୟକ ବୋଲି ରହିଥିବା ଭ୍ରାନ୍ତ ଧାରଣାକୁ ସେ ଦୂର କରିଥିଲେ। ଏହି ଅବସରରେ ଆଦିତ୍ୟ ମୁକ୍ତି କହିଲେ, 'ଚିକିତ୍ସା ପେସାଜୀବୀମାନେ ନିଜ କ୍ୟାରିୟର ଗଢ଼ିବାରେ ଏତେ ବ୍ୟସ୍ତ ରହନ୍ତି ଯେ ଆର୍ଥିକ ପରିକଳ୍ପନା ପଛକୁ ପଡ଼ିଯାଏ। ଆମର ଏହି ପ୍ରୟାସ ନିବେଶ ପ୍ରକ୍ରିୟାକୁ ସରଳ କରିବା ସହ ଯୁବ ଡାକ୍ତରମାନଙ୍କୁ ଆର୍ଥିକ ଆତ୍ମବିଶ୍ୱାସ ପ୍ରଦାନ କରିବ'। ଆଇଏମଏ ଓଡ଼ିଶା କନଭେନସନ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ମେଡିକାଲ ଛାତ୍ରଛାତ୍ରୀ, ଜୁନିଅର ଡାକ୍ତର ଯୋଗଦେଇଥିଲେ।




## ମୁଣ୍ଡଳିରେ କୃଷକ ପୂଜନ ସମାରୋହ

**କଟକ, ୨୧।୪(ସମିସ):** ଅକ୍ଷୟ ତୃତୀୟା ଉପଲକ୍ଷେ ବଡ଼ ମୁଣ୍ଡଳିସ୍ଥିତ ମା' ମଙ୍ଗଳାଙ୍କ ପୀଠରେ କୃଷକ ପୂଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଣ୍ଣଲତା ସେବା ସହଯୋଗ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଏହି ସମାବେଶରେ ବିଶିଷ୍ଟ ପରିବେଶ ବିଜ୍ଞାନୀ ଡ. ଆଶୁତୋଷ ଦେବତା ମୁଖ୍ୟଅତିଥି ରୂପେ କହିଲେ ଯେ ଜଳବାୟୁ ପରିବର୍ତ୍ତନ ସହ ଖାପ ଖାଉଥିବା କୃଷି ପଦ୍ଧତି ଅବଲମ୍ବନ କରାଯିବା ଆବଶ୍ୟକ। ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ କରିବା ଲାଗି ଅଗ୍ରାଧିକାର ଦେବାକୁ ସେ ପରାମର୍ଶ ଦେଇଥିଲେ। ସାମାଜିକ କର୍ମକର୍ତ୍ତା ଡ. ସତ୍ୟ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଗଙ୍ଗାଧର ରାଉତରାୟ, ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ସରପଞ୍ଚ କଣ୍ଢେଇ ସାହୁ ସମାଜସେବୀ ଅଶ୍ୱିନୀ ସାହୁ କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ଖାଦ୍ୟଶସ୍ୟର ଲାଭଦାୟକ ମୂଲ୍ୟ ଯୋଗାଇବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ୨୦ ଜଣ କୃଷକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।






## ଅକ୍ଷି ମୁଠି ଅନୁକୂଳ କଲେ ପୂର୍ବତନ ବିଧାୟକ

ତିଗିରିଆ, ୨୧।୪(ସମିସ): ତିଗିରିଆ ବ୍ଲକ ଅଧୀନ ଭିରୁଡ଼ା ପଞ୍ଚାୟତରେ କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟାରେ ଅକ୍ଷି ମୁଠି ଅନୁକୂଳ କରିଛନ୍ତି ଆଠଗଡ଼ ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରମେଶ ରାଉତ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ବିଜୟ ପରିଡ଼ା, ଚାଷୀ ବାଇଆ ପରିଡ଼ା, ଭିରୁଡ଼ା ଗ୍ରାମର ସଭାପତି ପ୍ରଭାକର ରାଉତ, ନୂଆପାଟଣା ମଣ୍ଡଳ ସାଧାରଣ ସମ୍ପାଦକ ରୁଦ୍ର ପ୍ରସାଦ ପରିଡ଼ା, କୋଷାଧ୍ୟକ୍ଷ ଗଣେଶ୍ୱର ପରିଡ଼ା, ସମ୍ପାଦକ ସୌମ୍ୟରଞ୍ଜନ ରାଉତ, ପଞ୍ଚାୟତ ବିଜେପି ସଭାପତି ପ୍ରେମାନନ୍ଦ ରାଉତ ପ୍ରମୁଖ ଅନ୍ୟତମ ଅତିଥିଭାବେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଶ୍ରୀ ରାଉତ ଅକ୍ଷି ମୁଠି ଅନୁକୂଳ କରିବା ଚଳିତ ବର୍ଷ ଭଲ ବର୍ଷା ହେବା ସହ ଚାଷ କାର୍ଯ୍ୟ ଭଲ ହେଉବୋଲି ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ମହିଳା, ଚାଷୀ, ସ୍ଥାନୀୟ ଜନସାଧାରଣ, ବିଜେପି କର୍ମୀ ପରିଚାଳନାରେ ସହଯୋଗ କରିଥିଲେ।



## ବିଦ୍ୟାଳୟରେ ଫୁଲ ବଗିଚା ଓ ସୌନ୍ଦର୍ଯ୍ୟକରଣ

**ଟାଙ୍ଗୀ, ୨୧।୪(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଡାଲମିଆ ସିମେଣ୍ଟ କମ୍ପାନୀର ଆର୍ଥିକ ସହାୟତାରେ ହୋଇଥିବା ଫୁଲ ବଗିଚା ଓ ସୌନ୍ଦର୍ଯ୍ୟକରଣ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ପରମାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କପିଳାସ ସିମେଣ୍ଟ ମ୍ୟାନୁଫ୍ୟାକଚରିଂ ୱାର୍କ ୟୁନିଟ୍ ହେଡ ଦେବୀପ୍ରସାଦ ଦାସ, ସମ୍ମାନିତ ଅତିଥିଭାବେ ସିଏସ୍‌ଆର ହେଡ କବିତା ସାହୁ, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ, ହରମୋହନ ପ୍ରଧାନ ପ୍ରମୁଖ ଫୁଲ ବଗିଚା ଉଦଘାଟନ କରିବା ସହ ଶିକ୍ଷାର ବିକାଶ ଉପରେ ଆଲୋକପାତ କରିଥିଲେ। ପରିଚାଳନା କମିଟି ସଭାପତି ମାନସ ରଞ୍ଜନ ଭଗତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



**କନ୍ୟା ବିବାହ ଯୋଜନା**

## ଦ୍ୱିତୀୟ ପର୍ଯ୍ୟାୟରେ ୬୫ ଯୋଡ଼ା ବରବଧୂଙ୍କ ବିବାହ ସମ୍ପନ୍ନ

**କଟକ, ୨୧।୪(ସମିସ):** ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ଆଜି କଟକ ବାରବାଟୀ ପ୍ୟାଲେସ ପରିସରରେ ଦ୍ୱିତୀୟ ପର୍ଯ୍ୟାୟ ଜିଲ୍ଲାସ୍ତରୀୟ ସାମୂହିକ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବାରବାଟୀ-କଟକ ବିଧାୟିକା ଶ୍ରୀମତୀ ସୋଫିଆ ଫିର୍ଦୌଷ ନବଦମ୍ପତିଙ୍କୁ ଶୁଭାଶୀର୍ବାଦ ପ୍ରଦାନ କରିଛନ୍ତି। ଏହି ଯୋଜନା ଅଧୀନରେ ୧୮ - ୩୫ ବର୍ଷର ଝିଅ ଏବଂ ୨୧- ୩୫ ବର୍ଷ ପୁଅମାନଙ୍କର ଉଭୟ ଆଇନଗତ ଓ ପାରମ୍ପରିକ ରୀତିନୀତି ଅନୁଯାୟୀ ବିବାହ ସମ୍ପନ୍ନ କରାଯାଇଛି। ଯୋଗ୍ୟ କନ୍ୟାମାନଙ୍କୁ ୬୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଯେଉଁଥିରୁ ୪୫ ହଜାର ଟଙ୍କା ସିଧାସଳଖ ନଗଦ ହସ୍ତାନ୍ତର ମାଧ୍ୟମରେ କନ୍ୟାମାନଙ୍କ ବ୍ୟାଙ୍କ୍ ଖାତାକୁ ପଠାଇ ଦିଆଯାଉଛି। ଅବଶିଷ୍ଟ ୧୫ ହଜାର ଟଙ୍କା ବିବାହ ଆୟୋଜନ ଓ ପରିଚାଳନା ନିମନ୍ତେ ଖର୍ଚ୍ଚ କରାଯାଉଛି। ଏହି ସମୂହ ବିବାହ କାର୍ଯ୍ୟକ୍ରମରେ ୬୫ ଯୋଡା ବରବଧୂଙ୍କ ମଧ୍ୟରେ ୨ଜଣ ମୁସଲିମ, ଜଣେ ଖ୍ରୀଷ୍ଟିୟାନ, ଜଣେ ବିଧବା ମହିଳା ଅନ୍ତର୍ଭୁକ୍ତ ଥିଲେ। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ଉତ୍ସବରେ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ।

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସେବା ସଂକଟ

# ୧୯୩ ବଦଳରେ ଅଛନ୍ତି ମାତ୍ର ୪୩ ଡାକ୍ତର

ବ୍ରହ୍ମପୁର,୨୧।୪(ସମିସ)




ସହରର ପ୍ରମୁଖ ସ୍ୱାସ୍ଥ୍ୟସେବା କେନ୍ଦ୍ର ଭାବେ ପରିଚିତ ସିଟି ହସ୍ପିଟାଲ ଏବେ ଡାକ୍ତର ଓ କର୍ମଚାରୀ ଅଭାବର ମୁଖ୍ୟ ସମସ୍ୟା ସୃଷ୍ଟି କରିଛି। ହସ୍ପିଟାଲରେ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ପଦବୀ ମଧ୍ୟରୁ ବର୍ତ୍ତମାନ ଶତକଡ଼ା ୭୫ଭାଗରୁ ଅଧିକ ଭାଗ ଡ଼ାକ୍ତର ଖାଲି ପଡ଼ିଛି। ଫଳରେ ଚିକିତ୍ସା ସେବା ଗୁରୁତର ଭାବେ ପ୍ରଭାବିତ ହେଉଛି। ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହସ୍ପିଟାଲକୁ ଆସୁଥିବା ରୋଗୀମାନେ ଦୀର୍ଘ ସମୟ ଧରି ଡାକ୍ତରଙ୍କ ପାଇଁ ଅପେକ୍ଷା କରିବାକୁ ବାଧ୍ୟ ହେଉଛନ୍ତି। ଏହା ସହ ଜରୁରୀ ସେବାରେ ମଧ୍ୟ ବିଳମ୍ବ ହେଉଥିବାରୁ ରୋଗୀଙ୍କ ଜୀବନ ସଙ୍କଟରେ ପଡୁଥିବା ଅଭିଯୋଗ ଆସୁଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲ୍ ଉପରେ ବ୍ରହ୍ମପୁର ସହର ସମେତ ଏହାର ଆଖପାଖ ଅଞ୍ଚଳରେ ଶତାଧିକ ରୋଗୀ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ପୂର୍ବ ସରକାର ସମୟରେ ମୋ ହସ୍ପିଟାଲରେ ସିଟି ହସ୍ପିଟାଲର ପୁରୁଣା ଭିତ୍ତିଭୂମିକୁ ସଜାଡ଼ିବା ସହ ନୂଆ କୋଠା ନିର୍ମାଣ କରାଯାଇଛି। ଗତ ୨୦୨୪ ଫେବ୍ରୁଆରି ୧୪ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍‌ଘାଟନ କରିଥିଲେ। ୧୦ରୁ ଅଧିକ ବିଭାଗ ରହିଥିବା ବେଳେ ପ୍ରତିଦିନ ଏଠାକୁ ୧୩୦୦ରୁ ୧୪୦୦ ରୋଗୀ ଆସୁଛନ୍ତି। ଏଠାରେ ମଞ୍ଜୁରୀପ୍ରାପ୍ତ ବରିଷ୍ଠ ଓ କନିଷ୍ଠ ଡାକ୍ତର ପଦବି ସଂଖ୍ୟା ୧୯୩ ରହିଥିବା ବେଳେ ମାତ୍ର ୪୩ଜଣ ଡ଼ାକ୍ତର ସିଟି ହସ୍ପିଟାଲାରେ ରହିଛନ୍ତି। ସେଥି ମଧ୍ୟରୁ ୧୦ରୁ ଅଧିକ ଡ଼ାକ୍ତର ଜିଲ୍ଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡେପୁଟେସନ୍ ଭାବେ କାର୍ଯ୍ୟରତ ରହିଛନ୍ତି। ସେହିପରି ୧୦୪ ଜଣଙ୍କ ନର୍ସିଂ ପଦବୀ ବଦଳରେ ମାତ୍ର ୩୬ ଜଣ ରହିଥିବା ବେଳେ ୬୮ଟି ପଦବୀ ଖାଲିପଡ଼ିଛି। ଏଲଭି ଭାବେ ୨ଟି ଆସିଷ୍ଟାଣ୍ଟ ନର୍ସିଂ ସୁପରିଟେଣ୍ଡେଣ୍ଟ, ୪ଟି ନର୍ସିଂ ସିଷ୍ଟର ସହ ଗୋଟିଏ ଜୁନିୟର ରେଡିଓଗ୍ରାଫର, ୩ଟି ଫାର୍ମାସିଷ୍ଟ ସମେତ ଅନ୍ୟ ପଦବି ମଧ୍ୟ ଖାଲିପଡ଼ିଛି। ଅନ୍ୟପକ୍ଷରେ ହସ୍ପିଟାରେ ଡ଼ାକ୍ତର ଓ କର୍ମଚାରୀ କେବଳ ରୋଗୀଙ୍କ ପାଇଁ ନୁହେଁ। ଏହାର ପ୍ରଭାପ ହସ୍ପିଟାଲର ଭିତ୍ତିଭୂମି ଉପରେ ପ୍ରଭାବ ପଡ଼ିଛି। ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ଅତ୍ୟାଧୁନିକ ଯନ୍ତ୍ରପାତି ଓ ଭିତ୍ତିଭୂମି ଡାକ୍ତର ଓ ପ୍ରଶିକ୍ଷିତ କର୍ମଚାରୀ ଅଭାବରୁ ପୂର୍ଣ୍ଣ ଭାବେ ବ୍ୟବହାର ହେଉନାହିଁ। ଫଳରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଅବ୍ୟବହୃତ ରହି ନଷ୍ଟ ହେଉଛି। ସେହିପରି ଡାକ୍ତର ଅଭାବର ପ୍ରଭାବ ହସ୍ପିଟାଲର ରୋଗୀ ସଂଖ୍ୟାରେ ମଧ୍ୟ ପଡ଼ିଛି। ସେବାର ଗୁଣବତ୍ତା କମିଯାଇଥିବାରୁ ଲୋକମାନେ ବିଶ୍ୱାସ ହରାଇ ଅନ୍ୟ ନିଜସ୍ୱ ହସ୍ପିଟାଲକୁ ମୁହଁ ଘୁଞ୍ଚାଉଛନ୍ତି। ଅଧିକାଂଶ ରୋଗୀ ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଯାଉଛନ୍ତି। ତେଣୁ ହସ୍ପିଟାଲର ଖାଲି ପଡ଼ିଥିବା ଡ଼ାକ୍ତର ଓ କର୍ମଚାରୀ ପଦବୀ ପୂରଣ କରିବା ସହିତ ହସ୍ପିଟାଲର ସେବାକୁ ସୁଧାରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି କରିଛନ୍ତି।

## ଖଣ୍ଡାରେ ଆକ୍ରମଣ କରି ୪ ଗିରଫ

ବ୍ରହ୍ମପୁର,୨୧।୪(ସମିସ)

ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ବଡବଜାର ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଣେଷନଗର ୪ର୍ଥ ଲାଇନର କାହ୍ନା ସାହୁ(୨୨), ପ୍ରହଲ୍ଲାଦନଗର ୩ୟ ଲାଇନର ବିକି ରାଉଳ(୨୬) ଓ କୈଳାସନଗର ୪ର୍ଥ ଲାଇନର ଜଣେ ୧୭ ବର୍ଷୀୟ ନାବାଳକ ଏବଂ ଲକ୍ଷ୍ମୀନୃସିଂହ ସାହିର ଜଣେ ୧୬ ବର୍ଷୀୟ ନାବାଳକ। ଅଭିଯୁକ୍ତ କାହ୍ନା ଓ ବିକିଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ୨ନାବାଳକଙ୍କୁ କିଶୋର ନ୍ୟାୟ ବୋର୍ଡରେ ହାଜର କରାଯାଇଛି। ପୁଲିସ ଅଭିଯୁକ୍ତଙ୍କ ଠାରୁ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ କରିଛି। ସୂଚନାପ୍ରକାରେ ଗଣେଷନଗର ୪ର୍ଥ ଲାଇନରେ ରହୁଥିବା ଦିପ୍ତୀ ମହାନ୍ତିଙ୍କ ଘର ସମ୍ମୁଖରେ ଗତ ୧୫ତାରିଖରେ ସାହିର ଦୀପୁ ପାତ୍ର ଓ ବେବିନା ପାଣିଗ୍ରାହୀ କିଛି ଅଳିଆ ଓ ଲୁହା ସାମଗ୍ରୀ ଜମା କରି ରଖିଥିଲେ। ଏହି ଅଳିଆ ଜମା ହୋଇ ରହୁଥିବାରୁ ଦିପ୍ତୀଙ୍କ ଘର ଭିତରକୁ ଯାତାୟାତରେ ସମସ୍ୟା ହୋଇଥିଲା। ଅଳିଆ ହଟାଇବାକୁ ଦିପ୍ତୀ କହିବାରୁ ଦୀପୁ ପାତ୍ର ଓ ତାଙ୍କ ସହଯୋଗୀମାନେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ୧୮ତାରିଖ ଦିନ ଦିପ୍ତୀଙ୍କ ପୁଅ ଘରକୁ ଆସିବା ପରେ ଅଭିଯୁକ୍ତମାନେ ତାଙ୍କୁ ଫୋନ କରି ବାହାରକୁ ଆସିବାକୁ କହିଥିଲେ। ଦିପ୍ତୀଙ୍କ ପୁଅ ବାହାରକୁ ବାହାରିବା ପରେ ଅଭିଯୁକ୍ତମାନେ ତାଙ୍କ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଦିପ୍ତୀଙ୍କ ପୁଅର ମୁଣ୍ଡ, ହାତ ଓ ଗୋଡରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ଏହା ଦେଖି ଦିପ୍ତୀ ପାଟି କରିବାକୁ ସାହି ଲୋକଜ ଜମା ହୋଇଯିବା ପରେ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ତାଙ୍କ ପୁଅକୁ ଉଦ୍ଧାର କରି ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଘଟଣାକୁ ନେଇ ଦିପ୍ତୀ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୨୬୩/୨୬) ରୁଜୁ କରି ତଦନ୍ତ କରିଥିଲା। ପୁଲିସ ବିଭିନ୍ନ ସ୍ଥାନରୁ ଉପରୋକ୍ତ ୪ ଜଣଙ୍କୁ ଗିରଫ କାବୁ କରିଥିଲା।

### ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## ମହିଳାଙ୍କୁ ସଂସଦ ଓ ବିଧାନସଭାରୁ ଦୂରେଇ ରଖିବା ହେଉଛି ଷଡ଼ଯନ୍ତ୍ର

ବ୍ରହ୍ମପୁର,୨୧।୪(ସମିସ): ହିଲପାଟଣା ସ୍ଥିତ ଏକ ହୋଟେଲର ସମ୍ମିଳନୀ କକ୍ଷରେ ଭାରତୀୟ ଜନତା ପାର୍ଟି(ବିଜେପି) ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜନ ହୋଇଯାଇଛି। ଚଳିତ ମାସ ୧୬ ଓ ୧୭ ତାରିଖରେ ସଂସଦରେ ଗୁରୁତ୍ୱପୂର୍ଣ୍ଣ ବିଲ ଗୁଡ଼ିକୁ ସମେତ "ନାରୀ ଶକ୍ତି ବନ୍ଦନ' ବିଲକୁ ବିରୋଧ କରି କଂଗ୍ରେସ, ସମାଜବାଦୀ ପାର୍ଟି, ଟିଏମସି ଓ ଡିଏମକେ ଦେଶର ଅଧା ଜନସଂଖ୍ୟାକୁ ବିଶ୍ୱାସଘାତକତା କରିଛନ୍ତି। ସେମାନଙ୍କର ମହିଳା ବିରୋଧୀ ମାନସିକତାକୁ ସମ୍ପୂର୍ଣ୍ଣ ରୂପେ ପଦାରେ ପକାଇଥିବା ନେଇ ଅନଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆସିକା ସାଂସଦ ଅନିତା ଶୁଭଦର୍ଶିନୀ କହିଛନ୍ତି। ନୀତି ନିର୍ଦ୍ଧାରଣରେ ମହିଳାମାନଙ୍କୁ ଭାଗିଦାରୀ ଦେବା କୌଣସି ଅନୁଗ୍ରହ ନୁହେଁ, ବରଂ ଏହା ସେମାନଙ୍କର ସ୍ୱାଭାବିକ ଅଧିକାର ରହିଛି। ଯେଉଁମାନେ ଏହି ଐତିହାସିକ ସୁଯୋଗକୁ ବାଧାପ୍ରାପ୍ତ କରିଛନ୍ତି। ଆଗାମୀ ମହିଳାମାନଙ୍କ ପ୍ରବଳ କ୍ରୋଧର ସମ୍ମୁଖୀନ ହେବେ। ସେହିପରି ସୀମା ନିର୍ଦ୍ଧାରଣ ଦ୍ୱାରା କୌଣସି ରାଜ୍ୟର କ୍ଷତି ହେବ ନାହିଁ। ବରଂ ଦକ୍ଷିଣ ଭାରତର ଆନୁପାତିକ ପ୍ରତିନିଧିତ୍ୱ ସୁରକ୍ଷିତ ରହିବ ଏବଂ ଏଥିରେ ବୃଦ୍ଧି ଘଟିବ। ବିଜେପି ମହିଳା ସଶକ୍ତି ସଶକ୍ତିକରଣ ଏବଂ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପ୍ରତିବଦ୍ଧ ଓ ମହିଳାମାନେ ସେମାନଙ୍କର ଉଚିତ୍ ପ୍ରାପ୍ୟ ପାଇବା ନିଶ୍ଚିତ କରିବାକୁ ଏହି ମହିଳା ବିରୋଧୀଙ୍କ ସହ ଦୃଢ଼ତାର ସହ ଲଢ଼େଇ ହେବ ବୋଲି ସାଂସଦ ଅନିତା ଶୁଭଦର୍ଶିନୀ କହିଥିଲେ। ଦଶନ୍ଧି ଦଶନ୍ଧି ଧରି ମହିଳାମାନଙ୍କୁ ସଂସଦ ଓ ବିଧାନସଭାରୁ ଦୂରେଇ ରଖିବା ପାଇଁ କଂଗ୍ରେସ ଏବଂ ଏହାର ସହଯୋଗୀ ଦଳଗୁଡ଼ିକ ଷଡ଼ଯନ୍ତ୍ର କରୁଥିବା ବିଜେପି ଦାବି କରିଛି। ଏଭଳି ବିଭିନ୍ନ ବିଷୟକୁ ନେଇ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ପକ୍ଷରୁ ସମାଲୋଚନା କରାଯିବା ସହ ନିନ୍ଦା କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ବିଜେପି ଗଞ୍ଜାମ ଜିଲ୍ଲା ସଭାପତି ସରୋଜ ସାବତ, ଘୁମୁସର ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବରିଷ୍ଠ ନେତା ସୁନିଲ କୁମାର ସାହୁ, ସବିତା ସୁଆର, କର୍ପୋରେଟର ସବିତା ସାହୁ ଓ ବନିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




## ଇଫଟୁ ପକ୍ଷରୁ ସର୍ବଭାରତୀୟ ଶ୍ରମିକ ଦାବି ଦିବସ

ବ୍ରହ୍ମପୁର,୨୧।୪(ସମିସ)




ସର୍ବ ଭାରତୀୟ ଶ୍ରମିକ ସଂଗଠନ ଇଫଟୁର ଜାତୀୟ କମିଟି ଡାକରାରେ ଓଡିଶା ରାଜ୍ୟ କମିଟି ପକ୍ଷରୁ ଏମକେସିଜି ମେଡିକାଲ କ୍ୟାମ୍ପସ ପରିସରରେ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେଶର ପୁଞ୍ଜିପତିଙ୍କ କମ୍ପାନୀ ପରିଚାଳନା ପାଇଁ ସରକାରଙ୍କ ଦ୍ୱାରା ଶ୍ରମ ଆଇନ ଲାଗୁ କରିବାର କଟକଣା ମିଳିତ ଚକ୍ରାନ୍ତରୁ ଦେଶ ସାରା ଶ୍ରମିକ ଶ୍ରେଣୀ ରାସ୍ତାକୁ ଆସି ଆନ୍ଦୋଳନ କରିବାକୁ ବାଧ ହେଉଛନ୍ତି। କର୍ମଚାରୀଙ୍କ ଛଟେଇ, ଅଟକି ଥିବା ସର୍ବନିମ୍ନ ମଜୁରୀ ଘୋଷଣା କାର୍ଯ୍ୟକାରି କରିବା, ସମୟ ଅନୁସାରେ ଦରମା ପ୍ରଦାନ, ଇପିଏଓ, ଇଏସଆଇ ଓ କାର୍ଯ୍ୟସ୍ଥଳର ସୁରକ୍ଷା ଭଳି ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସମସ୍ୟା ଗୁଡିକୁ ସମାଧାନ ହେଉନଥିବା ବେଳେ ଶ୍ରମ ଅଧିକାରର ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଅତ୍ୟାବଶ୍ୟକୀୟ ଜିନିଷର ଦର ବୃଦ୍ଧି ସହ ରନ୍ଧନ ଗ୍ୟାସର ଦର ବୃଦ୍ଧି କାରଣରୁ କର୍ମଚାରୀ ମାନେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇଥିବା ଦାବି କରାଯାଇଛି। ଶ୍ରମ ଆଇନଗୁଡ଼ିକୁ କଡାକଡି ଭାବରେ ଲାଗୁ କରିବା ସହ ସର୍ବନିମ୍ନ ଦରମା ପ୍ରଦାନ ସହ ଓ ୮ ଘଣ୍ଟିଆ କାର୍ଯ୍ୟ ଦିବସକୁ ସୁନିଶ୍ଚିତ କରିବାକୁ ଦାବି ହୋଇଛି। ଏହା ସହ ମାସିକ ସର୍ବନିମ୍ନ ଦରମା ୩୦ ହଜାର ଘୋଷଣା କରିବାକୁ ଦାବି ହୋଇଛି। ବିକ୍ଷୋଭରେ ଇଫଟୁର ରାଜ୍ୟ ସଭାପତି ପ୍ରତାପ ପ୍ରଧାନଙ୍କ ସମେତ ନମିତା ନାୟକ, ଜ୍ୟୋତ୍ସ୍ନା ନାୟକ, ଆଶୁତୋଷ ଘଡ଼ାଇ ଓ ପୂଜା ନାୟକ ଉପସ୍ଥିତ ଥିଲେ।

## ଗଞ୍ଜେଇ ସହ ବିହାରୀ ଯୁବକ ଗିରଫ

ବ୍ରହ୍ମପୁର,୨୧।୪(ସମିସ): ବେଆଇନ ଭାବେ ଗଞ୍ଜେଇ ଚାଲାଣ କରୁଥିବା ଜଣେ ଯୁବକଙ୍କୁ ଗୋଷାଣୀନୂଆଗାଁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ବିହାର ଖାଗରିଆ ଜିଲ୍ଲାର କାଶ୍ୟପ କୁମାର(୨୧)। ପୁଲିସ ତାଞ୍ଚ ନିକଟରୁ ଏକ ଅଖା ବ୍ୟାଗରେ ଥିବା ୧୩ କେଜି ୩୫୦ଗ୍ରାମ ଗଞ୍ଜେଇ ଜବତ କରିଛି। ସେହିପରି ଗୋଟିଏ ମୋବାଇଲ, ୭୦୯ ଟଙ୍କା ମଧ୍ୟ ଜବତ କରିଛି। ମାମଲା ନଂ ୧୪୩/୨୬ରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଯୁବକ ଜଣଙ୍କ କନ୍ଧମାଳରୁ ଗଞ୍ଜେଇ ଆଣି ବ୍ରହ୍ମପୁରରୁ ଟ୍ରେନ ଯୋଗେ ବିହାରରୁ ଚାଲାଣ କରିଥାନ୍ତେ ବୋଲି ପୁଲିସ ଜେରା ବେଳେ ଜାଣିବାକୁ ପାଇଛି। ଘଟଣାରୁ ପ୍ରକାଶ ଯେ, ଜଣେ ଯୁବକ ଏକ ବ୍ୟାଗରେ ଗଞ୍ଜେଇ ଟ୍ରେନରେ ଚାଲାଣ କରିବାକୁ ଯାଉଥିବା ଖବର ପାଇ ଗୋଷାଣୀନୂଆଗାଁ ଏସଆଇ ଗୌରବ ରଞ୍ଜନ ଦାଶଙ୍କ ନେତୃତ୍ୱରେ ଏକ ଟିମ ଷ୍ଟେସନ ନିକଟରେ ପାଟ୍ରୋଲିଂ କରୁଥିଲେ। ଦୁର୍ଗା ହୋଟେଲ ନିକଟରେ ଜଣେ ଯୁବକ ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିବା ବେଳେ ଟିମ ସେଠାରେ ପହଞ୍ଚି ତାଙ୍କ ପରିଚୟ ପଚାରିବା ସହ ସେ ଧରିଥିବା ବ୍ୟାଗ ଯାଞ୍ଚ କରିଥିଲେ। ବ୍ୟାଗ ଭିତରେ ଗଞ୍ଜେଇ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଥିଲା। ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ସେ ଉକ୍ତ ଗଞ୍ଜେଇ ବିହାର ନେଇ ଯାଉଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ।

## ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀରେ ହୋମଯଜ୍ଞ

ବ୍ରହ୍ମପୁର,୨୧।୪(ସମିସ)



ଆଦିତ୍ୟ ବାହୀନି ଆନନ୍ଦ ବାହୀନି ବ୍ରହ୍ମପୁର ଶାଖା ପକ୍ଷରୁ ବନ୍ଧପଲ୍ଲୀରେ ଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୩୩ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ମଠ ମହନ୍ତ ସମ୍ପାଦକ ଡ. ହରିହର ଦାସ ମହାରାଜ ଯୋଗଦେଇ ଶଙ୍କରାଚାର୍ଯ୍ୟଙ୍କ ସମେତ ଚାରି ଦିଗରେ ଚର୍ତ୍ତୁଧାମ ପ୍ରତିଷ୍ଠା ବିଷୟରେ ଆଲୋକପାତ କରିଥିଲେ। ଏ ଅବସରରେ ଚଳିତମାସ ଅପ୍ରେଲ ୧୯ତାରିଖରେ ମଣ୍ଡପ ପ୍ରତିଷ୍ଠା ଅନୁଷ୍ଠିତ ହୋଇଥିବା ବେଳେ ୨୦ରେ ହୋମ ଯଜ୍ଞ ଓ ୨୧ ତାରିଖରେ ଆଦି ଶଙ୍କରାଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଆୟୋଜିକା ରୂପାଲି ଦାଶ, ବେଦପାଠଶାଳାର ପ୍ରଧାନ ଆଚାର୍ଯ୍ୟ ମନୋଜ କୁମାର ପାଣିଗ୍ରାହୀ, ଆଦିତ୍ୟ ବାହିନୀ ଦକ୍ଷିଣ ସମ୍ଭାଗ କ୍ଷେତ୍ର ପ୍ରମୁଖ ଉମାଶଙ୍କର ପାଣି, ବ୍ରହ୍ମପୁର କ୍ଷେତ୍ର ପ୍ରମୁଖ ଡ. ହୃଷୀକେଶ ପାଢ଼ୀ, ଜିଲ୍ଲା ସଭାପତି ଶିବ ଶଙ୍କର ମାଦଳା, ସମ୍ପାଦକ ସନ୍ତୋଷ କୁମାର ସାହୁ, କୋଷାଧ୍ୟକ୍ଷ ରାମ ପ୍ରସାଦ ପଣ୍ଡା, ଉପଦେଷ୍ଟା ପାଣିଗ୍ରାହୀ ଓ ଆନନ୍ଦ ବାହିନୀ ସମ୍ପାଦକ ଶାନ୍ତି ଲତା ପାଢ଼ୀ ଉପସ୍ଥିତ କରିଥିଲେ।

## ରେଳଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର,୨୧।୪(ସମିସ)

ରେଳବାଇ ପୁଲିସ ରେଳଧାରଣରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ସେ ହେଲେ ବଡଗଡ ଥାନା ଅନ୍ତର୍ଗତ ମାଣିକପୁର ଗ୍ରାମର ସନ୍ତୋଷ କୁମାର ସାହୁ(୪୯)। ପୁଲିସ ମୃତଦେହ ଜବତ କରି ଏ ସଂକ୍ରାନ୍ତରେ ପୋଲିସ ୨୪/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେ ଏକ ବସରେ କଣ୍ଡକ୍ଟର ଭାବେ କାମ କରୁଥିବା ଜଣାପଡିଛି। ପ୍ରାଥମିକ ତଦନ୍ତରୁ ସନ୍ତୋଷ କୌଣସି ଘରୋଇ ଅଶାନ୍ତିରୁ ବ୍ରହ୍ମପୁର ରେଳଷ୍ଟେସନ ଆସିଥିବା ବେଳେ ଟ୍ରେନରେ କଟି ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ ସନ୍ଦେହ କରୁଛି। ଘଟଣାରୁ ପ୍ରକାଶ ଯେ, ଉକ୍ତ ସନ୍ତୋଷ ସାହୁ ସୋମବାର ସନ୍ଧ୍ୟାରେ ତାଙ୍କର ଜଣେ ବନ୍ଧୁଙ୍କୁ ମାନସିକ ଦୁଶ୍ଚିନ୍ତାରେ ଥିବା କହି ସେଠାରୁ ଚାଲି ଆସିଥିଲେ। ସନ୍ତୋଷଙ୍କ ବନ୍ଧୁଙ୍କ ସନ୍ଦେହ ହୋଇଥିଲା। ଏନେଇ ସେ ସନ୍ତୋଷଙ୍କ ସ୍ତ୍ରୀ'ଙ୍କୁ ଜଣାଇଥିଲେ। ଅନ୍ୟପଟେ ରାତ୍ର ସାଢ଼େ ୮ଟା'ବେଳେ ପ୍ଲାଟଫର୍ମ ଦୁଇ ରେଳଧାରଣରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡିଥିବା ପୁଲିସ ଜାଣିବାକୁ ପାଇଥିଲା। ଅନ୍ୟପଟେ ମୃତ ସନ୍ତୋଷଙ୍କ ଝିଅ ବ୍ରହ୍ମପୁରରେ ରହି ଏକ ବିଶ୍ୱବିଦ୍ୟାଳୟରେ ପିଜି କରୁଥିବା ବେଳେ ମା'ଙ୍କ ଠାରୁ ଖବର ପାଇ ରେଳ ଷ୍ଟେସନରେ ପହଞ୍ଚି ପୁଲିସ ଉପସ୍ଥିତିରେ ବାପାଙ୍କ ମୃତଦେହ ଚିହ୍ନଟ କରିଥିଲେ। ରାତ୍ର ହୋଇଯାଇଥିବାରୁ ପୋଲିସ ମୃତଦେହ ଏମକେସିଜି ମେଡିକାଲରେ ସଂରକ୍ଷିତ ରଖିଥିଲା। ମଙ୍ଗଳବାର ବ୍ୟବଚ୍ଛେଦ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।

## ଏସ୍‌ବିଆର କଲେଜର ୩୦ ଛାତ୍ରୀଙ୍କ ମୋବାଇଲ ଚୋରି

ବ୍ରହ୍ମପୁର,୨୧।୪(ସମିସ)

ଏସବିଆର ମହିଳା କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷ ପରୀକ୍ଷା ଚାଲୁଥିବା ବେଳେ ୩୦ରୁ ଅଧିକ ଛାତ୍ରୀଙ୍କ ମୋବାଇଲ ଚୋରି ହୋଇଯାଇଛି। ଛାତ୍ରୀମାନେ ନିଜ ବ୍ୟାଗ ଭିତରେ ମୋବାଇଲ ରଖି ବ୍ୟାଗଗୁଡ଼ିକୁ ପରୀକ୍ଷା ହଲ ବାହାରେ ଗୋଟିଏ ସ୍ଥାନରେ ଜମା କରିବା ପରେ ଭିତରକୁ ଯାଇ ପରୀକ୍ଷା ଦେଇଥିଲେ। ପରୀକ୍ଷା ସାରି ବାହାରକୁ ଆସିବା ପରେ ବ୍ୟାଗ ଯାଞ୍ଚ ବେଳେ ଅନେକ ଛାତ୍ରୀଙ୍କ ମୋବାଇଲ ଚୋରି ହୋଇଯାଇଥିବା ଜଣାପଡିଥିଲା। ମୋବାଇଲ ଚୋରି ସମ୍ପର୍କରେ ଛାତ୍ରୀମାନେ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି କଲେଜ ପରିସରରୁ ବାରମ୍ବାର ଏଭଳି ମୋବାଇଲ ଚୋରି ହେଉଥିବାରୁ ଉଦବେଗ ପ୍ରକାଶ ପାଇଛି। ଛାତ୍ରୀଙ୍କ ଅଭିଯୋଗକୁ ପୁଲିସ ନିକଟକୁ ପଠାଯିବ ବୋଲି କଲେଜ ଅଧ୍ୟକ୍ଷ ଡ. ଚିତ୍ତରଞ୍ଜନ ଶତପଥି କହିଛନ୍ତି। ତେବେ ଛାତ୍ରୀଙ୍କ ମୋବାଇଲଗୁଡ଼ିକ ଏହି କଲେଜର ଛାତ୍ରୀମାନେ ଚୋରି କରିଛନ୍ତି ନାଁ ବାହାରୁ କିଏ ଆସି ନେଇ ଯାଇଛି ତାହା ତଦନ୍ତ ପରେ ହିଁ ଜଣାପଡିବ ବୋଲି କୁହାଯାଉଛି।




# ନାବାଳିକା ଅସଦାଚରଣକାରୀଙ୍କୁ ୩ ବର୍ଷ ଜେଲ୍

ବ୍ରହ୍ମପୁର,୨୧।୪(ସମିସ)

ଏକ ନାବାଳିକା ଅସଦାଚରଣ ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଅଦାଲତର ଜଜ୍ ପ୍ରଣତୀ ପଟ୍ଟନାୟକ ଜଣେ ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଯୁବକ ଜଣଙ୍କ ହେଲେ ପୋଲସରା ଥାନା ଅଞ୍ଚଳର ରବିନ୍ଦ୍ର ସ୍ୱାଇଁ ଓରଫ ପପିନା(୩୦)। ଜେଲ ଦଣ୍ଡ ସହ ତାଙ୍କୁ ୫ହଜାର ଟଙ୍କା ଜୋରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦେୟ ଅତିରିକ୍ତ ୫ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଜଜ ନିଜ ରାୟରେ ଉଲ୍ଲେଖ କରିବା ସହ ପିଡ଼ିତା ନାବାଳିକାଙ୍କୁ ୩ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀରୁ ପ୍ରକାଶଯେ, ୨୦୨୧ ଜୁନ ୪ ତାରିଖରେ ପୋଲସରା ଥାନା ଅଞ୍ଚଳର ଏକ ଗ୍ରାମର ୧୨ ବର୍ଷୀୟ ନାବାଳିକା ପୋଖରୀକୁ ଗାଧୋଇ ଯାଇଥିଲେ। ସେ ଘରକୁ ଫେରୁଥିବା ବେଳେ ଅଭିଯୁକ୍ତ ରବିନ୍ଦ୍ର ତାଙ୍କୁ ଅଟକାଇବା ସହ ନିକଟସ୍ଥ ଏକ ନିକାଞ୍ଚ ସ୍ଥାନକୁ ଟେକି ନେଇଯାଇଥିଲେ। ସେଠାରେ ନାବାଳିକା ସହ ଅସଦାଚରଣ କରିବା ସହ ବଳାତ୍କାର ଉଦ୍ୟମ କରିଥିଲେ। ନାବାଳିକା ଜଣଙ୍କ ଚିତ୍କାର କରିବାରୁ ଗ୍ରାମାବାସୀ ଘଟଣା ସ୍ଥଳରେ ପହଞ୍ଚିଯାଇଥିଲେ। ଏହା ଦେଖି ଅଭିଯୁକ୍ତ ରବିନ୍ଦ୍ର ସେଠାରୁ ଦୌଡି ପଳାଇଥିଲେ। ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଘଟଣାକୁ ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୩୨୯/୨୧) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ରବିନ୍ଦ୍ରଙ୍କୁ ଗିରଫ ପରେ ଜେଲ ପଠାଇ ଯାଇଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣ ବେଳେ ୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ୍ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ରାୟ ପ୍ରକାଶ ବେଳେ ଅଭିଯୁକ୍ତ ରବିନ୍ଦ୍ର କୋର୍ଟରେ ହାଜର ହୋଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ମାଙ୍କଡ଼ କାମୁଡ଼ାରେ ବୃଦ୍ଧ ଗୁରୁତର

ନିରାକାରପୁର,୨୧।୪ (ସମିସ): ମାଙ୍କଡ କାମୁଡାରେ ପୁଣି ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ନିରାକାରପୁର ମଞ୍ଚାରିଆପାଟଣା ଗ୍ରାମର ଧ୍ୱଜ ବାରିକ (୬୫) ଆଜି ନିଜ ଘରୁ ବାହାରକୁ ଆସୁଥିବା ସମୟରେ ଅତର୍କିତ ଭାବେ ଏକ ମାଙ୍କଡ ତାଙ୍କୁ ଆକ୍ରମଣ କରିଥିଲା। ଏହି କାମୁଡାରେ ସେ ରକ୍ତାକ୍ତ ହୋଇଥିବା ବେଳେ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ ଯେ, ଏହା କୌଣସି ନୂଆ ଘଟଣା ନୁହେଁ। ପୂର୍ବରୁ ଏହି ଅଞ୍ଚଳରେ ମାଙ୍କଡ ଆକ୍ରମଣରେ ୪୦ରୁ ଅଧିକ ଲୋକ ଶିକାର ହୋଇ ଗୁରୁତର ଆହତ ହୋଇସାରିଲେଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବନ ବିଭାଗ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁନାହିଁ।

# ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ନିରାକାରପୁର,୨୧।୪ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅନ୍ତର୍ଗତ ହଜ ରୋଡରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ଏକ ଦ୍ରୁତଗାମୀ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ବ୍ୟକ୍ତିଜଣକ ହେଉଛନ୍ତି ଜଙ୍କିଆ ଥାନା ସରପାରୀ କଂସାରୀ ସାହିର ଡମ୍ବୁରଧର ସାହୁଙ୍କ ପୁଅ ପ୍ରଶାନ୍ତ କୁମାର ସାହୁ। ପ୍ରଶାନ୍ତ ପେସାରେ ଜଣେ ଚୁଡ଼ି ଓ କାଚ ବ୍ୟବସାୟୀ। ଆଜି ଅପରାହ୍ନରେ ସେ ନିଜ ଗ୍ରାମରୁ ଏକ ବାଇକ୍ ଯୋଗେ ହଜ ରାସ୍ତା ଦେଇ ରଣପୁର ଅଞ୍ଚଳକୁ ଯାଉଥିଲେ। ଟାଙ୍ଗୋଳ-ହଜ ରାସ୍ତା ମଝିରେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ତାଙ୍କର ଏକ ଗୋଡ଼ ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରିଥିଲେ। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ନିରାକାରପୁର,୨୧।୪ (ସମିସ): ନିରାକାରପୁର ଥାନା ଅନ୍ତର୍ଗତ ଡିଆ ଗ୍ରାମରେ ଏକ ବଡ଼ଧରଣର ଚୋରି ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ନେଇ ଗ୍ରାମର ଜ୍ୟୋତି ରଞ୍ଜନ ମହାପାତ୍ର ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଗତ ଏପ୍ରିଲ ୨୦ ତାରିଖ ରାତିରେ ଜ୍ୟୋତି ରଞ୍ଜନ ଓ ତାଙ୍କ ପରିବାର ସଦସ୍ୟ ଖାଇସାରି ଶୋଇବାକୁ ଯାଇଥିଲେ। ରାତି ପ୍ରାୟ ୧ଟାରୁ ୩ଟା ମଧ୍ୟରେ କେହି ଦୁର୍ବୃତ୍ତ ଘର ଭିତରକୁ ପଶି ଗୋଟିଏ ରୁମକୁ ବାହାର ପଟୁ ବନ୍ଦ କରିଦେଇଥିଲେ। ପରେ ଅନ୍ୟ ଏକ ରୁମରେ ଥିବା ଆଲମିରା ଓ ସିନ୍ଦୁକର ଲକ୍ ଭାଙ୍ଗି ସମସ୍ତ ସୁନା ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ। ଲୁଟ୍ ହୋଇଥିବା ସାମଗ୍ରୀ ମଧ୍ୟରେ ପ୍ରାୟ ୭୦ ଗ୍ରାମ ଓଜନର ସୁନା ଗହଣା (ହାର, କାନଫୁଲ, ମୁଦି ଓ ଚେନ୍), ନଗଦ ୫୦,୦୦୦ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଓ ରୁପା ଅଳଙ୍କାର ରହିଛି। ଏ ନେଇ ନିରାକାରପୁର ଥାନା ଅଧିକାରୀଙ୍କୁ ଭେଟି ଘଟଣାର ତୁରନ୍ତ ତଦନ୍ତ କରିବାକୁ ଏବଂ ଚୋରଙ୍କୁ ଗିରଫ କରିବାକୁ ଜ୍ୟୋତି ରଞ୍ଜନ ଅନୁରୋଧ କରିଛନ୍ତି। ପୁଲିସ ଏହି ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି।

# ବାଣପୁରରେ ଅକ୍ଷୟ ତୃତୀୟାରେ ରଥକାଠ ଅନୁକୂଳ

ବାଣପୁର,୨୧।୪(ସମିସ) : ଓଡିଶାର କୃଷି ଭିତ୍ତିକ ପର୍ବ ଅକ୍ଷୟ ତୃତୀୟା ଉପଲକ୍ଷେ ସର୍ବ ଧର୍ମ ସମନ୍ୱୟର ପୀଠ ବାଣପୁରରେ କୃଷକ ଭାଇମାନଙ୍କର କୃଷି କ୍ଷେତ୍ରରେ ଅକ୍ଷି ମୁଠି ଅନୁକୂଳ ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପୀଠରେ ଆନନ୍ଦ ଉଲ୍ଲାସର ସହିତ ରଥ କାଠ ଅନୁକୂଳ ଓ ଶ୍ରୀଜୀଉ ମାନଙ୍କର ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି। ଏପରିସ୍ଥଳେ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଠାକୁର ଶ୍ରୀ ରଙ୍କନାଥ ଦେବଙ୍କ ପୀଠରେ ସମସ୍ତ



ନୀତିକାନ୍ତି ସହିତ ମନ୍ଦିର ପୁରୋହିତଙ୍କ ଦ୍ୱାରା ରଥଖଳା ଠାରେ ୩ ଗୋଟି ଫାସିକାଠକୁ ରଖାଯାଇ ତିନି ବାଡ଼ରୁ ଆଜ୍ଞାମାଳ ଅଣାଯିବା ପରେ ସ୍ଥାପନ କରାଯାଇ ହୋମ ସରି ବିଶ୍ୱକର୍ମାଙ୍କ ଦ୍ୱାରା ରଥ କାଠ ଅନୁକୂଳ କରାଯାଇଥିଲା। ପରେ ଧୂପ ହୋଇ ମଦନମୋହନ ରାମକୃଷ୍ଣଙ୍କୁ ଚନ୍ଦନ କୁଣ୍ଡରେ ସ୍ଥାପନ କରାଯାଇ ଶୀତଳ ମଣୋହି ଓ ଆଳତି ପରେ ପହୁଡ଼ ପଡିଥିଲା। ସେହିପରି ଶ୍ରୀ ଦକ୍ଷେଶ୍ୱର ଭଗବତୀଙ୍କ ପୀଠରେ ମଧ୍ୟ ସମସ୍ତ ନୀତିକାନ୍ତି ପରେ ପରିଚ୍ଛା ସାଆନ୍ତ ଶ୍ରୀ ଗୋପୀନାଥ, ଶ୍ରୀ ଚନ୍ଦ୍ରଶେଖର ଓ ମା' ଭଗବତୀଙ୍କୁ ଧୂପ ବଢ଼ାଇ ଶୀତଳ ଚନ୍ଦନ ଅର୍ପଣ ପରେ ଚନ୍ଦନ କୁଣ୍ଡରେ ସ୍ଥାପନ କରିଥିଲେ। ବୈଶାଖ ମାସର ପ୍ରଚଣ୍ଡ ରୌଦ୍ରତାପରୁ ନିଜକୁ ଶୀତଳ ରଖିବା ପାଇଁ ଦେବା ଦେବୀଙ୍କର ଏହି ମାନବୀୟ ଲୀଳାର ପ୍ରତୀକ ଚନ୍ଦନଯାତ୍ରା ସମଗ୍ର ଓଡ଼ିଶାରେ ଦେବା ଦେବୀଙ୍କ ପୀଠ ମାନଙ୍କ ପରି ବାଣପୁରରେ ମଧ୍ୟ ଅନୁଷ୍ଠିତ ହୋଇ ଆସୁ ଥିବା ପରମ୍ପରା କାହିଁ କେଉଁ ଅନାଦି କାଳରୁ ପ୍ରଚଳିତ ହୋଇ ଆସୁଛି। ଶ୍ରୀ ଚରଣ ଚକା ଦେବ, ଅନନ୍ତସ୍ୱାମୀ, ଉମାମହେଶ୍ୱର ଦେବଙ୍କ ପୀଠ ପରି ପ୍ରତ୍ୟେକ ବୈଷ୍ଣବ ଓ ଶୈବ ପୀଠ ମାନଙ୍କରେ ଅନୁଷ୍ଠିତ ହୋଇଥିଲା।

## ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା

# ବିବାହ ବନ୍ଧନରେ ବାନ୍ଧିହେଲେ ୪୯ ଯୋଡ଼ି ବରକନ୍ୟା

ଖୋର୍ଦ୍ଧା,୨୧।୪(ସମିସ): ସ୍ଥାନୀୟ ମା' ବରୁଣେଇ ମନ୍ଦିର ପରିସରରେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କନ୍ୟା ଯୋଜନାରେ ଜିଲ୍ଲା ପ୍ରଶାସନ ଏବଂ ପିପୁଲ୍ସ ଫୋରମ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ୪୯ ଯୋଡିଙ୍କ ସାମୁହିକ ବିବାହ ସମ୍ପନ୍ନ ହୋଇଛି। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ୪୯ ଯୋଡି ବର କନ୍ୟାଙ୍କୁ ରୁପାର ମଙ୍ଗଳ ସୂତ୍ର ଏବଂ ଗୋଡ଼ର ଝୁଁଟିଆ ବଣ୍ଟନ କରି ଆର୍ଶୀବାଦ ପ୍ରଦାନ କରିଥିଲେ।

ସମ୍ମାନିତ ଅତିଥିଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଜିଲ୍ଲା ପରିଷଦ ସଭାପତି ରୂପଶ୍ରୀ ରାଣୀ ଗୁମାନସିଂହ, ଖୋର୍ଦ୍ଧା ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଅବକାରୀ ଅଧିକ୍ଷକ ସୁମିତୀ ତ୍ରିପାଠୀ, ସଦର ବିଡ଼ିଓ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ଓ କାର୍ଯ୍ୟକାରୀ ସଂସ୍ଥା ପିପୁଲ୍ସ ଫୋରମ୍ ସଭାପତି, ସମ୍ପାଦକ ମିଳିତ ପରିଚାଳନାରେ ସମସ୍ତ କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିଲା। ଏଥି ନିମନ୍ତେ ୪୯ଟି ବରକନ୍ୟା ଯୋଡି ବିଭାଘର ନିମନ୍ତେ ୪୯ ଗୋଟି ବେଦି ସହ ୪୯ ଜଣ ବ୍ରାହ୍ମଣଙ୍କୁ ନିୟୋଜିତ କରାଯାଇଥିଲା। ୪୯ ଜଣ କନ୍ୟାଙ୍କୁ ସମସ୍ତ ବିବାହ ସାମଗ୍ରୀ, ବୈଦିକ ରୀତିନୀତି ତେଲିଙ୍ଗି ବାଜା, ଶଙ୍ଖ, ୧୭୦୦ ଲୋକଙ୍କ ନିମନ୍ତେ ମଧ୍ୟାହ୍ନ ଭୋଜନ ପ୍ରଭୃତି ଯୋଗାଇ ଦିଆଯାଇଥିଲା।

ଏହି ସାମୁହ ବିବାହ ଉତ୍ସବରେ ବିବାହ ପରେ ୪୯ ଯୋଡି ଦମ୍ପତିଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ବିବାହ ରେଜେଷ୍ଟ୍ରି ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏହି



ମୁଖ୍ୟମନ୍ତ୍ରୀ କନ୍ୟା ଯୋଜନାରେ ଆଜିଠାରୁ ସାତ ଦିନ ମଧ୍ୟରେ ସିଧାସଳଖ କନ୍ୟାର ବ୍ୟାଙ୍କ ଆକାଉଣ୍ଟକୁ ୪୫ ହଜାର ଟଙ୍କା ଡିବିଟି ମାଧ୍ୟମରେ ପଇଠ କରାଯିବ। ଆଜିର ଏହି ବିବାହ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବେସମାରିକ ଜିଲ୍ଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ରୀୟ ମିଶ୍ର, ଅଗ୍ରଣୀ ବ୍ୟାଙ୍କ ପରିଚାଳକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଡେପୁଟି କଲେକ୍ଟର ସୌମ୍ୟା ସାଗରିକା ସ୍ୱାଇଁ,, ରଞ୍ଜନ କୁମାର ଜେନା,ସାରା ମଲ୍ଲିକ, ସ୍ୱିଟି ସୋରେନ, ନିଜାରତ ଅଧିକାରୀ, ରିସବ ତ୍ରିପାଠୀ, ଜିଲ୍ଲାସମାଜ କାର୍ଯ୍ୟାଳୟ ପୋଗ୍ରାମ ଅଫିସର ସୌଦାମିନୀ ଦାସ, ସମସ୍ତ ସିଡିପିଓ ,ଅଙ୍ଗନବାଡି ସୁପରଭାଇଜର,ଅଙ୍ଗନବାଡି କର୍ମୀ, ବରୁଣେଇ ମନ୍ଦିର ପୂଜକ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବିବାହିତା ଦମ୍ପତି ମାନେ ଗୁରୁଜନ ମାନଙ୍କ ଆର୍ଶୀବାଦ ସହ ମା' ବରୁଣେଇ କରୁଣେଇଙ୍କ ଆର୍ଶୀବାଦ ନେଇଥିଲେ।

ପ୍ରକାଶ ଥାଉକି ଓଡିଶା ସରକାରଙ୍କ ମୁଖ୍ୟ ମନ୍ତ୍ରୀ କନ୍ୟା ବିବାହ ଯୋଜନା ହେଉଛି ଆର୍ଥିକ ଅନଗ୍ରସର ପରିବାରର ଝିଅ ମାନଙ୍କ ବିବାହ ପାଇଁ ଏକ ସହାୟକ ଯୋଜନା। ଏହି ଯୋଜନା ଆଧୀନରେ ହିତାଧିକାରୀଙ୍କୁ ମୋଟ ୬୦ ହଜାର ଟଙ୍କା ସହାୟତା ଦିଆ ଯାଇଥାଏ। ୪୫ ହଜାର ଟଙ୍କା ଡିବିଟି ମାଧ୍ୟମରେ ପୈଠ କରାଯିବା ସହ ୧୦ ହଜାର ତାଙ୍କ ବିବାହ ଉପହାର ଯଥା ଶାଢ଼ୀ, ଚୁଡି, ପାଉଁଜି ଏବଂ ଅନନ୍ୟା ଜରୁରୀ ସାମଗ୍ରୀ ପାଇଁ ବ୍ୟୟ କରାଯାଏ ଏବଂ ୫ ହଜାର ଟଙ୍କା ବିବାହ ମଣ୍ଡପ ସାଜସଜା, ଖାଦ୍ୟପେୟ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ପାଇଁ ବ୍ୟବହୃତ ହୁଏ। ଏହି ଯୋଜନାରେ ହିତାଧିକାରୀ ହେବାକୁ ହେଲେ କନ୍ୟାର ବୟସ ୧୮ ରୁ ୩୫ ଓ ବରର ବୟସ ୨୧ରୁ ୩୫ ହବା ଆବଶ୍ୟକ। ଉଭୟ ବର କନ୍ୟା ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ। ଗୋଟିଏ ପରିବାରରୁ କେବଳ ଜଣେ ଝିଅ ଏହି ଯୋଜନା ରେ ଲାଭ ପାଇ ପାରିବେ। ବିଧବା ବିବାହ କରୁଥିବା ମହିଳା, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଦିବ୍ୟାଙ୍ଗମାନଙ୍କୁ ପ୍ରାଥମିକତା ଦିଆଯାଏ।

# ଦୁର୍ଘଟଣାରେ କମ୍ୟୁନିଷ୍ଟ ନେତା ଆହତ

ବେଗୁନିଆ,୨୧।୪ (ସମିସ): ବେଗୁନିଆ ଥାନା ଅନ୍ତର୍ଗତ ସାନପଦର ଗ୍ରାମର ବରିଷ୍ଠ କମ୍ୟୁନିଷ୍ଟ ପାର୍ଟିର ବରିଷ୍ଠ ରାଜ୍ୟ ନେତା ବସନ୍ତ କୁମାର ପାଇକରାୟଙ୍କ ଦୁର୍ଘଟଣାରେ ଆହତ ହୋଇଛନ୍ତି। ଭୁବନେଶ୍ୱରରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ଏକ ଅଟୋରେ ଯାଉଥିବା ବେଳେ ଦୁର୍ଘଟଣା ଯୋଗୁଁ ମେରୁଦଣ୍ଡରେ ଗୁରୁତର ଆଘାତ ଲାଗି ଥିବାରୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

# ବରଯାତ୍ରୀ ନେଇ ଆସିଥିବା ବସ୍ ଚାଳକର ବେପରୁଆ ଗାଡି ଚାଳନା

ବେଗୁନିଆ,୨୧।୪(ସମିସ): ବେଗୁନିଆ ବ୍ଲକ ବଡବେରଣା ପଞ୍ଚାୟତ ଅନ୍ତର୍ଗତ କୋଲୁହାପାଟଣା ଗ୍ରାମରେ ସୋମବାର ଦିନ ସନ୍ଧ୍ୟାରେ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିଲା। ଏଥିରେ ବରଘର ପକ୍ଷରୁ ଚନ୍ଦନ ନାମକ ଏକ ଘରୋଇ ଯାତ୍ରୀବାହୀ ବସ ଭଡାରେ ଆସିଥିବା ବେଳେ ବକ୍ସ ବାଣ ଫୁଟୁଥିବା ସମୟରେ ଗାଡ଼ିଟିର ଚାଳକ ବେପରୁଆ ଭାବେ ଆଗକୁ ଯାଇଥିଲେ। ଯାହା ଫଳରେ ଗାଡିଟିର ଚକରେ ଚାପି ହୋଇ ଫୁଟୁଥିବା ବକ୍ସ ବାଣ ସାହିର ଭିତର ପଟକୁ ଓଲଟି ପଡିଥିଲା। ଏହା ଦ୍ୱାରା ଫୁଟନ୍ତା ବାଣ ଜନ ସାଧାରଣଙ୍କ ଆଡ଼କୁ ପଳାଇ ଯିବାରୁ ଭୟରେ ଏଣେ ତେଣେ ଧାଁ ଧପଡ ଆରମ୍ଭ କରିଥିଲେ। ଏଥିରେ କାହାର କିଛି କ୍ଷତି ହୋଇ ନ ଥିବା ବେଳେ ଅଳ୍ପକେ ରକ୍ଷା ପାଇ ଯାଇ ଥିଲେ। ଏହି ଘଟଣାକୁ ନେଇ ଗ୍ରାମବାସୀ ମାନେ ଉତକ୍ଷିପ୍ତ ହୋଇ ବସଟିର ନିକଟରେ ପହଁଚିବା ପୂର୍ବରୁ ଚାଳକ ଜଣକ ଫେରାର ହୋଇ ଯାଇଥିଲା। କୌଣସି ସୂତ୍ରରୁ ଖବର ପାଇ ବେଗୁନିଆ ଥାନା ପୁଲିସ କର୍ମଚାରୀ ଓ ୧୧୨ ପୁଲିସ ସହାୟତା ଗାଡ଼ି ପହଁଚି ବସଟିକୁ ହେପାଜତକୁ ଆଣି ଘଟଣାଟିର ଅନୁସନ୍ଧାନ ଆରମ୍ଭ କରିଥିଲେ।

# ୭୫ କେଜି ବନ୍ୟଜନ୍ତୁ ମାଂସ ସହ ବନ୍ଧୁକ ଜବତ, ଶିକାରୀ ଫେରାର

ବାଣପୁର,୨୧।୪(ସମିସ) : ବାଣପୁର ଅଞ୍ଚଳରେ ଅବାଧ ପଶୁ ଶିକାର କରି ମାଂସ କାରବାର ହେଉ ଥିବା ନେଇ ବିଶେଷ ସୂତ୍ରରୁ ଖବର ପାଇ ବାଲୁଗାଁ ବନାଞ୍ଚଳ ପଦ୍ମପୁର ସେକ୍ସନ ବନ ବିଭାଗ ଚଢ଼ଉ କରି ବାଣପୁର ବ୍ଲକ ଅନ୍ତର୍ଗତ ଗୋପୀନାଥ ପ୍ରସାଦ ଗ୍ରାମ ସ୍ଥିତ ଏକ ମଶାଣି ନିକଟରୁ ପ୍ରାୟ ୭୫ କେଜି ବନ୍ୟ ଜନ୍ତୁ ମାଂସ ସମେତ ଏକ ବନ୍ଧୁକ ଜବତ କରିଛି। ହେଲେ ଶିକାରୀ ମାନେ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଛନ୍ତି। ବାଣପୁର ବ୍ଲକ ଅନ୍ତର୍ଗତ ଆୟତପୁର ପଞ୍ଚାୟତ ଗୋପୀନାଥ ପ୍ରସାଦ ଗ୍ରାମ ସ୍ଥିତ ମଶାଣି ନିକଟ ଏକ ବିଲ ମଧ୍ୟରେ କିଛି ଶିକାରୀ, ବନ୍ୟ ଜନ୍ତୁ ଶିକାର କରି ଜଙ୍ଗଲୀ ମାଂସକୁ ଭାଗ ବାଣ୍ଟୁଥିବା ନେଇ ଖବର ପାଇ ବାଲୁଗାଁ ବନାଞ୍ଚଳ ପଦ୍ମପୁର ସେକ୍ସନ ଫରେଷ୍ଟର ଶର୍ମିଷ୍ଠା ରାୟଚୌଧୁରୀ ଓ ଧୂଆଁନଳୀ ସେକ୍ସନ ଫରେଷ୍ଟର ଶିଳ୍ପୀ ସଳିତା ମହାକୁଡ ସଦଳ ବଳେ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଚଢାଉ ସମୟରେ ମାଂସ ଭାଗ ବାଣ୍ଟୁ ଥିବା ସନ୍ଦିଗ୍ଧ ଶିକାରୀମାନେ ଖବର ପାଇ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିଲେ। ବନ୍ଧୁକ ବିଭାଗ ଘଟଣା ସ୍ଥଳରୁ ପ୍ରାୟ ୭୫ କେଜି ବନ୍ୟ ଜନ୍ତୁ ମାଂସ ଜବତ କରିଥିଲେ। ପରେ ଗମ୍ଭାରୀମୁଣ୍ଡା ପୋଲିସ ବିଟହାଉସ ଅଧିକାରୀ ପ୍ରସନ କୁମାର ସାହୁ ଆୟତପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦେବାଶିଷ ପ୍ରଧାନଙ୍କ ଉପସ୍ଥିତିରେ ବନ୍ୟ ବିଭାଗର ଟିମ ଉକ୍ତ ଗ୍ରାମର ହରି ଦଳେଇଙ୍କ ଘର ଉପରେ ଚଢ଼ାଉ କରି ଥିଲେ। ତେବେ ଚଢ଼ାଉ ସମୟରେ ହରିଙ୍କ ଘରେ କୌଣସି ବ୍ୟକ୍ତି ନଥିବାରୁ ବନ୍ୟ ବିଭାଗ, ପୁଲିସ, ରାଜସ୍ୱ ବିଭାଗର ଉପସ୍ଥିତିରେ ଉକ୍ତ ଘର ଉପରେ ଚଢ଼ାଉ କରିବା ସମୟରେ ଉକ୍ତ ଘରୁ ଏକ ଦେଶୀ ବନ୍ଧୁକ, ବାରୁଦ, ଶିକାରୀ ହେଡ଼ଲାଇଟ ଓ ଦୁଇଟି ଛୁରୀ ସହିତ ୪ ଅଖା ଦେଶୀ ମହୁଲି ମଦ ବସ୍ତା ଜବତ କରି ବନ୍ୟ ବିଭାଗ ପୁଲିସ ବିଟ ହାଉସ ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି । ଏ ସମ୍ପର୍କରେ ବାଲୁଗାଁ ରେଞ୍ଜର ରେଶମା ପରିଡାଙ୍କୁ ପଚାରିବାରେ, ଜବତ ମାଂସକୁ ଯାଞ୍ଚ ପାଇଁ ଫୋରେନେସିକ ଲାବୋରାଟୋରି କୁ ପଠା ଯାଇଛି ସେଠାରୁ ରିପୋର୍ଟ ପାଇଲା ପରେ ଉକ୍ତ ଜବତ ମାଂସ କେଉଁ ପ୍ରାଣୀର ବୋଲି ସଠିକ ଜଣା ପଡିବ ବୋଲି ସେ କହିଥିଲେ। ଉକ୍ତ ଘଟଣାକୁ ନେଇ ନାଚୁଣୀ ପୁଲିସ ଓ ବନ୍ୟ ବିଭାଗ ଦୁଇଟି ପୃଥକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛନ୍ତି।

# ସର୍ବଭାରତୀୟ ରାଜ୍ୟ ସରକାରୀ କର୍ମଚାରୀ ପେନ୍‌ସନ୍ ଭୋଗୀ ମହାସଂଘ ତରଫରୁ ଦାବିପତ୍ର

ଟାଙ୍ଗୀ,୨୧।୪(ସମିସ): ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ସର୍ବ ଭାରତୀୟ ରାଜ୍ୟ ସରକାରୀ କର୍ମଚାରୀ ପେନସନ ଭୋଗୀ ମହାସଂଘ ଆହ୍ୱାନକ୍ରମେ ମଙ୍ଗଳବାର ଦିନ ପାଳିତ ହେଉଥିବା ଦାବୀ ଦିବସ ଅବସରରେ ୧୦ ଦଫା ସମ୍ବଳିତ ଦାବୀ ପତ୍ର ଟାଙ୍ଗୀ ବିଡ଼ିଓ ରୁମାନା ଜାଫ୍ରିଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଙ୍କ ନିକଟକୁ ପ୍ରଦାନ କରାଯାଇଛି। ଏହି ଦଶ ଦଫା ଦାବି ମଧ୍ୟରେ ରହିଛି ୨୦୨୫ମସିହାର ଆର୍ଥିକ ବିଲ ବୈଧି କରଣ ଆକ୍ଟ କୁ ପ୍ରତ୍ୟାହାର, ନୂଆ ପେନସନ (ଏନ ପି ଏସ ଓ ଉ ପି ଏସ )କୁ ସମ୍ପୂର୍ଣ୍ଣ ବାତିଲ କରି ପୁରୁଣା ପେନସନ ସମସ୍ତ କର୍ମଚାରୀ ଙ୍କ ପାଇଁ ଲାଗୁ କରାଯିବା, ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ଙ୍କ ସୁପାରିଶ ୨୦୨୫ମସିହା ଡିସେମ୍ବର ୩୧ତାରିଖ ପୂର୍ବରୁ ଅବସର ଗ୍ରହଣ କରିଥିବା ପେନସନ ଭୋଗୀଙ୍କୁ ଲାଗୁ କରାଯାଉ, କେନ୍ଦ୍ର କର୍ମଚାରୀ ଙ୍କ ପାଇଁ ଲାଗୁ ହେଉଥିବା ମହଙ୍ଗା ଭତ୍ତା ଅବିକଳ ଭାବେ ରାଜ୍ୟ ପେନସନ ଭୋଗୀଙ୍କୁ ପ୍ରଦାନ ସହ କୋଭିଡ-୧୯ ସମୟରେ ସ୍ଥଗିତ ରଖାଯାଇଥିବା ୧୮ ମାସର ମହଙ୍ଗା ଭତ୍ତା ସୁଧ ସହିତ ପ୍ରଦାନ, ଅବସର ପ୍ରାପ୍ତ କର୍ମଚାରୀଙ୍କୁ ଯାତ୍ରୀ ବାହୀ ବସ, ରେଳ ଓ ବିମାନରେ ରିହାତିରେ ଦିଆଯିବା ଇତ୍ୟାଦି ଏହି ଦାବୀ ଗୁଡିକ ଏଥିରେ ସନ୍ନିହିତ କରାଯାଇଛି। ମଙ୍ଗଳବାର ଦିନ ପୂର୍ବାହ୍ନରେ ଟାଙ୍ଗୀ ଅବସର ପ୍ରାପ୍ତ କର୍ମଚାରୀ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ, ଉପସଭାପତି ରାଜକିଶୋର ରଣସିଂହ, ସମ୍ପାଦକ ଭଗବାନ ଚମ୍ପତି, କୋଷାଧ୍ୟକ୍ଷ ବିଜୟ କୁମାର ରାଉତ, ହିମାଂଶୁଭୂଷଣ ରଥ, ଚିତ୍ତରଞ୍ଜନ ସୁନ୍ଦରାୟ, ହଜାରୀ ବରାଡ଼, ଗୋବିନ୍ଦ ଚନ୍ଦ୍ର ସାହୁ, ପଠାଣୀ ସୁନ୍ଦରାୟ ଓ ପରୀକ୍ଷିତ ମହାରଣା ପ୍ରମୁଖ ସଭ୍ୟ ମାନେ ଏଥିରେ ସାମିଲ ଥିଲେ।

# ଭୂଷଣ୍ଡପୁରରେ ଶ୍ରୀଜଗନ୍ନାଥଙ୍କ ରଥକାଠ ଅନୁକୂଳ

ଭୂଷଣ୍ଡପୁର,୨୧।୪(ସମିସ): ଟାଙ୍ଗୀ ବ୍ଲକର ଭୂଷଣ୍ଡପୁରଠାରେ ଦୀର୍ଘ ବର୍ଷ ଧରି ଚାଲି ଆସୁଥିବା ରଥ ଯାତ୍ରାର ରଥ କାଠ ଅନୁକୂଳ ହୋଇଯାଇଛି। ଦୋଳପଡ଼ିଆ ଠାରେ ବୈଦିକ ବ୍ରାହ୍ମଣଙ୍କ ପୂଜା ପାଠରେ ରଥ କାଠ ଅନୁକୂଳ କରାଯାଇଥିଲା। ମୁଖ୍ୟ ଆବାହକ ବିଜୟ ବାବା ଙ୍କ ସହିତ ଅନ୍ୟ ସଦସ୍ୟ ମାନେ ମଧ୍ୟ ଉପସ୍ଥିତ



ରହିଥିଲେ। ମହାରଣା କାରିଗର ମାନେ କାଠରେ ବାରିସୀ ଦେଇ ଅନୁକୂଳ କରିଥିଲେ। ସମବେତ ଭକ୍ତ ମାନଙ୍କ ଦ୍ୱାରା ସଂକୀର୍ତ୍ତନ କରାଯାଇଥିଲା। ଆଜିର ରଥ କାଠ ଅନୁକୂଳ କାର୍ଯ୍ୟକ୍ରମ ଦୋଳପଡ଼ିଆଠାରେ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ସେବାବିଧି ପାଇଁ ନୈଷ୍ଠିକ ବ୍ରାହ୍ମଣ ସୂର୍ଯ୍ୟକାନ୍ତ ସାମନ୍ତରା ଓ ସମସ୍ତ ଜଗନ୍ନାଥ ପ୍ରେମୀ ମାନେ ଅଂଶଗ୍ରହଣ କରିଥିଲେ।

## ଏକାଦଶତମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

# ଜାନକୀବଲ୍ଲଭ ଥିଲେ ସାହିତ୍ୟ, ରାଜନୀତି ଓ ସାମ୍ବାଦିକତାର ତ୍ରିବେଣୀ ସଙ୍ଗମ

ଖୋର୍ଦ୍ଧା,୨୧।୪(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପ୍ରାକ୍ତନ ରାଜ୍ୟପାଳ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କର ଏକାଦଶତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ଜାନକୀ ବଲ୍ଲଭ ସ୍ମୃତି କମିଟି ତରଫରୁ ଖୋର୍ଦ୍ଧାସ୍ଥିତ ଜାନକୀବଲ୍ଲଭ ଉଦ୍ୟାନ ପରିସରରେ ପାଳିତ ହୋଇଯାଇଛି। ସ୍ମୃତି କମିଟି ଟ୍ରଷ୍ଟର ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ବେଗୁନିଆ ବିଧାୟକ ପ୍ରଦୀପ ସାହୁ, ମୁଖ୍ୟବକ୍ତା ବରିଷ୍ଠ ସାହିତ୍ୟିକ ଅଭିରାମ ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଖୋର୍ଦ୍ଧା ବାର ସଭାପତି ଲୋତକ ବିନ୍ଦୁ ପଟ୍ଟନାୟକ, ପୃଥୀବଲ୍ଲଭ ପଟ୍ଟନାୟକ, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳପତି ମେଜର କ୍ଷୀରୋଦପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ। ସ୍ୱର୍ଗତ ଜାନକୀ ପଟ୍ଟନାୟକ କେବଳ ରାଜନୀତିଜ୍ଞ ନ ଥିଲେ ବରଂ ସାହିତ୍ୟ ଓ ସାମ୍ବାଦିକାର ତ୍ରିବେଣୀ ସଙ୍ଗମ ଥିଲେ। ସେ ଏକାଧାରରେ ଜଣେ ସଫଳ ରାଜନୀତିଜ୍ଞ, ସୁସାହିତ୍ୟିକ ଓ ସନାତନ ଧର୍ମର ପ୍ରଚାରକ ଭଳି ପ୍ରତିଭାର ଅଧିକାରୀ ହୋଇଥିବାବେଳେ ଏଭଳି ସଫଳ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆଶିବାର ସୁଯୋଗ ଖୁବ କମ୍





ଲୋକଙ୍କୁ ମିଳିଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଗଣଦୌଡ ବିଜେତା ଏବଂ ଦୁଇ ଜଣ ସେନା ନିବୃତ କର୍ମଚାରୀଙ୍କୁ ସ୍ମୃତିଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସ୍ମୃତି ପରିଷଦର ସମ୍ପାଦକ ସଞ୍ଜୟ ପଟ୍ଟନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କୋଷାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରକାଶ ଥାଉକି, ସକାଳ ୭ଟା ସମୟ ରେ କ୍ଲବ ମର୍ଣ୍ଣି ଷ୍ଟାର ପକ୍ଷରୁ ଟାଉନ ହଲ ଠାରୁ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ୟାନ ପର୍ଯ୍ୟନ୍ତ ଏକ ବିରାଟ ଗଣଦୌଡର ଆୟୋଜନ କରାଯାଇଅଛି। ଏଥିରେ ବହୁ ଯୁବ, ଛାତ୍ର, ମହିଳା, କ୍ରୀଡ଼ାବିତ, ସେନା ନିବୃତ କର୍ମଚାରୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କ୍ଲବ ମର୍ଣ୍ଣି ଷ୍ଟାର ର ସମ୍ପାଦକ ଶୁଭେନ୍ଦୁ ସ୍ୱାଇଁ ପରିଚାଳନା କରିଥିଲେ।

**ନିରାକାରପୁର** : ଓଡ଼ିଶା ରାଜନୀତିର ଭୀଷ୍ମ ପିତାମହ, ବିଶିଷ୍ଟ ସାହିତ୍ୟିକ ତଥା ସାମ୍ବାଦିକ ସ୍ୱର୍ଗତ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ମହାପ୍ରୟାଣ ଦିବସ ଆଜି ଖୋର୍ଦ୍ଧା ଜିଲ୍ଲା ଜନ୍ମମାଟି ରାମେଶ୍ୱରସ୍ଥିତ ପ୍ରଭାବତୀ ମଣ୍ଡପଠାରେ ଅତ୍ୟନ୍ତ ଗାମ୍ଭୀର୍ଯ୍ୟପୂର୍ଣ୍ଣ ପରିବେଶରେ ପାଳିତ ହୋଇଯାଇଛି। 'ଜାନକୀବଲ୍ଲଭ ସ୍ମୃତି ସଂସଦ' ଆନୁକୂଲ୍ୟରେ ଆୟୋଜିତ ଏହି ସ୍ମୃତି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଓଡ଼ିଶାର ବିକାଶ ପ୍ରତି ତାଙ୍କର ଅତୁଳନୀୟ ଅବଦାନକୁ ମନେ ପକାଇଥିଲେ। ଜାନକୀ ବଲ୍ଲଭ ସ୍ମୃତି କମିଟି ସମ୍ପାଦକ ତଥା କାର୍ଯ୍ୟକ୍ରମର ଆବାହକ ଇଞ୍ଜିନିୟର ବିଶ୍ୱମୋହନ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସ୍ମୃତି ସଂସଦର ସଭାପତି ତଥା ପୂର୍ବତନ ବିଧାୟକ ଡ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ଏହି ସଭାରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ରାଜ୍ୟ ପାଇକ ଆଖଡ଼ା ମହାସଂଘ ସଭାପତି ଡ. ପ୍ରକାଶ ଶ୍ରୀଚନ୍ଦନ, ଗବେଷକ ତଥା ଐତିହାସିକ ସତ୍ୟବାଦୀ ବଳିଆରସିଂହ, ବିଶିଷ୍ଟ ପ୍ରବକ୍ତା ଡ. ପୂର୍ଣ୍ଣ ଚନ୍ଦ୍ର ଦାଶ, ଜାନକୀ ବଲ୍ଲଭ ଜନ୍ମ ଶତବାର୍ଷିକୀ ରାଜ୍ୟ ସମ୍ପାଦକ ଡ. ସଞ୍ଜୟ କୁମାର ପଟ୍ଟନାୟକ, ଖୋର୍ଦ୍ଧା ବ୍ଲକ ଉପାଧ୍ୟକ୍ଷ ପ୍ରକାଶ କୁମାର ସାମନ୍ତରାୟ, ବରିଷ୍ଠ ରାଜନେତା ବିପିନ କୁମାର ଜୟସିଂହ, ସରପଞ୍ଚ ପ୍ରତିନିଧି ରଞ୍ଜିତ କୁମାର ଜଗଦେବ, ସମିତି ସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ ଏବଂ ସ୍ଥାନୀୟ ସାହିତ୍ୟ ଘର ସଭାପତି ଦିବ୍ୟସିଂହ ତ୍ରିପାଠୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ।

**ବେଗୁନିଆ:** ବେଗୁନିଆ ସଦର ମହକୁମାରେ ପ୍ରବାଦ ପୁରୁଷ, ପୂର୍ବତନ ଆସାମ ରାଜ୍ୟପାଳ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଏକାଦଶତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ଏଥିରେ ସରପଞ୍ଚ ହାଡୁବନ୍ଧୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡା, ରବୀନ୍ଦ୍ର ନାଥ ପାଣିଗ୍ରାହୀ, ସଂଖ୍ୟାଲଘୁ ସମ୍ପ୍ରଦାୟର ରାଜ୍ୟ ସାଧାରଣ ସମ୍ପାଦକ ତଥା ବ୍ଲକ କଂଗ୍ରେସ କମିଟି ସଭାପତି ମହମ୍ମଦ ମୋହି ଉଦ୍ଦିନ ଅହମ୍ମଦ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ନବ କିଶୋର ସ୍ୱାଇଁ, କାଳନ୍ଦୀ ଚରଣ ମହାପାତ୍ର ଓ ସମାଜସେବୀ ବଂଶୀଧର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତଙ୍କ ବେଗୁନିଆ ଓ ବୋଲଗଡ ପ୍ରତି ଅନନ୍ୟ ଅବଦାନ ସମ୍ପର୍କରେ ସ୍ମୃତିକୁ ସାଉଁଟି ଥିଲେ। ସଭାର ପ୍ରାରମ୍ଭରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।

# ବରଯାତ୍ରୀରେ ଆସି ଗୁଳି ଫୁଟାଇ ଯୁବକ ଫେରାର; ୨ ଅଟକ

ଖୋର୍ଦ୍ଧା,୨୧।୪(ସମିସ): ଆଜି ଅପରାହ୍ନରେ ପଲ୍ଲା ଇସ୍କନ ମନ୍ଦିର ନିକଟରେ ବରଯାତ୍ରୀରେ ଆସିଥିବା ଯୁବକଙ୍କ ମଧ୍ୟରେ ଫାଙ୍କା ଗୁଳିଚାଳନା ହୋଇଛି। ଏଥିରେ କାହାରି କିଛି କ୍ଷତି ହୋଇନଥିବାବେଳେ ସ୍ଥାନୀୟ ଅଂଚଳରେ ଏହାକୁ ନେଇ ଏକ ଆତଙ୍କ ଦେଖାଦେଇଛି। ମୁଖ୍ୟ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଖବର ପାଇ ସ୍ପେଶାଲ ସ୍କ୍ୱାର୍ଡ ୨ଜଣ ଯୁବକଙ୍କୁ ବନ୍ଧୁକ ଓ ଗାଡି ସହ ଘଟଣାସ୍ଥଳରୁ ଧରି ଆଦର୍ଶଥାନା ଜିମା ଦେଇଛି।

ସୂଚନା ଅନୁସାରେ, ଆଜି ଖୋର୍ଦ୍ଧା ଅଂଚଳକୁ ମେଣ୍ଢାଶାଳର କିଛି ଯୁବକ ଏକ ବାହାଘର ବରଯାତ୍ରୀ ଆସିଥିଲେ। ଉକ୍ତ ଯୁବକମାନେ ମଦ୍ୟପାନ କରି ସ୍ଥାନୀୟ ଅଂଚଳର ଅନ୍ୟକିଛି ଯୁବକଙ୍କ ସହିତ ଗଣ୍ଡଗୋଳ କରିଥିଲେ। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଏହି ସମୟରେ ଜଣେ ଯୁବକ ଅଂଟାରେ ରଖିଥିବା ଏକ ବନ୍ଧୁକ କାଢି ଅନ୍ୟଜଣେ ଯୁବକଙ୍କୁ ଗୁଳିମାଡ କରିଥିଲା। ମାତ୍ର ଗୁଳିଟି କାହାରି ଦେହରେ ନବାଜି ତଳେ ବାଜିଥିଲା। ଏହି ସମୟରେ ଘଟଣାସ୍ଥଳରୁ ଏକ ବାଇକ୍ ଯୋଗେ ଦୁଇଜଣ ଯୁବକ ବନ୍ଧୁକ ଧରି ଖସିଯାଉଥିବାବେଳେ ପୁଲିସ ସ୍ପେଶାଲ ସ୍କ୍ୱାର୍ଡ ସେମାନଙ୍କୁ କାବୁ କରିଛି। ସେମାନଙ୍କଠାରୁ ଗୁଳିମାଡ କରାଯାଇଥିବା ବନ୍ଧୁକ ଓ ବାଇକ୍ କୁ ଜବତ କରି ଆଦର୍ଶ ଥାନା ଜିମା ଦେଇଛି। ତେବେ ଘଟଣାସ୍ଥଳରୁ ମାଗାଜିନ ଧରି ମୁଖ୍ୟ ଅଭିଯୁକ୍ତ ଫେରାର ହୋଇଥିବା ଜଣାଯାଇଛି। ରିପୋର୍ଟ ଲେଖାହେବା ଯାଏଁ ଥାନାରେ ମାମଲା ରୁଜୁ ହୋଇନି। ଘଟଣାର ତଦନ୍ତ ଜାରୀ ରହିଥିବାବେଳେ ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଏ ସମ୍ପର୍କରେ ପୁଲିସ ମୁହଁ ଖୋଲୁନି।

# ଲକ୍ଷ୍ମୀନାରାୟଣ କିଷାନ ବିକାଶ ସଂଘ ପକ୍ଷରୁ ଅକ୍ଷିମୁଠି ଅନୁକୂଳ

ଖୋର୍ଦ୍ଧା,୨୧।୪(ସମିସ): ଲକ୍ଷ୍ମୀନାରାୟଣ କିଷାନ ବିକାଶ ସଙ୍ଘ ପକ୍ଷରୁ ଅକ୍ଷିମୁଠି ଅନୁକୂଳ କରାଯାଇଛି। ଏହି କାର୍ଯ୍ୟକ୍ରମ ବ୍ରହ୍ମପୁରାପାଟଣା ପରିଚ୍ଛଳ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଉପଲକ୍ଷେ ସଙ୍ଘର କୃଷକ ଭାଇ ମାନଙ୍କ ଦ୍ୱାରା କରାଯାଇଛି।ବରିଷ୍ଠ ନାଗରିକ ତଥା ଚାଷୀ ଓ ସଂଘର ପରାମର୍ଶ ଦାତା ଭରତ ସାହୁ ଏହି ଅକ୍ଷିମୁଠି ଅନୁକୂଳ କରିଥିଲେ। କାର୍ଯ୍ୟ କ୍ରମରେ ସଙ୍ଘର ଉପ ସଭାପତି ଲକ୍ଷ୍ମୀପ୍ରିୟା ସାହୁ, ସମ୍ପାଦକ ଜୟନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ନୃସିଂହ ଚରଣ ସାହୁ, ଜଲୀ ସାହୁ, ମନୋରମା ସାହୁ, ସୁଲୋଚନା ସେଠୀ, ସବିତା ଛୁଆଳସିଂ, ପୂର୍ଣ୍ଣ ସାହୁ, ସନ୍ତୋଷ କୁମାର ସାହୁ, କବିରାଜ ସାହୁ, ବିଜୟ ସାହୁ, ଅକ୍ଷୟ ସାହୁ, ଦେବପ୍ରସାଦ ମହାପାତ୍ର, ରମା ମଣି ସେଠୀ, ମାନସ ସାହୁ,ସଦସ୍ୟ, ସଦସ୍ୟା ମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।





ଲୁଟ୍ ଉଦ୍ଦେଶ୍ୟରେ ଗୁଳିମାଡ଼ ଘଟଣା

## ୬ ଅଭିଯୁକ୍ତ ଗିରଫ; ବନ୍ଧୁକ ଜବତ

ପୁରୀ,୨୧।୪(ସମିସ): କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦ କରଣ ସାହି ଛକ ନିକଟରେ ଗତ ୨ ତାରିଖ ରାତିରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ମୁଖ୍ୟ ଅଭିଯୁକ୍ତ ସହ ୬ ଜଣଙ୍କୁ ଗିରଫ କରିଛି କୃଷ୍ଣପ୍ରସାଦ ଥାନା ପୁଲିସ। ଅଭିଯୁକ୍ତମାନେ ହେଲେ କୃଷ୍ଣପ୍ରସାଦ ସାମନ୍ତ ଗୋପବନ୍ଧୁ ରଣସିଂହ ଓରଫ ବାପି, ଗଞ୍ଜାମର ଅସୀତ୍ ପ୍ରଧାନ, ବିଦ୍ୟାଧର ଜେନା ଓ ଜ୍ୟୋତିକୃଷ୍ଣ ପଟ୍ଟନାୟକ ଓରଫ ଶିବା, ମାଲୁଦର ବିବେକାନନ୍ଦ ବିଶୋଇ ଓରଫ ବିବେକ, କୁମାର ପ୍ରଧାନ ଓରଫ କୁଲୁ। ମଙ୍ଗଳବାର ଜିଲ୍ଲା ପୁଲିସ ମୁଖ୍ୟାଳୟ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ଅଭିଯୁକ୍ତମାନଙ୍କଠାରୁ ଗୁଳିକାଣ୍ଡରେ ବ୍ୟବହୃତ ପିସ୍ତଲ ଜବତ କରାଯାଇଛି। ମାଲୁଦ ବଜାରରେ ଗହଣା ଦୋକାନ ଚଳାଉଥିବା ଅଭିଯୋଗକାରୀଙ୍କ ସହ ଥିବା ପୂର୍ବ ଶତ୍ରୁତା ଓ ଟଙ୍କା ଲୁଟିବା ଉଦ୍ଦେଶ୍ୟରେ ଅଭିଯୁକ୍ତମାନେ ଷଡ଼ଯନ୍ତ୍ର ରଚିଥିଲେ। ଅଭିଯୁକ୍ତ ବାପି ତାଙ୍କ ସହଯୋଗୀ ବିଦ୍ୟାଧର ଜେନା ଓ ଅସୀତ୍‌ଙ୍କ ମାଧ୍ୟମରେ ଗଞ୍ଜାମ ସୂର୍ଯ୍ୟନାରାୟଣପୁରର ମିଟୁ ପ୍ରଧାନଙ୍କଠାରୁ ଅବୈଧ ଅସ୍ତ୍ର ସଂଗ୍ରହ କରିଥିଲେ। ଗତ ମାର୍ଚ୍ଚ ୨ ତାରିଖ ରାତି ପ୍ରାୟ ୯ଟା ୫ରେ ସମ୍ପୃକ୍ତ ବ୍ୟବସାୟୀ ଦୋକାନ ବନ୍ଦ କରି ସ୍କୁଟିରେ ଡ୍ରାଇଭର ସହ ଘରକୁ ଫେରୁଥିଲେ। କରଣସାହି ଛକ ନିକଟରେ ଅଭିଯୁକ୍ତ ଶିବା ତାଙ୍କୁ ଅଟକାଇଥିଲେ। ସେହି ସମୟରେ କୁଲୁ ଏକ ମୋଟରସାଇକଲ ଧରି ନିକଟରେ ପ୍ରସ୍ତୁତ ଥିଲେ ଏବଂ ଅନ୍ୟ ଅଭିଯୁକ୍ତମାନେ ଦୂରରେ ରହି ନଜର ରଖିଥିଲେ। ଶିବା ବନ୍ଧୁକ ଦେଖାଇ ଭୟଭୀତ କରିବା ସମୟରେ ଡ୍ରାଇଭର ପ୍ରତିବାଦ କରିଥିଲେ। ଶିବା ୨ ରାଉଣ୍ଡ ଗୁଳି କରିଥିଲେ, ଏଥିରେ ଡ୍ରାଇଭର ଆହତ ହୋଇଥିଲେ। ଏହି ଆକ୍ରମଣରେ ବ୍ୟବସାୟୀ ଓ ଡ୍ରାଇଭର ସ୍କୁଟିରୁ ପଡ଼ିଯାଇ ସହାୟତା ପାଇଁ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକେ ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଲୁଟ୍ କରିବା ପୂର୍ବରୁ ସ୍ଥାନ ଛାଡ଼ି ପଳାଇ ଯାଇଥିଲେ। କୃଷ୍ଣପ୍ରସାଦ ପୁଲିସ ତଦନ୍ତ କରି ମୁଖ୍ୟ ଅଭିଯୁକ୍ତ ଶିବାଙ୍କଠାରୁ ବନ୍ଧୁକ ଜବତ କରିଛି। ସମସ୍ତ ୬ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

ବାଚସ୍ପତି କମିଟି ସମ୍ମିଳନୀ

# ‘ଦଳବଦଳ ଆଇନ ଉପରେ ତର୍ଜମା ଜରୁରୀ’

ପୁରୀ,୨୧।୪(ସମିସ): ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ସ୍ଥାନୀୟ ଏକ ହୋଟେଲରେ ମଙ୍ଗଳବାର ‘ବାଚସ୍ପତି କମିଟି ସମ୍ମିଳନୀ’ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରୱେକରଙ୍କ ଅଧ୍ୟକ୍ଷତାରେ ଏବଂ ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍, ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର ଯୋଗଦେଇଥିଲେ। ଏହି ଅବସରରେ ଅଧ୍ୟକ୍ଷତା କରି ବାଚସ୍ପତି ଶ୍ରୀ ନରୱେକର ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବେ ବ୍ୟାଖ୍ୟା କରିବା ସହ ଏହାର ପ୍ରଭାବ ଓ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ।

ଏହି ଅବସରରେ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଥିଲେ ଯେ, ଦଳବଦଳ ଆଇନ ଉପରେ ତର୍ଜମା ହେବା ଜରୁରୀ। ସମ୍ବିଧାନ ବିଶେଷଜ୍ଞ ତଥା ଆଇନର ବିଷାରଦମାନଙ୍କୁ ନେଇ କମିଟି ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ ସୁଚିନ୍ତିତ ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରାଯିବା ଦରକାର। ଆଗାମୀ ଦିନରେ ଏହାକୁ କିପରି ଗଣତାନ୍ତ୍ରିକ ପରମ୍ପରାରେ ସୁରକ୍ଷିତ ରଖାଯାଇପାରିବ ଏ ଦିଗରେ ଯତ୍ନବାନ ହେବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ସମ୍ବିଧାନ ବିଶେଷଜ୍ଞ ତଥା ମହାରାଷ୍ଟ୍ରର ପୂର୍ବତନ ମହାଧିବକ୍ତା ଶ୍ରୀହରି ଜୀ ଆନେ ଏବଂ ଓଡ଼ିଶାର ମହାଧିବକ୍ତା ପୀତାମ୍ବର ଆଚାର୍ଯ୍ୟ ସମ୍ବିଧାନର ୧୦ମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିୟମକୁ କିପରି କଠୋର ଭାବରେ ଲାଗୁ କରାଯାଇପାରିବ ଏବଂ ଏହାର ଭବିଷ୍ୟତର ରୂପରେଖ କିଭଳି ଭାବରେ ଜନସାଧାରଣଙ୍କ ଆସ୍ଥା ଓ ଜନପ୍ରତିନିଧିଙ୍କ ଭୂମିକାକୁ ନିଶ୍ଚିତ କରିବ ସେ ସମ୍ପର୍କରେ ଆଇନଗତ ତର୍ଜମା କରିଥିଲେ। ଏହି ସମ୍ମିଳନୀରେ ବିଭିନ୍ନ ବିଧାନସଭାର ସଚିବଙ୍କ ସହ ଲୋକସଭା ସଚିବାଳୟର ନିର୍ଦ୍ଦେଶକ ଅଜୟ ସୁଦ୍, ନିର୍ଦ୍ଦେଶକ(କନ୍‌ଫରେନ୍ସ ଓ ପ୍ରୋଟୋକଲ ଶାଖା) ୟୁମନାମ୍ ଅରୁଣ କୁମାର ଯୋଗଦେଇଥିବା ବେଳେ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ସ୍ୱାଗତ ଭାଷଣ ଦେଇଥିଲେ।





ବାଚସ୍ପତିଙ୍କ ଭୂମିକା ଉପରେ ବିଚାରବିମର୍ଷ

### ସଭ୍ୟ ପଦ ରଦ୍ଦ ପ୍ରଶ୍ନରେ କମିଟି ନିରବ

ବୈଠକ ପରେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ କମିଟି ଅଧ୍ୟକ୍ଷ ତଥା ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ରାହୁଲ ସୁରେଶ ନରୱେକର, ଓଡ଼ିଶାର ବାଚସ୍ପତି ସୁରମା ପାଢ଼ୀ, କର୍ଣ୍ଣାଟକର ବାଚସ୍ପତି ୟୁ.ଟି. ଖାଦିର ଫରିଦ୍, ନାଗାଲାଣ୍ଡର ବାଚସ୍ପତି ସାରିଙ୍ଗେନ୍ ଲଙ୍ଗକୁମେର୍ ଗଣମାଧ୍ୟମକୁ ସମ୍ବୋଧିତ କରିଥିଲେ। ସେମାନେ କହିଥିଲେ ଯେ, ସମ୍ବିଧାନର ୧୦ମ ଅନୁଚ୍ଛେଦକୁ ଆହୁରି ପ୍ରଭାବଶାଳୀ କରିବାକୁ ପଡ଼ିବ। କମିଟିର ପ୍ରଥମ ବୈଠକ ମହାରାଷ୍ଟ୍ରଠାରେ ଅନୁଷ୍ଠିତ ହୋଇଥିବାବେଳେ ପରବର୍ତ୍ତୀ ସମ୍ମିଳନୀ କର୍ଣ୍ଣାଟକଠାରେ ଆୟୋଜିତ ହେବ। ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀରେ ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ତେବେ ଦଳବଦଳକୁ କିପରି ରୋକାଯାଇପାରିବ ଏଥିପାଇଁ କିଭଳି ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ସବିଶେଷ ଆଲୋଚନା ହେବ। ୧୯୮୫ ମସିହାରେ ଏହି ଦଳବଦଳ ନିରୋଧ ଆଇନ ଲାଗୁ କରାଯାଇଥିବା ବେଳେ ପରବର୍ତ୍ତି ସମୟରେ ଏଥିରେ ବ୍ୟାପକ ସଂଶୋଧନ କରାଯାଇଛି। ଏହାଦ୍ୱାରା ଜନ ପ୍ରତିନିଧିମାନେ ଜନସାଧାରଣଙ୍କ ଆସ୍ଥା ଭାଜନ ହେବା ସହିତ ସଂସଦୀୟ ପରମ୍ପରା ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ବଜାୟ ରହିପାରିବ।

ଅନ୍ୟପକ୍ଷରେ ଗଣମାଧ୍ୟମ ପ୍ରତିନିଧି ଏହି ଆଇନର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ କରିଥିଲେ। ଏହାକୁ ନିଷ୍ପ୍ରଭ କରିବା ଲାଗି ସବୁ ରାଜନୈତିକ ଦଳ ବାଚସ୍ପତିଙ୍କୁ ହିଁ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ତାତ୍ତ୍ୱିକ ଦୃଷ୍ଟିରୁ ଜଣେ ବିଧାୟକ ବା ସାଂସଦ, ବାଚସ୍ପତି (ଗୃହର ଅଧ୍ୟକ୍ଷ) ଭାବେ ନିର୍ବାଚିତ ହେବା ପରେ ସେ ନିରପେକ୍ଷ ହେବା କଥା। ମାତ୍ର ବାସ୍ତବରେ ସେ ପକ୍ଷପାତିତା କରୁଛନ୍ତି। ସେ ଯେଉଁ ଦଳରୁ ଆସୁଛନ୍ତି, ତାହାର ଶୀର୍ଷ ନେତୃତ୍ୱଙ୍କ ଆଦେଶ ପାଳନ କରୁଛନ୍ତି। ଫଳରେ ଦଳବଦଳ ଘଟଣା ବଢ଼ିଚାଲିଛି। ସେମାନଙ୍କ ସଭ୍ୟ ପଦ ଲାଗି ବାଚସ୍ପତିଙ୍କ ନିକଟରେ ଆବେଦନ କରାଯାଉଛି। କିନ୍ତୁ କୌଣସି ଫଳାଫଳ ଆସୁନାହିଁ। କମିଟି ଏ ଦିଗରେ କାହିଁକି ସକ୍ରିୟତା ପ୍ରକାଶ କରୁନାହିଁ ବୋଲି ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ନିରବ ରହିଥିଲେ କମିଟି ଅଧ୍ୟକ୍ଷ ଓ ସଦସ୍ୟ। ସେମାନେ କମିଟିର କ୍ଷମତାକୁ ଆହୁରି ସୁଦୃଢ଼ ଏବଂ ଶକ୍ତିଶାଳୀ କରାଯାଉଛି ବୋଲି କହି ପ୍ରସଙ୍ଗକୁ ଏକପ୍ରକାର ଏଡ଼ାଇ ଦେଇଥିଲେ।

ଶ୍ରୀସଦାଶିବ ପରିସରରେ ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ

## ଭାରତୀୟ ସଂସ୍କୃତିର ମହାସେତୁ ଶଙ୍କରାଚାର୍ଯ୍ୟ



ପୁରୀ,୨୧।୪(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିସରର ନିର୍ଦ୍ଦେଶକ ପ୍ରଫେସର ବୋଧ କୁମାର ଝାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବେଦାନ୍ତ ଦର୍ଶନର ଗୁଢ଼ତତ୍ତ୍ୱ ଉପରେ ଆଲୋକପାତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ପରିସରର ପ୍ରାକ୍ତନ ଅଧ୍ୟକ୍ଷ ତଥା ବିଶିଷ୍ଟ ବେଦାନ୍ତଶାସ୍ତ୍ର ବିଶାରଦ ପ୍ରଫେସର ଜି. ଗଙ୍ଗାନ୍ନା ଯୋଗଦେଇ ଶଙ୍କରଙ୍କ ଅଦ୍ୱୈତ ଦର୍ଶନର ସାରକଥା ବୁଝାଇଥିଲେ। ସେ କହିଥିଲେ ଯେ, ଶଙ୍କରାଚାର୍ଯ୍ୟଙ୍କ ମତରେ “ବ୍ରହ୍ମ ସତ୍ୟ ଜଗଦ ମିଥ୍ୟା’ ଅର୍ଥାତ୍ ଏହି ପରିବର୍ତ୍ତନଶୀଳ ସଂସାର ଅନିତ୍ୟ, କେବଳ ସେହି ପରମ ବ୍ରହ୍ମ ହିଁ ଏକମାତ୍ର ସତ୍ୟ। ଚାରି ବେଦର ଚାରି ମହାବାକ୍ୟ ଯଥା ‘ପ୍ରଜ୍ଞାନଂ ବ୍ରହ୍ମ’, ‘ଅହଂ ବ୍ରହ୍ମାସ୍ମି’, ‘ତତ୍ତ୍ୱମସି’ ଏବଂ ‘ଅୟମାତ୍ମା ବ୍ରହ୍ମ’ ମାଧ୍ୟମରେ ସେ ଜୀବ ଓ ବ୍ରହ୍ମର ଅଭେଦତାକୁ ପ୍ରତିପାଦିତ କରିଛନ୍ତି। ପରିସରର ନିର୍ଦ୍ଦେଶକ ପ୍ରଫେସର ଝା ଶଙ୍କରାଚାର୍ଯ୍ୟଙ୍କୁ ଭାରତୀୟ ସଂସ୍କୃତିର ମହାସେତୁ ଭାବେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, “ଆଦି ଶଙ୍କରାଚାର୍ଯ୍ୟ କେବଳ ଜଣେ ଦାର୍ଶନିକ ନ ଥିଲେ ବରଂ ସେ ଥିଲେ ଭାରତର ସାଂସ୍କୃତିକ ଓ ଭୌଗୋଳିକ ଏକତାର ପ୍ରଧାନ ସୂତ୍ରଧର। ଯେଉଁ ସମୟରେ ବିଭିନ୍ନ ମତବାଦ ମଧ୍ୟରେ ସଂଘର୍ଷ ଚାଲିଥିଲା ସେତେବେଳେ ସେ ବେଦାନ୍ତ ମାଧ୍ୟମରେ ସମନ୍ୱୟ ପ୍ରତିଷ୍ଠା କରିଥିଲେ। ଆଜିର ଯୁବ ସମାଜ ଶଙ୍କରଙ୍କ ପରି ଜ୍ଞାନର ସନ୍ଧାନ କରିବା ସହ ନିଜର ମୌଳିକ ସଂସ୍କୃତିକୁ ବଞ୍ଚାଇ ରଖିବା ଆବଶ୍ୟକ। ଶାସ୍ତ୍ର ଚର୍ଚ୍ଚା ସହ ବ୍ୟକ୍ତିଗତ ଜୀବନରେ ଶୃଙ୍ଖଳା ଓ ବିଚାରଶୀଳତା ଆଣିବା ହିଁ ଜଗଦ୍‌ଗୁରୁଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ସହଯୋଗୀ ନିର୍ଦ୍ଦେଶକ ପ୍ରଫେସର ବିଜୟପାଲ କଚ୍ଛୱା ଏବଂ ପ୍ରଫେସର ମଖଲେଶ କୁମାର ଉପାଧ୍ୟାୟ ଛାତ୍ରଛାତ୍ରୀମାନଙ୍କୁ ଶାସ୍ତ୍ରୀୟ ମର୍ଯ୍ୟାଦା ରକ୍ଷା କରି ଜ୍ଞାନର ସନ୍ଧାନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ବେଦାନ୍ତ ବିଭାଗର ମୁଖ୍ୟ ପ୍ରଫେସର ଶମ୍ଭୁନାଥ ମହାଳିକ ସ୍ୱାଗତ ଭାଷଣ ଦେଇଥିଲେ। ଦର୍ଶନ ବିଭାଗର ଅଧ୍ୟାପକ ଡ. ନନ୍ଦିଘୋଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପକ ଡ. ଅଜୟ ଗନ୍ଧା ଅତ୍ୟନ୍ତ ମଞ୍ଚ ସଞ୍ଚାଳନ କରିଥିଲେ। ଏହି ସମାରୋହରେ ବିଭିନ୍ନ ବିଭାଗର ଆଚାର୍ଯ୍ୟ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଆଦି ଶଙ୍କରାଚାର୍ଯ୍ୟଙ୍କ ୨୫୩୩ତମ ଜୟନ୍ତୀ

ପୁରୀ,୨୧।୪(ସମିସ): ଗୋବର୍ଦ୍ଧନ ପୀଠରେ ସନାତନ ହିନ୍ଦୁ ଧର୍ମର ରକ୍ଷକ ଭଗବତ୍‌ପାଦ ଆଦିଶଙ୍କରାଚାର୍ଯ୍ୟଙ୍କ ୨୫୩୩ତମ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ସୋମବାର ଅଧିବାସ ଓ ଜଳଯାତ୍ରା କରାଯାଇଥିଲା। ମଙ୍ଗଳବାର ସକାଳେ ବରୁଣପୂଜା, ସଂକଳ୍ପ, ମାତୃପୂଜା, ଗ୍ରହପୂଜନ, ସାହି, ମୋଚିସାହି ଛକ, ରାମଚଣ୍ଡୀ ସାହି, ମରଚିକୋଟ ଗଳି, ବଡ଼ଦାଣ୍ଡ, ରାଜା ନଅର, ଦୋଳବେଦୀ, ଲକ୍ଷ୍ମୀମାର୍କେଟ, ମଣିକର୍ଣ୍ଣିକା ସାହି, ହରଚଣ୍ଡୀ ସାହି, ଗୌଡ଼ବାଡ଼ ସାହି, କାମାକ୍ଷା ମନ୍ଦିର ଦେଇ ଗୋବର୍ଦ୍ଧନ ମଠକୁ ପ୍ରତ୍ୟାବର୍ତ୍ତନ କରିଥିଲା। ନଗର ବିଜେବେଳେ ଚଉଦୋଳରେ



ଯଜ୍ଞ, ଆଦିଶଙ୍କରଙ୍କ ମହାଭିଷେକ, ବେଶ, ଭୋଗ, ପୂର୍ଣ୍ଣାହୁତି, ଦିଆଯାଇଥିଲା। ଅପରାହ୍ଣରେ ଆଦିଶଙ୍କରାଚାର୍ଯ୍ୟଙ୍କ ଚଳନ୍ତି ପ୍ରତିମା ନଗର ପରିକ୍ରମା କରିଥିଲେ। ଏହି ଭବ୍ୟ ଶୋଭାଯାତ୍ରା ଗୋବର୍ଦ୍ଧନ ମଠରୁ ବାହାରି ସିଂହଦ୍ୱାର, ଦୋଳମଣ୍ଡପ ବିଜେ ଆଦିଶଙ୍କରଙ୍କ ପ୍ରତିମାଙ୍କ ନିକଟରେ ବିଭିନ୍ନ ସ୍ଥାନରେ ଫଳ୍କି ଭୋଗ ଲାଗିଥିଲା। ସାଧୁସନ୍ଥ, ମଠାଧୀଶ, ଭକ୍ତ, ବେଦପାଠୀଙ୍କ ସହିତ ପୁରୀବାସୀ, ଷୋଳଶାସନ ପଣ୍ଡିତ ବ୍ରାହ୍ମଣ, ଜାଗା-ଆଖଡ଼ାର ମାନ୍ୟଗଣ୍ୟ ମହାନୁଭବ ପ୍ରମୁଖ ସାମିଲ୍ ହୋଇଥିଲେ।

### ‘ମହାପ୍ରଭୁଙ୍କ ଅନନ୍ୟ ରଥଯାତ୍ରା’ ଲୋକାର୍ପିତ

ପୁରୀ,୨୧।୪(ସମିସ): ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନ ପକ୍ଷରୁ ଅକ୍ଷୟ ତୃତୀୟା ମହୋତ୍ସବରେ ବରିଷ୍ଠ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଭାସ୍କର ମିଶ୍ରଙ୍କ ରଚିତ ୯୭ତମ ଗ୍ରନ୍ଥ ‘ମହାପ୍ରଭୁଙ୍କ ଅନନ୍ୟ ରଥଯାତ୍ରା’ ଲୋକାର୍ପିତ ହୋଇଯାଇଛି। ପ୍ରାକ୍ତନ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଚିକିତ୍ସକ ଡା. ଅଶୋକ କୁମାର ମହାପାତ୍ର, ସଂସ୍କୃତିବିତ୍ ମନୋଜ କୁମାର ମହାପାତ୍ର, ସଙ୍ଗୀତ ଗୁରୁ ସଙ୍ଗୀତା ଗୋସାଇଁ, ସାହିତ୍ୟିକ ଡ. ପୀତବାସ ରାଉତରାୟ, ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ଅତିଥିଙ୍କ ଦ୍ୱାରା ଶ୍ରୀଜଗନ୍ନାଥ ଚେତନା ଭିତ୍ତିକ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ଅନାଲୋଚିତ ତଥ୍ୟକୁ ନେଇ ଉକ୍ତ ଗ୍ରନ୍ଥ ଉନ୍ମୋଚନ ହୋଇଛି। ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ଗ୍ରନ୍ଥରେ ଅଭିମତ ରଖିଛନ୍ତି। ଏହି ଗ୍ରନ୍ଥ ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦର ସଭାପତି ପ୍ରଫେସର ଗୋପାଳକୃଷ୍ଣ ଦାଶ ଏବଂ ସମ୍ପାଦକ ଗବେଷକ ଡ. ଶ୍ରୀନିବାସ ଆଚାର୍ଯ୍ୟଙ୍କୁ ଉତ୍ସର୍ଗ କରାଯାଇଛି। ଶ୍ରୀପୁରୁଷୋତ୍ତମ



ସଦ୍‌ଗ୍ରନ୍ଥାଳୟ, ଶ୍ରୀଧାମ ଦ୍ୱାରା ଏହି ପୁସ୍ତକ ପ୍ରକାଶ ପାଇଛି। ଗ୍ରନ୍ଥରେ ଶ୍ରୀଗୁଣ୍ଡିଚା ଯାତ୍ରାର ତିଥି ନିର୍ଣ୍ଣୟ, ତିନି ରଥ, ଗୁଣ୍ଡିଚା ଯାତ୍ରାର ମଙ୍ଗଳାର୍ପଣ, ରଥ ପ୍ରତିଷ୍ଠା, ବିବିଧ ଭୋଗ, ଶ୍ରୀକ୍ଷେତ୍ର ବାହାରେ ମହାପ୍ରଭୁଙ୍କ ରଥଯାତ୍ରା, ନୀଳାଦ୍ରି ନାଥଙ୍କ ନୀଳାଦ୍ରି ବିଜେ, ଅଣସର ପରମ୍ପରା ଏବଂ କୋଭିଡ୍ ସମୟରେ ୨୦୨୦ ରଥଯାତ୍ରା ସମ୍ପର୍କିତ ସବିଶେଷ ବିବରଣୀ ସ୍ଥାନ ପାଇଛି।

■ ସିଂହଦ୍ୱାର ଗୁମୁଟରେ ‘ଦଶାବତାର ମୂର୍ତ୍ତି’ ପୁନଃ ସଂସ୍ଥାପନ ପ୍ରସ୍ତାବ

## ଜଗଦ୍‌ଗୁରୁଙ୍କ ମାର୍ଗଦର୍ଶନ ଲୋଡ଼ିଲା ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୨୧।୪(ସମିସ): ଶ୍ରୀମନ୍ଦିର ସିଂହଦ୍ୱାର ଗୁମୁଟରୁ ଅପସାରଣ କରାଯାଇଥିବା ଦଶାବତାର ମୂର୍ତ୍ତି ପୁନଃ ଅବସ୍ଥାପନ କରାଯିବା ପ୍ରସ୍ତାବ ଉପରେ ମୁକ୍ତି ମଣ୍ଡପ ସ୍ଥାୟୀ ସଭାପତି ପରମପୂଜ୍ୟ ଶ୍ରୀମଦ୍ ଜଗଦ୍‌ଗୁରୁଙ୍କ ମାର୍ଗଦର୍ଶନ ଲୋଡ଼ିଛନ୍ତି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ୨୦୧୨ରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ଙ୍କ ଦ୍ୱାରା ସିଂହଦ୍ୱାର ଗୁମୁଟ ଓ ପାର୍ଶ୍ୱବର୍ତ୍ତୀ ପୁରାତନ ନିର୍ମାଣ କାର୍ଯ୍ୟର ମରାମତି ଓ ସଂରକ୍ଷଣ କରାଯାଇଥିଲା। ଏହି କାମ ସମୟରେ ସିଂହଦ୍ୱାର ଗୁମୁଟରେ ସଂସ୍ଥାପିତ ହୋଇଥିବା ଦଶାବତାର ମୂର୍ତ୍ତି ଅପସାରଣ କରାଯାଇ ସେହି ସ୍ଥାନରେ ନୂତନ ପ୍ରସ୍ତର ବିମ୍ ସ୍ଥାପନ କରାଯାଇଛି। ପୂର୍ବରୁ ଦଶାବତାର ମୂର୍ତ୍ତି ଚୂନ ପ୍ରଲେପରେ ତିଆରି ହୋଇଥିଲା। ଦଶାବତାର ମୂର୍ତ୍ତି ନବମ ଅବତାର ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିଙ୍କ ଅବସ୍ଥିତି ରହିଥିଲା, ଯାହାକି ସେତେବେଳେ ମତଭେଦ ସୃଷ୍ଟି କରିଥିଲା। ତେବେ ଦଶାବତାର ମୂର୍ତ୍ତି ପୁନଃ ଅବସ୍ଥାପନ ନିମନ୍ତେ ଗତ ଜାନୁଆରୀ ୧୭ରେ ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟିରେ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ଶ୍ରୀମଦ୍ ଜଗଦ୍‌ଗୁରୁଙ୍କ ମାର୍ଗଦର୍ଶନ ଲୋଡ଼ିବାକୁ ପରିଚାଳନା କମିଟି ନିଷ୍ପତ୍ତି ନେଇଥିଲା। ପରମ୍ପରାନୁଯାୟୀ ଶ୍ରୀମନ୍ଦିର ଧାର୍ମିକ ପ୍ରସଙ୍ଗ ଉପରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସ୍ଥାୟୀ ଅଧ୍ୟକ୍ଷ ଶ୍ରୀମଦ୍ ଜଗଦ୍‌ଗୁରୁଙ୍କ ମାର୍ଗଦର୍ଶନ ପାଇଁ ସବିନୟ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ।



● ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ସୁବିଧା ଦାବି

### ୨୧ ଦିନରେ ସଚେତନତା ପଦଯାତ୍ରା

ପୁରୀ ସହର ଓ ସଦରବାସୀଙ୍କୁ ଶ୍ରୀମନ୍ଦିର ପ୍ରବେଶ ଓ ଦର୍ଶନ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା ଦାବିରେ ଏପ୍ରିଲ୍ ପହିଲାରୁ ଆରମ୍ଭ କରାଯାଇଥିବା ସଚେତନତା ପଦଯାତ୍ରା ମଙ୍ଗଳବାର ୨୧ ଦିନରେ ପହଞ୍ଚିଛି।

‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ’ ସମାରୋହ

# ଜୀବନ ସାଥୀ ହେଲେ ୬୭ ବର-କନ୍ୟା



ପୁରୀ,୨୧।୪(ସମିସ): ପୁରୀ ଜିଲ୍ଲାସ୍ତରୀୟ ‘ମୁଖ୍ୟମନ୍ତ୍ରୀ କନ୍ୟା ବିବାହ’ ସମାରୋହ ବଗଲା ଧର୍ମଶାଳା ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୭ ବର-କନ୍ୟା ପରସ୍ପରର ଜୀବନସାଥୀ ହୋଇଛନ୍ତି। ଏହି ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଭିଡିଓ ବାର୍ତ୍ତା ମାଧ୍ୟମରେ ଯୋଗଦେଇ ସାଂସଦ ଡ. ସମ୍ବିତ୍ ପାତ୍ର ଏହା ଏକ ଐତିହାସିକ ଯୋଜନା। ଅନେକ ଗରିବ ଓ ଅସହାୟ ପରିବାରରେ କନ୍ୟା ବିବାହ ଏକ କଷ୍ଟଦାୟକ ବ୍ୟାପାର ହୋଇଥାଏ। ଆର୍ଥିକ ଦୃଷ୍ଟିକୋଣରୁ ଅନେକ କନ୍ୟା ବିବାହରୁ ବଞ୍ଚିତ ହୋଇଥା’ନ୍ତି। କିନ୍ତୁ ସରକାରଙ୍କ ଏହି ଯୋଜନା ସେମାନଙ୍କ ପାଇଁ ବରଦାନ ସଦୃଶ୍ୟ ହୋଇଛି ବୋଲି କହିବା ସହ ସମସ୍ତ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ୍ ପଟ୍ଟନାୟକ ଓ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଏହି ଯୋଜନା ମାଧ୍ୟମରେ ଆର୍ଥିକ ଦୁର୍ବଳ, ଗରିବ ଓ ଅସହାୟ ପରିବାର କେବଳ ଉପକୃତ ହେବେ ନାହିଁ ବରଂ ଏକ ନୂଆ ପରିବାର ଘର ଓ ପରିବାର ବସାଇବାର ସ୍ୱପ୍ନକୁ ସାକାର କରିପାରିବେ। ବିବାହ ସ୍ୱର୍ଗରୁ ସ୍ଥିର ହୋଇଥାଏ ବୋଲି ପ୍ରବାଦ ରହିଛି। ତାହାକୁ ସାମୂହିକ ବିବାହ ମାଧ୍ୟମରେ ଆୟୋଜନ କରିବାର ପରିକଳ୍ପନା ବହୁତ ସୁନ୍ଦର ଓ ହୃଦୟସ୍ପର୍ଶୀ ବୋଲି କହିଥିଲେ। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଅତିଥିମାନେ ବିବାହ ମଣ୍ଡପର ସମସ୍ତ ନବ ଦମ୍ପତିଙ୍କୁ ପୁଷ୍ପ, ଅକ୍ଷତ ଇତ୍ୟାଦି ବିଞ୍ଚି ଆଶୀର୍ବାଦ ପ୍ରଦାନ କରିଥିଲେ। ଆଇନ ଅନୁସାରେ ବିବାହ କରିବାକୁ ସହାୟତା, ଅର୍ଥନୈତିକ ଦୁର୍ବଳ ପରିବାରର ଝିଅଙ୍କ ବିବାହ ଖର୍ଚ୍ଚ ହ୍ରାସ, ବାଲ୍ୟ ବିବାହ ଓ ଯୌତୁକ ପ୍ରଥାକୁ ନିରୁତ୍ସାହିତ କରିବା, ବିଧବା ପୁନର୍ବିବାହକୁ ସମର୍ଥନ ଓ ସାମାଜିକ ସୁଧାର କ୍ଷେତ୍ରରେ ସହାୟତା କରିବା ଲକ୍ଷ୍ୟରେ ଏହା ଅଧିକ ଫଳପ୍ରଦ ହୋଇପାରିବ। ଏହି ଅବସରରେ ନବ ଦମ୍ପତିଙ୍କୁ ବିବାହ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା।

ସରକାରଙ୍କ ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ନବଦମ୍ପତିଙ୍କ ପାଇଁ ୬୦ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିରୁ ୪୫ ହଜାର ଟଙ୍କା ଦମ୍ପତିଙ୍କ ଆକାଉଣ୍ଟକୁ ଯିବ। ଅନ୍ୟ ୧୫ ହଜାର ଟଙ୍କାରେ ମଣ୍ଡପଠାରୁ ଆରମ୍ଭ କରି ବିବାହର ସମସ୍ତ ବ୍ୟବସ୍ଥା, ଭୋଜି ଆୟୋଜନ ଇତ୍ୟାଦି ବ୍ୟବସ୍ଥା ସମ୍ପୃକ୍ତ ଏଜେନ୍ସି କରିବେ। ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଅର୍ପଣ କରିଥିଲେ। ପତିତା ଉଦ୍ଧାର ସମିତି ଏହାର ଆୟୋଜନ ଦାୟିତ୍ୱ ନେଇ ସମସ୍ତ କାର୍ଯ୍ୟକୁ ସୁନ୍ଦର ଭାବେ ପରିଚାଳନା କରିଥିଲେ।



## ବାଉଁଶଗଡ଼କୁ ଯାଉନି ମୋ ବସ୍; ଅଭିଯୋଗ ଶୁଣୁନାହାନ୍ତି

**● ବସଷ୍ଟାଣ୍ଡ ଜରାଜୀର୍ଣ୍ଣ**



ଆନନ୍ଦପୁର, ୨୧।୪ (ସମିସ): ବାଉଁଶଗଡ଼ରେ ମୋ ବସ ସେବାର ସୁଫଳ ଲୋକ ପାଇପାରୁ ନଥିବା ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ଲକ୍ ଅଧୀନସ୍ଥ ବାଉଁଶଗଡ଼ ପଞ୍ଚାୟତରେ ବସଷ୍ଟାଣ୍ଡ ଜରାଜୀର୍ଣ୍ଣ ହୋଇପଡ଼ିରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ନିର୍ମିତ ହୋଇଥିବା ଏହି ଲକ୍ଷ୍ମୀ ବସ୍ ଷ୍ଟାଣ୍ଡକୁ ଆସୁନାହିଁ। ବସ ଷ୍ଟାଣ୍ଡ ନିର୍ମାଣ ହେଲା, କିନ୍ତୁ ବସ ସେବା ମିଳୁନାହିଁ। ଏହି ବସ୍ଷ୍ଟାଣ୍ଡ ଆଜି ଅବହେଳିତ ହୋଇପଡ଼ିଛି। ଆନନ୍ଦପୁର-କଣ୍ଟିପାଳ-ବାଉଁଶଗଡ଼କୁ ବସ୍ ଚାଲୁଥିବା କେବଳ କାଗଜପତ୍ରରେ। ବସ୍ କେବେ ବି ବାଉଁଶଗଡ଼ ପଞ୍ଚାୟତ କିମ୍ବା ନିର୍ମିତ ଲକ୍ଷ୍ମୀ ବସ୍ଷ୍ଟାଣ୍ଡକୁ ଆସେନାହିଁ। ସାଧାରଣ ଲୋକ ଛାତ୍ରଛାତ୍ରୀ, ରୋଗୀ, ଏବଂ ସାଧାରଣ ଗ୍ରାମବାସୀଙ୍କ ମଧ୍ୟରେ ଏନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଛାତ୍ରମାନେ ସ୍କୁଲ୍ ଓ କଲେଜ୍ ଯିବାପାଇଁ ରୋଗୀମାନେ ହସ୍ପିଟାଲ୍ ପହଞ୍ଚିବା ପାଇଁ ସାଧାରଣ ଲୋକେ ବ୍ଲକ୍ ଅଫିସ୍, ତହସିଲ୍, ବ୍ୟାଙ୍କକୁ ଯିବାପାଇଁ ସମସ୍ୟା ଭୋଗୁଛନ୍ତି। ୨୩ ଜାନୁଆରୀ ୨୦୨୫ରେ ବାଉଁଶଗଡ଼ ପଞ୍ଚାୟତର ଲୋକମାନେ ଆନନ୍ଦପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏନେଇ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ ଗମନାଗମନର ଏହି ଅବସ୍ଥାର ସୁଧାର ଦିଗରେ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଏବଂ ଆନନ୍ଦପୁର ବିଡିଓ ପଦକ୍ଷେପ ନେବାକୁ ଆଦିବାସୀ ଯୁବନେତା ପିଣ୍ଟୁ ହେମ୍ବ୍ରମ ଦାବି କରିଛନ୍ତି।

## ସାଧୁପଡ଼ାରେ ଜବରଦଖଲ ଉଚ୍ଛେଦ



ତୁରୁମୁଙ୍ଗା, ୨୧।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ମୁଖ୍ୟାଳୟ ସାଧୁପଡା ମୌଜାର ସରକାରୀ ଜମିରୁ ମଙ୍ଗଳବାର ତହସିଲ ପ୍ରଶାସନ ପୁଲିସ ଉପସ୍ଥିତରେ ଜବରଦଖଲ ହାଟାଇ ଉକ୍ତ ଜମିରେ ରେଭନ୍ୟୁ ରେଷ୍ଟ୍ ସେଡ୍ ନିର୍ମାଣ ପାଇଁ ଠିକାଦାରଙ୍କୁ ଜମି ଦେଖାଇ ଦିଆଯାଇଛି। ସୂଚନା ଯେ ଉକ୍ତ ମୌଜାର ଏହି ୬୦ ଡ଼ିସିମିଲ ଜମିରେ ଦୀର୍ଘଦିନ ହେବ ଜଣେ ବ୍ୟକ୍ତି ଅବରୋଧ କରି ଜବର ଦଖଲ କରିଥିଲେ। ମଙ୍ଗଳବାର ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ଆରଆଇ ନରେଶ ମହାନ୍ତ, ପାଟଣା ଥାନା ପକ୍ଷରୁ ଏସଆଇ ଲକ୍ଷ୍ମଣ ମାଝୀ ଓ ପୁଲିସ ସାମିଲ ହୋଇ ଉଚ୍ଛେଦ କରିଛନ୍ତି। ଉକ୍ତ ଜମିକୁ ସଙ୍ଗେ ସଙ୍ଗେ ତାର ବାଡ଼ ଆବଦ୍ଧ କରାଯିବ ବୋଲି ତହସିଲଦାର ଅଶ୍ୱିନୀ ନାଏକ କହିଛନ୍ତି।

## ଦୁର୍ଘଟଣାଗ୍ରସ୍ତ ତୀର୍ଥଯାତ୍ରୀ ବସ୍ ଯାତ୍ରୀଙ୍କୁ ପଠାଇଲା ପୁଲିସ

ମହୁଲଡିହା,୨୧।୪(ସମିସ): ମହୁଲଡିହା ଥାନା ଠାକୁରମୁଣ୍ଡା-ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ଗୋଡ଼ଭଙ୍ଗା ଘାଟି ବାଙ୍କରେ ଥିବା ମା' ଠାକୁରାଣୀଙ୍କ ମନ୍ଦିର ସାମନାରେ ସୋମବାର ଅପରାହ୍ନରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ କାର୍‌ରେ ଥିବା ଜଣେ ମୃତ୍ୟୁବରଣ କରିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ହୋଇଥିଲେ। ତେବେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଯାତ୍ରୀବାହୀ ବସ୍‌ର ଯାତ୍ରୀଙ୍କୁ ସ୍ଥାନୀୟ ପୁଲିସ ପଠାଇବାରେ ବ୍ୟବସ୍ଥା କରିଥିବା ଜଣାପଡ଼ିଛି। ତାଲନାଡୁରୁ ୫ଟି ତୀର୍ଥଯାତ୍ରୀ ବସ୍ ଭାରତର ଏକାଧିକ ରାଜ୍ୟରେ ଥିବା ତୀର୍ଥ ଭ୍ରମଣରେ ବାହାରି ଟାଟାରୁ ପୁରୀ ଯିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏହି ବିପଜ୍ଜନକ ଘାଟି ବାଙ୍କରେ ବିପରୀତ ଦିଗରୁ ଆଗପଛ ଆସୁଥିବା ଏକ ହାଇୱାକୁ କାର୍ ଅତିକ୍ରମ କରିବା ବେଳେ ତୀର୍ଥଯାତ୍ରୀ ବସ୍ ସହିତ ମୁହାଁମୁହିଁ ଧକ୍କାରେ ପ୍ରାୟ ୫୦ ଫୁଟ୍ ତଳକୁ ଖସିପଡିଥିଲା କାର। ଦେବଦୂତ ସାଜି ହାଇୱା ଓ ସାଇଡ ୱାଲ ତୀର୍ଥଯାତ୍ରୀ ବସରେ ଥିବା ଯାତ୍ରୀଙ୍କର ରକ୍ଷା କବଚ ହୋଇଥିଲା। କାର୍‌ରେ ଥିବା ଭଦ୍ରକ (ହଂସପାଳ) ଅଞ୍ଚଳର ଫଳ ବ୍ୟବସାୟୀ ଧିରେଶ ଦାସଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ମମତା ଦାସ, ପୁଅ ଦୁର୍ଗାମାଧବ ଦାସ ଓ ଡ୍ରାଇଭର ଅମନ ଖାଁ ଆନନ୍ଦପୁର ଡାକ୍ତରଖାନାରୁ କଟକ ସ୍ଥାନାନ୍ତର ହୋଇ ମମତା ଦାସ ଭେଣ୍ଟିଲେଟରରେ ଥିବା ଜଣାପଡିଛି। ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ପହଞ୍ଚି କାର୍ ଭିତରେ ଥିବା ଲୋକଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଥି ମଧ୍ୟରୁ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ମାତ୍ର ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ତତ୍ପରତା ଦେଖାଇ ମହୁଲଡିହା ଓ ଆନନ୍ଦପୁର ଥାନା ଆଇଆଇସି ମିଳିତ ଭାବେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଘାଟି ରାସ୍ତାରୁ ଗାଡ଼ି ହଟାଇ ଭିଡ଼ ନିୟନ୍ତ୍ରଣ କରିଥିଲେ। ପୁଲିସ ପକ୍ଷରୁ ଅନ୍ୟ ଏକ ବସରେ ୧୬ ତୀର୍ଥଯାତ୍ରୀଙ୍କୁ ପୁରୀ ଯିବାପାଇଁ ବ୍ୟବସ୍ଥା କରିଥିଲେ। ମହୁଲଡିହା ଥାନା ଏଏସଆଇ ବିଜୟକୃଷ୍ଣ ସାନ୍ତରା ଭୋର ପ୍ରାୟ ୪ଟାରେ ତୀର୍ଥଯାତ୍ରୀଙ୍କୁ ପାଣିକୋଇଲି ଜାତୀୟ ରାଜପଥ ପର୍ଯ୍ୟନ୍ତ ସୁରକ୍ଷା ଦେଇଥିଲେ।

## ରାଷ୍ଟ୍ରୀୟ ପ୍ରଶାସନିକ ସେବା ଦିବସ; ଜିଲ୍ଲାପାଳଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୨୧।୪(ସମିସ): ପ୍ରତିବର୍ଷ ଏପ୍ରିଲ ୨୧ ତାରିଖରେ ସାରାଦେଶରେ ରାଷ୍ଟ୍ରୀୟ ପ୍ରଶାସନିକ ସେବା ଦିବସ ଭାବେ ପାଳନ କରାଯାଇଥାଏ। ସରକାରଙ୍କ ସମାଜ କଲ୍ୟାଣ ଯୋଜନାକୁ ତୃଣମୂଳ ସ୍ତରରେ ସଫଳ କରିବା ସହ ଦେଶର ପ୍ରଗତିରେ ଜଣେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏ ଅବସରରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନ ତରଫରୁ ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମର କୁମାର ସେଠୀ ଓ ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ଅଭିନନ୍ଦନ ଜଣାଇବା ସହ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

**ଦୁଃଖର ଅନ୍ଧାରୀ ଉପତ୍ୟକା ଚାନ୍ଦିକମଳ ଗାଁ**

# ଗାଁକୁ ଯାଇନି ବିଜୁଳି, ଝରଣା ପାଣି ଶୋଷ ମେଣ୍ଟାଏ

ଶରତ/ ଆନନ୍ଦପୁର, ୨୧।୪(ସମିସ):



କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଗୟଳମୁଣ୍ଡା ପଞ୍ଚାୟତର ୯ ନମ୍ବର ୱାର୍ଡରେ ରହିଛି ପଡା ଗାଁ ଚାନ୍ଦିକମଳ। ଏହି ଗାଁ ଆନନ୍ଦପୁର ବ୍ଲକ୍‌ର ଉପାନ୍ତ ଅଞ୍ଚଳ ଭାଲୁଗୋରା ଓ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ। ଚାନ୍ଦିକମଳ ଗାଁ ସାତକୋଶିଆ ଅଭୟାରଣ୍ୟର ପାଦଦେଶରେ ରହିଛି। ଏହି ଗ୍ରାମରେ ବାସ କରନ୍ତି ୮୧ଟି ହୋ ଓ ସାନ୍ତାଳୀ ଜନଜାତିର ପରିବାରର ୩୫୦ରୁ ଉର୍ଦ୍ଧ୍ୱ ଲୋକ। ଶିକ୍ଷା ଓ ସଭ୍ୟତା ଜଗତରୁ ଏମାନେ ବହୁ ଦୂରରେ। ଏମାନେ ସରକାରଙ୍କ ବହୁ ଜନକଲ୍ୟାଣକାରୀ ଯୋଜନାରୁ ଆଜି ବି ବଞ୍ଚିତ ଅଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟଠାରୁ

**● ବିଲ ହିଡ଼ ରାସ୍ତା, ରୋଗୀଙ୍କ ପାଇଁ ଖଟିଆ ବା ସଙ୍ଗୀଭାର ହିଁ ଭରସା**

**● ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନା ସାତସପନ**

**● ଅଙ୍ଗନବାଡ଼ି ପରେ ପାଠପଢ଼ାରେ ପଡ଼େ ପୂର୍ଣ୍ଣଚ୍ଛେଦ**

ଦକ୍ଷିଣ ଦିଗରେ ପ୍ରାୟ ୧୧ କିମି ଦୂରତାରେ ଏହି ଗାଁ ଅବସ୍ଥିତ। ସନ୍ଧ୍ୟା ନ ହେଉଣୁ ସୂର୍ଯ୍ୟ ଦେବତାଙ୍କ କିରଣ ଉଭେଇ ଯାଏ ଏହି ଗାଁରୁ। ରାତି ହେଲେ ଶୁଭେ ବନ୍ୟଜନ୍ତୁଙ୍କ ବିକଟାଳ ଶବ୍ଦ। ବନ୍ୟଜନ୍ତୁଙ୍କ ଆକ୍ରମଣ ଭୟରେ ଏମାନେ ଅନ୍ଧାର ରାତି ଭିତରେ ଚୁପଚାପ ଶୋଇ ଯା'ନ୍ତି। ଅନ୍ଧକାରର ବଳୟ ଭିତରୁ ବାହାରି ଏମାନେ ତଉଲନ୍ତି ଜୀବନକୁ। ଗ୍ରାମର କିଛି ପରିବାରଙ୍କୁ ୯/୧୦ ବର୍ଷ ପୂର୍ବେ ଶକ୍ତି ମନ୍ତ୍ରଣାଳୟ ଭାରତ ସରକାର ଓ ଶକ୍ତି ବିଭାଗ ଓଡ଼ିଶା ସରକାରଙ୍କ କାର୍ଯ୍ୟାନୟନ ବିଭାଗ ଓଡ଼ିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ନାମକ ସଂସ୍ଥା ଦ୍ୱାରା ସୋଲାର ଲାଇଟ ପ୍ରଦାନ କରିଥିଲେ। କିନ୍ତୁ ସେସବୁ ବର୍ତ୍ତମାନ ଅଚଳ ହୋଇପଡିଛି। ସଜଡ଼ା ଯାଉ ନ ଥିବାରୁ ସୋଲାର ଲାଇଟ ପ୍ରକଳ୍ପ କାମରେ ଆସୁନି।

ଗ୍ରାମରେ ଅନେକ ବ୍ୟକ୍ତି ବିଷାକ୍ତ ସାପ ଓ ସରୀସୃପଙ୍କ କାମୁଡ଼ାରେ ମୃତ୍ୟୁବରଣ କରୁଥିବା ମଧ୍ୟ ଅଭିଯୋଗ ହୁଏ। ଏମାନଙ୍କ ମୁହଁକୁ ନିରୀକ୍ଷଣ କଲେ ଦେଖାଯାଏ କେବଳ ଭୋକ ହିଁ ଭୋକ। ଗ୍ରାମର ଅନେକ ଯୋଗ୍ୟ ହିତାଧିକାରୀ ଖାଦ୍ୟ ସୁରକ୍ଷା ଆଇନ-୨୦୧୪ ବଳରେ ରେସନ କାର୍ଡ ପାଇବାରୁ ବଞ୍ଚିତ ହୋଇଥିବାରୁ ମାସିକ ୫ କିଲୋ ଗ୍ରାମ ଚାଉଳ ପାଇବାରୁ ମଧ୍ୟ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଗ୍ରାମର ଅନେକ ବାସିନ୍ଦା ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ବଳରେ ଜମିପଟ୍ଟା ପାଇବାରୁ ବଞ୍ଚିତ ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଶାଳପତ୍ର ତୋଳି ସିଲାଇ କରି ବିକିଲେ ଏମାନଙ୍କ ସଂସାର ଚଳେ। ବନ୍ୟଜାତ ଦ୍ରବ୍ୟ ମହୁଲ ଫୁଲ, କରଞ୍ଜ, ତେନ୍ତୁଳି, କେନ୍ଦୁ ବିକିଲେ ଏମାନଙ୍କ ସଂସାର ଚଳେ। ଏହି ଚାନ୍ଦିକମଳ ଗ୍ରାମର ଉପରସାହି ପେଟାଦର ଗ୍ରାମରେ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ନଳକୂପ ଖୋଳାଯାଇନାହିଁ। ଏଠିକାର ଜନଜାତି ଅତ୍ୟନ୍ତ ଦୟନୀୟ ଭାବେ ତାଙ୍କ ଗ୍ରାମରେ ବୋହି ଯାଉଥିବା ଲାଇନଗାଳା ନାମକ ଝରଣାର ପାଣିକୁ ଉଭୟ ପାନୀୟ ଓ ରୋଷେଇ ପାଇଁ ବ୍ୟବହାର କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। କେତେକ ଗ୍ରାମବାସୀ ଝରଣା କୂଳରେ ଚୁଆ ଖନନ କରି ପାଣି ସଂଗ୍ରହ କରୁଛନ୍ତି । ଅପରିଷ୍କାର ପାଣି ବ୍ୟବହାର କରୁଥିବାରୁ ଅନେକ ସମୟରେ ଏମାନେ ଝାଡ଼ାବାନ୍ତି ଓ ହଇଜା ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଛନ୍ତି। ସରକାର ଘରକୁ ଘର ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେଉଥିବେ ଡିଣ୍ଡିମ ପିଟୁଥିବାବେଳେ ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ଏହା କିଭଳି କାର୍ଯ୍ୟକାରୀ ହେଉଛି, ତାହା ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି।

ପାଣି ପଞ୍ଚାୟତ ନାମରେ ସରକାର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଏମାନଙ୍କୁ ପାନୀୟ ଜଳ ପ୍ରାପ୍ତି ଭଳି ମୌଳିକ ସୁବିଧାରୁ ବଞ୍ଚିତ କରାଯିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଉଛି। ଉପାନ୍ତ ଅଞ୍ଚଳର ଏହି ଗ୍ରାମକୁ ନାହିଁ ଗୋଟିଏ ଭଲ ରାସ୍ତା। କେହି ଜ୍ୱରରେ ପୀଡ଼ିତ ହେଲେ ତାଙ୍କୁ କୁନ୍ତଳା ଗ୍ରାମ ପର୍ଯ୍ୟନ୍ତ ୫ କିଲୋମିଟର ଖଟରେ ବୋହି ଆଣିବା ପରେ ହିଁ ଆମ୍ବୁଲାନ୍ସ ଧରନ୍ତି। ଗର୍ଭବତୀ ମହିଳା ପ୍ରସବ ଚିକିତ୍ସା ପାଇବା ନିମନ୍ତେ ଡାକ୍ତରଖାନାକୁ ଯିବାକୁ ହେଲେ ଖାଟିଆ ଦ୍ୱାରା ବୁହା ହେବା ପରେ ହିଁ ଆମ୍ବୁଲାନ୍ସ ଗାଡ଼ି ଧରି ପାରନ୍ତି ବୋଲି ଗ୍ରାମର ଚାନ୍ଦୁ ପୂର୍ତ୍ତି କାନ୍ଦି କାନ୍ଦି ଗଣମାଧ୍ୟମକୁ କହିଛନ୍ତି। ଏହି ଗ୍ରାମକୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଗ୍ରାମ୍ୟ ସଡ଼କ ଯୋଜନାରେ ଅନୁଦାନ ମିଳୁ ନ ଥିବାରୁ ଗମନାଗମନର ଅସୁବିଧା ରହୁଛି। ଗ୍ରାମରେ ଚାଲୁଥିବା ମିନି ଅଙ୍ଗନବାଡିରେ ୩୦ ଜଣ କୁନି କୁନି ପିଲା ପଢୁଛନ୍ତି। ଅଙ୍ଗନବାଡି କେନ୍ଦ୍ରର ସ୍ୱତନ୍ତ୍ର ଗୃହ ନ ଥିବାରୁ ଗ୍ରାମବାସୀ ତିଆରି କରିଥିବା ଏକ ଝାଟି ମାଟି ଘରେ ଚାଲୁଛି ଅଙ୍ଗନବାଡି। ଏହା ଚିରା ତମ୍ବୁ ଦ୍ୱାରା ଘେରାଯାଇଛି। ଏଠି ହିଁ ଗର୍ଭବତୀ ମହିଳାଙ୍କୁ ଟିକାକରଣ କରାଯାଏ। ଗ୍ରାମଠାରୁ ୬ କିଲୋମିଟର ଦୂରତାରେ ଅବସ୍ଥିତ ହାତିଚପଲ ପ୍ରାଥମିକ ବିଦ୍ୟାଳୟରେ ଗାଁର ପିଲାଙ୍କ ନାମ ଗଡୁଥିଲେ ମଧ୍ୟ ଗମନାଗମନର ସୁବିଧା ନ ଥିବାରୁ ଏମାନେ ପଢା ଛାଡି ଦେଉଛନ୍ତି। ଅର୍ଥାତ ଜିଲ୍ଲାର ଉପାନ୍ତ ଅଞ୍ଚଳରେ ପିଲାମାନେ ପ୍ରାଥମିକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ନିରକ୍ଷରତା କାରଣ ଓ ସଚେତନତା ଅଭାବରୁ ବାଲ୍ୟ ବିବାହ ହେଉଥିବା ମଧ୍ୟ ନଜରକୁ ଆସୁଛି। ଏହି ଗ୍ରାମର ଦୁଃଖ ଦୂର କରିବା ସକାଶେ କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ, ଆନନ୍ଦପୁର ବିଡିଓ ତାଙ୍କ ଗ୍ରାମକୁ ଆସି ପରିଦର୍ଶନ କରିବା ସହିତ ସେଠାକାର ବାସିନ୍ଦାଙ୍କୁ ମୌଳିକ ସୁବିଧା ପ୍ରଦାନ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଗୟଳମୁଣ୍ଡା ପଞ୍ଚାୟତର ଯୁବ ସମାଜସେବୀ ବିକେନ୍ଦ୍ର ସିର୍କା ନିବେଦନ କରିଛନ୍ତି।

**ରାଜ୍ୟ ସିଏମ୍ ଟ୍ରଫି**

## ଫାଇନାଲରେ ଟିଏସ୍ଏଫ୍ ଯୋଡ଼ା-ଟିଏସ୍ଏଫ୍ ମୁର୍ଗା



କେନ୍ଦୁଝର, ୨୧।୪(ସମିସ): ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ଏବଂ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥା ମିଳିତ ସହଯୋଗରେ ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସିଏମ ଫୁଟବଲ ପ୍ରତିଯୋଗିତାରେ ଦ୍ୱିତୀୟ ସଂସ୍କରଣର ଆଜି ଦ୍ୱାଦଶ ଦିବସ ଖେଳ ଅନୁଷ୍ଠିତ ହୋଇଯାଇଛି। ୧୪ ବର୍ଷରୁ କମ ବାଳକ ବିଭାଗର ଆଜି ଅନ୍ତିମ ଲିଗ ମ୍ୟାଚରେ ଜେଏସଡବ୍ଲୁ ଫାଉଣ୍ଡେସନ ଆରଏମ ହାଇସ୍କୁଲ ବିପକ୍ଷରେ ୩-୨ ଗୋଲରେ ବିଜୟୀ ହୋଇ ପୁରା ପଏଣ୍ଟ ହାସଲ କରିଛି। ଗ୍ରୁପ ଏ' ରେ ଦୁଇ ଦଳ ଜିନ୍ଦଲ ଷ୍ଟିଲ, ବଡ଼ବିଲ ଏବଂ ଟିଏସଏଫ ମୁର୍ଗା ସମାନ ପଏଣ୍ଟ ପାଇଥିବାରୁ ଲଟେରୀର ଆଶ୍ରୟ ନିଆଯାଇଥିଲା। ଏଥିରେ ଟିଏସଏଫ, ମୁର୍ଗା ବିଜୟୀ ହୋଇ ଆସନ୍ତା ୨୩ ତାରିଖ ଗୁରୁବାର ଟିଏସଏଫ ଯୋଡ଼ା ସହ ଫାଇନାଲ ଖେଳିବ। ଆସନ୍ତାକାଲି ଟୁର୍ନାମେଣ୍ଟର ବିଶ୍ରାମ ଦିବସ। ଆଜି ଖେଳରେ ପ୍ରଥମାର୍ଦ୍ଧର ତୃତୀୟ ମିନିଟରେ ଜେଏସଡବ୍ଲୁ ପକ୍ଷରୁ ଶଙ୍କର ମୁଣ୍ଡା ଏକ ଦର୍ଶନୀୟ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ମାତ୍ର ଏହାର ଠିକ ଦୁଇ ମିନିଟ ପରେ ଆର ଏମ ହାଇସ୍କୁଲର ରଘୁନାଥ ମାଝୀ ଗୋଲଟିକୁ ପରିଶୋଧ କରିବା ସହ ୧୫ତମ ଆଉ ଏକ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରାଇଥିଲେ। ଜେଏସଡବ୍ଲୁର ପିଣ୍ଟୁ ନାଏକ ୩୯ତମ ମିନିଟରେ ଓ ୪୨ତମ ମିନିଟରେ କ୍ରମାଗତ ଦୁଇଟି ଗୋଲ କରି ଦଳକୁ ୩-୨ ଗୋଲରେ ବଜୟୀ କରାଇଥିଲେ। ଅପରାହ୍ନରେ ଖେଳ ଆରମ୍ଭ ହେବା ପୂର୍ବରୁ ଆଜିର ଅତିଥି ବିଶିଷ୍ଟ କ୍ରୀଡ଼ା ପ୍ରଶିକ୍ଷକ ବିଭୁକଲ୍ୟାଣ ଦାସଙ୍କ ସହ ଉଭୟ ଦଳର ଖେଳାଳିଙ୍କୁ ପରିଚିତ କରାଇ ଦିଆଯାଇଥିଲା। ଆଜିର ଖେଳରେ ବିଜୟ କୁମାର ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ବୃନ୍ଦାବନ ମୁଣ୍ଡା ଓ ରାଇ ମୋହନ ମୁର୍ମୁ। ଚତୁର୍ଥ ରେଫରୀ ଥିଲେ ଦଶମନ୍ତ ଟୁଡୁ। ଫାଓ ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିସନର ନିଯୁକ୍ତ ହୋଇ ଦାୟିତ୍ୱ ନିର୍ବାହ କରିଥିଲେ।

## ସୁନାରାମ ସୋରେନଙ୍କୁ ମରଣୋତ୍ତର ପଦ୍ମଭୂଷଣ ଉପାଧି ଦାବି



ବାରିପଦା, ୨୧।୪(ସମିସ): ବିଶ୍ୱ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସରେ ବାରିପଦା ଭଞ୍ଜପୁରଠାରେ ଥିବା ମୟୂରଭଞ୍ଜର ବୀରପୁତ୍ର ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତିକୁ ସଫେଇ କରି ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏ ଅବସରରେ ଓଡ଼ିଶାର ପ୍ରଥମ ଆଦିବାସୀ ମନ୍ତ୍ରୀ ସୁନାରାମ ସୋରେନଙ୍କୁ ମରଣୋତ୍ତର ପଦ୍ମଭୂଷଣ ଦିଆଯାଉ ବୋଲି ମାସାଆର୍ମୀ ପକ୍ଷରୁ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି ଦାବି କରିଛନ୍ତି। ସୁନାରାମ ସରେନଙ୍କ ସମାଜସେବା ଓ ମୟୂରଭଞ୍ଜର ଉନ୍ନତି କ୍ଷେତ୍ରରେ ତାଙ୍କର ଅନେକ ଅବଦାନ ରହିଛି। ସେ ଯେତେବେଳେ ଓଡ଼ିଶାର ପ୍ରଥମ ଆଦିବାସୀ ମନ୍ତ୍ରୀ ଥିଲେ, ସେତେବେଳେ ଆଦିବାସୀ ଛାତ୍ରଛାତ୍ରୀ ଆଶ୍ରମରେ ରହି ପାଠପଢି ପାରିବା ନିମନ୍ତେ ଓଡ଼ିଶା ସାରା ଆଶ୍ରମ ସ୍କୁଲ ନିର୍ମାଣ କରିଥିଲେ। ତେଣୁ ଏଭଳି ମହାନ ବ୍ୟକ୍ତିଙ୍କୁ ପଦ୍ମଭୂଷଣ ମିଳିବା ବହୁତ ଜରୁରୀ ବୋଲି ମାସାଆର୍ମୀ ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି କହିଛନ୍ତି।

## ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ



ବାରିପଦା,୨୧।୪(ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତଃଜିଲ୍ଲା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳ ଚୟନ କରାଯାଇଛି। ଦଳରେ ଅଧିନାୟିକା ସଂଜିତା ଦାସ, ଉପଅଧିନାୟିକା ସୁନିଧି କାଶ୍ୟପ ଜେନାଙ୍କ ସମେତ ଶୁଭସ୍ମିତା ବେହେରା, ସୋନିଆ ରାଜ, ଲକ୍ଷ୍ମୀପ୍ରିୟା ମହାନ୍ତ, ପଦ୍ମା ମିର୍ଦ୍ଧା, ଲକ୍ଷ୍ମୀ ଭଗତ, ମାନସୀ ମହାନ୍ତ, ସାଇ ଆରାଧ୍ୟା, ଚନ୍ଦ୍ରକାନ୍ତି ବେହେରା, ରଶ୍ମିରେଖା ନାୟକ, ଶୁଭଶ୍ରୀ ନାଥ, ଦିବ୍ୟାଂଶୀ ମହାନ୍ତି, ସୋମବାରୀ ମହାନ୍ତି, ନନ୍ଦିନୀ ସିଂ, ଆଦ୍ୟାଶା ମହାନ୍ତ, ଲକ୍ଷ୍ମୀପ୍ରିୟା ବିନ୍ଧାଣି ଓ ଟିକି ପାତ୍ର ସାମିଲ ଅଛନ୍ତି। ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ସୁନୀଲ ଜେନା ଟିମ ମ୍ୟାନେଜର ଓ ସାଇବା ସିଂ କୋଚ ଭାବେ ଦଳ ସହିତ ଗସ୍ତ କରିବେ। ମୟୂରଭଞ୍ଜର ପ୍ରଥମ ମ୍ୟାଚ୍ ୨୩ ତାରିଖ ଦିନ ଜଗତସିଂହପୁର ବିପକ୍ଷରେ ଖେଳିବ ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି। ମଙ୍ଗଳବାର ଅପରାହ୍ନରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ ଦାସ, ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କ୍ରିକେଟ ସମ୍ପାଦକ ତଥା କୋଚ ଓ ମ୍ୟାନେଜର ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଦଳର ସଫଳତା କାମନା କରିଥିଲେ।

**ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା**

# ବିବାହ ବନ୍ଧନରେ ଆବଦ୍ଧ ହେଲେ ୫୭ ଯୋଡ଼ି

ବାରିପଦା, ୨୧।୪(ସମିସ):



ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଗଣବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅଧୀନରେ ୫୭ ଯୋଡ଼ି ବର ଓ ବଧୂ ପାରମ୍ପରିକ ରୀତିନୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ନବ ଦମ୍ପତିଙ୍କୁ ଆଶୀର୍ବାଦ ଦେଇ ସମସ୍ତଙ୍କ ସୁଖମୟ ଜୀବନ କାମନା କରିଛନ୍ତି। ଏ ଅବସରରେ ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି, ଏହା ଏକ ସାଧାରଣ କାର୍ଯ୍ୟକ୍ରମ ନୁହେଁ ବରଂ ଏହା ଏକ ଉତ୍ସବ। ଏପରି ଅନନ୍ୟ କାର୍ଯ୍ୟକ୍ରମ ରାଜ୍ୟ ସରକାର ସାମାଜିକ ଦାୟିତ୍ୱବୋଧତାର ଏକ ଜ୍ୱଳନ୍ତ ଉଦାହରଣ। ଏହା ମାଧ୍ୟମରେ ସମସ୍ତ ବର୍ଗର ଲୋକଙ୍କ ବିବାହ ସ୍ୱପ୍ନ ସାକାର ହେଉଛି ଓ ସମାଜରେ ଆର୍ଥିକ ଅସମାନତା କମେଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସରକାର ସର୍ବଦା ଗରିବ ଅଧିବାସୀ ଓ ଆର୍ଥିକ ଅନଗ୍ରସର ବର୍ଗଙ୍କ ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସୁଶ୍ରୀ ସଞ୍ଜଲି ମୁର୍ମୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ତାଙ୍କ ଅଭିଭାଷଣରେ ଏହି ଯୋଜନାକୁ ସମାଜ ପାଇଁ ଏକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ବୋଲି ବର୍ଣ୍ଣନା କରି ସମୂହ ବିବାହ ପ୍ରଥା ଦ୍ୱାରା ଅନାବଶ୍ୟକ ଖର୍ଚ୍ଚ କମିଥାଏ ଓ ସମାଜରେ ସାମାଜିକ ସମାନତା ବୃଦ୍ଧି ପାଏ ବୋଲି କହିଛନ୍ତି।

ଜିଲ୍ଲାପାଳ ହେମକାନ୍ତ ସଏ କାର୍ଯ୍ୟକ୍ରମରେ ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ବିବାହ ବନ୍ଧନରେ ଆବଦ୍ଧ ହୋଇଥିବା ଦମ୍ପତିଙ୍କୁ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କୁ ସରକାର ପକ୍ଷରୁ ୬୦,୦୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିରୁ ୪୫,୦୦୦ ଟଙ୍କା ଡିବିଟି ମାଧ୍ୟମରେ ସିଧାସଳଖ ଭାବେ କନ୍ୟାଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି ଓ ଅବଶିଷ୍ଟ ୧୫,୦୦୦ ଟଙ୍କା ବିବାହ ସମ୍ପର୍କିତ ଆନୁସଙ୍ଗିକ ବ୍ୟବସ୍ଥା ପାଇଁ ଆରଡିଏସିକୁ ପ୍ରଦାନ କରାଯାଉଛି। ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ଆବଶ୍ୟକ ବ୍ୟବସ୍ଥା ରୂପେ ଆସନ, ପୂଜା ପାଠ, ଭୋଜନ, ପାନୀୟ ଜଳ, ଚିକିତ୍ସା ଓ ସୁରକ୍ଷା ବ୍ୟବସ୍ଥା ବନ୍ଦୋବସ୍ତ କରାଯାଇଥିଲା। ନବଦମ୍ପତିମାନଙ୍କ ପରିବାରସଦସ୍ୟ ଓ ଆତ୍ମୀୟ ସ୍ୱଜନମାନଙ୍କ ସହଭାଗୀତାରେ ସମଗ୍ର କାର୍ଯ୍ୟକ୍ରମ ଆନନ୍ଦମୟ ପରିବେଶରେ ସଫଳତାର ସହିତ ସମ୍ପନ୍ନ ହୋଇଛି।"ଶେଷରେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିହାରିକା ମହାନ୍ତି, ଜିଲ୍ଲା ସୁରକ୍ଷା ଅଧିକାରିଣୀ ସସ୍ମିତା ମହାନ୍ତି, ସମାଜ ମଙ୍ଗଳ ଅଧିକାରିଣୀ ଅନ୍ନପୂର୍ଣ୍ଣା ବୁରୁଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ଶିରିଡ଼ି ସାଇ ମନ୍ଦିର ପାଇଁ ଭୂମିପୂଜା

ସାରସକଣା,୨୧।୪(ସମିସ): ଶିରିଡ଼ି ସାଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଝାରପୋଖରୀଆଠାରେ ନୂତନ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଝାରପୋଖରୀଆ ଗ୍ରାମର ଅମଳ ଶତପଥୀଙ୍କ ୧୦ ଡିସିମିଲ୍ ଦାନ ଭୂମିରେ ହେବାକୁ ଥିବା ନୂତନ ଶିରିଡ଼ି ସାଇ ମନ୍ଦିରର ଭୂମି ପୂଜନ ଉତ୍ସବରେ ବାହ୍ମଣ ଶିବଶଙ୍କର ପଣ୍ଡା, ଅମରେନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ମାନସ ପାଣି ଓ ତାଙ୍କ ସ୍ତ୍ରୀ ପ୍ରତୀମା ପାଣି ସଂକଳ୍ପ କରିଥିଲେ। ଜିଲ୍ଲା ସଦର ମହକୁମା ବାରିପଦା ଶିରିଡ଼ି ସାଇ ମନ୍ଦିରର ପୂଜ୍ୟ ଗୁରୁଜୀ ଡଃ ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ପୂଜିତ ଓ ପ୍ରେରିତ ଶୀଳା ଖଣ୍ଡକୁ ଭୂମି ପୂଜନ ନିମନ୍ତେ ଶିଳାନ୍ୟାସ କରାଯାଇଥିଲା। ଉତ୍ସବରେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ପ୍ରାକ୍ତନ ଉନ୍ନୟନ ପରିଷଦର ସଭାପତି ଡଃ ଦେବାଶିଷ ମାରାଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମ, ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ, ସାରସକଣା ବିଡିଓ ସୁମନ ରାଜା ମହାନ୍ତି, ସ୍ଥାନୀୟ ସରପଞ୍ଚ ମାଳତୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା ଟ୍ରଷ୍ଟ ସଭାପତି ଅରଜିତ ଶତପଥୀ, ଚିନ୍ମୟ ସାହୁ, ମାନସ ପାଣି, ଜଗବନ୍ଧୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ସକାଳ
THE SAKALA


# ଏନ୍‌ଏଚ୍‌ଆର୍‌ସି ସଦସ୍ୟଙ୍କ କେନ୍ଦୁଝର ଜେଲ୍‌ରେ ଯାଞ୍ଚ



କେନ୍ଦୁଝର,୨୧।୪(ସମିସ): ଜାତୀୟ ମାନବାଧିକାର ଆୟୋଗ (ଏନ୍‌ଏଚ୍‌ଆରସି)ର ଜଣେ ସ୍ୱତନ୍ତ୍ର ସଦସ୍ୟ କେନ୍ଦୁଝର ଜିଲ୍ଲା କାରାଗାର ପରିଦର୍ଶନ କରିଛନ୍ତି। ଆୟୋଗର ନୂଆଦିଲ୍ଲୀର ସ୍ୱତନ୍ତ୍ର ସଦସ୍ୟ ଏସ.କେ. ଶତପଥୀ ମଧ୍ୟାହ୍ନରେ କେନ୍ଦୁଝର ଜେଲ ପରିଦର୍ଶନ କରି ଅନ୍ତେବାସୀଙ୍କ ସମସ୍ତ ସୁବିଧା ସୁଯୋଗ ମିଳୁଛି କି ନାହିଁ ତାହା କଏଦୀଙ୍କୁ ପଚାରି ବୁଝିଥିଲେ। ଜେଲ ଭିତରେ କଏଦୀଙ୍କ ମାନବାଧିକାର ଉଲ୍ଲଙ୍ଘନ ହେଉଛି କି ନାହିଁ ତାହା ଯାଞ୍ଚ କରିଥିଲେ। ଏହି ସମସ୍ୟଙ୍କ ଗସ୍ତ ପୂର୍ବରୁ କେନ୍ଦୁଝର ଜିଲ୍ଲା କାରାଗାରକୁ ସ୍ୱଚ୍ଛ ଏବଂ ସଫେଇ କରାଯାଇଥିଲା। ଏନେଇ ସଦସ୍ୟଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପୂର୍ବରୁ ଜେଲ ସଫାସୁତୁରା ସଠିକ୍ ଭାବେ ହେଉ ନଥିବାବେଳେ ଗତ ୩ ଦିନ ହେବ ଜେଲ ପରିସରକୁ ସଫାସୁତୁରା କରାଯାଇଥିଲା। ଜେଲ ପରିସରରେ କିଛି କଏଦୀ ଅଲଗା ଚୁଲା କରି ରୋଷେଇ କରୁଥିଲେ। ସେଗୁଡିକୁ ଜେଲ ପକ୍ଷରୁ ତରବରିଆ ଭାବେ ଭଙ୍ଗାଯାଇଥିଲା। ଜେଲ ଭିତରେ ଅଲଗା ରୋଷଇ କରୁଥିବା କଏଦୀଙ୍କୁ ଜେଲ କର୍ମଚାରୀ ପନିପରିବା ବିକ୍ରି କରୁଥିବା ନେଇ ସଦସ୍ୟଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜେଲ ଭିତରେ କଏଦୀ ନିଶା ସାମଗ୍ରୀ ଖାଉଥିବା ଏବଂ କିଛି କଏଦୀ ଲକ୍ ଅଫ୍ ସମୟ ପରେ ଜେଲ ଅଫିସରେ କାମ କରୁଥିବା ନେଇ କମିଟି ନିକଟରେ ଅଭିଯୋଗ ହୋଇଥିଲା। ଜେଲ ପରିସରରେ ଲାଗିଥିବା ସିସିଟିଭି ଯାଞ୍ଚ କରିବାକୁ ଦାବି ହୋଇଥିଲା। ଏନେଇ କମିଟି ସଦସ୍ୟଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେଇ ନଥିଲେ।

# କାନପୁର ପ୍ରକଳ୍ପ: ପାଣି କାଦୁଅରେ ଚାଲିଛି କଂକ୍ରିଟ କାମ



➤ ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ
➤ ମନମାନି କରୁଛି ଠିକାସଂସ୍ଥା

ନାରଦପୁର,୨୧।୪(ସମିସ): ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବାସୁଦେବପୁରଠାରେ ନିର୍ମାଣାଧୀନ କାନପୁର ଜଳସେଚନ ପ୍ରକଳ୍ପର ଏସକେପ ଚାନେଲ ନିକଟରେ ଗାର୍ଡ଼ୱାଲ ନିର୍ମାଣ କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ପ୍ରକଳ୍ପ ଅଧିକାରୀଙ୍କ ତଦାରଖ ଅଭାବରୁ କଂକ୍ରିଟ କାମ ଦୁର୍ବଳ ହେବା ଆଶଙ୍କା କରାଯାଇଛି। ପାଣି କାଦୁଅ ଉପରେ କଂକ୍ରିଟ କାମ ଚାଲୁଥିବାରୁ ଏହାର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅଭିଯୋଗ ମୁତାବକ, ଉକ୍ତ ଏସକେପ ଚେନେଲରେ ଜଳଭଣ୍ଡାରରୁ ନଦୀଜଳକୁ ଛଡ଼ା ଯାଇଥିବା ବେଳେ ଗୋଟିଏ ପାର୍ଶ୍ୱରେ ଏକ ଠିକାସଂସ୍ଥା ଦ୍ୱାରା ତରବରିଆ ଭାବରେ ପାଣି କାଦୁଅ ଉପରେ ଏହି କଂକ୍ରିଟ ଗାଡର୍‌ୱାଲ ନିର୍ମାଣ ଚାଲିଛି। ନଦୀଜଳ ପ୍ରବାହିତ ହେଉଥିବାରୁ ପାଣି ଝରି କଂକ୍ରିଟ କାମରେ ମିଶି ଯାଉଛି। ଠିକାସଂସ୍ଥା ମନମାନି କରୁଥିବାରୁ ଏହାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଠାରେ ନିର୍ମାଣ କରୁଥିବା ଠିକାସଂସ୍ଥାର ନାଁ କିମ୍ବା ବ୍ୟୟ ଅଟକଳର ସୂଚନା ଫଳକ ଦିଆଯାଇ ନାହିଁ। ଏନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ପ୍ରକଳ୍ପ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

# ଆନନ୍ଦପୁର ମହାବିଦ୍ୟାଳୟରେ ଏନ୍‌ସିସି କମାଣ୍ଡର



ଆନନ୍ଦପୁର, ୨୧।୪ (ସମିସ): ଆନନ୍ଦପୁର ମହାବିଦ୍ୟାଳୟକୁ ଏନସିସି କଟକ ଗ୍ରୁପ ଗ୍ରୁପ କମାଣ୍ଡର, କର୍ନଲ ଏସଜି ସୁଧାଂଶୁ ଶେଖର, ସପ୍ତମ ଓଡ଼ିଶା ବାଟାଲିୟନର କମାଣ୍ଡିଙ୍ଗ ଅଫିସର ଲେଫ୍ଟନେଣ୍ଟ କର୍ନଲ ଏସଏସ ରଘୁବଂଶୀ ଓ ଦ୍ୱିତୀୟ ଓଡ଼ିଶା ନାଭାଲ ୟୁନିଟର କମାଣ୍ଡିଙ୍ଗ ଅଫିସର ସୁଦିପ କୁମାର ସାହୁ ପରିଦର୍ଶନରେ ଆସି ସମର ଶିକ୍ଷାର୍ଥୀଙ୍କ କାର୍ଯ୍ୟକଳାପ ତଦାରଖ କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ଏନସିସି ତରଫରୁ ଗାର୍ଡ ଅଫ ଅନର ଦିଆଯାଇଥିଲା। ଗ୍ରୁପ କମାଣ୍ଡର ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ମିଶ୍ର, ଆଡମିନିଷ୍ଟ୍ରେଟିଭ ପ୍ରଫୁଲ୍ଲ କୁମାର ପଣ୍ଡା, ଏନସିସି ଅଧିକାରୀ ଲେଫ୍ଟନେଣ୍ଟ ରଘୁଦୀପ୍ତି ନାୟକ ଓ କେୟାର ଟେକିଙ୍ଗ ଅଫିସର ବିଶ୍ୱଜିତ ରାଉତ ଓ ସମସ୍ତ କ୍ୟାଡେଟଙ୍କ ସହିତ ଆଲୋଚନା କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ଏନସିସି ୟୁନିଟ ବାଟାଲିୟନ ପୁରୁଣା ୟୁନିଟ ଭାବେ ଜାଣି ଖୁସି ହୋଇ ପ୍ରଶଂସା କରିଥିଲେ।

# ଆମ୍ବଗାଡ଼ିଆ-ବୈତରଣୀ ନଦୀବନ୍ଧ ରାସ୍ତାକୁ ମଞ୍ଜୁରୀ

## ଦାବି କରିଥିଲେ ବ୍ଲକ୍ ଉପାଧ୍ୟକ୍ଷ ଓ ବିଧାୟକ

ହାଟଡିହୀ,୨୧।୪(ସମିସ): ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଓ ହାଟଡିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତଙ୍କ ଦାବି ପରେ ଆମ୍ବଗାଡ଼ିଆ-ବୈତରଣୀ ନଦୀବନ୍ଧ ରାସ୍ତା ଭାୟା ନାଇକ ସାହି ଓ ମାଉସୀ ମାଆ ମନ୍ଦିର ରାସ୍ତା ଅନୁମୋଦିତ ହୋଇଛି। ବିଶେଷ କରି ବଞ୍ଚୋ ବଡଦାଣ୍ଡରୁ ମାଉସୀ ମାଆ ମନ୍ଦିର ଯାଏଁ ଅଣଓସାରିଆ ରାସ୍ତା ଥିବାରୁ ରଥ ଯାତ୍ରା ସମୟରେ ନାନା ସମସ୍ୟା ସୃଷ୍ଟି ହେଉଥିଲା। ଏନେଇ ହାଟଡିହୀ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ବିଧାୟକ ଅଭିମନ୍ୟୁ ସେଠୀ ଗତ ୧୮/୭/୨୦୨୫ରେ ଏନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇ ଆମ୍ବଗାଡ଼ିଆଠାରୁ ନାଇକସାହି ମାଉସୀମାଆ ମନ୍ଦିର ଦେଇ ବୈତରଣୀ ନଦୀବନ୍ଧ ପର୍ଯ୍ୟନ୍ତ ୬ କିଲୋମିଟର ରାସ୍ତା ନିର୍ମାଣ ଲାଗି ଦାବି କରିଥିଲେ। ବିଭାଗୀୟ ଅଧିକାରୀଙ୍କ ସୁପାରିସ ପରେ ଏହି ରାସ୍ତାକୁ ଅନୁମୋଦନ କରାଯିବା ସହିତ ରାସ୍ତା ନିର୍ମାଣ ଲାଗି ସମସ୍ତ ପ୍ରକାର ବ୍ୟବସ୍ଥା ସମ୍ପୂର୍ଣ୍ଣ କରାଯାଇଛି। ଏହାକୁ ନେଇ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ ବିଧାୟକଙ୍କୁ କୃତଜ୍ଞତା ଜଣାଇବା ସହିତ ବିଭାଗୀୟ ଅଧିକାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ରଥ ମହାରଣା ନୀଳମଣି ମହାରଣାଙ୍କୁ ସମ୍ବର୍ଦ୍ଧନା



କେନ୍ଦୁଝର,୨୧।୪(ସମିସ): ଅକ୍ଷୟ ତୃତୀୟା ଉପଲକ୍ଷେ କେନ୍ଦୁଝର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ରଥକାଠ ଅନୁକୂଳ ହୋଇଛି। ଏହି ଅବସରରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ରଥ ସମ୍ମୁଖରେ ରଥ ମହାରଣା ନୀଳମଣି ମହାରଣାଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଉପସଭାପତି ସନାତନ ମହାରଣା, ଯୁଗ୍ମସମ୍ପାଦକ ସୌରିନ୍ଦ୍ରନାଥ ମହାରଣା, କୋଷାଧ୍ୟକ୍ଷ ମନୋଜ କୁମାର ଓଝା, ସଂଯୋଜକ କିର୍ତ୍ତନ ବିହାରୀ ଓଝା ସମେତ ସମିତର ଅନ୍ୟାନ୍ୟ ସଦସ୍ୟ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ବଳଦେବଜୀଉ ମନ୍ଦିରର ସୁପରଭାଇଜର ପଞ୍ଚାନନ ସାହୁ, ବଡ଼ପଣ୍ଡା, ସେବାୟତଗଣ ସାମିଲ ଥିଲେ।

# ଓଁକାର ସେବାଶ୍ରମରେ ଦରମାକୁ କେନ୍ଦ୍ରକରି ଉତ୍ତେଜନା

ଆନନ୍ଦପୁର, ୨୧।୪ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ମଦନପୁର ପଞ୍ଚାୟତ ଗୋଡିସାହିସ୍ଥିତ ଓଁକାର ସେବାଶ୍ରମରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ବାର ମାସର ବକେୟା ଦରମାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଶିକ୍ଷକଶିକ୍ଷୟିତ୍ରୀ ଓ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ମଧ୍ୟରେ ବଚସା ହେବାରୁ ପୁଲିସ ଉପସ୍ଥିତିରେ ଏହାର ସମାଧାନ ହୋଇଥିବା ଜଣାଯାଇଛି। ଆଜି ଦିନ ପ୍ରାୟ ଦୁଇଟା ସମୟରେ ଟ୍ରଷ୍ଟ ବୋଡର୍‌ର ଡୋନର ଚରଣଜିତ ସିଂ ଆସିବାକୁ ନେଇ ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଅପେକ୍ଷା କରିଥିଲେ। ତାଙ୍କ ସହ ପୂର୍ବରୁ ଅନୁଷ୍ଠାନ ଦାୟିତ୍ୱରେ ଥିବା ସୁଦର୍ଶନ ସାହୁଙ୍କୁ ବାଳାଶ୍ରମ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ଯାହାକୁ ନେଇ ଶିକ୍ଷକଶିକ୍ଷୟିତ୍ରୀମାନେ ଉତ୍ତ୍ୟକ୍ତ ହେବାରୁ ଉଭୟଙ୍କ ମଧ୍ୟରେ ଠେଲାପେଲା ହେବା ସହ ଭିତରକୁ ଯିବାକୁ ଦେଇ ନଥିଲେ। ଖବର ପାଇ ଘଟଣାସ୍ଥଳରେ ସାଇଁକୂଳ ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀ ପହଞ୍ଚି ଉଭୟ ପକ୍ଷଙ୍କ ସହ ଆଲୋଚନା ସହ ବୁଝାମଣା କରିବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପ୍ରଧାନଶିକ୍ଷକ ପୁରୁଷୋତ୍ତମ ସାହୁ, ଗୌରାଙ୍ଗ ବାରିକ୍, ସରୋଜ କୁମାର ନାୟକ, ସନାତନ ସେଠୀ, ସସ୍ମିତା ଜେନା, ସୁବାସଚନ୍ଦ୍ର କୁଅଁର, ମଧୁସୂଦନ ହୋତା, ଅମ୍ବୁଜ ବଲ୍ଲଭ ଶତପଥୀ, ସୁଦର୍ଶନ ବିଶ୍ୱାଳ, ମଧୁସୂଦନ ହୋତା, ଶିକ୍ଷୟିତ୍ରୀ କାମିନୀ ସାହୁ, ନିଳାନି ମିତାଶ୍ରୀ ନାୟକଙ୍କ ସମେତ ଅନ୍ୟ ଶିକ୍ଷକ ଓ କର୍ମଚାରୀ ଦରମା ଆଜି ପର୍ଯ୍ୟନ୍ତ ପାଇ ନ ଥିବା ବେଳେ ଅନୁଷ୍ଠାନର ଡୋନର ଚରଣଜିତ୍ ସିଂ ଆଲୋଚନା କରି ଦରମା ଦେବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ହୋଇଛି।



# ସେଣ୍ଟ ଜାଭିୟର୍ସ ହାଇସ୍କୁଲ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର, ୨୧।୪(ସମିସ): କେନ୍ଦୁଝର ସହରର ପ୍ରତିଷ୍ଠିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲରେ ଚଳିତ ବର୍ଷ ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା କାସଭି ଗ୍ରୁପ ଅଫ କମ୍ପାନିର ଅଧ୍ୟକ୍ଷ ଇଂ ଦେବବ୍ରତ ବେହେରା ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଚଳିତବର୍ଷ ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ସଫଳତା ଲାଭ କରିଛନ୍ତି। ୩୬ ଜଣ ଛାତ୍ରଛାତ୍ରୀ ୯୦% ରୁ ଊର୍ଦ୍ଧ୍ୱ, ୬୧ ଜଣ ଛାତ୍ରଛାତ୍ରୀ ୮୦%-୯୦% ମଧ୍ୟରେ ରଖି ବିଦ୍ୟାଳୟ ନିମନ୍ତେ ସଫଳତା ଆଣିଛନ୍ତି। ବିଦ୍ୟାଳୟର ଶତପ୍ରତିଶତ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଦ୍ୟାଳୟର ଛାତ୍ର ସୂର୍ଯ୍ୟାଂଶ ସାହୁ ୯୯.୨% ରଖି ବିଦ୍ୟାଳୟର ଟପ୍ପର ହେବା ସହ ଜିଲ୍ଲା ପାଇଁ ମଧ୍ୟ ଗୌରବ ଆଣିଛନ୍ତି। ନିର୍ଣ୍ଣୟ କୁମାର ମହାନ୍ତ, ରାଜକରନ ମହାନ୍ତ, ଦେବାଶିଷ ମହାନ୍ତ, ସାଇ କସ୍ତୁରୀ ସେନାପତି ପ୍ରମୁଖ ଟପ୍ ଫାଇଭ ମଧ୍ୟରେ ରହି ବିଦ୍ୟାଳୟକୁ ଗୌରବାନିତ୍ୱ କରିଛନ୍ତି। ଇଂ ବେହେରା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ତାଙ୍କ ସଫଳତା ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି କହିଛନ୍ତି।



# ନୂଆପଡ଼ା ପତିତପାବନ କ୍ଷେତ୍ରର ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୧।୪ (ସମିସ): ନୂଆପଡ଼ାସ୍ଥିତ ପତିତପାବନ କ୍ଷେତ୍ର ଜଗନ୍ନାଥ ମନ୍ଦିରର ତ୍ରୟୋଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବୀଣାପାଣି କଳାନିକେତନ, ଶାଳପଡ଼ା ନୃତ୍ୟାନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଉଦଯାପନୀ ଦିବସରେ ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟାଭିନୟ "ଜଗନ୍ନାଥ ମୋ ଭରସା', ଯୁଗେ ଯୁଗେ ଜଗନ୍ନାଥ, ସମ୍ବଲପୁରୀ, ପଲ୍ଲୀ ନୃତ୍ୟ ଉପସ୍ଥାପନ କରିଥିଲେ। ହଜାର ହଜାର ଭକ୍ତଙ୍କ କରତାଳିରେ ମନ୍ଦିର ପ୍ରାଙ୍ଗଣ କମ୍ପି ଉଠିଥିଲା। ନୃତ୍ୟଶିଳ୍ପୀ ମୋନିକା ଦାଶ, ସାଇସ୍ମୃତି, କ୍ରିଷ୍ଣା ପ୍ରିୟଦର୍ଶିନୀ, ଦେବାହୁତି ପଟ୍ଟନାୟକ, ଅରଶ୍ମିତା ତ୍ରିପାଠୀ, ପରିଣତି ଚକ୍ର, ଇତୁଲୁ ସାଇନୁ, ଦିଶା ଦାଶ, ତେଜସ୍ୱନୀ ରାଉତ, ସଂସ୍କୃତି ଦାଶ, ଜାନବୀ ସାହୁ ପ୍ରମୁଖଙ୍କ ସହ ଅନ୍ୟ କଳାକାରମାନେ ନୃତ୍ୟ କରିଥିଲେ। ମା'ର କାହାଣୀ ଉପରେ ଆଧାରିତ ନାଟକରେ ଦର୍ଶକ ବିଭୋର ହୋଇଥିଲେ। ପରେ ପରେ ଅମୂଲ୍ୟ ପହି ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରଥିଲେ। ମନ୍ଦିର ଟ୍ରଷ୍ଟ ତରଫରୁ ନୃତ୍ୟଗୁରୁ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶ୍ରୀଜୟଦେବ ଜୟନ୍ତୀ ଉତ୍ସବ ଭକ୍ତିଭାବରେ ପାଳିତ



କେନ୍ଦୁଝର, ୨୧।୪(ସମିସ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ପାର୍କ ଲାଇନସ୍ଥିତ ଜିଲ୍ଲା ଅଡିଟୋରିୟମରେ ଶ୍ରୀ ଜୟଦେବଙ୍କ ଜୟନ୍ତୀ ଉତ୍ସବ ଆଜି ସନ୍ଧ୍ୟାରେ ଉତ୍ସାହ ଓ ଭକ୍ତିଭାବର ସହିତ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାର୍ଥକ ଅଭିନନ୍ଦନ ରାଏ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା କବି ସୁଧା ଦାଶ ଜୟଦେବଙ୍କ ସାହିତ୍ୟ ସୃଷ୍ଟି, ଓଡ଼ିଆ ଅସ୍ମିତା ଓ ନୂତନ ପିଢ଼ି ମଧ୍ୟରେ ସେଥିର ଜାଗରଣ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ସମ୍ମାନିତ ବକ୍ତା ଡ଼କ୍ଟର ଅରୁନ୍ଧତୀ ଓଝା ଜୟଦେବଙ୍କ ରଚନା ଓ ସଂସ୍କୃତ ସାହିତ୍ୟରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱରୀ ମହନ୍ତ, ସୁଶ୍ରୀ ବିନତୀ ମାଝୀ ଓ ଦେବରାଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ମଞ୍ଚ ପରିଚାଳନା ସମୟଶ୍ରୀ ଚାଟର୍ଜୀ କରିଥିବା ବେଳେ, ସମାରୋପ ବକ୍ତବ୍ୟରେ ଅବିନାଶ ଦାସ ଓଡ଼ିଶାର ନାରୀ ଜାଗରଣ, ସଂସ୍କୃତ ଅଧ୍ୟନ ଓ ନୂତନ ପିଢ଼ିର 'ସ୍ୱ' ଜାଗରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁର ନିକେତନ ପକ୍ଷରୁ ଗୀତ ଗୋବିନ୍ଦ ପରିବେଷଣ କରାଯାଇଥିବା ବେଳେ, ଇନ୍ଦ୍ରଧନୁ ଓ ଓମଶାଇ ଗ୍ରୁପ ପକ୍ଷରୁ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ଗୀତ ଗୋବିନ୍ଦର ଅପୂର୍ବ ପ୍ରଦର୍ଶନ ହୋଇଥିଲା। ବଳଭଦ୍ରପୁର ଓ ନାଉପସୀର ସଂକୀର୍ତ୍ତନ ଦଳ ଦ୍ୱାରା ଭଜନ ପରିବେଷଣ କରାଯାଇ ସମଗ୍ର ପରିବେଶକୁ ଭକ୍ତିମୟ କରିଦେଇଥିଲା।

# ଶିରପୁର ପରିଚୟ ଗୃହରେ ୱାର୍ଡସଭା

ଚମ୍ପୁଆ, ୨୧।୪(ସମିସ): ଚମ୍ପୁଆ ସଦର ମହକୁମାରେ ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ସହିତ ଲାଇବ୍ରେରୀ ନିର୍ମାଣ ପାଇଁ ସ୍ଥାନ ନିରୂପଣ ନିମନ୍ତେ ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦ ପକ୍ଷରୁ ଏକ ୱାର୍ଡସଭା ସଫଳତାର ସହ ଶେଷ ହୋଇଛି। ୱାର୍ଡ ନଂ ୨ର ଶିରପୁର ପରିଚୟ ଗୃହଠାରେ ଅନୁଷ୍ଠିତ ଏହି ୱାର୍ଡସଭାରେ ଏନଏସି ଉପାଧ୍ୟକ୍ଷା ସୁମିତ୍ରା ବେହେରା, ନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରା, ବିଜୟ କୁମାର ମିଶ୍ର, କେଏ ସାବିର, ଜୀବନେଶ୍ୱର ବେହେରା, ସତ୍ୟବାନ ନାଏକ ପ୍ରମୁଖ ଯୋଗ ଦେଇଥିବା ବେଳେ ସ୍ଥାନିୟ ୱାର୍ଡବାସୀ ଯୋଗ ଦେଇଥିଲେ। ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ କାର୍ଯ୍ୟାଳୟ ନିମନ୍ତେ ସ୍ଥାନୀୟ ଉପଜିଲ୍ଲାପାଳ ଉମାକାନ୍ତ ପରିଡାଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯାଇଥିଲା। ଏହାସହିତ ପୂର୍ବରୁ ଏହି ବିଭାଗ କାର୍ଯ୍ୟାଳୟ ପାଇଁ ସ୍ଥାନ ଯୋଗାଇ ଦେବାକୁ ଚମ୍ପୁଆ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା।



# କେନ୍ଦୁଝରରେ ଖୋଲିଲା 'ହିମା ଏସ୍ଥେଟିକା'




କେନ୍ଦୁଝର,୨୧।୪(ସମିସ): ପବିତ୍ର ଅକ୍ଷୟ ତୃତୀୟା ଅବସରରେ କେନ୍ଦୁଝର ଡିଏନ୍ ହାଇସ୍କୁଲ୍ ସମ୍ମୁଖରେ ଶରୀର ସୌନ୍ଦର୍ଯ୍ୟକରଣର ପ୍ରଥମ ସୋପାନ 'ହିମା ଏସ୍ଥେଟିକା' ଉଦ୍‌ଘାଟିତ ହୋଇଯାଇଛି। ଏହି ଏସ୍ଥେଟିକାରେ ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଅତ୍ୟାଧୁନିକ ଉନ୍ନତ ଯନ୍ତ୍ରପାତି ଓ ପ୍ରଣାଳୀ ମାଧ୍ୟମରେ ସୌନ୍ଦର୍ଯ୍ୟ ଓ ଆତ୍ମବିଶ୍ୱାସ ବିକାଶ କରିବାର ଲକ୍ଷ୍ୟ ରଖାଯାଇଛି। ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ଅଲଟ୍ରାମଡର୍ନ ମେସିନ୍ ଓ କମ୍ପ୍ୟୁଟର ମାଧ୍ୟମରେ ସ୍କିନ୍, ହେୟାର, ଦାନ୍ତ, ପ୍ଲାଷ୍ଟିକ ସର୍ଜେରୀ, ଲେଜର, ଫିଜିଓଥେରାପି, ଗାଇନିକ୍ ସହିତ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ କରାଯିବ। ଏହାସହ ବୟସ୍ ବୃଦ୍ଧିର ଚିହ୍ନକୁ ମଧ୍ୟ ରୋକିବାର ବ୍ୟବସ୍ଥା ରହିଛି। ସ୍କିନ୍ ପାଇଁ ଲେଜର ରିଜୁଭେନେସନ୍, କେମିକାଲ ପିଲ୍ସ, ବ୍ରଣ ଓ ଦାଗ ଚିକିତ୍ସା, ବଟକ୍ସ, ଫିଲର୍ସ, ଥ୍ରେଡ୍ ଇତ୍ୟାଦି ଉପଲବ୍ଧ ଅଛି। ହେୟାର ପାଇଁ ପିଆରପି, ଜିଏଫସି, ମେସୋ ଥେରାପି, ଲେଜର ହେୟାର ରିଡକ୍ସନ୍ ଯୋଗାଯାଇଛି। ଗାଇନିକ୍ ବିଭାଗରେ ପିସିଓଡି, ପ୍ରସବ ପରବର୍ତ୍ତୀ ସମସ୍ୟା ଓ ରଜୋନିବୃତ୍ତି ଜନିତ ଅସୁବିଧା ପାଇଁ ଅତ୍ୟାଧୁନିକ ଲେଜର ଚିକିତ୍ସା କରାଯିବ। ପ୍ଲାଷ୍ଟିକ ସର୍ଜେରୀ ଦ୍ୱାରା ଦାଗ ଦୂର କରିବା, ବ୍ରେଷ୍ଟ, ନାକ, ଓଠର ସୌନ୍ଦର୍ଯ୍ୟକରଣ ଓ ହେୟାର ଟ୍ରାନ୍ସପ୍ଲାଣ୍ଟେସନ୍ କରାଯିବ। ଦାନ୍ତ ଧଳା କରିବା, ସ୍ମାଇଲ୍ ଡିଜାଇନ୍, ଆଲାଇନର୍ସ, ଭିନିଅର୍ସ ଇତ୍ୟାଦି ସୁବିଧା ମଧ୍ୟ ଉପଲବ୍ଧ ଅଛି। ଫିଜିଓଥେରାପି, ଯୋଗ ଓ ଧ୍ୟାନ ମାଧ୍ୟମରେ ବିଭିନ୍ନ ପ୍ରକାରର ବେଦନା ଜନିତ ରୋଗର ଚିକିତ୍ସା ମଧ୍ୟ କରାଯିବ। କେନ୍ଦୁଝର ଜିଲ୍ଲାରେ ପ୍ରଥମଥର ପାଇଁ ସ୍ଥାପିତ ଏହି ସେବାର ସୁବିଧା ନେବାକୁ ନିର୍ଦ୍ଦେଶିକା ଡାକ୍ତର ମମତାରାଣୀ ଜେନା ଅନୁରୋଧ କରିଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ସୁଶ୍ରୀ ପ୍ରତିଭା ପୃଷ୍ଟି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବ୍ରହ୍ମକୁମାରୀ ବିନ୍ଦୁ ଓ ପୂର୍ବତନ ରୋଟାରୀ କ୍ଲବ ସଭାନେତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ଚକ୍ଷୁ ବିଶେଷଜ୍ଞ ଡାକ୍ତର ରଶ୍ମିରଞ୍ଜନ ଭଞ୍ଜ କାର୍ଯ୍ୟକ୍ରମ ପରିଚାଳନା ସହିତ ଧନ୍ୟବାଦ ଜଣାଇଥିଲେ।

